
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-260 ♦THURSDAY ♦19 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୦ ♦ଗୁରୁବାର ♦୧୯ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



‘ୱେଲ୍‌କମ୍ ୪’ କାମ ଆରମ୍ଭ
▶ପୃଷ୍ଠା ୧୧ ଦେଖନ୍ତୁ...

## ଆମେରିକାର ଏଫ୍-୧୫ ଇଗଲ୍ ଅଜାଡ଼ିଲା ୨୨ କ୍ୱିଣ୍ଟାଲର ବଙ୍କର ବଷ୍ଟର

# ଖାର୍ଗ ଉପଦ୍ୱୀପରେ ଇରାନ କ୍ଷେପଣାସ୍ତ୍ର ଘାଟି ଧ୍ୱସ୍ତବିଧ୍ୱସ୍ତ

■ ତେହରାନ, ୧୮ା୩ (ଏଜେନ୍ସି): ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ‘ହର୍ମୁଜ ପ୍ରଣାଳୀ’କୁ ଇରାନ କବଳରୁ ମୁକ୍ତ କରିବାକୁ ଆମେରିକା ଆରମ୍ଭ କରିଛି ସାମରିକ କାର୍ଯ୍ୟାନୁଷ୍ଠାନ। ଆମେରିକୀୟ ସେନା ଖାର୍ଗ ଦ୍ୱୀପରେ ଇରାନ୍‌ର କ୍ଷେପଣାସ୍ତ୍ର ଘାଟି ଉପରେ ଏଫ୍-୧୫ ଇଗଲ ବୋମାବର୍ଷୀ ବିମାନରୁ ୨୨ କ୍ୱିଣ୍ଟାଲ ଓଜନ ବିଶିଷ୍ଟ ବଙ୍କର ଭେଦୀ ‘ଡ଼ିପ୍ ଥ୍ରୋଟ’ ଫିଙ୍ଗି ସମ୍ପୂର୍ଣ୍ଣ କ୍ଷେପଣାସ୍ତ୍ର ପ୍ରଣାଳୀକୁ ଧ୍ୱଂସ କରିଥିବା ଦାବି କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ସୂଚନା ଅନୁସାରେ ଇରାନୀ କ୍ଷେପଣାସ୍ତ୍ର ଘାଟି ଉପରେ ୫୦୦୦ ପାଉଣ୍ଡ (୨୨.୬୮ କ୍ୱିଣ୍ଟାଲ) ଓଜନର ଏକାଧିକ ଭୂତଳ ଭେଦୀ ବଙ୍କର ବଷ୍ଟର ବ୍ୟବହାର କରିଛନ୍ତି। ଏହି ବୋମାଗୁଡ଼ିକ ମାଟି ତଳେ ବହୁ ଗଭୀରରେ ଥିବା ଘାଟିକୁ ନଷ୍ଟ କରିବାର କ୍ଷମତା ରଖିଥାଏ। ଏହି ବୋମାର ଅନୁମାନିକ ମୂଲ୍ୟ ପ୍ରାୟ ୨,୮୮,୦୦୦ ଡଲାର ଅର୍ଥାତ ୨ କୋଟି ୪୦ ଲକ୍ଷ ୪୮ ହଜାର ଟଙ୍କା ବୋଲି କୁହାଯାଏ।

### ଇରାନ ଗୁଇନ୍ଦା ବିଭାଗ ମନ୍ତ୍ରୀଙ୍କୁ ହତ୍ୟା କରାଯିବା ନେଇ ଇସ୍ରାଏଲର ଦାବି

ଇସ୍ରାଏଲ୍ ଓ ଆମେରିକାର ମିଳିତ ଆକ୍ରମଣ ପରେ ଇରାନ ସମ୍ପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣରେ ରଖିଛି। ଏହି ପଥ ଦେଇ ତୈଳ ଓ ପ୍ରାକୃତିକ ଗ୍ୟାସ ପରିବହନ କରୁଥିବା ଅନ୍ୟ ଦେଶର ଜାହାଜ ଉପରେ ଆକ୍ରମଣ ପାଇଁ ଆଣ୍ଟି ସିପ୍ କ୍ରୁଜ ମିଶାଇଲ୍ ଖଞ୍ଜିଥିଲା। ହର୍ମୁଜ ପ୍ରଣାଳୀକୁ ଇରାନ୍ ଦଖଲରୁ ମୁକ୍ତ ପାଇଁ ଆମେରିକା ରାଷ୍ଟ୍ରପତି ନାଟୋ ଦେଶ ଓ ୟୁରୋପୀୟ ସମୁଦାୟର ସହଯୋଗ ଲୋଡ଼ିଥିଲେ, ଏପରିକି ଇରାନ ଉପରେ ଆକ୍ରମଣ ପାଇଁ ସାଉଦୀ ଆରବ ଓ ଅନ୍ୟ ଆରବୀୟ ଦେଶଗୁଡ଼ିକୁ ▶ପୃଷ୍ଠା-୭



# ବିଧାନସଭାରେ ‘ରାମ୍ ନାମ୍ ସତ୍ୟ ହେ..’

## ଏସ୍‌ସିବି ତାତି — ସ୍ୱାସ୍ଥ୍ୟ ବିଭାଗର କୋକେଇ ଉଠାଇଲେ ବିରୋଧୀ

■ ଭୁବନେଶ୍ୱର, ୧୮ା୩ (ସମିସ): ବିଧାନସଭାରେ ଦେଖିବାକୁ ମିଳିଛି ଏକ ଅଭୂତପୂର୍ବ ଦୃଶ୍ୟ। ରାମନାମ ସତ୍ୟ ହେ, ହରିନାମ ସତ୍ୟ ହେ ଧ୍ୱନି ଦେଇ ଏସ୍‌ସିବି ନିଆଁରେ ମୃତ ସ୍ୱାସ୍ଥ୍ୟ ବିଭାଗର ପ୍ରତୀକାତ୍ମକ ଶବକୁ କୋକେଇରେ ବୁଲେଇଛନ୍ତି ବିରୋଧୀ। ବିଧାନସଭା ଗୃହ ମଧ୍ୟରେ ବିଜେଡି ସଦସ୍ୟମାନେ ରିପୋର୍ଟର୍ସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି ପ୍ରତିବାଦ କରିଛନ୍ତି। ସେହିପରି ବିଧାନସଭା ପରିସରରେ ଖଇ କଉଡ଼ି ବିଞ୍ଚି କୋକେଇ ପରିକ୍ରମା କରିଛନ୍ତି। ସରକାରଙ୍କ ବିବେକ ଓ ନୈତିକତାକୁ ନେଇ ପ୍ରଶ୍ନ ଉଠାଇବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି ବିଜେଡି ଓ କଂଗ୍ରେସ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବିଧାନସଭା ଆଜି ମଧ୍ୟ ଚାଲିପାରି ନ ଥିବା ବେଳେ ଅପରାହ୍ନରେ ବିନା ବିରୋଧୀଙ୍କ ଅଂଶଗ୍ରହଣରେ ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ବୁଧବାର ବିଧାନସଭାରେ ବିରୋଧୀ ଦଳର ବିଧାୟକମାନେ ଏସସିବି ଦୁର୍ଘଟଣା ପ୍ରସଙ୍ଗକୁ ନେଇ ଭିନ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବ କ୍ଷଣି ଉଭୟ ଦଳର ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ‘ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ’ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ସାଥିରେ ଆଣିଥିବା ବିଭିନ୍ନ ବ୍ୟାନର ମଧ ପ୍ରଦର୍ଶିତ କରିଥିଲେ। ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଗୃହ ମଧ୍ୟରେ ଥିବା ରିପୋର୍ଟର୍ସ ଟେବୁଲରେ ଏକ ତଉଲିଆକୁ ଶବ ଆକାରରେ ସଜାଇ ଫୁଲମାଳ ଦେଇଥିଲେ। ବିଜେଡିର ଅନ୍ୟ ସଦସ୍ୟମାନେ ହାତରେ ପୋଷ୍ଟର ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଟେବୁଲ ଚାରିପାଖେ ବୁଲି ସ୍ଲୋଗାନ ଦେଉଥିଲେ। ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ମୃତ ଅବସ୍ଥାରେ ଥିବା ଆକ୍ଷେପ କରି ସରକାରଙ୍କୁ ଟାର୍ଗେଟ କରିଥିଲେ। ବିରୋଧୀଙ୍କ ପ୍ରତିବାଦ ତୀବ୍ର ହେବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ ଟା ୩୭ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ହେବ ପରେ ବିରୋଧୀ ଦଳର ସଦସ୍ୟମାନେ ଗୃହ ବାହାରେ ବିଧାନସଭା ପରିସରରେ ପ୍ରତୀକାତ୍ମକ ଶୋଭାଯାତ୍ରା କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗୌତମବୁଦ୍ଧ ଦାସ କୋଟେଇ ବାନ୍ଧିଥିଲେ। ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ବେହେରା, କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଓ ନୀଳମାଧବ ହିକ୍କା କୋକେଇ କାନ୍ଧେଇଥିଲେ। ବିଜେଡି ବିଧାୟକ ଧ୍ରୁବ ଚରଣ ▶ପୃଷ୍ଠା-୭





ରିପୋର୍ଟସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି ବିଜେଡିର ପ୍ରତିବାଦ

ଖଇ ବିଞ୍ଚି ବିଧାନସଭା ପରିସରରେ ବିରୋଧୀ କଲେ ‘କୋକେଇ’ ପରିକ୍ରମା

ବିନା ବିରୋଧୀରେ ଗୃହରେ ପାରିତ ହେଲା ପଞ୍ଚାୟତିରାଜ ବିଭଗର ଖର୍ଚ୍ଚ ଦାବି

# ଏସ୍‌ସିବିରେ ପୁଣି ନିଆଁ

## ଟ୍ରମା ପରେ ଏବେ ‘ନନ୍-ଟ୍ରମା’ ୟୁନିଟ୍‌ରେ ଅଗ୍ନିକାଣ୍ଡ

■ କଟକ,୧୮ା୩ (ସମିସ): ରାଜ୍ୟର ପ୍ରମୁଖ ଚିକିତ୍ସା କେନ୍ଦ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବେ “ଅଗ୍ନିରାକ୍ଷସ’ର କବଳରେ ଥିବା ପରି ମନେହେଉଛି। ଗତ ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର କ୍ଷତ ଏବେ ବି ଶୁଖି ନ ଥିବା ବେଳେ ବୁଧବାର ପୁଣିଥରେ “ନନ୍-ଟ୍ରମା କାଜୁଆଲଟି’ ୟୁନିଟରେ ନିଆଁ ଲାଗିଯିବା ଘଟଣା ସାରା ରାଜ୍ୟରେ ଆତଙ୍କ ଖେଳାଇ ଦେଇଛି। ଏକ ବୈଦ୍ୟୁତିକ ବୋର୍ଡରେ ସର୍ଟସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣା ସମୟରେ ଉକ୍ତ ୟୁନିଟରେ ଶହ ଶହ ରୋଗୀ ଚିକିତ୍ସିତ ହେଉଥିଲେ, ମାତ୍ର ସୌଭାଗ୍ୟବଶତଃ ଅଗ୍ନିଶମ ବାହିନୀ ତୁରନ୍ତ ସମୟ ମଧ୍ୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହେବାରୁ ଏକ ବଡ଼ ଧରଣର ବିପଦକୁ ଏଡ଼ାଇ ଦିଆଯାଇଛି। କୌଣସି ପ୍ରାଣହାନି ଘଟି ନ ଥିଲେ ହେଁ, ବାରମ୍ବାର ଘଟୁଥିବା ଏହି ଅଘଟଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ▶ପୃଷ୍ଠା-୭

ଅଳ୍ପକେ ବର୍ତ୍ତିଲେ ଶହ ଶହ ରୋଗୀ

ସର୍ଟସର୍କିଟ୍‌ରୁ ବୈଦ୍ୟୁତିକ ବୋର୍ଡରେ ଲାଗିଲା ନିଆଁ

ପ୍ରଶାସନିକ ଅବହେଳାକୁ ନେଇ ବଢ଼ୁଛି ଅସନ୍ତୋଷ




## ୪ ଅଧିକାରୀ ନିଲମ୍ବିତ

■ ଭୁବନେଶ୍ୱର, ୧୮ା୩ (ସମିସ): କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାର୍ଯ୍ୟରେ ଅବହେଳା ପାଇଁ ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ ବେହେରା, ଏସସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସସିବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିଅର ରଞ୍ଜନ ବିଶ୍ୱାଳ। ସୂଚନଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିଥିଲେ। ଟିମ୍‌ର ରିପୋର୍ଟ ଆଧାରରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ମୁମ୍ବାଇ ଓ ଦିଲ୍ଲୀ ସବୁଠୁ ମହଙ୍ଗା ସହର

# ମଧ୍ୟବିତ୍ତଙ୍କୁ ସୁହାଉଛି ଭୁବନେଶ୍ୱର



■ ନୂଆଦିଲ୍ଲୀ, ୧୮ା୩: ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇଁ ଅପହଞ୍ଚ ହେଲାଣି ଦିଲ୍ଲୀ ଓ ମୁମ୍ବାଇ ଭଳି ମେଟ୍ରୋ ସହର। ଏହିସବୁ ସହରରେ ଜୀବନଧାରଣ ଖର୍ଚ୍ଚ (କଷ୍ଟ ଅଫ୍ ଲିଭିଂ) ବଢ଼ି ବଢ଼ି ଚାଲିଛି। ଦେଶର ବିଭିନ୍ନ ସହରରେ ‘ନୁମ୍ବେଓ’ ନାମକ ଏକ ସଂସ୍ଥା ସର୍ଭେ କରି ଯେଉଁ ତଥ୍ୟ ଦେଇଛି, ସେଥିରୁ ଜଣାପଡୁଛି ଯେ ବିଭିନ୍ନ ସହରରେ ଜୀବନଧାରଣ ଖର୍ଚ୍ଚ ଅଲଗା ଅଲଗା ରହିଛି। ତେବେ ବଡ଼ ବଡ଼ ମେଟ୍ରୋ ସହର ମହଙ୍ଗା ହେବାକୁ ଲାଗିଛି। ଅନ୍ୟପକ୍ଷରେ ଜୀବନଧାରଣ ଖର୍ଚ୍ଚ ଦୃଷ୍ଟିରୁ କୋଲକତା, ଚେନ୍ନାଇ ଏବଂ ଭୁବନେଶ୍ୱର ମଧ୍ୟବିତ୍ତ ଓ ଗରିବଙ୍କ ପାଇଁ ବାସୋପଯୋଗୀ ବୋଲି କୁହାଯାଇଛି। ଦେଶରେ ହାରାହାରି ଜଣେ ବ୍ୟକ୍ତିର ମାସିକ ଖର୍ଚ୍ଚ ୨୭ ହଜାର ୩୦୦ ଟଙ୍କା ରହିଥିବା ବେଳେ ୪ ଜଣିଆ ପରିବାରର ମାସିକ ଖର୍ଚ୍ଚ ୯୮ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇ ନାହିଁ। ଏଥିରେ କେବଳ ଖାଇବା, ଯିବାଆସିବା, ମଉଜମସ୍ତି ଏବଂ ଆଉ କିଛି ଅତ୍ୟାବଶ୍ୟକ ଖର୍ଚ୍ଚ ରହିଛି। ଏଥିରେ ଘରଭଡ଼ା ଯୋଡ଼ିଲେ ଏହି ଖର୍ଚ୍ଚ ଯଥେଷ୍ଟ ଅଧିକ ରହିବ। କାରଣ ମେଟ୍ରୋ ସହରରେ ଘରଭଡ଼ା ଅଧିକ ରହିଛି।

‘ନୁମ୍ବେଓ’ ରିପୋର୍ଟ ଅନୁଯାୟୀ ରହିବା ପାଇଁ ମୁମ୍ବାଇ ହେଉଛି ସବୁଠାରୁ ମହଙ୍ଗା ସହର। ଏଠାରେ ମାସିକ ଜୀବନଧାରଣ ଖର୍ଚ୍ଚ ୩୦ ହଜାରରୁ ୬୦ ହଜାର ଟଙ୍କା ମଧ୍ୟରେ ରହିଛି। ସେହିଭଳି ଦିଲ୍ଲୀରେ ଏହି ଖର୍ଚ୍ଚ ୨୨ ହଜାରରୁ ୫୦ ହଜାର ଟଙ୍କା ଥିବା ବେଳେ ପୁନେରେ ୨୫ ହଜାରରୁ ୪୫ ହଜାର ଟଙ୍କା, ବେଙ୍ଗାଲୁରୁରେ ୨୦ ହଜାରରୁ ୫୦ ହଜାର ଟଙ୍କା, ହାଇଦ୍ରାବାଦରେ ୧୨ ହଜାରରୁ ୫୦ ହଜାର ଟଙ୍କା,ଚନ୍ନାଇରେ ୧୫ ହଜାରରୁ ୫୦ ହଜାର ଟଙ୍କା ଏବଂ କୋଲକାତାରେ ୨୦ ହଜାରରୁ ୪୦ ହଜାର ଟଙ୍କା ରହିଛି।

ସେହିଭଳି ଭୁବନେଶ୍ୱର ସହରରେ ଜଣେ ବ୍ୟକ୍ତିର ଜୀବନଧାରଣ ଖର୍ଚ୍ଚ ୧୬ ହଜାରରୁ ୩୦ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇ ନାହିଁ। ତେବେ ୪ ଜଣିଆ ପରିବାରର ମାସିକ ଖର୍ଚ୍ଚ ୬୦ ହଜାରରୁ ଏକ ଲକ୍ଷ ୫ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇଛି। ଏତିକି ଖର୍ଚ୍ଚରେ ଗୋଟିଏ ମଧ୍ୟବିତ୍ତ ପରିବାର ଆରାମରେ ଚଳିପାରିବ ବୋଲି କୁହାଯାଉଛି। ତେବେ ଲାଇଫଷ୍ଟାଇଲକୁ ନେଇ ଖର୍ଚ୍ଚ ଅଲଗା ହୋଇପାରେ। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଦ୍ରୁତ ଗତିରେ ଭୁବନେଶ୍ୱର ମହାନଗରର ସଂପ୍ରସାରଣ ହେଉଥିଲେ ମଧ୍ୟ ଦେଶର ଟାୟର-୨ ସହର ତୁଳନାରେ ଭୁବନେଶ୍ୱର ବିଭିନ୍ନ ଦୃଷ୍ଟିରୁ ଆରାମଦାୟକ। ଭୁବନେଶ୍ୱରରେ ଘରଭଡ଼ା ଠାରୁ ଆରମ୍ଭ କରି ରେସ୍ତୁରାଁରେ ଖାଇବା ଖର୍ଚ୍ଚ, ମାର୍କେଟିଂ, ପରିବହନ, ସ୍କୁଲ ଫି ମେଟ୍ରୋ ସହର ତୁଳନାରେ ଖୁବ କମ୍ ରହିଛି। ଏପରିକି ମୋବାଇଲ ଏବଂ ଇଣ୍ଟରନେଟ୍ ଖର୍ଚ୍ଚ ମଧ୍ୟ କମ୍। ସହରରେ ଜଣେ ବ୍ୟକ୍ତିର ହାରାହାରି ମାସିକ ଦରମା ୩୪ ହଜାରରୁ ଅଧିକ ଟଙ୍କା ବୋଲି ରିପୋର୍ଟରେ କୁହାଯାଇଛି।

ରାଜଧାନୀରେ ୧ଲକ୍ଷ ଭିତରେ ଚଳିଯାଉଛି ୪ ଜଣିଆ ପରିବାର

## ‘ଫାଉଣ୍ଡେସନ’ ଚର୍ଚ୍ଚାରେ ଯବନିକା ଟାଣିଲେ ନବୀନ

# ଓଡ଼ିଶାବାସୀଙ୍କ ହିତ ଲାଗି ଉଦ୍ଦିଷ୍ଟ; ଦଳ ସହ ସମ୍ପର୍କ ନାହିଁ

■ ଭୁବନେଶ୍ୱର, ୧୮ା୩ (ସମିସ): ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟରେ ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନ ସଂକ୍ରାନ୍ତରେ ଚାଲିଥିବା ବିଭିନ୍ନ ଚର୍ଚ୍ଚାରେ ଯବନିକା ଟାଣିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ଫାଉଣ୍ଡେସନ ଓଡ଼ିଶାବାସୀଙ୍କ ହିତ ପାଇଁ ଉଦ୍ଦିଷ୍ଟ, ଏହା ସହ ଦଳ ବା ଦଳୀୟ ପାର୍ଟିର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ନବୀନ କହିଛନ୍ତି ଯେ ଆପଣମାନେ ଜାଣନ୍ତି ଯେ ନିଜର ପରୋପକାରୀ କାର୍ଯ୍ୟ ପାଇଁ ବିଜୁବାବୁ ବେଶ୍ ଜଣାଶୁଣା ଥିଲେ। ମାତ୍ର ୩୦ ବର୍ଷ ବୟସରେ ସେ ବିଜ୍ଞାନର ପ୍ରଚାରପ୍ରସାର ପାଇଁ ପ୍ୟାରିସରେ ‘କଳିଙ୍ଗ ୟୁନେସ୍କୋ ପୁରସ୍କାର’ ଆରମ୍ଭ କରିଥିଲେ। ନିଜ ଜୀବନକାଳ ମଧ୍ୟରେ ସେ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିଛନ୍ତି। ମୋ ଭାଇ, ଭଉଣୀ ଏବଂ ମୁଁ କଟକସ୍ଥିତ ପୈତୃକ ବାସଭବନ ଆନନ୍ଦ ଭବନକୁ ଓଡ଼ିଶାର ଜନସାଧାରଣଙ୍କ ବ୍ୟବହାର ଓ ସ୍ୱାର୍ଥ ପାଇଁ ମଧ୍ୟ ଆମେ ଦାନ କରିସାରିଛୁ। ମୋର ବେକ ଅପରେସନ୍ କରିବା ପାଇଁ ବମ୍ବେ ଯିବା ପୂର୍ବରୁ ଏ ସଂକ୍ରାନ୍ତରେ ପରାମର୍ଶ ନିମନ୍ତେ ଦିଲ୍ଲୀ ଯାଇଥିଲି। ସେଠାରେ ଅନେକ ବରିଷ୍ଠ ଆଇନଜୀବୀ ଓ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହ କଥାବାର୍ତ୍ତା ସମୟରେ ସେମାନେ ▶ପୃଷ୍ଠା-୭



ବିଜୁ ବାବୁଙ୍କ ନାମରେ ଟ୍ରଷ୍ଟ ଖୋଲିବାକୁ ମୁଁ ନିଷ୍ପତ୍ତି ନେଇଥିଲି

# ଅଗ୍ନିକାଣ୍ଡରେ ୧୭ ଦଗ୍ଧ

### ୪ ମହଲା କୋଠାରେ ନିଆଁ ଲାଗି ୯ ମୃତ

■ ନୂଆଦିଲ୍ଲୀ, ୧୮ା୩ (ଏଜେନ୍ସି): ଦିଲ୍ଲୀର ପାଲମ ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ବୁଧବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ନାବାଳିକାଙ୍କ ସହ ୯ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ଅନେକ ଲୋକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପାଲମ ଗ୍ରାମର ରାମ ଚୌକ ବଜାରରେ ଥିବା ଏକ ୪ ମହଲା ବିଶିଷ୍ଟ କୋଠାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସକାଳ ପ୍ରାୟ ୭ଟା ସମୟରେ ତଳ ମହଲାରେ ଥିବା ଏକ କପଡ଼ା ଓ ପ୍ରସାଧନ ସାମଗ୍ରୀ ଶୋ’ରୁମ୍‌ରେ ନିଆଁ ଲାଗି ଯାଇଥିଲା। ଏହି ଶୋ ରୁମ୍ ମାର୍କେଟର ମୁଖ୍ୟ ରାଜେନ୍ଦ୍ର କାଶ୍ୟପଙ୍କର ଥିବା ବେଳେ ତାଙ୍କ ପରିବାର ଉପର ▶ପୃଷ୍ଠା-୭

### କାର୍ ଚାର୍ଜିଂ ବେଳେ ଜଳିଗଲା ଘର; ୮ ମୃତ

■ ଇନ୍ଦୋର, ୧୮ା୩ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଗୋଟିଏ ଇଲେକ୍ଟ୍ରିକ କାର୍ (ଇଭି) ଚାର୍ଜିଂ ହେଉଥିବା ସମୟରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା, ଯାହା ଫଳରେ ଗୋଟିଏ ପରିବାରର ୮ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି। ବଙ୍ଗାଳୀ ଛକ ନିକଟସ୍ଥ ଗ୍ରେଟର ବ୍ରିଜେଶ୍ୱରୀ କଲୋନୀରେ ଏକ ‘ଟାଟା ପଞ୍ଚ୍’ ଇଲେକ୍ଟ୍ରିକ କାର ଚାର୍ଜ ହେଉଥିବା ବେଳେ ସର୍ଟ ସର୍କିଟ ହୋଇଥିଲା। ଏହି ନିଆଁ ତୁରନ୍ତ ୩ ମହଲା ବିଶିଷ୍ଟ ଘରକୁ ବ୍ୟାପି ଯାଇଥିଲା। ଘର ଭିତରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡରଗୁଡ଼ିକରେ ନିଆଁ ଲାଗିଯିବା କାରଣରୁ ଏକାଧିକ ବିସ୍ଫୋରଣ ମଧ୍ୟ ହୋଇଥିଲା, ଯାହା ଫଳରେ ଘରର ଏକ ଅଂଶ ▶ପୃଷ୍ଠା-୭

## ବିଜେଡିରେ ବିଭାଜନ ଷଡ଼ଯନ୍ତ୍ର

# ତିନି ମାସ ତଳୁ ସୁରାକ ପାଇଥିଲେ ନବୀନ

■ ଭୁବନେଶ୍ୱର, ୧୮ା୩ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସପକ୍ଷରେ ବିଜେଡିର ୨ ନିଲମ୍ବିତଙ୍କ ସହ ୮ ଓ କଂଗ୍ରେସର ୩ ଜଣ ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ ଏବେ ରାଜ୍ୟରେ ଆଲୋଡ଼ନ। ଦତ୍ତେଶ୍ୱରଙ୍କ ସପକ୍ଷରେ ମତଦାନ ନିମନ୍ତେ ବିଜେଡି ଓ କଂଗ୍ରେସର ହ୍ୱିପ୍ ଉଲ୍ଲଂଘନ କରି ୧୧ ବିଧାୟକ ବାଡ଼ ଡ଼େଇଁବା ଘଟଣାକୁ ନେଇ ଯିଏ ଯେତେ କାହାଣୀ କହିଲେ ମଧ୍ୟ ଏହା ପଛରେ ରହିଛି ଏକ ବଡ଼ ଷଡ଼ଯନ୍ତ୍ର। ୧୯୯୫ ମସିହାରେ ନିଜର ମହତ୍ୱାକାଂକ୍ଷା ପରିପୂରଣ ପାଇଁ ଯେଉଁ ବ୍ୟକ୍ତିମାନେ ଷଡ଼ଯନ୍ତ୍ରର ଜାଲ ବିଛାଇଥିଲେ, ୩ ଦଶନ୍ଧି ପରେ ୨୦୨୫ରେ ବି ଠିକ୍ ଅନୁରୂପ ଏକ ଷଡ଼ଯନ୍ତ୍ରର ଜାଲ ବୁଣା ଯାଇଥିଲା। ଅନ୍ୟମାନଙ୍କ ଉପରେ ଆଖିବୁଜି ବିଶ୍ୱାସ କରୁଥିବା ବିଜୁ ସେତେବେଳେ ସେହି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ; ମାତ୍ର ନିଜ ଦଳର ପ୍ରତ୍ୟେକ ନେତା ଓ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଥିବା ନବୀନ ଷଡ଼ଯନ୍ତ୍ର ଆରମ୍ଭରୁ ଏ ସମ୍ପର୍କରେ ସୂଚନା ପାଇଥିଲେ। ଜାନୁଆରୀ ୧୫ ତାରିଖରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳର ନିଲମ୍ବନ ଥିଲା ଏହାର ପ୍ରାଥମିକ ପ୍ରତିଫଳନ।

ରାଜନୀତି ସହ ରୁଚି ରଖୁଥିବା ବ୍ୟକ୍ତିବିଶେଷ ଓ ସମୀକ୍ଷକମାନେ ସମ୍ଭବତଃ ୨୦୨୪ ଅକ୍ଟୋବର ଓ ନଭେମ୍ବର ମାସରେ ସାମାଜିକ ଗଣମାଧ୍ୟମରେ ଏକ ଚର୍ଚ୍ଚାକୁ ବିଶେଷ ଗୁରୁତ୍ୱ ଦେଇ ନ ଥିବେ। ସେହି ଚର୍ଚ୍ଚାଟି ଥିଲା ବିଜେଡିକୁ ବିଜୟ ମହାପାତ୍ରଙ୍କ ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତ। କୌଣସି ଭିତ୍ତିଭୂମି ଓ ପ୍ରାସଙ୍ଗିକତା ନ ଥାଇ ଏହି ଚର୍ଚ୍ଚାଟିକୁ ସାମାଜିକ ଗଣମାଧ୍ୟମରେ ପ୍ରତିରୋପଣ କରାଯାଇଥିଲା। ସେତେବେଳେ କ୍ଷମତା ହରାଇବାର ରୋଷ ଦଳର କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ରହିଥିଲା। ଏହାର ସୁଯୋଗ ନେବାକୁ ସେତେବେଳେ ଉଦ୍ୟମ ହୋଇଥିଲା ଓ ଦଳରୁ ବିଭିନ୍ନ ସମୟରେ ବହିଷ୍କୃତ ନେତାଙ୍କୁ ଏକାଠି କରି ବିଜେଡିକୁ ଦଖଲ ପାଇଁ ଯୋଜନା ହୋଇଥିଲା। ମାତ୍ର କୌଣସି କାରଣରୁ ଏହି ଯୋଜନା ଦାନା ବାନ୍ଧି ନ ଥିଲା। ମାତ୍ର ୨୦୨୫ ଅଗଷ୍ଟ ମାସରେ ନବୀନ ଚିକିତ୍ସା ▶ପୃଷ୍ଠା-୭

କଂଗ୍ରେସ ଭାଙ୍ଗିବାକୁ ବି ହୋଇଛି ଯୋଜନା

# ଠିକାଦାରଙ୍କୁ ହତ୍ୟା ଉଦ୍ୟମ; ବାପା, ପୁଅ ଗିରଫ

ଦିଗପହଣ୍ଡି, ୧୮ ।୩(ସମିସ)




ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସହଦେବଟିକରପଡ଼ା ଗ୍ରାମ ବାଇପାସ୍ ଛକରେ ଗ୍ରାମର ଜଣାଶୁଣା ଠିକାଦାର ମାନସ ରଞ୍ଜନ ପଟ୍ଟନାୟକ ଓରଫ ମନୋଜଙ୍କୁ ଗ୍ରାମର କିଛି ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ କରିଥିଲେ। ଏନେଇ ମନୋଜ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଆକ୍ରମଣରେ ସମ୍ପୃକ୍ତ କାଲୁ ଗୌଡ଼ ଓ ତାଙ୍କ ପୁଅ ମନୋଜ ଗୌଡ଼ଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି।

ଗ୍ରାମରେ ଯାତ୍ରା ହେବାକୁ ଥିବାବେଳେ ରାତିରେ ସଭାରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଉଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ସେ ନିଜ କାର ଯୋଗେ ଗ୍ରାମର ବାଇପାସ୍ ଛକକୁ ଯାଇଥିଲେ। ସେଠାରେ ଚା' ପିଉଥିବା ବେଳେ ଗ୍ରାମର କାଲୁ ଗୌଡ଼ ତାଙ୍କୁ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ସେହି ସମୟରେ କାଲୁଙ୍କ ଦୁଇ ପୁଅ ମନୋଜ ଗୌଡ଼ ଓ ସୋନୁ ଗୌଡ଼, ଭଣଜା ରାମକୃଷ୍ଣ ଗୌଡ଼, ପୁତୁରା ଶିବ ଗୌଡ଼, କାଲା ଗୌଡ଼ ଓ ଭାଇ ଟୁକୁନା ଗୌଡ଼ ମିଳିତ ଭାବେ ମନୋଜଙ୍କୁ ମରଣାନ୍ତକ ଆକ୍ରମଣ କରିବା ବେଳେ କାଲୁ ଏକ କାଠ ଫାଳିଆରେ ମନୋଜଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ମନୋଜଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ତଳେ ପଡ଼ିଯାଇଥଲେ। ଏପରିକି ମନୋଜଙ୍କ ସୁନା ଚେନ ସମେତ ୨୪ ଶହ ଟଙ୍କା ଛଡାଇ ନେବା ପରେ ସେଠାରୁ ସମସ୍ତେ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମନୋଜ ଥାନାରେ ଏତଲା ଦେଇଥିଲେ। ଖବରପାଇ ପୁଲିସ ଟିମ୍ ସହଦେବ ଟିକରପଡ଼ା ଗ୍ରାମରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ଗତ ୨୦୨୫ ନଭେମ୍ବର ୫ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଦିନ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଶ୍ୟାମ ନାୟକଙ୍କୁ ଅତର୍କିତ ଆକ୍ରମଣ କରାଯାଇଥିଲା। ଘଟଣାରେ ପୁଲିସ ଅଭିଯୁକ୍ତ କାଲୁ ଗୌଡ଼ଙ୍କୁ ଗିରଫ କରି ଜେଲ ପଠାଇଥିଲା। ତେବେ ସେ ସର୍ତ୍ତମୂଳକ ଜାମିନରେ ଆସି ପୁଣିଥରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି କରିଥିବା ସାଧାରଣରେ ଚର୍ଚ୍ଚା ହୋଇ ଆସୁଛି। ପୂର୍ବରୁ କାଲୁ ଓ ତାଙ୍କ ଭଣଜା ରାମକୃଷ୍ଣଙ୍କ ନାମରେ ହତ୍ୟା ମାମଲା ରହିଥିବା ବେଳେ ପଞ୍ଚାୟତର ଜଣେ ବିଜେପି ନେତାଙ୍କ ପ୍ରରୋଚନାରେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ମନୋଜ ପୁଲିସ ନିକଟରେ ବୟାନ ଦେଇଛନ୍ତି। ଘଟଣା ପରଠାରୁ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ଏବଂ ଯଥାଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଇଆଇସି ବିଶ୍ୱଜିତ ନାୟକ କହିଛନ୍ତି।

### ଭେଟନଇ ଗାଁରେ କଙ୍ଗାରୁ କୋର୍ଟ

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମା', ପୁଅଙ୍କୁ ମାଡ଼; ୪ ଗିରଫ



ଆସିକା, ୧୮ ।୩(ସମିସ): ଆସିକା କୋଟିନଡ଼ା ଥାନା ଇଲାକା ଭେଟନଇ ଗ୍ରାମରେ ଗତ ୧୬ ତାରିଖରେ ବିଦ୍ୟୁତ ଖୁଣ୍ଟରେ ମହିଳା ଓ ତାଙ୍କ ପୁଅ ଏବଂ ପୁଅର ଦୁଇ ସାଙ୍ଗଙ୍କୁ ବାନ୍ଧି ମାଡ଼ ମରାଯାଇଥିଲା। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୁଲିସ। ଭେଟନଇ ଗ୍ରାମର ପୁଷ୍ପାଞ୍ଜଳି ସେଠୀଙ୍କ ଘରେ ପୁଅ ତାପସ ସେଠିଙ୍କ ଦୁଇ ସାଙ୍ଗ ତଥା ବଡଖୋଲିର ବୁଲୁ ପ୍ରଧାନ ଓ କେଶରା ପଲ୍ଲୀର ସଞ୍ଜୟ ପ୍ରଧାନ କୌଣସି କାରଣରୁ ଗତ ୧୫ ତାରିଖ ରାତିରେ ରହିଥିଲେ। ଗତ ସୋମବାର ଦିନ ସକାଳେ ସେହି ଗ୍ରାମର ଶଙ୍କର ସେଠୀ, ସନ୍ତୋଷ ସେଠୀ, ସୁଶାନ୍ତ ସେଠୀ, ଏବଂ ନରେଶ ସେଠୀ ଏବଂ ଅନ୍ୟମାନେ ମିଶି ତାପସ ଓ ତାଙ୍କ ମା'ଙ୍କୁ ତାଗିଦ୍ କରିବା ସହ ବାହାର ଗାଁ ପିଲା କାହିଁକି ତମ ଘରେ ଥିଲେ ବୋଲି କହିଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ମା' ପୁଅ ଓ ଦୁଇ ସାଙ୍ଗଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଘଟଣାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଥିଲା। ପରେ ଏନେଇ ପୁଷ୍ପାଞ୍ଜଳି କୋଟିନଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ନଂ.୯୩ /୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବା ବୋଲି ପ୍ରକାଶ କରିଛନ୍ତି। ଘଟଣାକୁ ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା ନିନ୍ଦା କରିଛନ୍ତି।

# ନିଖୋଜ ନାବାଳିକା ପାଟପୁର ଅଞ୍ଚଳରୁ ଉଦ୍ଧାର

ସାନଖେମୁଣ୍ଡି, ୧୮ ।୩(ସମିସ): ପାଟପୁର ଥାନା ଅଞ୍ଚଳରୁ ନିଖୋଜ ନାବାଳିକାକୁ ବୁଧବାର ପୁଲିସ ଉଦ୍ଧାର କରିଛି। ଗତ ଫେବୃୟାରୀ ୯ରେ ନାବାଳିକା ଜଣଙ୍କ କଲେଜ ଯିବାକୁ କହି ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଖୋଜାଖୋଜି କରି ନପାଇବାରୁ ଥାନାରେ ଏତଲା ଦେବା ପରେ ପାଟପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଯୁବକ ଗିରଫ

ସାନଖେମୁଣ୍ଡି, ୧୮ ।୩(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା ମାମଲାରେ ପାଟପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା କଙ୍କୋରଡ଼ା ଗ୍ରାମର ରୁଦ୍ର ପ୍ରସାଦ ବରାଡ଼। ସୂଚନା ମୁତାବକ ପ୍ରାୟ ୭ ମାସ ପୂର୍ବେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳର ଜଣେ ଯୁବତୀ ଅହମଦାବାଦରେ ରହୁଥିବା ବେଳେ ସେଠାରେ କାମ କରୁଥିବା ରୁଦ୍ର ପ୍ରସାଦ ବରାଡଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ରୁଦ୍ର ସମ୍ପୃକ୍ତ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସିଥିଲେ। ତେବେ କିଛି ମାସ ହେବ ଯୁବତୀଙ୍କୁ ଅହମଦବାଦରେ ଛାଡି ରୁଦ୍ର ତାଙ୍କ ଘରକୁ ଆସି ଯାଇଥିଲେ। ଯୁବତୀ ଜଣଙ୍କ ରୁଦ୍ରଙ୍କୁ ଫୋନ କଲେ ମଧ୍ୟ ସେ ରିସିଭ୍ କରିନଥିଲେ। ଫଳରେ ଯୁବତୀ ଜଣଙ୍କ ମଙ୍ଗଳବାର ରୁଦ୍ରଙ୍କ ଘରେ ପହଞ୍ଚି ବିବାହ ପାଇଁ ଜିଦ୍ କରିଥିଲେ। ହେଲେ ରୁଦ୍ର ଓ ତାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ଯୁବତୀ ଜଣଙ୍କ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ନଂ.୬୮/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପାଇଁ ଥାନା ଏସଆଇ ସୁଲେମାନ ଭୂୟାଁଙ୍କୁ ଦାୟିତ୍ୱ ଦେଇଥିଲେ। ଏସଆଇ ଶ୍ରୀ ଭୂୟାଁ ରୁଦ୍ରଙ୍କୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଇଥିଲେ। ବୁଧବାର ରୁଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଲଣ୍ଡାବାଉଁଶ ଜଙ୍ଗଲରେ ନିଆଁ



ଛତ୍ରପୁର, ୧୮ ।୩(ସମିସ): ଛତ୍ରପୁର ବ୍ଲକ ଲଣ୍ଡାବାଉଁଶ ପାହାଡ଼ ଜଙ୍ଗଲରେ କୌଣସି କାରଣରୁ ଭୟାବହ ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଗଛ ପୋଡ଼ି ପାଉଁଶ ହୋଇଯାଉଥିବା ବେଳେ ବନ ବିଭାଗ ବିଳମ୍ବରେ ପହଁଞ୍ଚିଥିଲେ। ଏହି ନିଆଁ ଫଳରେ କେବଳ ପରିବେଶ ନୁହେଁ, ବରଂ ବନ୍ୟଜନ୍ତୁଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକ ବନ ବିଭାଗକୁ ଅବଗତ କରିଥିଲେ ମଧ୍ୟ ଦୁଇ ଘଣ୍ଟା ବିଳମ୍ବରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଥିଲେ। ଏପରି କି ନିଜେ ସୂଚନା ନ ଦେଇ ଗ୍ରାମବାସୀଙ୍କୁ ଘଟଣାକୁ ନେଇ ଅଗ୍ନିଶମ ବିଭାଗ ସୂଚନା ଦିଅନ୍ତୁ ବୋଲି ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ଏନେଇ ଗ୍ରାମବାସୀମାନଙ୍କ ପକ୍ଷରୁ ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି ବ୍ରହ୍ମପୁର ଡ଼ିଏଫଓଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ। ଏହାର କିଛି ସମୟ ପରେ ଅଗ୍ନିଶମ କର୍ମଚାରୀ ଏବଂ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଞ୍ଚିଥିଲେ।

# ଗଞ୍ଜେଇ ସହ ସ୍କୁଟି ଜବତ; ଜଣେ ଗିରଫ



ଖଲ୍ଲିକୋଟ, ୧୮ ।୩(ସମିସ): ଖଲ୍ଲିକୋଟ ଅବକାରୀ ବିଭାଗ ଚଢ଼ଉ କରି ୨୦ କିଲୋ ୩ଶହ ଗ୍ରାମ ଗଞ୍ଜେଇ ସହ ସ୍କୁଟି ଜବତ କରି ଜଣଙ୍କୁ ଗିରଫ କରିଛି। ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ସରୋଜ କୁମାର ପରିଡ଼ା ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ଅଙ୍କିତା ମହାଙ୍କୁଡ ତାଙ୍କ ଟିମ ସହିତ ନିର୍ମଳଝରରାସ୍ତାରେ ଥିବା କୁଟୁମ୍ବ କଲ୍ୟାଣ ମଣ୍ଡପ ନିକଟରେ ବୁଧବାର ଦିନ ପ୍ରାୟ ୧ଟାରେ ଚଢ଼ଉ କରିଥିଲେ। ସେଠାରୁ ୨୦ କିଲୋ ୩ଶହ ଗ୍ରାମ ଗଞ୍ଜେଇ ଓ ଗୋଟିଏ ସ୍କୁଟି ଜବତ କରିଥିଲେ। ଏହାସହ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ମଧ୍ୟପ୍ରଦେଶ ଅଞ୍ଚଳର ରୋହିତ୍ ଅହିରୱାରଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏହି ଚଢ଼ଉରେ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାର ସମସ୍ତ କନେଷ୍ଟବଳ ସାମିଲ ଥିଲେ।

# ପଞ୍ଚାୟତ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ


ବ୍ରହ୍ମପୁର, ୧୮ ।୩(ସମିସ): ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଠାରସିଙ୍ଗି ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅସହଯୋଗ ଯୋଗୁଁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏଭଳି ଅଭିଯୋଗ ଆଣି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ପଞ୍ଚାୟତବାସୀ ମେଳି ହୋଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। କନିଷ୍ଠ ଯନ୍ତ୍ରୀ କୈଳାସ ପାତ୍ର ପଞ୍ଚାୟତର ଦାୟିତ୍ୱ ନେବା ପରଠାରୁ ପଞ୍ଚାୟତର ମାସିକ ବୈଠକରେ ଉପସ୍ଥିତ ରହୁନାହାନ୍ତି। ଯଦ୍ୱାରା ନିର୍ବାଚିତ ଜନ ପ୍ରତିନିଧିମାନେ ପଞ୍ଚାୟତର କୌଣସି ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କୌଣସି ତଥ୍ୟ ପାଇପାରୁନାହାନ୍ତି। ଏପରିକି ଯନ୍ତ୍ରୀ ଶ୍ରୀ ପାତ୍ର କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ସୂଚନା ଫଳକ ନଥିବା ବେଳେ ଜଣେ ସରକାରୀ କର୍ମଚାରୀ ହୋଇ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ହେୟ ଜ୍ଞାନ କରୁଥିବା ଅଭିଯୋଗ ହୋଇଛି। ସମସ୍ୟାର ସମାଧାନ ଦିଗରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିବା ସହିତ ଏହାର ତଦନ୍ତ କରି ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ପଞ୍ଚାୟତ ଦାୟିତ୍ୱରୁ ନିବୃତ୍ତ ରଖିବାକୁ ବହୁ ୱାର୍ଡ ସଦସ୍ୟ ଓ ଅଞ୍ଚଳବାସୀ ଦାବି କରି ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

# ୩୨ ୟୁନିଟ୍ ରକ୍ତ ସଂଗୃହୀତ

ବେଲଗୁଣ୍ଠା, ୧୮ ।୩(ସମିସ): ବେଲଗୁଣ୍ଠା ସହର ସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ରକ୍ତଦାନ ଶିବିରରେ ଦୁଇ କାଉନସିଲର୍, ତିନି ସାମ୍ବାଦିକ, ଦୁଇ କଲେଜ୍ କର୍ମଚାରୀଙ୍କ ସମେତ ୩୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ଅନୁଷ୍ଠାନ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ରୂପେ ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ ସାହୁ, ସମ୍ପାଦକ ଅଶ୍ୱିନୀ ମହାନ୍ତି, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠୀ, କାଉନସିଲର ଭାସ୍କର ପାତ୍ର ଓ ଦିବ୍ୟ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଯୁବ ରେଡକ୍ରସ୍ କାଉନସିଲର୍ ଡ.ପ୍ରଫୁଲ୍ଲ କୁମାର ଜେନା, ଜାତୀୟ ସେବା ଯୋଜନା ଅଧିକାରୀ ପିଙ୍କି ପାତ୍ରଙ୍କ ସମେତ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ସନ୍ତୋଷ କୁମାର ପାଣିଗ୍ରାହୀ, ଅଜୟ କୁମାର ବିଶ୍ୱାଳ, ଅଶୋକ କୁମାର ପ୍ରଧାନ, ସପନ କୁମାର ପ୍ରଧାନ, ଲକ୍ଷ୍ମୀ ଗୌଡ଼, କ୍ରୀଡ଼ା ଶିକ୍ଷକ ବିଶ୍ୱ ରଞ୍ଜନ ସ୍ୱାଇଁ, ଗ୍ରନ୍ଥାଗାରିକ ରଞ୍ଜିତ୍ କୁମାର ସାମଲ ଏବଂ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ପରିଚାଳନା କରିଥିଲେ।

# ଜିଲ୍ଲାରେ ଆରମ୍ଭ ହେବ 'ସମ୍ପୂର୍ଣ୍ଣ ଶ୍ରୀ'

ଛତ୍ରପୁର, ୧୮ ।୩(ସମିସ): ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ରିଲିଆନ୍ସ ଫାଉଣ୍ଡେସନ ଏବଂ ଗେଟସ ଫାଉଣ୍ଡେସନ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ସହାୟତାରେ 'ମହିଳା ସଶକ୍ତିକରଣ' କରିବା ପାଇଁ, ଗ୍ରାମ ବିକାଶର ମିଳିତ ପ୍ରଚେଷ୍ଟାରେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ। ମହିଳା ସ୍ୱୟଂଶ୍ରୀ ପରି ସରକାରୀ ସ୍ତରରେ ଗଂଜାମ ଜିଲ୍ଲା ମହିଳା ସଶକ୍ତିକରଣ କରିବା ପାଇଁ ସମ୍ପୂର୍ଣ୍ଣ ଶ୍ରୀ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ସେ ପ୍ରକଳ୍ପ ମାଧ୍ୟମରେ ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ନିଜ ପରିବାର ଅର୍ଥନୈତିକ ଅଭି ବୃଦ୍ଧିରେ ସହାୟକ ହୋଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମ ବିକାଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି ଟି ଜନସନ ଗ୍ରାମ ବିକାଶ କାର୍ଯ୍ୟ କରୁଥିବା ଗ୍ରାମ ଗୁଡିକର ଗ୍ରାମ କମିଟିର ସଦସ୍ୟ ଓ ମହିଳା ଉଦ୍ୟୋଗୀ ମାନେ ସେମାଙ୍କର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ କନ୍ଦ ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର, ଓରମାସର ଡେପୁଟି ସିଇଓ ରାଜ ଗୋପାଳ ଦାଶ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ରଥ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ, ଜିଲ୍ଲା ପଶୁ ସମ୍ପଦ ଅଧିକାରୀ ଡ଼କ୍ଟର ଅଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇ ନିଜ ବିଭାଗର ଯୋଜନା ବିଷୟରେ ଆଲୋଚନା କରିଥଲେ। ଗଂଜାମ ଜିଲ୍ଲା ଗ୍ରାମ ବିକାଶର ଜିଲ୍ଲା ପ୍ରବନ୍ଧକ ଦିବାକର ଚୌଧୁରୀ ଗ୍ରାମ ବିକାଶର ବିବରଣୀ ପ୍ରଦାନ କରିଥିଲେ।




# ବାଲି ଚୋରାଚାଲାଣ ରୋକିବାକୁ ବିଜେଡି ପକ୍ଷରୁ ଦାବି

ବ୍ରହ୍ମପୁର, ୧୮ ।୩(ସମିସ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ ତଥା ଜୟପୁର ପଞ୍ଚାୟତର କେନ୍ଦୁପଦର ଗ୍ରାମ ଋଷିକୂଲ୍ୟା ନଦୀପଠାରୁ ବେଆଇନ ବାଲି ଚୋରା ଚାଲାଣ କରାଯାଉଛି। ଉକ୍ତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇଥିବା ସତ୍ତ୍ୱେ ତାହାକୁ ବେଖାତିର କରି କିଛି ମୁଷ୍ଟିମେୟ ବ୍ୟକ୍ତି ଓ ବାଲି ମାଫିଆ ସେଠାରୁ ଚୋରା ବାଲି ଚାଲାଣ କରୁଛନ୍ତି। ଯଦ୍ୱାରା ଆଇନର ଖୋଲାଖୋଲି ଉଲଂଘନ ସହିତ ରାଜସ୍ୱ ହାନୀ ଘଟୁଛି। ଯାହା ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ବେଆଇନ ଚୋରା ବାଲିଚାଲାଣକୁ ରୋକିବା ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନଚିକେତା ସ୍ୱାଇଁ କୋଟିନଡା ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଦଳ ବାଧ ହେବ ବୋଲି ଚେତାଇ ଦେଇଛନ୍ତି।

### ଦାଦନ ଯନ୍ତ୍ରଣା

# ଓମାନରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମରଶରୀର

ଖଲ୍ଲିକୋଟ, ୧୮ ।୩(ସମିସ)




ଜନ୍ମ ମାଟିରେ ପହଞ୍ଚିଲା ଓମାନ ମସ୍କଟରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଦାଦନ ଶ୍ରମିକ ସୌରୀଙ୍କ ମରଶରୀର। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମର ସୌରୀ ବେହେରାଙ୍କ ଗତ ୧୨ ତାରିଖ ଦିନ ମସ୍କଟରେ ଏକ ଘରୋଇ କମ୍ପାନୀରେ କାମ କରିବାବେଳେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ ଓ ଇଣ୍ଟରନେସନାଲ ଓଡ଼ିଆ ଫାଉଣ୍ଡେସନ ସହାୟତାରେ ସୌରୀଙ୍କ ମରଶରୀର ମଙ୍ଗଳବାର ବିଳମ୍ବିତ ରାତିରେ ଜନ୍ମ ମାଟି ଲକ୍ଷ୍ମଣପୁରକୁ ଫେରିଛି।

ପ୍ରକାଶ ଯେ, ସୌରୀ ପରିବାର ପ୍ରତିପୋଷଣ ପାଇଁ ଗତ ୩ ବର୍ଷ ତଳେ ଓମାନର ମସ୍କଟ ସହରକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ୧୨ ତାରିଖ ଦିନ ସୌରୀ କମ୍ପାନୀରେ କାମ କରିବା ସମୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ମସ୍କଟରୁ ତାଙ୍କ ମରଶରୀର ଫେରାଇ ଆଣିବାକୁ ସରକାରଙ୍କ ନିକଟରେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଆକୁଳ ନିବେଦନ କରିଥିଲେ। ତେବେ ବିମାନ ଯୋଗେ ସୌରୀଙ୍କ ମରଶରୀର ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚି ଥିବା ବେଳେ ବିମାନବନ୍ଦରରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସେଠାରୁ ମହାପ୍ରୟାଣ ଗାଡ଼ିରେ ସୌରୀଙ୍କ ମରଶରୀର ନିଜ ଗାଁ ଲକ୍ଷ୍ମଣପୁରରେ ପହଞ୍ଚିବା ପରେ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ଗାଁ ଦାଣ୍ଡ। ପରେ ଶୋକାକୁଳ ପରିବେଶ ମଧ୍ୟରେ ବିଳମ୍ବିତ ରାତିରେ ଗାଁ ଶ୍ମଶାନରେ ସୌରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ସମୟରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼.ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜୟଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଚୋରା ଚାଲାଣବେଳେ ଆଇରନ୍ ଲମ୍ପ୍ ବୋଝେଇ ୨ଟି ଟ୍ରକ୍ ଜବତ



ଯୋଡ଼ା, ୧୮।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଯୋଡ଼ା-ବାମେବାରୀ ରାସ୍ତାର ଗୁରୁବେଡ଼ା ଛକ ନିକଟରୁ ୨ଟି ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି ଖଣି ବିଭାଗ। ୨ଟି ଟ୍ରକରେ ପାଖାପାଖି ୩୦ ଟନ୍ ଚୋରା ଆଇରନ୍ ଲମ୍ପ୍ ବୋଝେଇ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଆଜି କିଛି ବନ ବିଭାଗ କର୍ମଚାରୀ ଗୁରୁବେଡ଼ା ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ରାସ୍ତାକଡ଼ରେ ଟିଜି୨୯ଟି ୫୬୮୮ ଏବଂ ଜେଏଚ୍୧୦ସିଏମ ୬୫୮୪ ନଂ ଥିବା ୨ଟି ଟ୍ରକ ଛିଡ଼ା ହୋଇଥିବା ଦେଖିଥିଲେ। ଉଭୟ ଟ୍ରକରେ ଆଇରନ୍ ଲମ୍ପ୍ ବୋଝେଇ ହୋଇଥିବା ଜାଣିବା ପରେ ସେମାନଙ୍କର ସନ୍ଦେହ ହୋଇଥିଲା। ଏନେଇ ତୁରନ୍ତ ଖଣି ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଖଣି ବିଭାଗର ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ୨ଟି ଯାକ ଟ୍ରକକୁ ଜବତ କରି ଖଣି କାର୍ଯ୍ୟାଳୟକୁ ନେଇଛନ୍ତି। ଆଇରନ୍ ଲମ୍ପ୍ ପାଇଁ ଟ୍ରାଞ୍ଜିଟ ପାସ୍ ଅନୁମତି ନଥିବାବେଳେ ଏହା କୌଣସି ସ୍ଥାନରୁ ବେଆଇନ୍ ଭାବେ ଉତ୍ତୋଳନ କରି ଚୋରା ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଘଟଣାରେ ଏଯାବତ୍ କେହି ଧରାପଡ଼ି ନଥିବାବେଳେ ଏଥିରେ କେଉଁମାନଙ୍କର ସଂପୃକ୍ତି ରହିଛି ସେନେଇ ଅଧିକ ଖୋଳତାଡ଼ କରୁଛି ଖଣି ବିଭାଗ।

# ବଳରାମଧୀର ଉଚ୍ଚବିଦ୍ୟାଳୟର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୮।୩ (ସମିସ): ୧୭ ବର୍ଷରୁ କମ୍ ଖୋ-ଖୋ ଚାମ୍ପିଅନସିପ୍ ପାଇଁ ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାରୁ ଏକମାତ୍ର ଖେଳାଳି ଭାବେ ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ବଳରାମଧୀର ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଆଦିତ୍ୟ କୁମାର ମଲ୍ଲିକ ମନୋନୀତ ହୋଇଥିବାରୁ ଆଜି ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ସମ୍ମାନିତ ଅତିଥି ଭାବେ ଏବିଡିଓ ହେମେନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ ଯୋଗ ଦେଇଥିଲେ। ଆଦିତ୍ୟ ପୂର୍ବରୁ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ଆଦିତ୍ୟ ଅଂଶଗ୍ରହଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୪ତମ ଜାତୀୟ ଚମ୍ପିୟନସିପ୍‌କୁ ସେ ମନୋନୀତ ହୋଇ ନିଜ ଗାଁ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ନାରାୟଣ ଦାସ, ଅତିସ ଜେନା, ସୁରେଶ ଭୂୟାଁ, ବିଶ୍ୱଜିତ ଖୁଣ୍ଟିଆ, ଦେବେନ୍ଦ୍ର ପ୍ରସାଦ ସାହୁ, ଶୁଭ୍ରଜ୍ୟୋତି ଧୀର, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା, ପ୍ରତିଭା ନାୟକ ସହଯୋଗ କରିଥିଲେ।

# ଗଁପୁରରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା




**ଆନନ୍ଦପୁର, ୧୮।୩ (ସମିସ):** ଘଷିପୁରା ବ୍ଲକ ଗଁପୁର ଓଁମା ସରସ୍ୱତୀ ବିଦ୍ୟାପୀଠରେ ଏକକ ବ୍ୟବହୃତ ପ୍ଲାଷ୍ଟିକର ବର୍ଜନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶପଥ ପାଠ, ସଚେତନତା ପଦଯାତ୍ରା, ପ୍ରବନ୍ଧ ପ୍ରତିଯୋଗିତା ମାନ ହୋଇଥିଲା। ଛାତ୍ରଛାତ୍ରୀମାନେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ ବିଭିନ୍ନ ପ୍ରକଳ୍ପ ମାନ ଉପସ୍ଥାପନ କରିଥିଲେ। ଶ୍ରେଷ୍ଠ ତିନୋଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ତିନି ଜଣଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ହର୍ଯ୍ୟାକୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ବୈକୁଣ୍ଠନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପରିଚାଳନା କମିଟିର ସଦସ୍ୟ ବିଜୟ ଦାଶ ଏବଂ ଅନ୍ୟତମ ମୁଖ୍ୟବକ୍ତା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିନୋଦ ବିହାରୀ ରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଶଙ୍କର୍ଷଣ ଜେନା, ମଳୟ ଦାଶ, ବିଜୟ ହୋତା, ପ୍ରତାପ ରଞ୍ଜନ କର ଏବଂ କର୍ମଚାରୀ ସନ୍ତୋଷ ରଥ, ବାସୁଦେବ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ୨୦ରେ ଧନୁର୍ଜୟପୁର ଗ୍ରାମସଭା

ତୁରୁମୁଙ୍ଗା, ୧୮।୩(ସମିସ): କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସନ୍ତା ଶୁକ୍ରବାର ୨୦ ତାରିଖରେ ଚେମଣା ପଞ୍ଚାୟତ ଧନୁର୍ଜୟପୁର ଗ୍ରାମରେ ଅନୁଷ୍ଠିତ ହେବ ଚତୁର୍ଥ ଗ୍ରାମସଭା। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଶୁକ୍ରବାର ସକାଳ ୧୦ଟା ୩୦ମିନିଟ୍ ସମୟରେ ଅନୁଷ୍ଠିତ ହେବ। ଗାଁର ୫୬.୧୧୦ ଡିସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏହି ଗ୍ରାମସଭାରେ ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ସମସ୍ତଙ୍କୁ ଅବଗତ କରିଛନ୍ତି। ଗ୍ରାମସଭା ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଛି। ଗତ ଡିସେମ୍ବର ୧୨ ତାରିଖରେ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶିଠାରେ ସଫଳତାର ସହ ପ୍ରଥମ ଗ୍ରାମସଭା ଶେଷ ହୋଇଥିବା ବେଳେ ଦ୍ୱିତୀୟ ଗ୍ରାମସଭା ଜାନୁଆରୀ ୨୦ ତାରିଖରେ ବାରଡାଙ୍ଗୁଆ ଗ୍ରାମରେ ଏବଂ ୨୦ ଫେବୃଆରୀରେ ତୃତୀୟ ଗ୍ରାମସଭା ରେଙ୍ଗାଳବେଡାଠାରେ ସଫଳତାର ସହ ଶେଷ ହୋଇଥିଲା। ପାଟଣା ବ୍ଲକରେ ମିଳିତ ସହଯୋଗରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ ପାଟଣା ବ୍ଲକ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ, ଏପରି ସମୁଦାୟ ୧୨ଟି ଗ୍ରାମରେ ୨ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ। ଧନୁର୍ଜୟପୁର ଗାଁର ୫୬.୧୧୦ ଏକର ଡିସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ।

## କାଳବୈଶାଖୀ ପ୍ରଭାବ

# ବର୍ଷାପବନ ସହ କୁଆପଥର ମାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ

ତୁରୁମୁଙ୍ଗା,୧୮।୩(ସମିସ):

କାଳବୈଶାଖୀର ପ୍ରଭାବରେ ବୁଧବାର କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଅପରାହ୍ନରେ ହଠାତ୍ କଳା ହାଣ୍ଡିଆ ମେଘ ମାଡ଼ି ଆସିବା ସହ ପ୍ରବଳ ପବନ ସାଙ୍ଗକୁ ବର୍ଷା ଓ କୁଆପଥର ମାଡ଼ ହୋଇଛି। ଉକ୍ତ ବ୍ଲକର ଦାମାହୁଦା ଓ ପାଖପାଖି ଗ୍ରାମଗୁଡ଼ିକରେ ହଠାତ୍ ପ୍ରବଳ ପବନ ସହ କୁଆ ପଥର ବର୍ଷା ଆରମ୍ଭ ହୋଇଥିଲା। ପ୍ରାୟ ଅଧାଘଣ୍ଟା ଧରି ଚାଲିଥିବା ଏହି ବର୍ଷାରେ ଅଞ୍ଚଳର ବ୍ୟାପକ ପନିପରିବା ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଟମାଟୋ, ବାଇଗଣ, ଲଙ୍କା, ବନ୍ଧାକୋବି ସହ ବିଭିନ୍ନ ଚାଷ ଜମିରେ କୁଆପଥର ପଡ଼ି ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା ନେଇ ଚିନ୍ତାଗ୍ରସ୍ତ ଅଛନ୍ତି। ସରକାରୀ ସ୍ତରରେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ଡୁମୁରିଆ ଗ୍ରାମରେ ଆଜି ଦିନ ୩ଟା ସମୟରେ କାଳବୈଶାଖୀ ଆରମ୍ଭ ହୋଇଯାଇଛି। ଏହି ବର୍ଷାରେ ପବନ ଘଡଘଡି ସହିତ କୁଆପଥର ପଡିଥିବା ବେଳେ ଡୁମୁରିଆ ଗ୍ରାମର ନିରଦ ନଟନ ମହାନ୍ତ, ଡମ୍ବରୁଧର ମହାନ୍ତ, ସାଗର ନାଏକ, ତୁଳସୀ ମହାନ୍ତ, ଲୋକମାନଙ୍କର ତରୁ ଭୁଜ ବାଡ଼ି, ବାଇଗଣ ବାଡ଼ି, ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି।ସାହାରପଡ଼ା ବ୍ଲକ କୁଣ୍ଡଳା, ଦମାହୁଦା, କେନ୍ଦୁଯୋଡ଼ା ଅଞ୍ଚଳରେ କୁଆପଥର ସହିତ ପବନ ବର୍ଷା ହୋଇଛି।





# ସାପ ବାହାରିଲେ ଖୋଜାପଡ଼ନ୍ତି ସାଜୁ



ଚମ୍ପୁଆ, ୧୮।୩(ସମିସ): ଘରେ ସାପ ବାହାରୁ କି ବାହାରେ ସାପ ଦେଖିଲେ ଲୋକଙ୍କ ମନରେ ଛନକା ପଶିବା ସହିତ ମନେ ପଡ଼ନ୍ତି ସାପ ଧରାଳି ସାଜୁ। ତୁରନ୍ତ ଖବର ପାଇ ରାତି ହେଉ କି ଦିନ ଘଟଣାସ୍ଥଳରେ ପହଞ୍ଚି ନିଜେ ତିଆରି କରିଥିବା ବାଙ୍କୁଲି ବାଡ଼ିରେ ସାପକୁ ଆଘାତ ନଦେଇ ଅନାୟସରେ ଧରି ଜଙ୍ଗଲରେ ଛାଡିଥାନ୍ତି ସାପ ଧରାଳି ସାଜୁ। ପାହାଡ଼ ଜଙ୍ଗଲ ଘେରା ଚମ୍ପୁଆ ଅଞ୍ଚ଼ଳରେ ବର୍ଷସାରା ବିଭିନ୍ନ ପ୍ରଜାତିର ସାପ ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ସାପକାମୁଡା ଦ୍ୱାରା ଜୀବନ ହାନି ହୋଇ ଚାଲିଛି। ବିଶେଷ ଭାବରେ ଚିତି, ରଣା, ଗୋଖର ପ୍ରଜାତିର ସାପ ଚମ୍ପୁଆ ଅଞ୍ଚଳରେ ଦେଖାଯାଆନ୍ତି। ବର୍ଷାଦିନ ଓ ଗ୍ରୀଷ୍ମ ଦିନରେ ସାପ କାମୁଡା ରୋଗୀ ସଂଖ୍ୟା ବୃଦ୍ଧି ପାଇଥାଏ। ବର୍ଷା ଦିନରେ ସାପ ବାସସ୍ଥାନରେ ବର୍ଷାଜଳ ପୂରିଯାଉଥିବା ଏବଂ ଗ୍ରୀଷ୍ମ ଦିନରେ ତାପମାତ୍ରା ବୃଦ୍ଧି ଫଳରେ ସାପମାନେ ଥଣ୍ଡା ସ୍ଥାନ ଖୋଜିଥାନ୍ତି। ଫଳରେ ଏହି ସାପମାନେ ଘର ଓ ଅଗଣାରେ ବୁଲିଥାନ୍ତି। ସାପ ଦେଖିବା ମାତ୍ରେ ଖୋଜା ପଡନ୍ତି ସ୍ଥାନୀୟ ଅଞ୍ଚଳର ଗାଡି ମେକାନିକ ଏମଡି ସାଜୁ। ଚମ୍ପୁଆ ମୌଲାନା ଗୋଡା ନିବାସୀ ୪୦ ବର୍ଷୀୟ ସାଜୁଙ୍କର ସାପ ଧରିବା ଏକ ପ୍ରକାର ନିଶା ପାଲଟିଥିବା ବେଳେ କୌଣସି ପାଉଣା ନନେଇ ସାପକୁ ଧରି ଜଙ୍ଗଲରେ ଛାଡିଦେଇଥାନ୍ତି। ମାତ୍ର ବନ ବିଭାଗ ପକ୍ଷରୁ ତାଙ୍କୁ ସାପ ଧରିବା ବାଡି ଖଣ୍ଡେ ମିଳିପାରିନାହିଁ। ଏନେଇ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କୁ କହିଛନ୍ତି ଯେ ସପ୍ତାହ ମଧ୍ୟରେ ତାଙ୍କୁ ସାପଧରା ସରଞ୍ଜାମ ଯୋଗାଇ ଦିଆଯିବ।

# ରାସ୍ତାରେ ପଡ଼ିଥିବା 'ଗୁଲି' ଉପରେ ଚଢ଼ି ଦୈନିକ ଦୁର୍ଘଟଣା





ବଡ଼ବିଲ, ୧୮।୩(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅଞ୍ଚଳରେ ଥିବା ଜଗନ୍ନାଥ ଷ୍ଟିଲ କାରଖାନାରୁ ବିଭିନ୍ନ ଶିଳ୍ପସଂସ୍ଥା ଓ ରେଳ ସାଇଡିଂକୁ ପରିବହନ ହେଉଥିବା

**● ବେପରୁଆ ପରିବହନ**

ଲୁହା ଗୁଲି ରାସ୍ତା ଉପରେ ଗଦା ଗଦା ହେଇ ପଡି ରହୁଥିବାରୁ ସାଧାରଣ ଲୋକ ଦୈନିକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ କମ୍ପାନୀ କର୍ତ୍ତୃପକ୍ଷ ସେଥିପ୍ରତି ତିଳେ ମାତ୍ର ଦୃଷ୍ଟି ଦେଉ ନଥିବା ଦେଖିବାକୁ ମିଳିଛି। ଦୈନିକ ଶହ ଶହ ଟ୍ରକ ରେଳ ସାଇଡିଂରୁ କୋଇଲା ଓ କାରଖାନାରୁ ଲୁହା ଗୁଲି ବେଆଇନ ଭାବେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଭର୍ତ୍ତି କରି ନିୟମ ଅନୁଯାୟୀ ପାଲ ନ ଘୋଡେଇ ପରିବହନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବଡ଼ବିଲ ପୌରାଞ୍ଚଳ, ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଦେଇ ଯାଇଥିବା ରାଜ୍ୟ ରାଜପଥ ଉପରେ ଗଦା ଗଦା ହେଇ ଲୁହା ଗୁଲି ଓ କୋଇଲା ଗୁଣ୍ଡ ପଡି ରହୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଥିବା ବେଳେ ଏହାର ପ୍ରତିକାର ନ ହେଲେ ଆଗାମୀ ଦିନରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଏନଜିଟିରେ ଅଭିଯୋଗ କରାଯିବ ବୋଲି ମତ ପ୍ରକାଶ ପାଇଛି।

# କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିବିର





କେନ୍ଦୁଝର/ଚମ୍ପୁଆ, ୧୮।୩(ସମିସ): କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆଜି କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ କେନ୍ଦ୍ରରେ ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଆୟୋଜିତ ହୋଇଯାଇଛି। ଜିଲ୍ଲାର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଆୟୋଜନ କରାଯାଇଛି। କେନ୍ଦୁଝରଗଡ଼ସ୍ଥିତ ଡି.ଡି. ସ୍ପୋର୍ଟସ କମ୍ପ୍ଲେକ୍ସ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟତଃ ଆଥଲେଟିକ୍ସ, ଖୋ-ଖୋ ଏବଂ ଭଲିବଲ୍ ଭଳି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଭା ଚୟନ କରାଯାଇଛି। ୮ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସକାଳ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାବେ ଏହି ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା କେନ୍ଦୁଝର ଜିଲ୍ଲାର ଗ୍ରାମାଞ୍ଚଳରୁ ଆଗାମୀ ଦିନରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ସରୋଜ କୁମାର ମଲ୍ଲିକ ଆଶା ପ୍ରକାଶ କରିଛନ୍ତି। ସେହିପରି ଚମ୍ପୁଆ ସଦରମହକୁମାର ମହତାବ ଉଚ୍ଚବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ରାଜ ଉଦଘାଟନ କରିଥିବା ବେଳେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ପ୍ରମୁଖ ଯୋଗ ଦେଇଥିଲେ। ଇମରାନ ଆଲାମ ଓ ଜିତେନ୍ଦ୍ର ସୋରେନାଙ୍କ ଉପସ୍ଥିତିରେ ଅଭିଷେକ ଦାସ, ଦିଲ୍ଲୀପ ନାଏକ, ସୈଭାଗିନି ନାଏକ ଏବଂ ନମିତା ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୩୧ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କରିଥିଲେ। କାର୍ଯ୍ୟକ୍ରମରେ ୬୨ ଜଣ ଛାତ୍ରୀ ଯୋଗ ଦେଇଥଲେ। ୬୯ ଜଣ ଛାତ୍ରଙ୍କ ଆଥଲେଟିକ, ବଲଥ୍ରୋ, ଡିଆଁ ସହ ଶାରୀରିକ ଦକ୍ଷତା ପରୀକ୍ଷା କରାଯାଇଥିଲା। ଆସନ୍ତା ୨୨ ତାରିଖରେ ଖୋଖୋ ପ୍ରତିଯୋଗୀଙ୍କ ଚୟନ କରାଯିବ ବୋଲି ଜଣାଯାଇଛି।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସ ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡା ଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜସ୍ୱଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିସ୍ୱାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।


# ଉଦୁଉଦିଆ ଖରାରେ ଭୀମଭୋଇ ସାମର୍ଥ୍ୟ ଶିବିର


ଦିବ୍ୟାଙ୍ଗ ହିତାଧିକାରୀ ହନ୍ତସନ୍ତ

ଆନନ୍ଦପୁର, ୧୮।୩ (ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଶିବିର ପରିଚାଳନା ପାଇଁ ଲକ୍ଷାଧିକ ଟଙ୍କା ଯୋଗାଇ ଦେଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ପଦାଧିକାରୀ ଓ କର୍ମଚାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ଶିବିରରେ ହିତାଧିକାରୀମାନେ ହନ୍ତସନ୍ତ ହେଉଛନ୍ତି। ପୂର୍ବ ଦିନରେ ଘସିପୁରା ବ୍ଲକରେ ହେଉଥିବା ବିଭିନ୍ନ ଶିବିରରେ ବାରମ୍ବାର ଏପରି ଅବ୍ୟବସ୍ଥା ହେଉଥିଲେ ମଧ୍ୟ ପ୍ରଶାସନିକ ଲଗାମ ଦିଆଯାଉ ନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ଘଷିପୁରା ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଦିନ ୨ଟା ପର୍ଯ୍ୟନ୍ତ ଏହି ଶିବିରରେ ହିତାଧିକାରୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ସେମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଛାମଡା ବ୍ୟବସ୍ଥା ହୋଇ ନଥିବାରୁ ହିତାଧିକାରୀମାନେ ଉଦୁଉଦିଆ ଖରାରେ ହନ୍ତସନ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ଶିବିରକୁ ଘଷିପୁରା ବିଡ଼ିଓ ବିନିତା ବିଜୟିନୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିର ରେ ସାଂସଦ ପ୍ରତିନିଧି ଶୁଭେନ୍ଦ୍ର ଚକ୍ର, ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ଗୋଷ୍ଠୀ ଅର୍ଥ ଅଧିକାରିଣୀ ବିଭିନ୍ନ ଭିନ୍ନକ୍ଷମଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସବିତା ପଣ୍ଡିତଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ, କର୍ଣ୍ଣ, ନାସା, ଗଳା, ଚକ୍ଷୁ ମାନିସିକ ଅନଗ୍ରସର ରୋଗୀଙ୍କୁ ଡାକ୍ତର ବିନୟ କୁମାର ବାରିକ, ଉଦୟ ଭାସ୍କର ପଣ୍ଡା, ଡାକ୍ତର ନିହାର ରଞ୍ଜନ ରଥ, ଡାକ୍ତର ମାନସ କୁମାର ମହାନ୍ତ ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ୧୫୭ ଜଣ ପଞ୍ଜୀକରଣ କରିଥିବା ବେଳେ ବାଣୀଶ୍ରୀ ଯୋଜନା, ଋଣ, ବସ୍ ପାସ୍, ବୈଦ୍ୟୁତିକ ସାଇକଲ ଓ ଗାଡ଼ି ପାଇଁ ଦିବ୍ୟାଙ୍ଗମାନେ ଆବେଦନ କରିଥିଲେ।

# ଯମୁନାପଶିରେ ପୁଲିସ-ଗ୍ରାମବାସୀ ମୁହାଁମୁହିଁ

ତୁରୁମୁଙ୍ଗା, ୧୮।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ମଙ୍ଗଳବାର ରାତିରେ ପୁଲିସ ଓ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ହୋଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରଲ ହୋଇଛି। ଷ୍ଟିଲ ପ୍ଲାଣ୍ଟ ପ୍ରତିରୋଧ ମଞ୍ଚର ସମ୍ପାଦକ ଥିବା ଯମୁନାପଶି ଗ୍ରାମର ବେଣୁଧର ସର୍ଦ୍ଦାର ଗିରଫ ହୋଇ କିଛି ଦିନ ପୂର୍ବରୁ ହାଇକୋର୍ଟଙ୍କ ସର୍ତ୍ତ ମୂଳକ ଜାମିନ ଆସିଥିଲେ। ତୁରୁମୁଙ୍ଗା ଥାନା ଏଏସଆଇ ବିରେନ୍ଦ୍ର କୁମାର ବେହେରା ମଙ୍ଗଳବାର ରାତିରେ ତାଙ୍କ ଘରକୁ ନୋଟିସ ଦେବାକୁ ଯାଇଥିବା ସମୟରେ ପୁଲିସ ତାଙ୍କୁ ଗିରଫ କରିବାକୁ ଆସିଥିବା ସନ୍ଦେହ କରି ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଲୋକଙ୍କ ଆକ୍ରମଣରେ ପୁଲିସ ଗାଡିର କାଚ ଭାଙ୍ଗିବା ସହ ଏଏସଆଇ ବିରେନ୍ଦ୍ର ବେହେରା ଓ ଡ୍ରାଇଭର ଆହତ ହୋଇଥିବା ପୁଲିସ କହିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଯମୁନା ପଶି ଅଞ୍ଚଳରେ ମେଗା ଷ୍ଟିଲପ୍ଲାଣ୍ଟ ସ୍ଥାପନ ପାଇଁ ପୁଲିସ ଅଗଣତାନ୍ତ୍ରିକ ଭାବରେ ପ୍ରତିରୋଧ ମଞ୍ଚର ସଭାପତି ସମ୍ପାଦକଙ୍କୁ ବିଭିନ୍ନ ଆଳରେ ଉଠାଇ ନେବାକୁ ପ୍ରତିରୋଧ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ଆଗାମୀ ଦିନରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୁଲିସ ଓ ପ୍ରଶାସନ ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।



# କଟକ ସିଟି



■ ଏସ୍‌ସିବି ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

## ଜୁନ୍ ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ ନୂଆ କ୍ଲିନିକାଲ ୟୁନିଟ୍



କଟକ,୧୮।୩(ସମିସ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଜି ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ପରେ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, କେତେକ ପ୍ରକଳ୍ପ କାର୍ଯ୍ୟରେ କିଛିଟା ବିଳମ୍ବ ହୋଇଥିଲେ ମଧ୍ୟ ଏହାର ନିୟମିତ ତଦାରଖ କରାଯାଉଛି। ବିଶେଷ କରି ଏସସିବିର ନୂଆ କ୍ଲିନିକାଲ ୟୁନିଟ୍ ବିଲ୍ଡିଂର ଟାୱାର-୧ ଓ ଟାୱାର-୨ ର ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆବାସିକ ପରିସର କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ସରିବା କଥା, ହେଲେ ଏଥିରେ ସାମାନ୍ୟ ବିଳମ୍ବ ହୋଇଛି। ଏହି ନୂଆ ବିଲ୍ଡିଂ କାର୍ଯ୍ୟକ୍ଷମ ହେବା ପରେ ଏସସିବିର ପ୍ରାୟ ୭୦ ବର୍ଷର ପୁରୁଣା କୋଠାଗୁଡ଼ିକର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ, ନିକଟରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣା ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି ଯେ, ଏହାର ବିଚାର ବିଭାଗୀୟ ତଦନ୍ତ ଖୁବଶୀଘ୍ର ଆରମ୍ଭ ହେବ। ଏଥିସହ ଡେଭଲପମେଣ୍ଟ କମିଶନରଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏବଂ ଏକ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ଗଠନ କରାଯାଇଛି। ଟେକ୍ନିକାଲ ଟିମ୍‌ର ରିପୋର୍ଟ ଆସିବା ପରେ କେଉଁ କାରଣରୁ ଏହି ଘଟଣା ଘଟିଲା ଏବଂ କାହିଁକି ପୂର୍ବରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିଲା, ସେ ନେଇ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବ। ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବୁଢ଼ାବାବା ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




କଟକ,୧୮।୩(ସମିସ): ଯୋବ୍ରା ଲକ୍ଷ୍ମୀବଜାରସ୍ଥିତ ବୁଢ଼ାବାବା ମଲ୍ଟିସ୍ପେସାଲିଟି ହସ୍ପିଟାଲ ପକ୍ଷରୁ ପ୍ରତିଷ୍ଠାତା ତଥା ସର୍ଜରି ବିଶେଷଜ୍ଞ ଡାକ୍ତର ଉମେଶ ରାୟଙ୍କ ତତ୍ତ୍ୱାବଧାନରେ ଜଗତପୁରସ୍ଥିତ ଇଣ୍ଡସିଣ୍ଡ ବ୍ୟାଙ୍କ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦୁଇଶହରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ନେବା ସହ ଏଚଜିଟି, ପିଏଫଟି, ଇସିଜି, ବ୍ଲଡପ୍ରେସର ଏବଂ ଡାୟବେଟିସ ଆଦି ପରୀକ୍ଷା ବିନା ମୂଲ୍ୟରେ କରାଇଥିଲେ। ବ୍ୟାଙ୍କର ଶାଖା ପରିଚାଳକ ସୌମେନ ଦାସ, ଡାକ୍ତର ବିଜୟ ପୃଷ୍ଟି, ସତ୍ୟବ୍ରତ ଦାସ, ସୋନାଲି ମହାରଣା, ଶୁଭଲକ୍ଷ୍ମୀ ମଠଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଏହି ନିଶୁଳ୍କ ସେବା କାର୍ଯ୍ୟ ଆଗାମୀ ଦିନରେ ସହରର ବିଭିନ୍ନ ପ୍ରାନ୍ତରେ କରାଯିବ ବୋଲି ହସ୍ପିଟାଲର ପ୍ରତିଷ୍ଠାତା ଡାକ୍ତର ରାୟ କହିଛନ୍ତି।

## ସନାତନୀ ନବବର୍ଷ ପାଳନ ପାଇଁ ନିବେଦନ

କଟକ,୧୮।୩(ସମିସ): ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ସୃଷ୍ଟିର ନବବର୍ଷ ତଥା ବିକ୍ରମ ସମ୍ବତ୍ ୨୦୮୩ର ଶୁଭାରମ୍ଭ ହେଉଛି। ଏହି ଅବସରରେ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନ, କ୍ଲବ୍ ଓ ଗ୍ରାମ କମିଟିଗୁଡ଼ିକୁ ସନାତନୀ ନବବର୍ଷ ପାଳନ କରିବା ପାଇଁ ଆଧ୍ୟାତ୍ମିକ ପତ୍ରିକା "ଦିବ୍ୟାଲୋକ ସନ୍ଧାନେ' ପକ୍ଷରୁ ନିବେଦନ କରାଯାଇଛି। ପତ୍ରିକାର ସମ୍ପାଦକ ଶ୍ରୀ ସନ୍ନ୍ୟାସୀ ଜୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏହି ଦିନଟି ପ୍ରକୃତରେ ସନାତନୀ ଓ ରାଷ୍ଟ୍ରୀୟ ନବବର୍ଷ। ପୁରାଣ ଅନୁସାରେ, ଆଜିର ଦିନରେ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା ଓ କାଳ ଗଣନା ଆରମ୍ଭ ହୋଇଥିଲା। ଏଥିସହ ପ୍ରଭୁ ଶ୍ରୀରାମ ଓ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ରାଜା ବିକ୍ରମାଦିତ୍ୟଙ୍କ ସିଂହାସନ ଆରୋହଣ ଏବଂ ସତ୍ୟ ଯୁଗର ଆରମ୍ଭ ମଧ୍ୟ ଏହି ଦିନରେ ହୋଇଥିଲା। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ନିଜ ମହାନ ସଂସ୍କୃତିକୁ ନ ଭୁଲିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସୂର୍ଯ୍ୟଙ୍କ ପ୍ରଥମ କିରଣରେ ନବବର୍ଷର ଆରମ୍ଭ ହେଉଥିବାରୁ, ଏହି ଦିନକୁ ଗୋ-ପୂଜା, ସୂର୍ଯ୍ୟ ନମସ୍କାର ଏବଂ ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରି ପାଳନ କରିବାକୁ ପତ୍ରିକା ପକ୍ଷରୁ ଅନୁରୋଧ କରାଯାଇଛି।

## ସିଏମସି ପାଣ୍ଠିରୁ 'ଅଗ୍ରିମ' ହରିଲୁଟ୍‌ର ମହାଘୋଟାଲା

# ତାଳଦଣ୍ଡା କେନାଲରୁ ସ୍ମାର୍ଟ ଲାଇବ୍ରେରୀ ପର୍ଯ୍ୟନ୍ତ ସବୁଠି ଅନିୟମିତତା

କଟକ,୧୮।୩(ସମିସ):

କଟକ ମହାନଗର ନିଗମ (ସିଏମସି)ର ନିଜସ୍ୱ ପାଣ୍ଠିରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟୟ ହେଉଥିବା ଜନସାଧାରଣଙ୍କ ଅର୍ଥର କିପରି ବ୍ୟାପକ ଅପବ୍ୟବହାର କରାଯାଉଛି, ତାହାର ଏକ ସାଂଘାତିକ

### ଫାଇଲ୍ ତଳେ ଚାପି ହୋଇଛି ତଦନ୍ତ ରିପୋର୍ଟ

ତଥ୍ୟ ଏବେ ସାମ୍ନାକୁ ଆସିଛି। ଏନ୍‌ପିସିସି ଏବଂ ଓପିଏଚ୍‌ଡବ୍ଲୁସି ପରେ ଏବେ "ଇଞ୍ଜିନିୟରିଂ ପ୍ରୋଜେକ୍ଟସ (ଇଣ୍ଡିଆ) ଲିମିଟେଡ୍' (ଇପିଆଇଏଲ) ସଂସ୍ଥାକୁ ନେଇ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି। ଅଭିଯୋଗ ହେଉଛି ଯେ ନିଗମର କିଛି ଉପରିସ୍ଥ ଅଧିକାରୀଙ୍କ ମାତ୍ରାଧିକ ଅନୁକମ୍ପା ଯୋଗୁଁ ଏହି ସଂସ୍ଥାକୁ ବିଭିନ୍ନ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କାର ଅଗ୍ରିମ ଅର୍ଥ ପ୍ରଦାନ କରାଯାଇଛି, ମାତ୍ର ସେହି ଅନୁପାତରେ କ୍ଷେତ୍ରସ୍ତରରେ କାର୍ଯ୍ୟର କୌଣସି ପ୍ରଗତି ଦେଖିବାକୁ ମିଳୁନାହିଁ।

କଟକ ସହରର ସୌନ୍ଦର୍ଯ୍ୟକରଣ ଏବଂ ଆଧୁନିକୀକରଣ ପାଇଁ ସିଏମସି ପକ୍ଷରୁ ଇପିଆଇଏଲ୍ ସଂସ୍ଥାକୁ ମୋଟ ୬୮କୋଟି ୪୬ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ମୋଟ ଅଙ୍କରୁ କେବଳ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ୪୫ କୋଟି ଟଙ୍କାର ଅଲଗା କାର୍ଯ୍ୟାଦେଶ ଜାରି କରାଯାଇ ସଂସ୍ଥାକୁ ପ୍ରାୟ ୨୨ କୋଟି ଟଙ୍କା ଅଗ୍ରିମ ଭାବେ ଦିଆଯାଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, କେନାଲରେ ବର୍ତ୍ତମାନ ସୁଦ୍ଧା ହୋଇଥିବା କାର୍ଯ୍ୟର ଆନୁମାନିକ ମୂଲ୍ୟ ମାତ୍ର ୨ ରୁ ୩ କୋଟି ଟଙ୍କା ହେବ ବୋଲି ଅଭିଯୋଗ ଉଠିଛି। ଏହାର ଅର୍ଥ ହେଉଛି, ପ୍ରାୟ ୧୯ କୋଟି ଟଙ୍କାର ଜନସାଧାରଣଙ୍କ ପାଣ୍ଠି କୌଣସି କାର୍ଯ୍ୟରେ ନ ଲାଗି ସଂସ୍ଥା ପାଖରେ ବଳକା ରହିଛି। ପବ୍ଲିକ ୱାର୍କ୍ସ କମିଟି ପକ୍ଷରୁ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମୂଳ ସଂସ୍ଥା ନିଜେ କାମ ନ କରି ବିନା ଟେଣ୍ଡରରେ ବେଆଇନ ଭାବେ ଅନ୍ୟ ଉପ-ସଂସ୍ଥାଗୁଡ଼ିକୁ କାର୍ଯ୍ୟ ବଣ୍ଟନ କରିଛି, ଯାହା ଫଳରେ ସମଗ୍ର ପ୍ରକଳ୍ପଟି ଏବେ ଅଧାପନ୍ତରିଆ ଅବସ୍ଥାରେ ଅଟକି ରହିଛି।

ସେହିଭଳି ସହରରେ ସ୍ମାର୍ଟ ଲାଇବ୍ରେରୀ ସ୍ଥାପନ ଏବଂ ବାରବାଟୀ ଫୁଡ୍ କୋର୍ଟ ନିର୍ମାଣ କାର୍ଯ୍ୟରେ ମଧ୍ୟ ସମାନ ଢଙ୍ଗରେ ଆର୍ଥିକ ଅନିୟମିତତା ହୋଇଥିବା ଖବର ମିଳିଛି। ୭ କୋଟି ୪୦ ଲକ୍ଷ ଟଙ୍କାର ସ୍ମାର୍ଟ ଲାଇବ୍ରେରୀ ପ୍ରକଳ୍ପ ପାଇଁ ସଂସ୍ଥାକୁ ୩ କୋଟି ୭୦ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଥିବା ବେଳେ, କାର୍ଯ୍ୟର ଗୁଣମାନ ଅତ୍ୟନ୍ତ ନିମ୍ନମାନର ଥିବା ଅଭିଯୋଗ ଉଠିଛି। ଅଭିଯୋଗ ହେଉଛି ଯେ, କାର୍ଯ୍ୟ ଶେଷ ହେବା ପୂର୍ବରୁ ହିଁ ବାକି ଥିବା ଅର୍ଥରାଶି ମଧ୍ୟ ସଂସ୍ଥାକୁ ପ୍ରଦାନ କରିଦିଆଯାଇଛି। ଅନ୍ୟପଟେ, ୬ କୋଟି ୭୬ ଲକ୍ଷ ଟଙ୍କାର ବାରବାଟୀ ଫୁଡ୍ କୋର୍ଟ ନିର୍ମାଣ ପାଇଁ ୫୦ ପ୍ରତିଶତ ଅଗ୍ରିମ ନେବା ପରେ ମଧ୍ୟ ସଂସ୍ଥା ଆଜି ପର୍ଯ୍ୟନ୍ତ ଏହାକୁ ଆବେଦକମାନଙ୍କୁ ହସ୍ତାନ୍ତର କରିପାରି ନାହିଁ। ସିଏମସି ପକ୍ଷରୁ ଏହି ଗୋଟିଏ ସଂସ୍ଥାକୁ ମୋଟ ୩୮ କୋଟି ୯୪ ଲକ୍ଷ ଟଙ୍କାର ଅଗ୍ରିମ ପ୍ରଦାନ କରାଯାଇଥିଲେ ହେଁ, କାର୍ଯ୍ୟର ଗୁଣବତ୍ତା କିମ୍ବା ସମୟାନୁବର୍ତ୍ତିତା ଉପରେ କୌଣସି କଡ଼ା ନଜର ରଖାଯାଇ ନାହିଁ।

ଏହି ସମଗ୍ର ଘଟଣା ସିଏମସିର ପ୍ରଶାସନିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପବ୍ଲିକ ୱାର୍କ୍ସ କମିଟି (ପିଡବ୍ଲୁସି) ପକ୍ଷରୁ ଏହି ଅନିୟମିତତା ସମ୍ପର୍କରେ ତଦନ୍ତ କରାଯାଇ ସିଏମସିର ଉପରିସ୍ଥ ଅଧିକାରୀଙ୍କୁ ବିସ୍ତୃତ ରିପୋର୍ଟ ଦାଖଲ କରାଯାଇଥିଲେ ହେଁ, ତାହା "ନାଲି ଫିତା' ତଳେ ଚାପି ହୋଇ ରହିଯାଇଛି। ସିକ୍ୟୁରିଟି ଫଣ୍ଡରୁ କୋଟି କୋଟି ଟଙ୍କା ବିନା କୌଣସି ଯାଞ୍ଚରେ ଅଗ୍ରୀମ ଆକାରରେ ଦିଆଯିବା ଏବଂ ପରବର୍ତ୍ତୀ ସମୟରେ ତଦନ୍ତ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଏକ ବଡ଼ ଧରଣର ସଲାସୁତରା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜନସାଧାରଣଙ୍କ ଅର୍ଥର ଏଭଳି ଲୁଟ୍‌ର ଏକ ସ୍ୱତନ୍ତ୍ର ଅଡିଟ୍ ଏବଂ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏବେ ସାଧାରଣରେ ଦାବି ଜୋର ଧରିଛି।

## 'ଏସ୍‌ସିବି ଅଗ୍ନିକାଣ୍ଡ ଦୁର୍ଘଟଣା ନୁହେଁ; ସରକାରୀ ହତ୍ୟା'

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଓ ୫୦ ଲକ୍ଷ ସହାୟତା ଦାବି କଲା କେୱାଇଏସ୍

କଟକ,୧୮।୩(ସମିସ): କଟକ ଏସସିବି ମେଡିକାଲ ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡକୁ ନେଇ କ୍ରାନ୍ତିକାରୀ ଯୁବ ସଂଗଠନ (କେୱାଇଏସ) ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛି। ଏହି ଘଟଣାରେ ୧୨ରୁ ଅଧିକ ନିରୀହ ଜୀବନ ହାନିକୁ ସଂଗଠନ ଏକ "ସଂସ୍ଥାଗତ ହତ୍ୟାକାଣ୍ଡ' ଭାବେ ଅଭିହିତ କରିବା ସହ ଏଥିପାଇଁ ସରକାରଙ୍କ ଚରମ ଅବହେଳାକୁ ସମ୍ପୂର୍ଣ୍ଣ ଦାୟୀ କରିଛି। ସଂଗଠନ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ବହିଷ୍କାର ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧୬ ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ଅଧିକାଂଶ ରୋଗୀ "ଲାଇଫ୍ ସପୋର୍ଟ'ରେ ଥିବା ବେଳେ ପ୍ରଶାସନିକ ଅପାରଗତା ଯୋଗୁଁ ସେମାନେ ନିଆଁ ଓ ଧୂଆଁରୁ ବଞ୍ଚିପାରି ନ ଥିଲେ। କ୍ରାନ୍ତିକାରୀ ଯୁବ ସଂଗଠନ ଅଭିଯୋଗ କରିଛି ଯେ, ଏହି ଘଟଣା କେବଳ ସର୍ଟ ସର୍କିଟ୍ ଯୋଗୁଁ ଘଟିନାହିଁ, ବରଂ ଏହା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ଜୀର୍ଣ୍ଣାବସ୍ଥାର ପରିଣାମ। ଆଇସିୟୁ ଭିତରେ ଥିବା "ସ୍ପ୍ରିଙ୍କଲର' କାମ କରୁ ନ ଥିଲା, ଆଲାରାମ ବାଜି ନ ଥିଲା ଏବଂ ରୋଗୀଙ୍କୁ ସ୍ଥାନାନ୍ତର କରିବାରେ ଅତ୍ୟଧିକ ବିଳମ୍ବ ହୋଇଥିଲା। ଯେଉଁ ରୋଗୀମାନେ ନିଜେ ଚାଲିବାକୁ ଅକ୍ଷମ ଥିଲେ, ସେମାନଙ୍କୁ ଏକ ଅସୁରକ୍ଷିତ ଭିତ୍ତିଭୂମି ମଧ୍ୟରେ ମୃତ୍ୟୁମୁଖକୁ ଠେଲି ଦିଆଯାଇଛି। ସଂଗଠନ ମତରେ, ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା କେବଳ ଏକ "ଟୋକନ' ସଦୃଶ, ଯାହା ପ୍ରକୃତ ଉତ୍ତରଦାୟିତ୍ୱରୁ ବଞ୍ଚିବା ପାଇଁ ଏକ ପ୍ରୟାସ ମାତ୍ର। କେୱାଇଏସ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଅତିକମରେ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ପରିବାରକୁ ଦୀର୍ଘକାଳୀନ ସହାୟତା ଯୋଗାଇବାକୁ ଦାବି କରାଯାଇଛି। ଏଥିସହ ବିଚାର ବିଭାଗୀୟ ତଦନ୍ତ କରି ଏହାର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଗଠନ କହିଛି। କେବଳ ତଦନ୍ତ ନୁହେଁ, ବରଂ ଦାୟୀ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଏଥିସହ ରାଜ୍ୟର ସମସ୍ତ ସରକାରୀ ମେଡିକାଲରେ ତୁରନ୍ତ ସୁରକ୍ଷା ଅଡିଟ୍ କରିବା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଘରୋଇକରଣକୁ ବନ୍ଦ କରି ସରକାରୀ ପୁଞ୍ଜିନିବେଶ ବଢ଼ାଇବାକୁ ସଂଗଠନ ଜୋର ଦେଇଛି। ଏହି ମୃତ୍ୟୁ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମାନ ଭାବେ ଦାୟୀ ବୋଲି ସଂଗଠନ ଦର୍ଶାଇବା ସହ ଶୋକସନ୍ତପ୍ତ ପରିବାରଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ ବୋଲି ଚେତାବନୀ ଦେଇଛି।

## ଆଜିଠୁ ଗଡ଼ଚଣ୍ଡୀଙ୍କ ନବରାତ୍ର ପୂଜା ଆରମ୍ଭ

କଟକ,୧୮।୩(ସମିସ): କଟକର ଅଧିଷ୍ଠାତ୍ରୀ ଦେବୀ ପ୍ରସିଦ୍ଧ ଗଡ଼ଚଣ୍ଡୀ ମନ୍ଦିରରେ ଆଜିଠାରୁ ମା'ଙ୍କ ପବିତ୍ର ନବରାତ୍ର ପୂଜା ଆରମ୍ଭ ହେବାକୁ ଯାଉଛି। ଏହି ନଅ ଦିନ ଧରି ମା' ଭିନ୍ନ ଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ପୂଜା କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର - ସୁନାବେଶ, ଶୁକ୍ରବାର- ରାଜରାଜେଶ୍ୱରୀ ବେଶ, ଶନିବାର- ଅନ୍ନପୂର୍ଣ୍ଣା ବେଶ, ରବିବାର- ଗାୟତ୍ରୀ ବେଶ, ସୋମବାର- ନାରାୟଣୀ ବେଶ, ମଙ୍ଗଳବାର- ମହାଲକ୍ଷ୍ମୀ ବେଶ, ବୁଧବାର- ମହାସରସ୍ୱତୀ ବେଶ, ଗୁରୁବାର- ମହାକାଳୀ ବେଶ, ଶୁକ୍ରବାର- ମହିଷାମର୍ଦ୍ଦିନୀ ବେଶରେ ମା ଦର୍ଶନ ଦେବେ। ନବରାତ୍ର ପୂଜା ପାଇଁ ମନ୍ଦିର ପରିସରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।




## ଲିଟିଗେସନ୍ କ୍ଷେତ୍ରରେ କ୍ୟାରିୟର ଗଠନ



### କଟକରେ 'ଏଓଏଲଏସଏଲଏ'ର ସ୍ୱତନ୍ତ୍ର ସେମିନାର

କଟକ,୧୮।୩(ସମିସ): "ଅଲ୍ ଓଡ଼ିଶା ଲ ଷ୍ଟୁଡେଣ୍ଟସ୍ ଏଣ୍ଡ ଲୟର୍ସ ଆସୋସିଏସନ୍' (ଏଓଏଲଏସଏଲଏ) ପକ୍ଷରୁ ଗତ ରବିବାର କଟକ ଜୋବ୍ରାସ୍ଥିତ ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ପରିସରରେ ଏକ ରାଜ୍ୟସ୍ତରୀୟ ସେମିନାର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। 'ଲିଟିଗେସନ୍ କ୍ଷେତ୍ରରେ ସଫଳ କ୍ୟାରିୟର ଗଠନ: ଚ୍ୟାଲେଞ୍ଜ, କୋର୍ଟରୁମ୍ ଶିକ୍ଷା ଓ ମେଣ୍ଟରଶିପ୍' ଶୀର୍ଷକ ଏହି ସେମିନାରରେ ଯୁବ ଅଧିବକ୍ତାଙ୍କ ପ୍ରଫେସନାଲ ଗ୍ରୋଥ୍ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଇନ ପେଶାରେ ସଫଳତା ପାଇଁ କୋର୍ଟରୁମ୍ ଅନୁଭବ, ପେଶାଗତ ନୈତିକତା ଏବଂ ଅବିରତ ଅଧ୍ୟୟନ ଅପରିହାର୍ଯ୍ୟ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ଯୁବ ଆଇନଜୀବୀମାନଙ୍କ ପାଇଁ ମେଣ୍ଟରସିପ୍‌ର ଆବଶ୍ୟକତା ଓ ବାସ୍ତବିକ ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବରିଷ୍ଠ ଅଧିବକ୍ତା ଲକ୍ଷ୍ମୀଧର ପାଙ୍ଗାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ଆଇନଜୀବୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ତଥା ଏଓଏଲଏସଏଲଏର ପ୍ରତିଷ୍ଠାତା ସଭାପତି ରୋହିତ କୁମାର ସୁନାଙ୍କ ନେତୃତ୍ୱରେ ଆୟୋଜିତ ଏହି ସେମିନାରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଆଇନ ଛାତ୍ରଛାତ୍ରୀ ଓ ଯୁବ ଅଧିବକ୍ତା ଯୋଗଦେଇ ଲାଭାନ୍ୱିତ ହୋଇଥିଲେ।

## ବାଙ୍କା ବଜାର ମସଜିଦ ପକ୍ଷରୁ ଦାୱତ୍-ଏ-ଇଫତାର୍

କଟକ,୧୮।୩(ସମିସ): ଆଜି କଟକ ସହରର ଅନ୍ୟତମ ପୁରାତନ ବାଙ୍କା ବଜାର ମସଜିଦ ପରିଚାଳନା କମିଟି ପକ୍ଷରୁ ମସଜିଦ ପରିସରରେ ଦାୱତ-ଏ-ଇଫତାର୍ ଅନୁଷ୍ଠିତ ହୋଇଯାଇଛି। ଜାମା ମସଜିଦ ପରିଚାଳନା କମିଟିର ସାଧାରଣ ସଂପାଦକ ତଥା ଓଡ଼ିଶା ବୋର୍ଡ଼ ଅଫ ୱାକଫ୍‌ର ପ୍ରାକ୍ତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ ଯୋଗଦେଇ ପବିତ୍ର ରମଜାନ୍ ଉପବାସ ମାସର ମହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଦାନ ପୁଣ୍ୟ ଏହି ମାସରେ କଟକ ସହରର ବିଭିନ୍ନ ମହଲ୍ଲା କମିଟି ମସଜିଦ ପରିଚାଳନା କମିଟି ପକ୍ଷରୁ ଏହି ଭଳି ଆୟୋଜନ କରାଯାଇଥାଏ। ଏହି କ୍ରମରେ ଆଜି ବାଙ୍କା



ବଜାର ମସଜିଦ ପରିଚାଳନା କମିଟି ପକ୍ଷରୁ ଏଭଳି ଆୟୋଜନ କରାଯାଇଥିଲା। ଯେଉଁଥିରେ ପ୍ରାୟ ସବୁ ସଂପ୍ରଦାୟର ଲୋକମାନେ ଯୋଗଦାନ କରି ସମୁହ ଇଫତାର୍ କରିଥିଲେ ଓ ଆଲ୍ଲାଙ୍କ କରୁଣା ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ମସଜିଦ ପରିଚାଳନା କମିଟି ସଭାପତି ଜନାବ ଗୁଲଫାମ ହୁସେନ, ସମ୍ପାଦକ ମହମ୍ମଦ ସାବିର ଖାନ୍, ସୟେଦ ଅସଲମ ଅଲ୍ଲୀ, ଶେଖ ଆବିଦ, ଫିରୋଜ ଖାନ୍, ମହମ୍ମଦ ନାସର, ଶେଖ ସଲ୍ଲୀମଉଲ୍ଲା, ଶେଖ ୱାହବଉଲ୍ଲା ସମେତ ଚାରିଶହରୁ ଊର୍ଦ୍ଧ୍ୱ ରୋଜେଦାର ମାନେ ଏକତ୍ରିତ ଭାବେ ଇଫତାର କରିଥିଲେ।

## ପଖାଳ ଦିବସ ପାଳନ ନେଇ ମେୟରଙ୍କ ପ୍ରସ୍ତୁତି

କଟକ,୧୮।୩(ସମିସ): ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଓଡ଼ିଆ ଅସ୍ମିତାର ପ୍ରତୀକ "ପଖାଳ'କୁ ବିଶ୍ୱସ୍ତରରେ ବ୍ରାଣ୍ଡ ଆମ୍ବାସାଡର ଭାବେ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ ଜାରି ରହିଛି। ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ପାଳନ ହେବାକୁ ଥିବା "ପଖାଳ ଦିବସ' ସମ୍ପର୍କରେ ସୂଚନା ଦେଇ କଟକ ମେୟର ସୁବାସ ସିଂହ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ମେୟର ଶ୍ରୀ ସିଂହ କହିଛନ୍ତି ଯେ, ପଖାଳ କେବଳ ଏକ ପ୍ରିୟ ଖାଦ୍ୟ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପାଦେୟ। ପଖାଳର ପ୍ରଚାର ପ୍ରସାର ପାଇଁ ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚଳିତ ବର୍ଷ ମାର୍ଚ୍ଚ ୨୦ରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ସହ ପଖାଳ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପଖାଳକୁ "ଜିଆଇ ଟ୍ୟାଗ୍' ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପଡ଼ିବ ମହଙ୍ଗା

# ରଦ୍ଦ ହୋଇପାରେ ଡ୍ରାଇଭିଂ ଲାଇସେନ୍ସ

କଟକ,୧୮।୩(ସମିସ):

ରାଜ୍ୟରେ ମାଲବାହୀ ଗାଡ଼ିରେ ବେଆଇନ ଭାବେ ଯାତ୍ରୀ ପରିବହନ ଘଟଣା ଏବେ ପରିବହନ ବିଭାଗ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି। ବିଶେଷକରି ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ

■ ଆରଟିଓଙ୍କୁ କଡ଼ା ନିର୍ଦ୍ଦେଶ
■ ଶ୍ରମିକଙ୍କ ଜୀବନ ସହ ଖେଳୁଛନ୍ତି ଠିକାଦାର

ଭାବେ ପିକଅପ୍ ଓ ଅନ୍ୟାନ୍ୟ ମାଲବାହୀ ଗାଡ଼ିରେ ବୋହିବା ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢୁଥିବା ବେଳେ, ଏହାକୁ ରୋକିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏଣିକି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କେବଳ ମୋଟା ଅଙ୍କର ଜରିମାନା ନୁହେଁ, ବରଂ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ରଦ୍ଦ କରିବା ପାଇଁ ସମସ୍ତ ଆରଟିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ଠିକାଦାରମାନେ ଅତି ଅମାନବୀୟ ଭାବେ ପରିବହନ କରୁଛନ୍ତି। ଗୋଟିଏ ଗୋଟିଏ ପିକଅପ୍ ଗାଡ଼ିରେ ୨୦ରୁ ୩୦ ଜଣ ଶ୍ରମିକଙ୍କୁ ବସାଇ ୨୦ରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରାଯାଉଛି। ଅନେକ ସମୟରେ ଗାଡ଼ିରେ ଯାବତୀୟ ସରଞ୍ଜାମ ଉପରେ ଶ୍ରମିକମାନେ ବସି ଯାଉଥିବା ପରିଲକ୍ଷିତ ହୋଇଛି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ। ଭୁବନେଶ୍ୱର-ଚଣ୍ଡୀଖୋଲ



ଏବଂ କଟକ-ପାରାଦ୍ୱୀପ ଭଳି ଜାତୀୟ ରାଜପଥରେ ଏଭଳି ବେଆଇନ ପରିବହନ ଯୋଗୁଁ ପୂର୍ବରୁ ଅନେକ ମର୍ମନ୍ତୁଦ ଦୁର୍ଘଟଣା ଘଟିସାରିଛି। ମୋଟରଯାନ ଆଇନର ଧାରା ୧୯୨ ଅନୁଯାୟୀ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ଏକ ଦଣ୍ଡନୀୟ ଅପରାଧ। ନୂତନ ନିୟମ ଅନୁସାରେ ଏଥିପାଇଁ ଜରିମାନା ରାଶିକୁ ମଧ୍ୟ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ଯାତ୍ରୀବାହୀ ଗାଡ଼ିରେ କ୍ଷମତାଠାରୁ ଦୁଇଗୁଣା ଯାତ୍ରୀ ନେଉଥିବା ଗାଡ଼ି ଉପରେ ମଧ୍ୟ ନଜର ରଖାଯିବ। ଆରଟିଓମାନେ ସେମାନଙ୍କର ସ୍ୱତନ୍ତ୍ର ସ୍କ୍ୱାଡ୍ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ହଠାତ୍ ଯାଞ୍ଚ କରିବେ ଏବଂ ନିୟମ ଉଲ୍ଲଂଘନ କରୁଥିବା ଚାଳକ ଓ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ। ସଡ଼କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବେଆଇନ ପରିବହନକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ବିଭାଗ ପ୍ରସ୍ତୁତ ରହିଛି।

St. XAVIER'S HIGH SCHOOL
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)

IMPORTANT ADVISORY TO PARENTS: All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
A/C No. : 926020008300220

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
A/C No. : 18210100002533

-By order of Managment

■ ଜିଲ୍ଲାପାଳଙ୍କୁ ଡମ୍ ସମାଜର ଦାବିପତ୍ର

# ଡମ ଭାଷା, ସଂସ୍କୃତି, ପରମ୍ପରାକୁ ମାନ୍ୟତା ଦାବି

ରାୟଗଡା,୧୮।୩(ସମିସ): ରାୟଗଡ଼ା ଜିଲ୍ଲା ଡମ୍ ସମାଜର ନେତୃମଣ୍ଡଳୀ ବୁଧବାର ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ବିଭିନ୍ନ ଦାବି ଉପରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଡମ ସମାଜ ପକ୍ଷରୁ ଦିଆଯାଇଥିବା ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟ ଦାବି ହେଉଛି ଡମ୍ ଭାଷାର ସୁରକ୍ଷା ତାହାର ପ୍ରଚାର ପ୍ରସାର ଓ ଡମ୍ ଭାଷାକୁ ମାନ୍ୟତା ପ୍ରଦାନ କରିବା, ଡମ୍ ବାଜା ସଂସ୍କୃତି ପରମ୍ପରା ପର୍ବପର୍ବାଣୀକୁ ମାନ୍ୟତା ପ୍ରଦାନ, ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଡମ୍ ଭବନ ନିର୍ମାଣ, ଅନୁସୂଚୀତ ଜାତି ଅନୁସୂଚୀତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ଅନୁସୂଚୀତ ଜାତି ପିଲାଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ ପର୍ଯ୍ୟାପ୍ତ ନାହିଁ ତେଣୁ ଅତିରିକ୍ତ ସିଟ୍ ବ୍ୟବସ୍ଥା କରିବା, ରାୟଗଡ଼ା ସହରର ନୂଆସାହି, ଆମ୍ବଗୁଡ଼ା, ଶ୍ରୀରାମ ନଗର,ଆରକେ ନଗର, ରାମା ଟକିଜ ନିକଟସ୍ଥ ଡମ୍ ସାହି, ଫରେଷ୍ଟ ଅଫିସ୍ ପଛପଟ ସାହି, ମହିଳା କଲେଜ ପଛ ଡମ୍ ସାହି, ଢେପ ସାହି ଓ ରାୟଗଡ଼ା ସହର ଅନ୍ୟ ଡମ୍ ସାହି ଏବଂ ଜେକେପୁରର ହଳଦିପଡ଼ା, ଅରବିନ୍ଦ ନଗର, ନୁଆପଡ଼ା, ଗେଟିପଡ଼ା, କଳାହାଣ୍ଡିପଡା, ବାପୁଜୀ ନଗର, ସାନ ଚାନ୍ଦିଲି, ବଡ଼ ଚାନ୍ଦିଲି ସମେତ ଅନ୍ୟ ଛୋଟ ବଡ଼ ଡମ୍ ସାହି ବା ପଡ଼ାବାସିନ୍ଦାଙ୍କୁ ଘର ଡିହ ପଟ୍ଟା ସହ ଘର ନିର୍ମାଣ କରି ଦେବା, ବିଧାନସଭା ଓ ଲୋକସଭା କ୍ଷେତ୍ରର ସୀମା ନିର୍ଦ୍ଧାରଣ ସମୟରେ ବର୍ତ୍ତମାନ ରାୟଗଡ଼ାର ତିନୋଟି ବିଧାନସଭା ଆସନକୁ ବଢ଼ାଇ ୬ ଗୋଟି ବିଧାନସଭା ଆସନ କରିବା। ବର୍ଦ୍ଧିତ ତିନୋଟି ଆସନ ମଧ୍ୟରୁ ରାୟଗଡ଼ାକୁ ସାଧାରଣ ବର୍ଗ, କାଶୀପୁର ଓ କଲ୍ୟାଣସିଂପୁରକୁ ନେଇ ଏସସି ନିମନ୍ତେ ଅନ୍ୟ ଗୋଟିଏ ମହିଳାଙ୍କ ନିମନ୍ତେ ସଂରକ୍ଷିତ କରିବାକୁ ଓ ରାୟଗଡ଼ାକୁ ଗୋଟିଏ ଲୋକସଭା ଆସନ କରିବାକୁ ଦାବି ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଯାହା ସମ୍ଭବ ତାହା ସେ ପୂରା କରିବେ ଏବଂ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଆଲୋଚନା ସମୟରେ ଜିଲ୍ଲା ସଭାପତି ଧନୀରାମ ନାଏକ, ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡା, କାର୍ଯ୍ୟକାରୀ ସଭାପତି ତ୍ରିନାଥ ବିଭର୍, ଚିତ୍ରସେନ୍ ସୁନା, ଉପସଭାପତି ବୃନ୍ଦାବନ ନାଏକ, ଉପଦେଷ୍ଟା ରାମ ଗରଡ଼ିଆ, ସମ୍ପାଦକ ବିସୁ ଖୋସଲା ଓ ସୁଧାକର ଖୋରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।




# ଆକ୍ରମଣରେ ଗୁରୁତର ବ୍ୟବସାୟୀଙ୍କ ମୃତ୍ୟୁ

ଅମ୍ବାଦଳା,୧୮।୩(ସମିସ):





ରାୟଗଡା ଜିଲ୍ଲାର ଅମ୍ବାଦଳା ଅଞ୍ଚଳରେ ଗତ ୨୫ ତାରିଖରେ ଆକ୍ରମଣରେ ଗୁରୁତରେ ଆହତ ହୋଇଥିବା ଯୁବ ବ୍ୟବସାୟୀ ଟୁଟୁ ସାବତଙ୍କ ଆଜି ମୃତ୍ୟୁ ହୋଇଛି। ଘଟଣା ପରେ ୨୧ ଦିନ ଧରି କୋମାରେ ରହି ଜୀବନ ସହ ଯୁଦ୍ଧ କରୁଥିବା ଟୁଟୁଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅନ୍ୟପଟରେ ବ୍ୟବସାୟୀ ଟୁଟୁଙ୍କ ମୃତ୍ୟୁ ପରେ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟାକାରୀକୁ ଗିରଫ କରିବାକୁ ଦାବି କରି ଅମ୍ବାଦଳା ଥାନା ସମ୍ମୁଖରେ ୬ ଘଣ୍ଟା ଧରି ରାଜପଥକୁ ଅବରୋଧ କରିଥିଲେ। ସୂଚନାନୁଯାୟୀ, ଫେବୃଆରୀ ୨୫ ତାରିଖରେ ଅମ୍ବାଦଳାରେ ବ୍ୟବସାୟୀଙ୍କ ଉପରେ ଆକ୍ରମଣ ଘଟଣାକୁ ପ୍ରଥମେ ସାଧାରଣ ସଡକ ଦୁର୍ଘଟଣା ବୋଲି ଧରାଯାଇଥିଲା। କିନ୍ତୁ ପରେ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ଉଠିବା ପରେ ପରିବାର ଲୋକ ଯୋଜନାବଦ୍ଧ ଭାବେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ଦେଶ୍ୟ ରଖି ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଘଟଣାକୁ ୨୨ ଦିନ ବିତିଥିଲେ

**➤ ହତ୍ୟାକାରୀଙ୍କୁ ଗିରଫ ଦାବିରେ ୬ ଘଣ୍ଟା ରାସ୍ତା ଅବରୋଧ**
**➤ ୨୨ଦିନ ପରେ ବି ଘଟଣାର ଟେର୍‌ପାଉନି ପୁଲିସ**

ମଧ୍ୟ ପୋଲିସ ହାତରେ କୌଣସି ଠୋସ ସୁରାଗ ନଥିବା ଅଭିଯୋଗ ହୋଇଛି। ଆଜି ବ୍ୟବସାୟୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରିବା ଦାବିରେ ସ୍ଥାନୀୟ ଲୋକ ଓ ପରିବାରଲୋକ ଆଜି ରାସ୍ତାକୁ ଓହ୍ଲାଇଥିଲେ। ଥାନା ସମ୍ମୁଖରେ ଦୀର୍ଘ ୬ ଘଣ୍ଟା ଧରି ରାଜ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଫଳରେ ଯାତାୟାତ ପୂରାପୂରି ଠପ୍ ହୋଇଯାଇଥିଲା। ଅଞ୍ଚଳରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ଓ ପୋଲିସ ପ୍ରଶାସନ ଉପରେ ଚାପ ବଢ଼ିଥିବା ଦେଖାଯାଇଛି। ଘଟଣା ସ୍ଥଳରେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଅମ୍ବାଦଳା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ପହଞ୍ଚି ଆନ୍ଦୋଳନକାରୀ ବୁଝାସୁଝା କରିଥିଲେ। ହତ୍ୟାକାରୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୋକରୁ ହଟିଥିଲେ। ପରେ ଆନ୍ଦୋଳନକାରୀମାନେ ହତ୍ୟାକାରୀଙ୍କୁ ଗିରଫ ଦାବି କରି ଶୋଭାଯାତ୍ରା କରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ଗାଁରେ ବିଳମ୍ବିତ ରାତ୍ରରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ମାର୍ଚ୍ଚ ଶେଷ ସୁଦ୍ଧା ମାଲକାନଗିରିରୁ ଉଡିବ ବିମାନ




## ସ୍ଥିତି ସମୀକ୍ଷା କଲେ ବୈଷୟିକ ଦଳ

ମାଲକାନଗିରି, ୧୮।୩(ସମିସ): ବହୁ ପ୍ରତିକ୍ଷିତ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଚଳିତ ମାସ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଯାଉଛି। ଏନେଇ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ମାଲକାନଗିରି ଜିଲ୍ଲାର ବିମାନ ବନ୍ଦର ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପରିବହନ ବିଭାଗର ଉଚ୍ଚସ୍ତରୀୟ ଦଳ ଏବଂ ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ବୈଷୟିକ ଦଳ ମାଲକାନଗିରି ପହଞ୍ଚି ବିମାନ ବନ୍ଦର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ବେସାମରିକ ବିମାନ ଚଳାଚଳ ପରାମର୍ଶଦାତା ସୁରେଶ ଚନ୍ଦ୍ର ହୋତା ଓ ସୁରକ୍ଷା ପରାମର୍ଶ ଦାତା ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଏହି ଟିମ୍ ମାଲକାନଗିରିର ବିମାନ ବନ୍ଦରକୁ ତନତନ କରି ଯାଞ୍ଚ କରିଛନ୍ତି। ବିଶେଷ କରି ରନ୍‌ୱେ ଏବଂ ବିମାନବନ୍ଦର ପାଚେରୀ, ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା, ଟିକଟ କାଉଣ୍ଟର ଠାରୁ ଆରମ୍ଭ କରି ବିମାନ ବନ୍ଦରର ସମସ୍ତ ଗୃହ ଗୁଡିକ ମଧ୍ୟ ଯାଞ୍ଚ କରିଛନ୍ତି। ତେବେ ସାମାନ୍ୟ କିଛି ତ୍ରୁଟି ଥିବା ବେଳେ ତୁରନ୍ତ ଏହି ତ୍ରୁଟି ଗୁଡିକୁ ସମାଧାନ କରିବାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦଳ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଚଢ଼ିବା ପାଇଁ ସ୍ୱତନ୍ତ୍ର ସିଡି ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ଗୁଡିକ ଯେପରି ଯାତ୍ରୀମାନେ ପାଇପାରିବେ ସେନେଇ ମଧ୍ୟ ତୁରନ୍ତ ପଦ କ୍ଷେପ ନେବାକୁ ଏହି ଦଳ ନିଷ୍ପତ୍ତି ନେଇଛି। ପ୍ରଥମାର୍ଥରେ ଜୟପୁର ଠାରୁ ଭୁବନେଶ୍ୱର ଯାଉଥିବା ଇଣ୍ଡିଆ ୱାନ ଏୟାର ବିମାନକୁ ପରୀକ୍ଷା ମୂଳକ ଭାବେ ମାଲକାନଗିରି ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇ ଏଠାରୁ ଜୟପୁର ସଂଯୋଗ କରି ଏହି ବିମାନ ଉଡିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ପ୍ରଥମେ ନଅ ଜଣିଆ ଯାତ୍ରୀବାହି ବିମାନଟି ଚଳାଚଳ କରିବା ନେଇ ସୂଚନା ମିଳିଛି। ଆଗାମୀ ଦୁଇଦିନ ମଧ୍ୟରେ ପୁଣି ରନ୍‌ୱେରେ ପରୀକ୍ଷାମୁଳକ ଭାବେ ବିମାନ ଅବତରଣ କରିବା ନେଇ ମଧ୍ୟ ସୂଚନା ମିଳିଛି। ପ୍ରକାଶ ଥାଉ କି, ୨୦୨୪ ନିର୍ବାଚନ ପୂର୍ବରୁ ପୂର୍ବତନ ସରକାର ଏହି ବିମାନ ବନ୍ଦରକୁ ଉଦ୍‌ଘାଟନ କରିଥିଲେ। ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରୁ କୌଣସି ଯାତ୍ରୀବାହୀ ବିମାନ ଉଡି ପାରି ନଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଅନୁମତି ମିଳି ନଥିବା ସରକାର କହିଥିବା ବେଳେ ବର୍ତ୍ତମାନ ଏହି ଘରୋଇ ବିମାନ ଉଡିବାକୁ ଅନୁମତି ମିଳିଥିବା ଜଣାପଡିଛି। ତେବେ ନିମ୍ନମାନର ବିମାନ ବନ୍ଦର ନିର୍ମାଣ ଓ ପାଚେରୀ ଗୁଡିକ ବାରମ୍ବାର ଭୁସୁଡିବା ସହ ବିମାନ ବନ୍ଦର ଗୃହ କାର୍ଯ୍ୟ ଗୁଡିକ ଅଧପନ୍ତରିଆ ହୋଇ ରହିଥିବା, ବିଜୁଳି ସଂଯୋଗ ହୋଇ ନଥିବା, ସୁରକ୍ଷା ଅଭାବରୁ ଅବତରଣ ସ୍ଥାନରେ ଗାଇଗୋରୁଙ୍କ ଅବାଧ ଚଳାଚଳ ହେଉଥିଲା। କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଏହି ବିମାନ ଚଳାଚଳ ହେବା ନେଇ ସୂଚନା ମିଳିଛି। ଚଳିତ ମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମାପ୍ତ କରି ମାଲକାନଗିରିରୁ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସମୀକ୍ଷା କରିଥିବା ଅଧିକାରୀ ଦଳ ପ୍ରକାଶ କରିଛନ୍ତି। ଏହି ସମୀକ୍ଷକ ଦଳ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବିଭାଗର ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

# ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚାଇଲେ ଯୁବଗୋଷ୍ଠୀ



ପଦ୍ମପୁର,୧୮।୩(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଡିବିରିସିଙ୍ଗ୍ ଗ୍ରାମର କିଛି ଯୁବଗୋଷ୍ଠୀଙ୍କ ଉଦ୍ୟମ ଯୋଗୁଁ ଜଣେ ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚିଯାଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯିବା ସହ ଅନ୍ୟ ପାଇଁ ଯୁବଗୋଷ୍ଠୀ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ଡିବିରିସିଙ୍ଗ୍ ଗ୍ରାମରେ ଅସହାୟ ଅବସ୍ଥାରେ ରହିଅସୁଛନ୍ତି ବୃଦ୍ଧ ଦମ୍ପତି ଶ୍ରୀନିବାସ ପାତିକା (୮୫ବର୍ଷ) ଓ ତାଙ୍କର ପତ୍ନୀ କୁମାରୀ ପାତିକା(୭୮)। ଶ୍ରୀନିବାସଙ୍କ ମେରୁ ହାଡ଼ ସମସ୍ୟା ଯୋଗୁଁ ସେ ଠିକ୍ ଭାବେ ଚାଲି ପାରୁନଥିବା ବେଳେ ପତ୍ନୀ କୁମାରୀ ପାତିକାଙ୍କ ଆଖିକୁ ଦିଶୁନି କି କାନକୁ ଠିକ୍ ଭାବେ ଶୁଭୁନାହିଁ। ତାଙ୍କର ନିଜ ବୋଲି କେହି ନ ଥିବାରୁ ବହୁ କଷ୍ଟରେ ଚଳୁଥିଲେ। ଏହି ସମୟରେ ହଠାତ୍ ଘରର ଏରୁଣ୍ଡିବନ୍ଧ କବାଟ ବାଜି ବୃଦ୍ଧାଙ୍କ ବାମ ଗୋଡ ଆଙ୍ଗୁଠି କଟି ଯାଇଥିଲା। କୌଣସି ଉପାୟ ନପାଇ ବୃଦ୍ଧା ଜଣକ ଚିକିତ୍ସା ବଦଳରେ ଏକ କପଡାରେ ଗୋଡ଼ ଆଙ୍ଗୁଳିକୁ ଗୁଡ଼ାଇ ଦେଇଥିଲେ। ଦୀର୍ଘ ଏକମାସ ଧରି ଚିକିତ୍ସା ହୋଇ ନ ଥିବାରୁ ତାଙ୍କ କ୍ଷତ ସ୍ଥାନଟି ପଚିସଢି ପୋକ ସାଲୁବାଲୁ ଅବସ୍ଥାରେ ପଡ଼ିରହିଥିଲା। ବୃଦ୍ଧାଙ୍କ କ୍ରନ୍ଦନ ଶୁଣି ଗ୍ରାମର କିଛି ଯୁବକ ବୃଦ୍ଧାଙ୍କ ଘର ଭିତରକୁ ଯାଇ ଯନ୍ତ୍ରଣାରେ ବୃଦ୍ଧା ଜଣକ ଛଟପଟ ହେଉଥିବା ଦେଖି ସଙ୍ଗେ ସଙ୍ଗେ ପରସ୍ପର ଭିତରେ କିଛି ଟଙ୍କା ଆଦାୟ କରି ତାଙ୍କୁ ଗତକାଲି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପଦ୍ମପୁର ଡାକ୍ତରମାନେ ବୃଦ୍ଧାଙ୍କ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ସହ ଶଲ୍ୟ ଚିକିତ୍ସା ପାଇଁ ରାୟଗଡ଼ା ପଠାଇଥିବା ଜଣାପଡିଛି। ତେବେ ବୃଦ୍ଧାଙ୍କୁ ମେଡିକାଲ ପହଞ୍ଚାଇ ମାନବିକତା ଦେଖାଇଥିବା ଗ୍ରାମର ସିଫେନ୍ସନ୍ କାଡ୍ରକା, ପ୍ରିୟରଞ୍ଜନ ବେନିଆ, ବିନେଶ୍ ପାତିକା, ନିମଳା ଲିମାଙ୍କ ସହ ଅନ୍ୟମାନଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ବୃଦ୍ଧଦମ୍ପତି ଦ୍ୱୟ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପାଉଥିବା କହୁଥିବା ବେଳେ ଭତ୍ତା ଆଣିବାକୁ ମଧ୍ୟ ସକ୍ଷମ ହୋଇପାରୁ ନାହାନ୍ତି ବୋଲି ବୃଦ୍ଧ ଶ୍ରୀନିବାସ ପାତିକା କୋହଭରା କଣ୍ଠରେ କହିଛନ୍ତି।

● ସୋଲାର ପ୍ରକଳ୍ପ ଅଚଳ

# ପିଇବା ପାଣି ପାଇଁ ହନ୍ତସନ୍ତ ୨୦୦ ପରିବାର



ଅମ୍ବାଦଳା,୧୮।୩(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ୍ ଅମ୍ବାଦଳା ବଡ଼ସାହିରେ ପିଇବା ପାଣି ସମସ୍ୟା ଗୁରୁତର ରୂପ ନେଇଛି। ଗାଁରେ ସ୍ଥାପିତ ସୋଲାର ପାଣି ଯୋଗାଣ ବ୍ୟବସ୍ଥା ଦୀର୍ଘଦିନ ଧରି ଅଚଳ ରହିଥିବାରୁ ପ୍ରାୟ ୨୦୦ ପରିବାର ଦୈନିକ ପାଣି ପାଇଁ ହୀନସ୍ତା ହେଉଛନ୍ତି। ସୋଲାର ବ୍ୟବସ୍ଥା ବନ୍ଦ ହୋଇଯିବା ପରେ ଗାଁବାସୀ ନଳକୂପ ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି। ପ୍ରତିଦିନ ସକାଳଠାରୁ ନଳକୂପ ପାଖରେ ଗରା ମାଠିଆ ଧରି ମହିଳାମାନେ ଲମ୍ବା ଲାଇନ ଲଗାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ପାଣି ଆଣିବାକୁ ପଡୁଥିବାରୁ ଦୈନିକ ଜୀବନ ବ୍ୟାପକ ଭାବରେ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ତିବ୍ର ଗ୍ରୀଷ୍ମରେ ପାଣି ସମସ୍ୟା ଆଉ ଗୁରୁତର ହେବା ସମ୍ଭାବନା ଥିବାରୁ ଗାଁବାସୀ ଚିନ୍ତାବ୍ୟକ୍ତ କରିଛନ୍ତି। ଶୀଘ୍ର ସୋଲାର ପାନୀୟ ଜଳ ପ୍ରକଳ୍ପ ମରାମତି କରି ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଉକ୍ତ ପାନୀୟ ଜଳ ସମସ୍ୟାକୁ ନେଇ ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ପଚାରିବାରୁ ସମସ୍ୟା ଆଜି ଜାଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି; ଖୁବ୍‌ଶୀଘ୍ର ସାମାଧାନ କରାଯିବ ବୋଲି କହିଛନ୍ତି।

# ପୌରପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା

ରାୟଗଡା,୧୮।୩(ସମିସ):

ଆଜି ରାୟଗଡା ପୌର ପରିଷଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସହରରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜ୍ୟୋତି ମହଲ ଛକ ଠାରୁ ଆରମ୍ଭ ହୋଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କପିଳାସ ଛକଠାରେ ଶେଷ ହୋଇଥିଲା। ପର୍ଯ୍ୟାୟ କ୍ରମେ ରାୟଗଡା ସହରର ସମସ୍ତ ୱାର୍ଡ ଏବଂ ଛକ ମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି। ଏହି ସମୟରେ ବିଭିନ୍ନ ଘର ଏବଂ ଦୋକାନୀଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ପ୍ଲାଷ୍ଟିକ)ର ଅପକାରିତା ଏବଂ ଏହାର ନିଷେଧାଦେଶ ସମ୍ପର୍କରେ ସଚେତନ କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ ପଲିଥିନ, ପ୍ଲାଷ୍ଟିକ ପତାକା, ଚକୋଲେଟ୍ ଷ୍ଟିକ୍, ପ୍ଲାଷ୍ଟିକ ପ୍ଲେଟ୍, କପ୍, ଗ୍ଲାସ୍, ଚାମଚ, ଷ୍ଟ୍ର ଏବଂ ଟ୍ରେ ଆଦି ବ୍ୟବହାର ନ କରିବାକୁ ଅନୁରୋଧ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ, ପୌର ପରିଷଦର ପୌରାଧ୍ୟକ୍ଷ ସାଧାରଣ ଜନତାଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବର୍ଜନ କରିବାକୁ ଅନୁରୋଧ କରିଥିଲେ। ସେହିପରି ପୌରାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସମସ୍ତ ଗୃହମାଲିକ ଓ ବ୍ୟବସାୟୀମାନଙ୍କୁ




ପି. ମହେଶ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ସମ୍ପୃକ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ଯନ୍ତ୍ରୀ, ପରିମଳ ନିରୀକ୍ଷକ ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାୟଗଡା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦିପ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ନ ରଖିବା ପାଇଁ ସତର୍କ କରାଇବା ସହିତ ଏହାର ଅବମାନନା କଲେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସହରକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଛି।

# ଭତ୍ତା ଟଙ୍କା କଥା ପଚାରିବାରୁ ବିଷପିଇଦେଲା ଭିନ୍ନକ୍ଷମ ଝିଅ

ପଦ୍ମପୁର,୧୮।୩(ସମିସ): ଭତ୍ତା ଟଙ୍କା କଥା ମା ପଚାରିବାରୁ ବିଷପିଇଦେଲା ମାନସିକ ଭିନ୍ନକ୍ଷମ ଝିଅ। ଏଭଳି ଏକ ଅଭାବନୀୟ ଘଟଣା ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ନାଇରା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ତୁଳସୀ ଅଧିକାରୀଙ୍କ ଝିଅ ମାମିନୀ ଅଧିକାରୀ (୧୯) ଜନ୍ମରୁ ମାନସିକ ଭିନ୍ନକ୍ଷମ। ସେ ଗତକାଲି ନାଇରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଦିବ୍ୟାଙ୍ଗ ଭତ୍ତା ୧ ହଜାର ଟଙ୍କା ନେଇ ଆସିଥିଲେ। ଆଜି ମା ତୁଳସୀକୁ ଝିଅ ୫ ଶହ ଟଙ୍କା ଦେବାରୁ ଆଉ ୫ ଶହ କୁଆଡେ ପକାଇଦେଲୁକି ବୋଲି ମା ପଚାରିଥିଲେ। ଏହାପରେ ଝିଅ ବିଲରେ ପକାଇବାକୁ ରଖାଯାଇଥିବା କପା ଔଷଧ ପିଇଦେଇ ଥିବା ମା' କହିଛନ୍ତି। ସଙ୍ଗେ ସଙ୍ଗେ ପରିବାର ଲୋକେ ତାକୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ମଧୁମିତା ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

# ପୂର୍ବତନ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

● ଭାବବିହ୍ୱଳ ହେଲେ ଆଦିବାସୀ ସମାଜ କର୍ମକର୍ତ୍ତା



ମାଲକାନଗିରି,୧୮।୩(ସମିସ): ଜଣେ ପ୍ରଶାସକ ଯେତେବେଳେ ଜନସାଧାରଣଙ୍କ ସହ ନିଜକୁ ଯୋଡ଼ି ଦିଅନ୍ତି, ସେତେବେଳେ ବିଦାୟ ବେଳା ଅତି କଷ୍ଟଦାୟକ ହୋଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଆଜି ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ପୂର୍ବତନ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ବିଦାୟ ଦେବା ସମୟରେ ଜିଲ୍ଲା ଆଦିବାସୀ ମହାସଂଘର ସଦସ୍ୟମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଜିଲ୍ଲାପାଳଙ୍କ ବାସଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଭାବପ୍ରବଣ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀ ଉପାଧ୍ୟାୟଙ୍କ ସ୍ନେହୀ ବ୍ୟବହାର ଓ ଜିଲ୍ଲାର ଉନ୍ନତି ପାଇଁ ତାଙ୍କର ନିରନ୍ତର ପ୍ରୟାସକୁ ମନେ ପକାଇ ସେଠାରେ ଉପସ୍ଥିତ ଥିବା ହରିବନ୍ଧୁ ଗୋଲରୀ, ଜାରାଶବର ମାଢି, ପ୍ରଭାକର ହନ୍ତାଳ, ଘେନୁ ମୁଦୁଲି, ବନ୍ଧୁ ମୁଦୁଲି, ଗୋପୀ ପାଙ୍ଗି, ସନାତନ କୱାସୀ, ସୋମା ମାଡକାମୀ, ମୁକା ମାଡକାମୀଙ୍କ ସମେତ ସମସ୍ତ ଆଦିବାସୀ ନେତୃବୃନ୍ଦ ନିଜର ଲୁହକୁ ରୋକି ପାରିନଥିଲେ। ନିଜର ଜଣେ ଆତ୍ମୀୟଙ୍କୁ ହରାଇଲା ଭଳି ସେମାନେ ଅତି ଶ୍ରଦ୍ଧାର ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ସ୍ୱଳ୍ପ ଦିନର କାର୍ଯ୍ୟକାଳ ସମୟ ମଧ୍ୟରେ ମାରିୱାଡ଼ା ଗ୍ରାମର ୩୯ ଜଣ ହିତାଧିକାରୀଙ୍କୁ ଘରଡିହ ଜମି ଦଖଲ ଦେଇ ସେ ସେମାନଙ୍କ ଜୀବନରେ ଆଶାର ଆଲୋକ ଭରିଥିଲେ। ଦୂର ପଞ୍ଚାୟତରେ ଜନଶୁଣାଣି କରି ପ୍ରଶାସନକୁ ଲୋକଙ୍କ ପାଖକୁ ନେଇଥିବାରୁ ସେ ଆବାଳବୃଦ୍ଧ ବନିତାଙ୍କ ଅତି ପ୍ରିୟ ହୋଇପାରିଥିଲେ। ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ଅଧିକାରକୁ ସୁରକ୍ଷା ଦେବାରେ ତାଙ୍କର ଅବଦାନ ସବୁଦିନ ପାଇଁ ମନେରହିବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ କହିଥିଲେ। ଶେଷରେ ପାରମ୍ପାରିକ ବାଜା ଓ ନୃତ୍ୟର ତାଳେ ତାଳେ ତାଙ୍କୁ ବିଦାୟ ଦିଆଯାଇଥିଲେ। ବିଦାୟ ବେଳେ ସମସ୍ତଙ୍କ ଆଖିରେ ଥିବା ଲୁହର ଧାର ଶ୍ରୀ ଉପାଧ୍ୟାୟଙ୍କ ପ୍ରତି ଥିବା ଗଭୀର ଭଲପାଇବା ଓ ସମ୍ମାନକୁ ପ୍ରତିପାଦିତ କରିଥିଲା।

# ରାୟଗଡ଼ା ଷ୍ଟେସନରେ ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା ଦାବି



ରାୟଗଡ଼ା,୧୮।୩(ସମିସ): ରାୟଗଡ଼ା ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କ ନିମନ୍ତେ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ପୂର୍ବତଟ ରେଳବାଇର ୱାଲଟିୟର ରେଳ ଡିଭିଜନର ଡିଭିଜନାଲ ରେଳବାଇ ମ୍ୟାନେଜର (ଡିଆରଏମ) ଲଲିତ ବୋହାରା ଏବଂ ବରିଷ୍ଠ ଡିଭିଜନାଲ କର୍ମସିଆଲ ମ୍ୟାନେଜର କେ.ପବନ କୁମାରଙ୍କୁ ଭେଟି ଦାବି ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛି ଓଡିଶା ବିକଳାଙ୍ଗ ମଞ୍ଚ(ଓଭିଏମ) ରାୟଗଡ଼ା ଜିଲ୍ଲା ଶାଖା। ରାୟଗଡ଼ା ରେଳ ଷ୍ଟେସନରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥା କରାଗଲେ ସେମାନେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟ ଦାବି ଗୁଡିକ ମଧ୍ୟରେ ଟ୍ରେନର ଦିବ୍ୟାଙ୍ଗ କୋଚ ସମ୍ମୁଖ କିମ୍ବା ପଛ ପାର୍ଶ୍ୱରେ ସଠିକ୍ ସ୍ଥାନ ଘୋଷଣା କରିବା ବାଧ୍ୟତାମୂଳକ କରିବା, ରେଳ ଷ୍ଟେସନରେ ଷ୍ଟଲ ଆବଣ୍ଟନ ପାଇଁ ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ପାଇଁ ସଂରକ୍ଷଣ ୨ ପ୍ରତିଶତରୁ ୫ ପ୍ରତିଶତକୁ ବୃଦ୍ଧି କରିବା, ରେଳ ବିକାଶ କମିଟିରେ ଅତି କମରେ ଜଣେ ଭିନ୍ନକ୍ଷମ ସଦସ୍ୟଙ୍କୁ ନିଯୁକ୍ତ କରାଇବା, ୪ ପ୍ରତିଶତ ସଂରକ୍ଷଣ ଆଧାରରେ ରେଳବାଇରେ

## ୱାଲଟିୟର ଡିଆରଏମ୍‌ଙ୍କୁ ଭେଟି ଦାବି ଜଣାଇଲା ଓଭିଏମ୍

ଭିନ୍ନକ୍ଷମମାନଙ୍କ ପାଇଁ ଚାକିରି ସୁବିଧା କରାଇବା, ବନ୍ଦେ ଭାରତ, ଅମୃତ ଭାରତ, ରାଜଧାନୀ ଭଳି ପ୍ରମୁଖ ଟ୍ରେନଗୁଡିକରେ ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ଟିକେଟରେ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ଭଳି ଦାବି ଉଲ୍ଲେଖ ରହିଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ଓଡିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଥିବା ରାୟଗଡ଼ା ଜିଲ୍ଲା ଶାଖା ସାଧାରଣ ସଂପାଦକ ଜଳେନ୍ଦ୍ର ବାଟେଲି ପ୍ରକାଶ କରିଛନ୍ତି।



## ପରୀକ୍ଷା ଋତୁରେ ଅଶାନ୍ତ ବିଜେବି କଲେଜ

# ଦୁଇ ହଷ୍ଟେଲ ମଧ୍ୟରେ ଉଡ଼ିଲା ଲୁହାଛଡ଼; ୨୩ ଆହତ

ଭୁବନେଶ୍ୱର, ୧୮ ।୩(ସମିସ): ପରୀକ୍ଷା ଋତୁରେ ଅଶାନ୍ତ ହୋଇଛି ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ। ରାତିରେ ଡିଜେ ନାଇଟ ଆୟୋଜନକୁ ନେଇ ମୁହାଁମୁହିଁ ହୋଇଛନ୍ତି ଅଶୋକା ଓ ଆମ୍ବେଦକର ହଷ୍ଟେଲ୍‌ର ଛାତ୍ର। ପୁଲିସ ପହଞ୍ଚି ଡିଜେ ନାଇଟ୍ ବନ୍ଦ କରିବା ପରେ ମଧ୍ୟ ଡିଜେ ବାଜିଛି। ପୁଲିସ ମଧ୍ୟ ଅଧିକ ସଂଘର୍ଷ ଆକଳନ କରିବାରେ ବିଫଳ ହୋଇଥିବାରୁ ପରବର୍ତ୍ତୀ ସମୟରେ ଛାତ୍ରଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ପଥର ମାଡ଼ରେ ଉଭୟ ହଷ୍ଟେଲର ପ୍ରାୟ ୨୩ ଜଣ ଛାତ୍ର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।





- ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠିତ, ୨୪ ଘଣ୍ଟାରେ ରିପୋର୍ଟ
- ବ୍ୟାପକ ପୁଲିସ ମୁତୟନ, ପରିସ୍ଥିତି ନିୟନ୍ତ୍ରଣାଧୀନ

ସୂଚନା ଅନୁଯାୟୀ, ଗତକାଲି ଅର୍ଥାତ୍ ମଙ୍ଗଳବାର ଅଶୋକା ହଷ୍ଟେଲର ଛାତ୍ରମାନେ ଏକ ଫେଆରୱେଲ୍ ପାର୍ଟିର ଆୟୋଜନ କରିଥିଲେ। ରାତିରେ ଡିଜେ ନାଇଟ୍ କରିବା ସହ ଉଚ୍ଚ ସ୍ୱରରେ ନାଚଗୀତ କରିଥିଲେ। ଯାହାକୁ ଆମ୍ବେଦକର ହଷ୍ଟେଲ ପିଲାମାନେ ବିରୋଧ କରିଥିଲେ। ସେମାନଙ୍କ ପରୀକ୍ଷା ଥିବାରୁ ଡିଜେ ବନ୍ଦ କରିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଏନେଇ ବଡ଼ଗଡ଼ ଥାନାକୁ ଖବର ଦେବା ପରେ ପୁଲିସ୍ ପହଞ୍ଚି ଡିଜେ ବନ୍ଦ କରିଥିଲା। ମାତ୍ର ପୁଲିସ ଯିବା ପରେ ଅଶୋକା ହଷ୍ଟେଲରେ ପୁଣି ଉଚ୍ଚ ସ୍ୱରରେ ଗୀତ ବାଜିଥିଲା। ଏହାକୁ ନେଇ ଆମ୍ବେଦକର ହଷ୍ଟେଲର ଛାତ୍ରମାନେ ପ୍ରତିବାଦ କରିଥିଲେ। ଅପରପକ୍ଷରେ ଅଶୋକା ହଷ୍ଟେଲ ପିଲାଙ୍କ କହିବା କଥା ପୂର୍ବରୁ ଆମ୍ବେଦକର ହଷ୍ଟେଲ ପିଲାମାନେ ମଧ୍ୟ ଫେଆରୱେଲ୍ ପାର୍ଟି କରିଥିଲେ। ସେହି ସମୟରେ ଅଶୋକା ହଷ୍ଟେଲ ପିଲାଙ୍କ ପରୀକ୍ଷା ଚାଲିଥିଲା। ସେମାନେ ଯେହେତୁ କୌଣସି ଅଭିଯୋଗ କରି ନ ଥିଲେ, ତେଣୁ ଏବେ ଆମ୍ବେଦକର ହଷ୍ଟେଲ ପିଲା କାହିଁକି ବିରୋଧ କରୁଛନ୍ତି ବୋଲି ଯୁକ୍ତି ବାଢ଼ିଥିଲେ। ଯୁକ୍ତିତର୍କ ଧୀରେଧୀରେ ସଂଘର୍ଷରେ ପରିଣତ ହେବା ପରେ ଅଶୋକା ହଷ୍ଟେଲ ଉପରେ ଆମ୍ବେଦକର ହଷ୍ଟେଲ ପଟୁ ପ୍ରବଳ ପଥର ମାଡ଼ କରାଯିବା ସହ ଲୁହା ଛଡ଼ରେ ମଧ୍ୟ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷର ପ୍ରାୟ ୨୩ ରୁ ଅଧିକ ଛାତ୍ର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଏହି ଘଟଣା ପରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ହଷ୍ଟେଲ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହୋଇଛନ୍ତି। ଏହାସହ ଘଟଣାର ତଦନ୍ତ ପାଇଁ କଲେଜ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ଭୋଳଙ୍କ ଅଧ୍ୟକ୍ଷତାରେ ୪ଟି ହଷ୍ଟେଲର ଅଧୀକ୍ଷକ ଓ ଅନ୍ୟ ସଦସ୍ୟ ରହିଛନ୍ତି। ଆଜି କମିଟିର ଏକ ବୈଠକ ଅନୁଷ୍ଠିତ ହେବା ସହ ଗଣ୍ଡଗୋଳର ମୂଳ କାରଣ ଓ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଏହାପରେ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ଭୋଳ ଗଣମାଧ୍ୟମକୁ କହିଛନ୍ତି ଯେ ଘଟଣା ଦୁର୍ଭାଗ୍ୟଜନକ। ପୁଲିସ ସହାୟତାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିବା ପରେ ପୁଲିସ ନିକଟରେ ବିଦ୍ଧିବଦ୍ଧ ଅଭିଯୋଗ କରାଯିବ। ୨୪ ଘଣ୍ଟା ମଧ୍ୟରେ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ପରୀକ୍ଷା ସମୟରେ କାହିଁକି ଡିଜେ ବଜାଇ ପାର୍ଟି କରିବାକୁ ଅନୁମତି ଦିଆଯାଇଥିଲା, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




# ରନ୍ଧନ ଗ୍ୟାସ୍‌ର କୃତ୍ରିମ ସଙ୍କଟର ପ୍ରତିବାଦରେ ବିକ୍ଷୋଭ




ଭୁବନେଶ୍ୱର, ୧୮।୩(ସମିସ): ସମ୍ପ୍ରତି ଦେଶରେ ଯୁଦ୍ଧର କାରଣ ଦର୍ଶାଇ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରିବା ପରେ ପରେ ଏହାର ନାହିଁ ନଥିବା କୃତ୍ରିମ ଅଭାବ ସୃଷ୍ଟି କରି ଜନସାଧାରଣଙ୍କୁ ଯେଭଳି ହଇରାଣ ହରକତ ମଧ୍ୟକୁ ଠେଲି ଦିଆଯାଉଛି ତା ବିରୋଧରେ ଆଜି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଦେଶରେ ରନ୍ଧନ ଗ୍ୟାସର ନାହିଁ ନଥିବା ଅଭାବ ଯୋଗୁଁ ଜନସାଧାରଣଙ୍କର ବେଳାଏ ରୋଷେଇ ହେଲେ ଆଉ ବେଳା ରୋଷେଇ ହେଉନାହିଁ। ପ୍ରଥମେ ଆନ୍ତର୍ଜାତୀକସ୍ତରରେ ମୂଲ୍ୟ ବୃଦ୍ଧିର ଦ୍ୱାହି ଦେଇ ଗ୍ୟାସ ସିଲିଣ୍ଡର ପିଛା ୬୦ଟଙ୍କା କରି ମୂଲ୍ୟ ବୃଦ୍ଧି କରାଗଲା। କିନ୍ତୁ ଏହି ସଙ୍କଟ ଦୂର ହୋଇଗଲେ ଏହି ଦର ବୃଦ୍ଧି ପ୍ରତ୍ୟାହୃତ ହୋଇଯିବ ବୋଲି କୌଣସି ପ୍ରତିଶ୍ରୁତି ଆସିଲା ନାହିଁ। ତାପରେ ଆରମ୍ଭ ହେଲା ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି। ବହୁ ଯାଗାରେ ହୋମ୍ ଡେଲିଭରି ବନ୍ଦ ହୋଇଯିବାରୁ ଗ୍ୟାସ ଦୋକାନ ସମ୍ମୁଖରେ ଜନସାଧାରଣ ଲମ୍ବା ଲାଇନ୍ ଦେଇ ଗ୍ୟାସ୍ ଟିଏ ପାଇଁ ଦିନ ଦିନ ଜଗି ବସିଛନ୍ତି। ଏହି ଅଭାବ ଦୂର କରିବା ପାଇଁ ସରକାରଙ୍କର କୌଣସି ଠୋସ୍ ପଦକ୍ଷେପ ନାହିଁ। ଅନ୍ୟପଟରେ ଦେଶରେ ଓ ରାଜ୍ୟରେ ପର୍ଯ୍ୟପ୍ତ ପରିମାଣର ଗ୍ୟାସ୍ ମହଜୁଦ ଅଛି ବୋଲି ଡବଲ ଇଞ୍ଜିନ୍ ସରକାର ଦାବି କରୁଛନ୍ତି ପୂନର୍ବାର ୨୫ ଦିନ ପରେ ଯାଇ ହିଁ ଜଣେ ଗ୍ୟାସ ବୁକ୍ କରିପାରିବ ବୋଲି ନିୟମ କରିଛନ୍ତି। ତେଣୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଏହି ମୂଲ୍ୟ ବୃଦ୍ଧି ତୁରନ୍ତ ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଆବଶ୍ୟକ ମୁତାବକ ରନ୍ଧନ ଗ୍ୟାସ ଯୋଗାଇ ଦେବା ପାଇଁ ଦୃଢ ଦାବି କରାଯାଇଛି। ଆଜିର ଏହି ପ୍ରତିବାଦ ସଭାରେ ପୁର୍ଣ୍ଣଚନ୍ଦ୍ର ବେହେରା, ରାଜେନ୍ଦ୍ର ବର୍ମ୍ମା, ନିରଞ୍ଜନ ମହାନ୍ତି, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟ ଲକ୍ଷ୍ମୀପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବ୍ୟବସାୟୀ ବିଶ୍ୱଜିତ ହତ୍ୟା ମାମଲା

# ପିଶାଚ ପ୍ରେମିକାକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୧୮।୩ (ସମିସ): ବ୍ୟବସାୟୀ ବିଶ୍ୱଜିତ ନାୟକ ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବନ୍ଦନା କର ମାମଲାର ବିଚାରକରି ପ୍ରେମିକା ଶୁଙ୍କି ରଣାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

- ପୁରୀ ଯିବାକୁ ବାରଣ କରିବାରୁ ହତ୍ୟାକାଣ୍ଡ
- ଝିଆରୀ ହତ୍ୟା ମାମଲାରେ ବି ହୋଇଥିଲେ ଦୋଷୀ ସାବ୍ୟସ୍ତ



ପୁଲିସ ସୂଚନାନୁଯାୟୀ, ଝାରସୁଗୁଡ଼ାର ସୁଙ୍କି ରଣା ପୂର୍ବରୁ ବିବାହିତ ହୋଇଥିବା ବେଳେ ସ୍ୱାମୀଙ୍କ ଚରିତ୍ରକୁ ସନ୍ଦେହ କରି ଝିଆରୀକୁ ହତ୍ୟା କରିଥିଲେ। ସେହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଜା କାଟିବା ପରେ ସୁଙ୍କି ପୁରୀର ଗୋଟିଏ ଆଶ୍ରମରେ ରହି ଆସୁଥିଲେ। ବାଲିଅନ୍ତା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ବିଶ୍ୱଜିତ ନାୟକଙ୍କ ମାଆ ନିଶାମଣି ନାୟକ ପୁରୀରେ ରହିବା ସହ ସୁଙ୍କି ରହୁଥିବା ମଧ୍ୟ ସେହି ମନ୍ଦିରକୁ ଯିବାଆସିବା କରୁଥିଲେ। ବିଶ୍ୱଜିତ ତାଙ୍କ ମାଆଙ୍କ ମାଧ୍ୟମରେ ସୁଙ୍କି ସହ ପରିଚୟ ହୋଇଥିଲା ଓ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୁଙ୍କି ଅନେକ ସମୟରେ ନିଜ ଗାଁକୁ ଯାଉଛି କହି ନିୟମିତ ବ୍ୟବଧାନରେ ବିଶ୍ୱଜିତଙ୍କ ପାଖକୁ ଆସୁଥିଲେ।

୨୦୨୩ ମସିହା ଡିସେମ୍ବର ୩୦ ତାରିଖ ଦିନ ସୁଙ୍କି ଘରକୁ ଯାଉଛି କହି ଆଶ୍ରମରୁ ବାହାରିଥିଲେ। ହେଲେ ହୀରାପୁର ସ୍ଥିତ ବିଶ୍ୱଜିତଙ୍କ ଘରକୁ ଆସି ତାଙ୍କ ପାଖରେ ରହିଥିଲେ। ଏହାରି ଭିତରେ ଫେରିଯିବା ଲାଗି ବାରମ୍ବାର ଫୋନ୍? ଆସୁଥିବାରୁ ସୁଙ୍କି ପୁରୀ ଫେରିଯିବା ଲାଗି ଚାହୁଁଥିଲେ। ହେଲେ ବିଶ୍ୱଜିତ ତାଙ୍କୁ ପୁରୀକୁ ଯିବାକୁ ବାରଣ କରିଥିଲେ। ଏହି କଥାକୁ ନେଇ ୨୦୨୪ ଜାନୁଆରୀ ୧୨ ତାରିଖ ଦିନ ପ୍ରାୟ ୩ଟା ବେଳେ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ସୁଙ୍କି ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ କାଠ ଫାଳିଆରେ ବିଶ୍ୱଜିତଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ବିଶ୍ୱଜିତଙ୍କର ମୃତ୍ୟୁ ଘଟିଥିଲା। ସୁଙ୍କି ରକ୍ତରଞ୍ଜିତ କାଠ ଫାଳିଆ ଓ ନିଜର ରକ୍ତ ଭିଜା ବସ୍ତ୍ରକୁ ଲୁଚାଇ ଦେଇଥିଲା। ପରେ ସନ୍ଧ୍ୟା ସମୟରେ ଅଟୋ ଯୋଗେ ପୁରୀ ପଳାଇଥିଲା।

ଏହାର ଦୁଇ ଦିନ ବିଶ୍ୱଜିତଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ନାୟକ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିଥିଲେ। ୨/୩ ଦିନ ପୂର୍ବରୁ ତାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରି ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ପୁଲିସ କେସ୍ ନଂ–୨୯/୨୪ରେ ଧାରା - ୩୦୨ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ସବ୍-ଇନ୍ସପେକ୍ଟର ନିରଞ୍ଜନ ବେହେରା (ବର୍ତ୍ତମାନ ଇନ୍ସପେକ୍ଟର) ଘଟଣାର ତଦନ୍ତ କରି ଅଭିଯୁକ୍ତା ପ୍ରେମିକା ସୁଙ୍କିଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୭ଜଣ ସାକ୍ଷୀଙ୍କ ବୟାନ ଓ ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକ ଆଧାରରେ ମାମଲାର ବିଚାର କରି ସୁଙ୍କିଙ୍କୁ ଆଇପିସି ଧାରା - ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଏକଲକ୍ଷ ଟଙ୍କା ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ବର୍ଷ ଲାଗି ସଶ୍ରମ କାରାଦଣ୍ଡର ଆଦେଶ ମଧ୍ୟ ଶୁଣାଇଛନ୍ତି। ଡେପୁଟି ଡାଇରେକ୍ଟର ଅଫ ପ୍ରୋସିକ୍ୟୁସନ ହେମନ୍ତ କୁମାର ସ୍ୱାଇଁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସାଇ ରଞ୍ଜନ ମହାନନ୍ଦିଆ ଏହି ମାମଲାକୁ ପରିଚାଳନା କରୁଥିଲେ।

# ସରକାରୀ ସମ୍ପତ୍ତି ଉଚ୍ଛେଦ ନେଇ ଗ୍ରାମବାସୀଙ୍କ ଧାରଣା

ବାଲିଅନ୍ତା, ୧୮ ।୩(ସମିସ): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ଲୁଣା ଗ୍ରାମରେ ସରକାରୀ ସମ୍ପତ୍ତି ଉଚ୍ଛେଦ ନେଇ ବୁଧବାର ବହୁ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ ମାନେ ଏସମ୍ପର୍କରେ ୧୬ ତାରିଖରେ ପ୍ରତାପଶାସନ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ବୈଠକରେ ଜଣାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମର ରବୀନ୍ଦ୍ର ନାୟକ ନାମକ ଜଣେ ସୁନ୍ଦରମୁଣ୍ଡି ଠାକୁରାଣୀଙ୍କ ବିଜେସ୍ଥଳୀ ଜାଗା ଜବରଦଖଲ କରି ସେଥିରେ ଗାଡି ପାର୍କିଂ କରିଛନ୍ତି। ଶ୍ରୀ ନାୟକ ଅନୁରୂପ ଭାବେ ସରକାରୀ ସମ୍ପତ୍ତି ଜବରଦଖଲ ନେଇ ଗ୍ରାମବାସୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ତହସିଲଦାର ଶ୍ରୀ ସାହୁ ଗ୍ରାମବାସୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ମାପଚୁପ କରି ଜବରଦଖଲ ଉଚ୍ଛେଦ ନେଇ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତହୋଇଥିଲା ।ସରପଞ୍ଚବିଷ୍ଣୁପ୍ରିୟାସାହୁଧାରଣାରନେତୃତ୍ୱନେଇଥିଲେ।



# ପାସ୍‌ପୋର୍ଟ ଅଫିସକୁ ବୋମା ଧମକ

ଭୁବନେଶ୍ୱର, ୧୮ ।୩(ସମିସ): ଭୁବନେଶ୍ୱରସ୍ଥିତ ପୁରୁଣା ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ବୋମା ଧମକ ଆସିଛି। ନୂଆପଲ୍ଲୀ ଥାନା ପୁଲିସ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ସହଯୋଗରେ ତନାଘନା କରିଛି। ହେଲେ ସେଠାରୁ କୌଣସି ସନ୍ଦେହଜନକ ଗତିବିଧି କିମ୍ବା ସାମଗ୍ରୀ ମିଳିନଥିବା ପୁଲିସ କହିଛି।

ସୂଚନାନୁସାରେ, ପୂର୍ବାହ୍ନରେ ନୂଆପଲ୍ଲୀ ସ୍ଥିତ ପୁରୁଣା ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇ ଦେବା ନେଇ ମେଲ୍ ଯୋଗେ ଧମକ ଆସିଥିଲା। ଦିନ ୨ଟା ସମୟରେ ଅଫିସକୁ ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକ ଆସିବା ପରେ ଆତଙ୍କ ଖେଳିଯିବା ସହ ହାଇ ଆଲର୍ଟ ଜାରି କରାଯାଇଥିଲା। ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ କର୍ମଚାରୀଙ୍କୁ ବାହାର କରି ଦେଇଥିଲା। ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ସହଯୋଗରେ କିଛି ସମୟ କାର୍ଯ୍ୟାଳୟକୁ ଯାଞ୍ଚ କରିଥିଲା। କୌଣସି ସନ୍ଦେହଜନକ ସାମଗ୍ରୀ ନ ମିଳିବାରୁ ପୁନଃ ଅଫିସ କାମ କରିବାକୁ ଅନୁମତି ଦିଆଯାଇଥିଲା। ତେବେ କିଏ ଏହି ମେଲ୍ ପଠାଇଥିଲା, ସେବିଷୟରେ ଜାଣିବାକୁ କ୍ରାଇମ୍? ବ୍ରାଞ୍ଚର ସହାୟତା ନିଆଯାଇଛି।

# ସ୍ତ୍ରୀ’ର ବେକକୁ ହାଣିଲା ସଫ୍ଟୱେର ଇଞ୍ଜିନିୟର

ଭୁବନେଶ୍ୱର, ୧୮।୩ (ସମିସ): ଦୀର୍ଘଦିନ ଧରି ଲାଗି ରହିଥିବା ପାରିବାରିକ କଳହ ଉଗ୍ରରୂପ ନେଇଛି। ପୂର୍ବଯୋଜନା ମୁତାବକ ପତ୍ନୀଙ୍କ ବେକକୁ କଟୁରିରେ ହାଣିଛି ସ୍ୱାମୀ। ୯ ଘଣ୍ଟା ଧରି ଛଟପଟ ହେବାପରେ ସଫ୍ଟୱେର ଇଞ୍ଜିନିୟରଙ୍କ ଆହତ ପତ୍ନୀଙ୍କୁ ବନ୍ଦ ଘରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି ଅଗ୍ନିଶମ ବାହିନୀ। ଚନ୍ଦ୍ରଶେଖରପୁର କଳ୍ପତରୁ ଆପାର୍ଟମେଣ୍ଟରେ ଏଭଳି ଘଟଣା ଘଟିଥିବା ବେଳେ ସ୍ୱପ୍ନାମୟୀ ସାମଲ ଗୁରୁତର ହୋଇଛନ୍ତି। ଏମ୍‌ଏଲସି ଆଧାରରେ ମାମଲା ରୁଜୁ କରିବା ସହ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ସୁରଜିତ ରାଉତରାୟ (୪୮)।

- ରକ୍ତ ଜୁଡ଼ୁବୁଡ଼ୁ ହୋଇ ୯ ଘଣ୍ଟା ଛଟପଟ ହେଲେ
- ବନ୍ଦ ଘରୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ
- ଅଭିଯୁକ୍ତ ସ୍ୱାମୀ ଗିରଫ; କଟୁରି ଓ କାର୍ ଜବତ
- ରେକର୍ଡ ହେଲା ମୃତ୍ୟୁକାଳୀନ ଜମାନବନ୍ଦୀ

ପୁଲିସ ସୂଚନାନୁଯାୟୀ, ୨୦୦୬ ମସିହାରେ ସୁରଜିତ ଓ ସ୍ୱପ୍ନାମୟୀ ବିବାହ କରିଥିବା ବେଳେ ତାଙ୍କ ପୁଅ ନବମ ଶ୍ରେଣୀରେ ପଢୁଛନ୍ତି। ସୁରଜିତ ଜଣେ ସଫ୍ଟୱେର୍ ଇଞ୍ଜିନିୟର ଓ ସ୍ୱପ୍ନାମୟୀ ଶିକ୍ଷୟିତ୍ରୀ ହୋଇଥିଲେ ମଧ୍ୟ ବର୍ତ୍ତମାନ କେହି ମଧ୍ୟ ଚାକିରିରେ ନାହାନ୍ତି। ୨୦୨୧ ମସିହାରୁ ପତିପତ୍ନୀ ଓ ପୁଅ କଳ୍ପତରୁ ଆପାର୍ଟମେଣ୍ଟରେ ରହୁଥିଲେ। ପ୍ରାୟ ସମୟ ସାଧାରଣ କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୁଏ। ଖାଦ୍ୟ ରାନ୍ଧିବା, ଘରୁ ବାହାରକୁ ଯିବା, ପରିବାର ସଦସ୍ୟଙ୍କ ସହ କଥା ହେବା ଭଳି ଛୋଟ ଛୋଟ କଥାରେ ସ୍ୱପ୍ନାମୟୀଙ୍କୁ ଗାଳିଗୁଲଜ କରିବା ସହ ମାରଧର କରୁଥିଲେ। ଏମିତିକି ତାଙ୍କୁ ଘରୁ ବାହାରକୁ ଯିବାକୁ ଦେଉ ନ ଥିଲା ଏବଂ ପତ୍ନୀ ଓ ପୁଅର ଗତିବିଧି ଉପରେ ନଜର ରଖିବା ପାଇଁ ଘରଭିତରେ କ୍ୟାମେରା ମଧ୍ୟ ଲଗାଇଥିଲା।



ଗତକାଲି ସକାଳେ ସୁରଜିତ ପ୍ରଥମେ ତାଙ୍କ ପୁଅକୁ ସ୍କୁଲରେ ଛାଡ଼ି ଆସିଥିଲା। ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ମଧ୍ୟରେ ସୁରଜିତ ପୂର୍ବ ଯୋଜନା ଅନୁସାରେ କଟୁରିରେ ସ୍ୱପ୍ନାମୟୀଙ୍କୁ ଆକ୍ରମଣ କରିଥିଲା। ସ୍ୱପ୍ନାମୟୀ କାକୁତିମିନତି ହେଉଥିବା ବେଳେ ସୁରଜିତ ତାଙ୍କ ମୁଣ୍ଡ ଓ ବେକକୁ ଏକାଧିକଥର ଆକ୍ରମଣ କରିଥିଲା। ସେ ଗୁରୁତର ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯିବା ପରେ ସୁରଜିତ ପୂର୍ବରୁ ପ୍ୟାକ୍ କରିଥିବା ଲଗେଜ୍ ନେଇ ଫେରାର ହୋଇ ଯାଇଥିଲା। ଯିବା ବେଳେ ପତ୍ନୀଙ୍କୁ ଫ୍ଲାଟ୍‌ରେ ବାହାରୁ ତାଲା ପକାଇ ଦେଇଥିଲେ। ସନ୍ଧ୍ୟା ସମୟରେ ସ୍ୱପ୍ନାମୟୀଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ କଣ୍ଟ୍ରୋଲ ରୁମକୁ ଖବର ଦେଇଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଗ୍ରିଲ୍ କାଟି ରାତି ପ୍ରାୟ ୯ଟା ୪୦ ସମୟରେ ସ୍ୱପ୍ନାମୟୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ମେଡିକାଲ ଅଫିସର ଡାକ୍ତର ଚିରଞ୍ଜିବୀ ମୁଦୁଲିଙ୍କ ଏମ୍‌ଏଲସି ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସ୍ୱପ୍ନାମୟୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ (ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍)ଙ୍କ ଉପସ୍ଥିତିରେ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା ପୁଲିସ। ବୁଧବାର ଦିନ ୩ଟା ସମୟରେ ସୁରଜିତକୁ ଗିରଫ କରିବା ସହ କଟୁରି, କାର୍, ଏକ ଲ୍ୟାପଟପ ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା। ଏବେବି ସ୍ୱପ୍ନାମୟୀଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି।

St. XAVIER'S HIGH SCHOOL
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001
PUBLIC NOTICE
St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
IMPORTANT ADVISORY TO PARENTS: All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.
ACCOUNT DETAILS
Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
A/C No. : 926020008300220
Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
A/C No. : 182101000002533
-By order of Managment

## ଯଯାତି ମହୋତ୍ସବ ଉପଲକ୍ଷେ ଆୟୋଜିତ ହେବ କବି ସମ୍ମିଳନୀ

**ଯାଜପୁର,୧୮।୩(ସମିସ):** ଆସନ୍ତା ମାର୍ଚ୍ଚ ୨୦ରୁ ୨୪ ତାରିଖ ଯାଏଁ ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲ୍ଲାର ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ମହୋତ୍ସବ ମାଧ୍ୟମରେ ପ୍ରଚାର ପ୍ରସାର କରିବା ନେଇ ପ୍ରଶାସନ ପ୍ରୟାସ କରୁଅଛି। ଅନେକ ପ୍ରତିଭାବାନ ସାହିତ୍ୟିକ, କବି ଏବଂ ଲେଖକଙ୍କ ମାଟି ହେଉଛି ଯାଜପୁର। ସାହିତ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଯଯାତି ମହୋତ୍ସବ ଅବସରରେ ଆସନ୍ତା ୨୧ ତାରିଖ ଦିନ ୧୦ଟାରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହେବ। କେବଳ ଯାଜପୁର ଜିଲ୍ଲାର କବିମାନେ ସ୍ୱରଚିତ ୨୦ ଧାଡ଼ି ଭିତରେ କବିତା ସହିତ ଦିବା ୯ ଘଟିକାରୁ ୧୦.୩୦ ସମୟ ମଧ୍ୟରେ ଆସି ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। କବିତା ପାଠୋତ୍ସବ କମିଟିର ଆବାହକ ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଓ କମିଟିର ସଂଯୋଜକ ପ୍ରଭାତ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

**ଯାଜପୁର,୧୮।୩(ସମିସ):** ଯାଜପୁର ମୁଖ୍ୟ ଡାକ୍ତରଖାନା ପରିସରରୁ ଏକ ବାଇକ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ମଧ୍ୟ ହୋଇଥିବା ଜଣାପଡିଛି। ଅଭିଯୋଗ ମୁତାବକ ଯାଜପୁର ଥାନା ଅନ୍ତର୍ଗତ ବିରଜାପୁର ଗାଁର ରାମାକାନ୍ତ ନାୟକଙ୍କ ପୁଅ ଉତ୍ତମ ନାୟକ ଯାଜପୁର ମୁଖ୍ୟ ଡାକ୍ତରଖାନା ଯାଇଥିଲେ। ଅପରାହ୍ନ ୧୨ .୪୫ ସମୟରେ କେହି ଦୁର୍ବୃତ୍ତ ପାର୍କିଂ ଅଂଚଳରୁ ବାଇକଟିକୁ ଚୋରୀ କରିନେଇଥିବା ଜଣାପଡିଥିଲା। ପରେ ପଚାରାଉଚୁରା କରିବା ପରେ କେହି ଦୁର୍ବୃତ୍ତ ସେହି ବାଇକକୁ ଚୋରି କରିନେଉଥିବା ଦୃଶ୍ୟ ସିସିଟିଭିରେ ରେଡର୍କ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ସେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ଏଠି ପ୍ରଶ୍ନ ଉଠୁଛି ମେଡିକାଲ ପରିସରରେ ଅସ୍ଥାୟୀ ଫାଣ୍ଡି ସହିତ ସୁରକ୍ଷା କର୍ମୀଙ୍କ ଉପସ୍ଥିତି ସତ୍ୱେ ଚୋରୀ କିଭଳି ହେଉଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

**ଯାଜପୁର,୧୮।୩(ସମିସ):** ଯାଜପୁର ଜିଲ୍ଲା ବୈଧ ମାପ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଦିନ କଫି ସଂଗଠନର ଉଦ୍ୟମରେ ବିରଜା ଆଇନ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଫିର ନିର୍ଦ୍ଦେଶକ ହୃଷିକେଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ବୈଧ ମାପ ବିଜ୍ଞାନର ଯୁଗ୍ମ ନିୟନ୍ତ୍ରକ ରବିନ୍ଦ୍ର କୁମାର ମହାପାତ୍ର, ଜିଲ୍ଲା ବୈଧ ମାପ ବିଜ୍ଞାନ ନିରିକ୍ଷକ ଭାବନା ନାୟକ, ସୁମିତ୍ରା ବେହେରା, ସମ୍ମାନିତ ଅତିଥି ଓ ଜିଲ୍ଲା ଖାଉଟି ଆୟୁକ୍ତ ସଭାପତି ସୁସ୍ମିତା ମିଶ୍ର ମୁଖ୍ୟଅତିଥି ପ୍ରମୁଖ ଯୋଗ ଦେଇ ଖାଉଟି ଅଧିକାର ନିୟମ ଓ ଡିଜିଟାଲ ଠକେଇ ସମ୍ପର୍କରେ ସଚେତନ କରାଇଥିଲେ। ଆଇନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ ଛାଡି ଧାନ କିଣାକୁ ପ୍ରାଥମିକତା ଦେବାକୁ ଚାଷୀଙ୍କ ଦାବି

**ଯାଜପୁର,୧୮।୩(ସମିସ):** ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ଧାନ ସଂଗ୍ରହରେ ନାନା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଧାନ ସଂଗ୍ରହ ଟାର୍ଗେଟ ଏ ପର୍ଯ୍ୟନ୍ତ ପୁରଣ ହୋଇପାରିନାହିଁ। ଜିଲ୍ଲାର ଅଧିକାଂଶ ମଣ୍ଡିରେ ଧାନ ପଡି ରହିଛି। ମିଲରଙ୍କ ଦେଖା ମିଳୁନି। ଯାହାକୁ ନେଇ ସାରା ଜିଲ୍ଲାରେ ଅସନ୍ତୋଷ ଦେଖିବାକୁ ମିଳିଛି। ଆଜି ଏହାର ପ୍ରତିବାଦ ରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ପାଞ୍ଚ ଦଫା ଦାବି ନେଇ ଯାଜପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀମାନଙ୍କ ନିକଟରେ ତଥା ମଣ୍ଡିରେ ପଡିରହିଥିବା ସମସ୍ତ ଧାନକୁ କିଣିବା, ସମୟସୀମା ସରିଯାଉଥିବା ଟୋକନ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା, ମଣ୍ଡିରେ ଧାନକିଣା ସମୟ ମାର୍ଚ୍ଚ ୩୧ ତାରିଖ ପ୍ରତିବଦଳରେ ଆଉ ୧୫ ଦିନ ବଢ଼ାଇବା , ଚାଷୀ ସିଧାସଳଖ ମିଲକୁ ଧାନ ନେବା ବ୍ୟବସ୍ଥା ବନ୍ଦ କରାଯିବା ସହିତ ମଣ୍ଡି ଗୁଡ଼ିକୁ ତଦାରଖ ଓ ଉତ୍ତରଦାୟିତ୍ୱ ନିମିତ୍ତ ପ୍ରତି ବ୍ଲକ୍ ପାଇଁ ଜଣେ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବାକୁ ଦାବି କରାଯାଇଥିଲା। ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ସମସ୍ତ ବ୍ଲକ୍ ମାନଙ୍କର ଚାଷୀ ନେତୃତ୍ୱମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତି କାରଣରୁ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶଙ୍କ ସମେତ ବରିଷ୍ଠ ନେତୃତ୍ୱ ମାଧବ ଶାନ୍ତି, ଅଜୟ ରାଉତ, ପ୍ରଫୁଲ୍ଲ ନାୟକ, ଧନଞ୍ଜୟ ବିଶ୍ୱାଳ, ପ୍ରଫୁଲ୍ଲ କଣ୍ଡ, ପ୍ରତାପ ଜେନା, ବଲ୍ଲଭ ଜେନା, ଅମୀୟ ବେହୁରା, ସୁବ୍ରତ ସାହୁ, ହରିଶ ଦଳାଇ, ପ୍ରଦୀପ ମହାପାତ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ପାଇଁ ସରକାରୀ ଅଧିକାରୀ ମାନେ ବ୍ୟସ୍ତ ଥି?ବା ବେଳେ ଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ତୁରନ୍ତ ଏହି ଦାବୀ ପୁରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କନିକାଶୁଣୀ ପୀଠରେ ଗାୟତ୍ରୀ ମହାଯଜ୍ଞ

**ମଙ୍ଗଳପୁର, ୧୮।୩(ସମିସ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ କନିକାପଡା ଗ୍ରାମସ୍ଥିତ କନିକାଶୁଣୀ ପୀଠରେ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖ ଅପରାହ୍ନରେ ବାଜା ବାଣ ରୋଷଣୀ ମାଧ୍ୟମରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପ୍ରାୟ ୫୦ ରୁ ଉର୍ଦ୍ଧ ମହିଳା ମାନେ ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇ ସାଧୁଗୌରେଶ୍ୱର ପୁଷ୍କରିଣୀରେ କଳସ ବୁଡାଇ ଥିଲେ। ପରେ ରୀତିନୀତି ଅନୁଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମର ମାନଗୋବିନ୍ଦ ସୁତାର, କିଶୋର ରାଉତ କର୍ତ୍ତା ଭାବେ ନିଜର ଦାୟିତ୍ୱ ତୁଲାଇ ଥିବା ବେଳେ ଅସୁରାଳୀ ଆଶ୍ରମର ପଣ୍ଡିତ ଲକ୍ଷ୍ମୀଧର ତ୍ରିପାଠୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ୩ ଦିନ ଧରି ଦୁଇବେଳା ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା। ବୁଧବାର ସନ୍ଧ୍ୟା ୫ ଟାରେ ପୂର୍ଣ୍ଣାହୁତି ହେବା ସହ ଯଜ୍ଞ ଶେଷ ହୋଇଥିଲା।

### ଦିନକ ପରେ ଜିଲ୍ଲା ମହୋତ୍ସବ 'ଯଯାତି'

# ବୈତରଣୀରେ ହେଲା ମହାଆଳତି

**ଯାଜପୁର,୧୮।୩(ସମିସ):**

ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ଜିଲ୍ଲା ମହୋତ୍ସବ ଯଯାତି ୨୦୨୬। ଏଥିପାଇଁ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ କେତେକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ପ୍ରଥମ ଥର ପାଇଁ ସପ୍ତମାତୃକା ମନ୍ଦିର ନିକଟସ୍ଥ ଦଶାଶ୍ୱମେଧ ଘାଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ମହାଆଳତି କରାଯାଇଛି।






### ପ୍ରଶାସନିକ ଭବନ ରାସ୍ତାରେ ହେଲା ପଥୋତ୍ସବ

ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅମ୍ବର କୁମାର କର ବୈତରଣୀ ପୂଜାର୍ଚ୍ଚନାରେ ଯୋଗ ଦେଇଥିଲେ। ପ୍ରାତଃ ୫ଟାରେ ରକ୍ଷାକାଳୀ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ଦଶାଶ୍ୱମେଧ ଘାଟରେ ପହଞ୍ଚିଥିଲା। ଏଥିରେ ପାରମ୍ପରିକ ଘୋଡ଼ାନାଚ, ନାମ ସଂକୀର୍ତ୍ତନ ସହ ଘଣ୍ଟଘଣ୍ଟା ନାଦ ସହ ସମସ୍ତେ ଘାଟରେ ପହଞ୍ଚିଥିଲେ। ଘାଟକୁ ସୁସଜ୍ଜିତ କରିବା ସହ ଆଳତୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପୁରୀର ଶଙ୍କରାଚାର୍ଯ୍ୟଙ୍କ ମଠରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ପଣ୍ଡିତମାନେ ସୂର୍ଯ୍ୟୋଦୟ ସମୟରେ ବୈତରଣୀ ଆଳତୀ କରିଥିଲେ। ପୂଜାର୍ଚ୍ଚନା ସହ ବେଦ ମନ୍ତ୍ର, ଘଣ୍ଟ ଓ ଶଙ୍ଖ ନାଦରେ ଏକ ମନୋରମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀଙ୍କ ପାୱାର ବୋଟ୍ ନଦୀରେ ପଇଁତରା କରିଥିଲେ। ବୈତରଣୀ ଆଳତୀ ପରେ ସ୍ଥାନୀୟ ପ୍ରଶାସନିକ ଭବନ ପଡିଆ ସମ୍ମୁଖ ରାସ୍ତାରେ ପଥ ଉତ୍ସବ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର ଏହାକୁ ଉଦଘାଟନ କରିଥିଲେ। ଏଥିରେ ରକ୍ ବ୍ୟାଣ୍ଡ, ନୃତ୍ୟ ସଙ୍ଗୀତ ପରିବେଷଣ, ଲାଇଭ ପେଣ୍ଟିଂ, ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାମ୍ପ, ସ୍କେଟିଙ୍ଗ, ରଙ୍ଗୋଲି, ପାରମ୍ପରିକ ଖାଦ୍ୟ ଷ୍ଟଲ୍, ଯୋଗ, ହକି, ଜୁମ୍ବା, ଏରୋବିକ୍ସ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଥିଲା। ଯାଜପୁର ସହରବାସୀ ବହୁ ସଂଖ୍ୟାରେ ଏହି ମନୋରଞ୍ଜନଧର୍ମୀ ପଥ ଉତ୍ସବରେ ସାମିଲ ହୋଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ତହସିଲଦାର ରବି ନାରାୟଣ ପାଢ଼ୀ ଏବଂ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗ୍ରାହକ ସେବାକେନ୍ଦ୍ର ସ୍ଥାନ ପରିବର୍ତ୍ତନକୁ ନେଇ ଅସନ୍ତୋଷ

**ମଙ୍ଗଳପୁର,୧୮।୩(ସମିସ):** ଭାରତୀୟ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ଗ୍ରାହକ ମାନଙ୍କୁ ଉତ୍ତମ ସେବା ଯୋଗେଇ ଦେବା ପାଇଁ ବ୍ୟାଙ୍କ ମୁଖ୍ୟ ଶାଖାକୁ ଛାଡି ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ଗ୍ରାହକ ସେବା କେନ୍ଦ୍ର ଜରିଆରେ ସେବା ଯୋଗାଇ ଆସୁଛନ୍ତି। ଏହି ଗ୍ରାହକ ସେବାକେନ୍ଦ୍ର ଗୁଡିକ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗେଇ ଦେବା ପରିବର୍ତ୍ତେ ନାନାଦି ପ୍ରକାର ହଇରାଣ ହରକତ କରୁଥିବାର ନଜର ଆସିଛି। ୧୮ ବର୍ଷରୁ କମ ଛାତ୍ରଛାତ୍ରୀଙ୍କୁ ବ୍ୟାଙ୍କ ମୁଖ୍ୟ ଶାଖାରେ ଏକାଉଣ୍ଟ ଖୋଲେଇ ନଦେଇ ଗ୍ରାହକ ସେବାକେନ୍ଦ୍ରରେ ଆକାଉଣ୍ଟ ଖୋଲିବା ପାଇଁ କହୁଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି। ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକ ସେବା କେନ୍ଦ୍ର ଗୁଡିକରେ ୧୦୦ରୁ ୨୦୦ଟଙ୍କା ଅର୍ଥ ଦାବି କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଟଙ୍କା ଉଠାଣ ପାଇଁ ମଧ୍ୟ ଗ୍ରାହକ ସେବାକେନ୍ଦ୍ରକୁ ଅନୁମତି ଦିଆଯାଇଥିବା ବେଳେ ଷ୍ଟେଟ ବ୍ୟାଙ୍କ ଖାତାଧାରୀଙ୍କ ଠାରୁ ଟଙ୍କା ଉଠାଣ ବାବଦରେ ପ୍ରତି ଏକ ହଜାର ଟଙ୍କା ଉପରେ ୧୦ଟଙ୍କା ଗ୍ରାହକ ସେବାକେନ୍ଦ୍ର ଗୁଡିକରେ ନିଆଯାଉଥିବା ନେଇ ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ଆସିଛି ଦୁଦୁରାଅନ୍ତା ଷ୍ଟେଟ୍‌ବ୍ୟାଙ୍କ୍ ଗ୍ରାହକ ସେବାକେନ୍ଦ୍ର ନାମରେ। ମଙ୍ଗଳପୁର ଷ୍ଟେଟବ୍ୟାଙ୍କ ଶାଖା ଅଧୀନ ଦୁଦୁରାଅନ୍ତା ଠାରେ ଖୋଲିବା ପାଇଁ ଅନୁମତି ପାଇଥିବା ସିଏସ୍‌ପି କୋଡ୍-୩ସି୩୩୦୦୬୧ସି ଏସ୍‌ପି ନାମ-ରଶ୍ମୀକାନ୍ତ ବଳ। ଏହି ଶାଖା ଦୁଦୁରାଅନ୍ତା ପରିବର୍ତ୍ତେ ଦଉପୁର ଠାରେ ଖୋଲିଛନ୍ତି ବୋଲି ଅଭିଯୋଗ ହୋଇଛି। କେବେ କେବେ ଗ୍ରାହକ ସେବା କେନ୍ଦ୍ର ଖୋଲୁଥିବା ବେଳେ ଅନେକ ସମୟରେ ବନ୍ଦ ରହୁଛି। ମଙ୍ଗଳପୁର ଶାଖା ପରିଚାଳକ ଦୁଦୁରାଅନ୍ତା ପାଇଁ ଅନୁମତି ପାଇଥିବା ଗ୍ରାହକ ସେବାକେନ୍ଦ୍ର କେମିତି ଦଉପୁରରେ ଚଳାଇବା ପାଇଁ ଅନୁମତି ପ୍ରଦାନ କରିଛନ୍ତି ଏହାର ବିଧିବଦ୍ଧ ତଦନ୍ତ କରିବା ସହିତ ଖାତା ଖୋଲିବା ଓ ଉଠାଣ ଉପରେ କିପ୍ରକାର ନିୟମ ଅଛି ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ତେବେ ଗ୍ରାହକ କେନ୍ଦ୍ର ନାମରେ ଆସିଥିବା ଅଭିଯୋଗ ଉପରେ ତଦନ୍ତ କରାଯିବା ପରେ ଅଭିଯୋଗ ଉପରେ କେତେ ସତ୍ୟତା ଅଛି ତାହା ଜଣାପଡିବ ବୋଲି ବ୍ୟାଙ୍କ ଶାଖାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବୈତରଣୀ ଜ୍ୟୋତି ଲୋକାର୍ପଣ ଉତ୍ସବ

**ଯାଜପୁର,୧୮।୩(ସମିସ):** ପବିତ୍ର ତୀର୍ଥ ସ୍ଥାନ ଯାଜପୁର ବରାହ ବିରଜା କ୍ଷେତ୍ରରେ ବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି। ବୈତରଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ପୂର୍ବାହ୍ନରେ ପବିତ୍ର ବୈତରଣୀ ପୂଜନ ଅବସରରେ ୧୦୮ ଆଳତି ବନ୍ଦାପନା କରାଯାଇଥିଲା। ଜିଲ୍ଲା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଆଧାନକ ଓ ଗବେଷଣା ପତ୍ରିକା 'ବୈତରଣୀ ଜ୍ୟୋତି' ଉନ୍ମୋଚନ ହେବା ସହିତ ଶିକ୍ଷାବିତ୍ ବେଣୁଧର ପତିଙ୍କର ସ୍ୱରଚିତ ଦିବ୍ୟଲୀଳା ଦର୍ଶନ ପୁସ୍ତକ ଅନୁଷ୍ଠିତ ହୋଇଯାଇଛି। ବିରଜା ରତ୍ନ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ବନ୍ଦୋବସ୍ତ ଅକ୍ଷୟ କୁମାର ମଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ଶିକ୍ଷ ବିଭାଗର ସ୍ୱତନ୍ତ୍ର ସଚିବ ଜ୍ୟୋତି ରଞ୍ଜନ ମିଶ୍ର ଯୋଗ ଦେଇ ଯାଜପୁରର ଶକ୍ତିପୀଠ ଉପରେ ସାର ଗର୍ଭିକ ଉଦ୍‌ବୋଧନ ଦେବା ସହିତ ବାରୁଣୀ ସ୍ନାନ ମହାତ୍ମ୍ୟ ଉପରେ ଯାଜପୁରର ବିକାଶ ବିନା ଓଡ଼ିଶାର ବିକାଶ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନିତ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ଡ. ରବିନ୍ଦ୍ର ବିହାରୀ ଯୋଗ ଦେଇ ଯାଜପୁରର ମଠ ମନ୍ଦିର, ସଂସ୍କୃତି, ଧର୍ମ ଓ ସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀ ମାନେ ଗବେଷଣା ପୀପାସୁ ହେବା ପାଇଁ ଆହ୍ୱାନ ଦେଇଥିଲେ। ବୈତରଣୀ ଜ୍ୟୋତିର ସମ୍ପାଦକ ପଣ୍ଡିତ ଡ. ପ୍ରଭଞ୍ଜନ ପତି ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗବେଷକ ତଥା ବିଶିଷ୍ଟ ପ୍ରବଚକ ଡ. ଅଭିମନ୍ୟୁ ବରାଳ (ମାନସ ସୁଧାକର) ଧର୍ମଶାସ୍ତ୍ରବିତ୍, ଆଚାର୍ଯ୍ୟ ପ୍ରବର, ଗଣେଷ ପ୍ରସାଦ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ

**ଧର୍ମଶାଳା,୧୮।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଞ୍ଚାୟତ କଣ୍ଟାମାଳିଆ ଗ୍ରାମସ୍ଥିତ ମା' ତାରିଣୀ ପୀଠଠାରେ ଚାଲିଥିବା ୪୩ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ ସୋମବାର ପୁର୍ଣ୍ଣାହୁତି ହୋଇଯାଇଛି। ୧୪ ତାରିଖରେ ଅଙ୍କୁରାରୋପଣ କରାଯାଇ ୧୫ ତାରିଖରେ କଳସାଧିବାସ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ୧୬ ତାରିଖରେ ଚଣ୍ଡିପାଠ, ଗୋପୂଜା, ସୂର୍ଯ୍ୟପୂଜା କରାଯିବା ସହିତ ଠାକୁରଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ବିଶ୍ୱଶାନ୍ତି ନିମନ୍ତେ ବିଗତ ୪୩ ବର୍ଷ ହେଲା ଏଠାରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ ହୋଇ ଆସୁଛି। ଏହି ଯଜ୍ଞ ଦେଖିବା ଲାଗି ଆଖ ପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ତିନିଦିନ ବ୍ୟାପି ଚାଲିଥିବା ଏହି ଯଜ୍ଞ ଉତ୍ସବକୁ କଣ୍ଟାମାଳିଆ ଗ୍ରାମବାସୀ ପରିଚାଳନା କରିଥିଲେ।

## ଶିକ୍ଷାବିତଙ୍କ ଶ୍ରଦ୍ଧାଞ୍ଜଳି ସଭା



**ବରୀ/ସିଂହପୁର,୧୮।୪(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତର ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାମଲଙ୍କ ବିୟୋଗରେ ତାଙ୍କ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରବୋଧ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ବ୍ରହ୍ମାନନ୍ଦ ସାମଲ, ରବିପ୍ରସାଦ ସାମଲ, ଶିକ୍ଷାବିତ ଗଜେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ଥିଲା। ସେ ଅଙ୍ଗାଲୋ ସ୍ଥିତ ଲଛମନ ବାଲାଜୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ବାଲାଜୀ ପାଠାଗାର ସହିତ ଓତୋପ୍ରୋତ ଭାବରେ ଜଡ଼ିତ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ସାମଲ, ଅଧ୍ୟାପକ ଆଲୋକ କୁମାର ସାମଲ, ମଣ୍ଟୁ ବଳବନ୍ତ ରାୟ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ସବୁଜ ଓଡିଶାର ସଂପାଦକ ସରୋଜ କୁମାର ସାହୁ, ଅଟଳ ବିହାରୀ ନାୟକ, ଗୁଣନିଧି ଦାଶ, ଅବସର ପ୍ରାପ୍ତ ଅଧ୍ୟକ୍ଷ ଦେବପ୍ରସାଦ ସାମଲ, ପ୍ରାଧ୍ୟାପକ ଜୟରାମ ରଥ, ଡକ୍ଟର ପ୍ରମୋଦ କୁମାର ରାୟ, ପୁଷ୍ପକାନ୍ତ ସାମଲ, ରତିକାନ୍ତ ସାମଲ, ବୈରୋଚନ ବେଉରିଆ ପ୍ରମୁଖ ଯୋଗଦେଇଥିଲେ।

## ବରିଷ୍ଠ ସତସଙ୍ଗୀଙ୍କ ବିୟୋଗ



**ପ୍ରୀତିପୁର,୧୮।୩(ସମିସ):** ବିଞ୍ଝାରପୁର ସତ୍‌ସଙ୍ଗ ବିହାରର ବରିଷ୍ଠ ଗୁରୁଭ୍ରାତା ତଥା ଜଣେ ଧର୍ମପ୍ରାଣ ବ୍ୟକ୍ତି ନୃସିଂହ ଚରଣ ଦାଶ (୯୦)ଙ୍କର ସୋମବାର ରାତିରେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ସ୍ୱାସ୍ଥ୍ୟରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା।

## ପାର୍ସଲ କଣ୍ଟେନର ଦୁର୍ଘଟଣା, ଚାଳକ ଆହତ



**ପାଣିକୋଇଲି,୧୮।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ଛକ ନିକଟରେ ତଥା ମହିନ୍ଦ୍ରା ସୋ'ରୁମ ସମ୍ମୁଖରେ ଏକ କଣ୍ଟେନର (ଏଚଆର ୫୫ଏ ଏମ ୬୧୭୦) ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶଯେ ଭୁବନେଶ୍ୱରରୁ ଏକ କଣ୍ଟେନର ପାର୍ସଲ ସାମଗ୍ରୀ ନେଇ ବାଲେଶ୍ୱର ଯାଉଥିବା ବେଳେ ହାଟସାହି ଛକ ଦିକଟରେ ବୁଧବାର ଭୋର ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଗଛରେ ପିଟିହୋଇ ଦୁର୍ଘଟଣା ହୋଇଥିଲା। ଫଳରେ ଚାଳକ ଗାଡି ଭିତରେ ଚାପି ହୋଇ ଗୁରୁତର ଆହତ ହୋଇଥିଲା। ଆଜି ଗାଡିରୁ ସମସ୍ତ ସାମଗ୍ରୀ ଅନ୍ୟ ଏକ ଗାଡିକୁ ସ୍ଥାନାନ୍ତର କରାଯାଇଛି।

## ଓଳାଶୁଣୀ ପାହାଡରେ ଲାଗିଲା ନିଆଁ

**ବାଲିଚନ୍ଦ୍ରପୁର,୧୮।୩(ସମିସ):** ଓଳାଶୁଣୀ ପାହାଡର ପୂର୍ବ ପଟରେ ଥିବା ମା' ଓଳାଶୁଣୀ ଠାକୁରାଣୀ ମନ୍ଦିରର ଉପର ଭାଗ ପାହାଡରେ ଆଜି ସନ୍ଧ୍ୟାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ଅଗ୍ନିକାଣ୍ଡରେ ପାହାଡର କୌଣସି ବଡ଼ ବଡ଼ ଗଛର କ୍ଷୟକ୍ଷତି ହୋଇ ନଥିବା ବେଳେ ଛୋଟ ଛୋଟ ଗଛ ସବୁ ପୋଡି ଯାଇଥିଲା। ଖବର ପାଇ କେତେକ ଯୁବକ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେହି ଦୁର୍ବୃତ୍ତ ଏଭଳିକାଣ୍ଡ ଭିଆଇଥିବା ନେଇ ଆଲୋଚନା ହେଉଛି।

St. XAVIER'S HIGH SCHOOL®
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
**IMPORTANT ADVISORY TO PARENTS:** All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
**A/C No. : 926020008300220**

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
**A/C No. : 182101000002533**

-By order of Managment

# ରାସ୍ତା ସମ୍ପ୍ରସାରଣ ପାଇଁ କଟାଯିବ ୧୩୬୨ ଗଛ

### ବିନା ଅନୁମତିରେ କଟାଯାଇଛି ଅନେକ ବୃକ୍ଷ

**କବାଟବନ୍ଧ,୧୮।୩(ସମିସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା- କବାଟବନ୍ଧ ନଦୀ ବନ୍ଧ ରାସ୍ତା ସମ୍ପ୍ରସାରଣ ପାଇଁ ହଜାରରୁ ଅଧିକ ସଂଖ୍ୟକ ଗଛ ବଳି ପଡ଼ିବାକୁ ଯାଉଛି। ବିନା ଅନୁମତିରେ ଅନେକ ଗଛ କାଟି ଦିଆଯାଇଥିବା ବେଳେ ଆଉ କିଛି ଦିନ ପରେ ବହୁ ପୁରୁଣା ଗଛକୁ ମଧ୍ୟ କଟାଯିବ। ଏନେଇ ବନ ବିଭାଗ କାଗଜପତ୍ର ପ୍ରସ୍ତୁତ କରୁଥିବା ବେଳେ ଠିକାଦାର ମଧ୍ୟ ଗଛ କାଟିବାକୁ ପ୍ରସ୍ତୁତ। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ପରିବେଶବିତମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଜାରକା- କବାଟବନ୍ଧ ନଦୀ ବନ୍ଧ ରାସ୍ତାର ସମ୍ପ୍ରସାରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବିବିପିଏଲ୍ ନାମକ ଏକ ଘରୋଇ ଠିକା ସଂସ୍ଥା ଟେଣ୍ଡର ପାଇଥିବା ଜଣାପଡିଛି। ମାତ୍ର ଠିକା ସଂସ୍ଥା ରାସ୍ତା ସମ୍ପ୍ରସାରଣ ପୂର୍ବରୁ ପ୍ରାୟ ୧ ମାସ ତଳେ ଶତାଧିକ ଗଛ କାଟି ଦେଇସାରିଛି। ଯାହାକି ବନ ବିଭାଗର ଅନୁମତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନାକପୋଲ ଠାରୁ ଇମାମନଗର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରୁ ଏହି ଗଛ କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ପୁନର୍ବାର କବାଟବନ୍ଧର ବ୍ରାହ୍ମଣୀ ବ୍ରିଜ୍ ପର୍ଯ୍ୟନ୍ତ ନଦୀ ବନ୍ଧ ରାସ୍ତାର ଉଭୟ ପାଶ୍ୱର୍ରୁ ଗଛ କାଟିବା ପାଇଁ ବନ ବିଭାଗ ପକ୍ଷରୁ ଗଛ ଗଣନା କରାଯାଇ ନମ୍ବର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଏବଂ ପରିବେଶବିତମାନଙ୍କ ମନରେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଜଣାପଡିଛି। ନଦୀ କୂଳରେ ରାସ୍ତା ସମ୍ପ୍ରସାରଣ ପାଇଁ ଗଛ କାଟିବା ଦ୍ୱାରା ଭୂମି ଏବଂ ଜଳ ଉଭୟକୁ ସୁରକ୍ଷା ଦେଉଥିବା ଗଛ ଗୁଡ଼ିକ ନଷ୍ଟ ହେବା ଦ୍ୱାରା ବହୁ ସମସ୍ୟା ସୃଷ୍ଟି ହେବ। ଏହା ସହିତ ଜୈବ ବିବିଧତା ନଷ୍ଟ ହୋଇ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ନଦୀ କୂଳରେ ଥିବା ଗଛ କିମ୍ବା ନଦୀକୂଳିଆ ଗଛଲତାକୁ କାଟିବା ଦ୍ୱାରା ମାଟିକୁ ବାନ୍ଧି ରଖିଥିବା ମୂଳ ନଷ୍ଟ ହୋଇଯାଏ, ଯାହା ଫଳରେ ମୃତ୍ତିକା କ୍ଷୟ ବୃଦ୍ଧି ହୋଇ ନଦୀ ଜଳର ଗୁଣବତ୍ତା ନଷ୍ଟ ହୁଏ। ଏହା ସହିତ ଶହ ଶହ ସଂଖ୍ୟାରେ ଗଛ କାଟିବା ଦ୍ୱାରା ବହୁ ପରିମାଣର ମାଟି କ୍ଷୟ ହୋଇ ମାଟି ହାଲୁକା ହୋଇଥାଏ। ବର୍ଷା ଦିନେ ନଦୀରେ ଅଧିକ ଜଳ ପ୍ରବାହ ସମୟରେ ମାଟି ଧୋଇଯିବାର ସମ୍ଭାବନା ଥାଏ। ନଦୀ ବନ୍ଧ ଦୁର୍ବଳ ହୋଇ ବନ୍ୟା ସମ୍ଭାବନା ସୃଷ୍ଟି କରିଥାଏ। ଅନ୍ୟ ପକ୍ଷରେ ଧର୍ମଶାଳା ବ୍ଲକକୁ କବାଟବନ୍ଧ, ମର୍ଜିତାପୁର, ମଧୁସୂଦନ ପୁର, ରାଇଛନ୍ଦା, ଜେନାପୁର, ଏଣ୍ଡଳବା, ରେଖିଦେଇପୁର, ଚକ୍ରଧରପୁର, ତାଳଜଙ୍ଗ, ବୃନ୍ଦାଦେଇପୁର ଆଦି ପଞ୍ଚାୟତ ସମେତ ଅନେକ ଗାଁର ଜନସାଧାରଣଙ୍କ ପାଇଁ ଏହା ମୁଖ୍ୟ ରାସ୍ତା ଅଟେ। ରାସ୍ତାର ଉଭୟ ପାଶ୍ୱର୍ରେ ରହିଥିବା ବର, ଅଶ୍ୱତ୍ଥ, ଫାଶୀ, ଡାଉରଙ୍ଗ, ଜନ୍ଦା ଖାଇ, ଗମ୍ଭାରୀ, ନିମ, ପଳାସ, ଚାକୁଣ୍ଡା, ଆମ୍ବ ଆଦି ଅନେକ ବଡ଼ ବଡ଼ ଗଛ ବାଟୋଇଙ୍କ ପାଇଁ ଶୀତଳ ଛାଇ ପ୍ରଦାନ କରିଥାଏ। ଯାହାକି ଜନସାଧାରଣଙ୍କ ଗମନାଗମନକୁ ସୁଗମ ଏବଂ ସୁରକ୍ଷିତ କରେ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ହୋଇଥିବା ବେଳେ ଗଛ କଟାଗଲେ ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଲୋକମାନେ ଯିବା ଆସିବାରେ ନିଶ୍ଚିତ ପ୍ରଭାବିତ ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ଏହା ସହିତ ଏହି ଗଛ ଗୁଡ଼ିକରେ ରହୁଥିବା ବହୁ ପ୍ରଜାତିର ପକ୍ଷୀମାନେ ସେମାନଙ୍କ ବାସସ୍ଥାନ ହରାଇବା ସହିତ ପ୍ରଭାବିତ ମଧ୍ୟ ହେବେ। ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ଏହି ନଦୀ ବନ୍ଧ ରାସ୍ତାରେ ୧୩୬୨ ଗୋଟି ବିଭିନ୍ନ ପ୍ରକାରର ଗଛକୁ କାଟି ଦିଆଯିବ ବୋଲି ଗଣନା ହୋଇଥିବା ସହିତ ଗଛରେ ଏହାର କ୍ରମିକ ନମ୍ବର ମଧ୍ୟ ଲେଖାସରିଛି। ଏହି କ୍ରମିକ ନମ୍ବର ନାକପୋଲ ଠାରୁ କବାଟବନ୍ଧ ରାସ୍ତାର ବାମ ପଟରେ କ୍ରମିକ ସଂଖ୍ୟା ୧ ଏବଂ ଡାହାଣ ପଟ ରାସ୍ତାରେ ଶେଷ ସଂଖ୍ୟା ୧୩୬୨ ଲେଖା ଯାଇଥିବା ଦେଖିବାକୁ ମିଳିଛି। ଯାହାକି ନମ୍ବର ହୋଇଥିବା ଗଛ ଗୁଡ଼ିକ ସମ୍ପ୍ରସାରଣ ପାଇଁ କଟା ଯିବା ସ୍ପଷ୍ଟ ହୋଇଛି। ପରିବେଶ ଅସନ୍ତୁଳନ ସହିତ ଜଳବାୟୁ ପରିବର୍ତ୍ତନରେ ଏହା ନିଶ୍ଚିତ ଏକ ପ୍ରଭାବ ପକାଇବ ବୋଲି ପରିବେଶବିତମାନେ ମତ ଦେଇଛନ୍ତି।



# ଭୁବନେଶ୍ୱର ସିଟି

**ତିନି ମାସ ହେଲା ମିଳିନି ଦରମା**

# ଲୋୟର୍ ପିଏମ୍‌ଜିରେ ଗର୍ଜିଲେ ପାଚିକା

**■ ୭ ଦଫା ଦାବି ଉଠାଇଲେ ମଧ୍ୟାହ୍ନ ଭୋଜନ ପାଚିକା**



ଭୁବନେଶ୍ୱର, ୧୮ ।୩(ସମିସ): ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟ ସଂଘ ତରଫରୁ ୭ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସମାବେଶରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ ସୁବାସ ସିଂ ଯୋଗଦେଇ ଦାବି ପ୍ରତି ନୈତିକ ସମର୍ଥନ ପ୍ରଦାନ କରିବା ସହ ସରକାର ଦାବିଗୁଡ଼ିକୁ ପୂରଣ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାପାଇଁ ବକ୍ତବ୍ୟ ରଖିଛନ୍ତି। ଏହି ବିକ୍ଷୋଭ ସମାବେଶରେ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ଭିତ୍ତିଭୂମିର ମଧ୍ୟାହ୍ନ ଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟକରି ଆସୁଥିବା ପାଚିକାମାନଙ୍କର ଏଯାଏଁ ନିଯୁକ୍ତିପତ୍ର ହୋଇନଥିବା ଯୋଗୁଁ ତୁରନ୍ତ ଏଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି ଉଠିଛି। ଏହି କ୍ଷେତ୍ରରେ ସରକାର ନିଜେ ଅନ୍ତର୍ଭୁକ୍ତ ରହି ସିଧାସଳଖ ପାଚିକାମାନଙ୍କ ଦରମା ପ୍ରତି ଦୃଷ୍ଟିଦେବା, ଯୋଜନା ଆରମ୍ଭରୁ ଖୁବ୍ କମ୍ ପାରିଶ୍ରମିକରେ କାର୍ଯ୍ୟ କରୁଥିବା ପାଚିକାମାନଙ୍କୁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରିବା, ପ୍ରତ୍ୟେକ ପାଚିକାମାନଙ୍କୁ ବର୍ଷରେ ୧୦ ମାସ ବଦଳରେ ୧୨ ମାସର ଦରମା ପ୍ରଦାନ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ବୈଧ ପରିଚୟ ପ୍ରଦାନ କରିବା ଆଦି ୭ ଦଫା ଦାବି ଉପସ୍ଥାପନ କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ୨୦ ହଜାରରୁ ଊର୍ଦ୍ଧ୍ୱ ପାଚିକା ଯୋଗଦେଇ ନିଜର ଦାବି ପୂରଣ ନେଇ ଲୋୟର ପିଏମ୍‌ଜିଠାରେ ଧାରଣାରେ ବସି ରହିଛନ୍ତି। ବିଶେଷକରି ପାଚିକାଙ୍କୁ ମିଳୁଥିବା ସ୍ୱଳ୍ପ ଦରମା ତିନିମାସ ଧରି ମିଳିନାହିଁ। ଯଦି ରାଜ୍ୟ ସରକାର ମହାସଂଘର ଦାବି ନଶୁଣନ୍ତି, ତେବେ ଆଗାମୀ ଦିନରେ ଆହୁରି ବଡ ଆନ୍ଦୋଳନ ହେବା ସହ ପାଚିକାମାନେ ମଧ୍ୟାହ୍ନ ଭୋଜନ କାର୍ଯ୍ୟରୁ ନିବୃତ୍ତ ରହିବେ ବୋଲି ସଭାପତି ଶ୍ରୀ ସ୍ୱାଇଁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ବକ୍ଷୋଭ ସମାବେଶରେ ମହାସଂଘର ଉପସଭାପତି କାର୍ତ୍ତିକ ସା, ମୁଖ୍ୟସଂଯୋଜକ ପ୍ରଦୀପ ନାୟକ, ନିରଞ୍ଜନ ପାତ୍ର, ଉପସଭାନେତ୍ରୀ ଶାନ୍ତି ଲୋହରା, କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟୁଡିଓ ଛକରେ ଛୁରାମାଡ଼

ଭୁବନେଶ୍ୱର, ୧୮ ।୩ (ସମିସ): ପୁଣି ରକ୍ତରଞ୍ଜିତ ହୋଇଛି ରାଜଧାନୀ। ସାମାନ୍ୟ ବଚସାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼ ହୋଇଛି। ଷ୍ଟୁଡିଓ ଛକରେ ଏଭଳି ଘଟଣା ଘଟିଥିବା ବେଳେ ଆହତଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୯ ଟା ସମୟରେ ସମୟରେ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଦୁଇ ଜଣ ଯୁବକ ଛିଡ଼ା ହୋଇଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ନିଶାସକ୍ତ ଯୁବକ ଜଣକ ଏଥିରେ ଉତକ୍ଷିପ୍ତ ହୋଇ ଅନ୍ୟ ଜଣଙ୍କୁ ଛୁରିରେ ଆକ୍ରମଣ କରିଥିଲା। ଛୁରାମାଡ଼ ଫଳରେ ଯୁବକ ଜଣକ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ଭରତପୁର ଥାନା ପୁଲିସ ପ୍ରଥମ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ କାହାରିକୁ ନ ପାଇ କ୍ୟାପିଟାଲ ହସ୍ପିଟାଲକୁ ଯାଇ ତଦନ୍ତ ଆରମ୍ଭ କରିଛି।

**● ଗୁରୁ ପଙ୍କଜ ଉତ୍ସବ**

## ଦ୍ୱିତୀୟ ସନ୍ଧ୍ୟାରେ ବୃନ୍ଦାରୁ ତାଣ୍ଡବ

ଭୁବନେଶ୍ୱର, ୧୮ ।୩(ସମିସ): ୩୨ ତମ ଗୁରୁ ପଙ୍କଜ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ଅତିଥି ଭାବେ ନୃତ୍ୟ ଶିଳ୍ପୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଉଦ୍ୟୋଗୀ ଡ. ପ୍ରଦୀପ ମହାନ୍ତି, ସମାଜସେବୀ ଦୀପ୍ତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଆରମ୍ଭରୁ ନୃତ୍ୟ ଉପସ୍ଥାପନାରେ ପ୍ରାରମ୍ଭରେ ଯୁବ ନୃତ୍ୟଶିଳ୍ପୀ ସୌମ୍ୟା ସୁଚରିତା ପାଲଙ୍କ ଦ୍ୱାରା ବୃନ୍ଦା ପରିବେଷଣ ହୋଇଥିଲା। ବନ୍ଦିତା ଘୋସେଲଙ୍କ ଦ୍ୱାରା ବନାଲତା ଦାମିନୀ, ଚିନ୍ମୟୀ ତ୍ରିପାଠୀ ଦ୍ୱାରା ଶିବାଷ୍ଟକ, ନୃତ୍ୟଶିଳ୍ପୀ ଆଶା ସ୍ୱନା ବିଶ୍ୱାଳ ମଧୁରାଷ୍ଟକ ଏବଂ ଶେଷରେ ଯୁବ ନୃତ୍ୟଶିଳ୍ପୀ ରିଙ୍କୁ ସାହୁ ତାଣ୍ଡବ ଲାସ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ, ଉପଦେଷ୍ଟା ବଟ କୃଷ୍ଣ ତ୍ରିପାଠୀ, ଅଧକ୍ଷା ଶୁହାଗ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଶ୍ୱଜିତ ବଳିୟାରସିଂ।

## ଓଡ଼ିଶା ସିଭିଲ୍ ସର୍ଭିସ ଭଲିବଲ୍ ଟିମ୍‌ର ଦିଲ୍ଲୀ ଯାତ୍ରା

ଭୁବନେଶ୍ୱର, ୧୮ ।୩(ସମିସ): ଦିଲ୍ଲୀର ପିତାମ୍ପୁରାଠାରେ ଆସନ୍ତା ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍‌ର ସଦସ୍ୟମାନେ ବୁଧବାର ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ଯାତ୍ରା କରିଛନ୍ତି। କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗନେବେ। ଓଡ଼ିଶା ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟରେ ଚନ୍ଦନ କୁମାର ମଣ୍ଡଳ, ନାରାୟଣ ଦାସ, ଜଳେନ୍ଦ୍ର କୁମାର ପ୍ରିବକା, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, ଆଶିଷ ବେହେରା, ଜଗନ୍ନାଥ ପ୍ରସାଦ ବଳ, ପାର୍ଥସାରଥି ଜେନା, ରଶ୍ମିରଞ୍ଜନ ଦାସ, ଅବିନାଶ ଜେନା, ବିଚିତ୍ର ପ୍ରଧାନ, ରାଜେଶ ସେନାପତି ପ୍ରମୁଖ ଭାଗନେବେ। ଏହି ଦଳରେ ପ୍ରଶିକ୍ଷକ ଭାବେ ପ୍ରକାଶ ଚନ୍ଦ୍ର ରଥ ଏବଂ ମ୍ୟାନେଜର ଭାବେ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଖେଳାଳୀମାନଙ୍କ ସହ ମଧ ଦିଲ୍ଲୀ ଯାତ୍ରା କରିଛନ୍ତି। ରେଳୱେ ଷ୍ଟେସନ୍‌ଠାରେ ଅଧିକାରୀଗଣ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତମ କ୍ରୀଡ଼ାନୈପୁଣ୍ୟ ପାଇଁ ଶୁଭକାମନା ଅର୍ପଣ କରିଥିଲେ।

## ଓଡ଼ିଶା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏସନ୍‌ର ଦାବିପତ୍ର



ଭୁବନେଶ୍ୱର, ୧୮ ।୩(ସମିସ): ଡିଏମ୍‌ଡି ବା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଏକ ଆନୁବଂଶିକ ରୋଗ। ଯେଉଁ ରୋଗ ପିଲାମାନଙ୍କର ମାଂସପେଶୀକୁ କ୍ରମଶଃ ଦୁର୍ବଳ କରିଦେଇଥାଏ। ଓଡ଼ିଶା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏସନ୍‌ର ସଦସ୍ୟମାନେ ସେମାନଙ୍କର ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଏହି ରୋଗର ଚିକିତ୍ସା ପାଇଁ ଏକ ଜାତୀୟ ନୀତି ଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ ଚିକିତ୍ସା ସମ୍ଭବପର ହୋଇପାରୁନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏହିଭଳି ଅସହ୍ୟ ଯନ୍ତ୍ରଣାରେ ପୀଡ଼ିତ ପିଲାମାନେ ଏବଂ ତାଙ୍କର ପରିବାର ବର୍ଗ ତୁରନ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଏହି ସଂଘର ପ୍ରମୁଖ ଦାବି ମଧ୍ୟରେ ଆମେରିକାରୁ ଏହି ଜିନ୍ ଥେରାପି ପ୍ରକ୍ରିୟାକୁ ସାମ୍ବିଧାନିକ ଓ ସରକାରୀ ଭାବେ ଭାରତ ତଥା ଓଡ଼ିଶାକୁ ଆଣି ପୀଡିତ ସନ୍ତାନମାନଙ୍କୁ ଚିକିତ୍ସାର ସୁଯୋଗ ଦେବା, ମାଂସପେଶୀ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଶିଶୁମାନଙ୍କୁ ଏକକାଳୀନ ୫୦ ଲକ୍ଷ ଟଙ୍କାର ଜୀବନ ବୀମା ପ୍ରଦାନ, ମାଂସପେଶୀ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଶିଶୁମାନଙ୍କୁ ମାସିକ ପନ୍ଦର ହଜାର ଟଙ୍କାର ଚିକିତ୍ସା ଭତ୍ତା ପ୍ରଦାନ ଭଳି ମୋଟ ୫ ଦଫା ଦାବି ଉପସ୍ଥାପନା କରିଯାଇଛି।

## ବିଂଶତି ଶରତ ସ୍ମୃତି ସନ୍ଧ୍ୟା




ଭୁବନେଶ୍ୱର, ୧୮ ।୩(ସମିସ): ବିଂଶତି ଶରତ ସ୍ମୃତି ସନ୍ଧ୍ୟା ବୁଧବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ହୋଇଯାଇଛି। ପ୍ରାବନ୍ଧିକ ଶରତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ଆୟୋଜିତ ହେଉଥିବା ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟକ ଓ ଶରତପ୍ରେମୀମାନେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ଡ. ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ କବି ଅଶ୍ୱନୀ ମିଶ୍ର ଯୋଗ ଦେଇଥିଲେ। ସେ ଶରତ ମହାନ୍ତିଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ରୋମନ୍ଥନ କରିବା ସହ ଶରତ ମହାନ୍ତିଙ୍କ ସାରସ୍ୱତ ପ୍ରତିଭାର ଆକଳନ କରିଥିଲେ। ମୁଖ୍ୟବକ୍ତା ଡ. ମଣୀନ୍ଦ୍ର କୁମାର ମେହେର 'ଜୀବନୀ ଲେଖକ ଶରତ କୁମାର ମହାନ୍ତି' ଶୀର୍ଷକରେ ତାଙ୍କ ବକ୍ତବ୍ୟ ରହିଥିଲେ। ଶରତ ମହାନ୍ତିଙ୍କ ରଚନା ସହ ବିଶ୍ୱର ଶ୍ରେଷ୍ଠ ଦର୍ଶନକୁ ତଉଲି ଆଲୋଚନା କରିଥିଲେ। ଶରତ ମହାନ୍ତି ଭଲପାଉଥିବା ଚରିତ୍ର ମାନଙ୍କ ବିଷୟରେ ଲେଖିବା ସହ ଶରତ ସାହିତ୍ୟ ସମସ୍ତେ ପଢ଼ିବା ଉଚିତ ବୋଲି ମଧ କହିଥିଲେ। ସଭାପତିଙ୍କ ଅଭିଭାଷଣରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଶରତ ମହାନ୍ତିଙ୍କ ସହ ତାଙ୍କ ପୁରୁଣା ସମ୍ପର୍କ ରୋମନ୍ଥନ କରିବା ସହ ଶରତ ମହାନ୍ତିଙ୍କୁ ଜଣେ ଯୋଗଜନ୍ମା ସୁପୁରୁଷ ବୋଲି ବର୍ଣ୍ଣନା କରିଥିଲେ। ପରିଶେଷରେ ଶରତ ସ୍ମୃତି ସଂସଦର ପରିଚାଳନା ସମ୍ପାଦକ ମନ୍ମଥ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରଶିଳ୍ପୀ ଓ ସାହିତ୍ୟିକ ରମାକାନ୍ତ ସାମନ୍ତରାୟ ଓ ଶରତ ମହାନ୍ତିଙ୍କ କନ୍ୟା ଓ ଅଭିନେତ୍ରୀ ମଧୁମିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆଇସିୟୁ ସଂକ୍ରାନ୍ତରେ ରାଜ୍ୟସ୍ତରୀୟ ସମ୍ମିଳନୀ




ଭୁବନେଶ୍ୱର, ୧୮ ।୩(ସମିସ): ଆଇସିୟୁ, ସିସିୟୁ ଓ ଏଚଡିୟୁରେ ସଂଗଠନ ଏବଂ ସେବା ପ୍ରଦାନ ଉପରେ ଆଞ୍ଚଳିକ ସ୍ତରୀୟ ସମ୍ମିଳନୀ ଜାରି ରହିଛି। ଏହି କ୍ରମରେ ଆଇଏମଏ ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ସଚିବ ଅଶ୍ୱତୀ ଏସ୍ ରାଜ୍ୟର ସମସ୍ତ ଘରୋଇ ଏବଂ ସରକାରୀ କ୍ଷେତ୍ରର ହସ୍ପିଟାଲରେ ଆଇସିୟୁ, ସିସିୟୁ ଓ ଏଚଡିୟୁ ପରିଚାଳନା ନେଇ ବରିଷ୍ଠ ବିଶେଷଜ୍ଞ ଏବଂ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ନିର୍ଦ୍ଧାରିତ ଇଣ୍ଟେନସିଭ୍ କେୟାର ସେବା ପ୍ରଦାନ ପାଇଁ ସେ ବିଶେଷଜ୍ଞମାନଙ୍କୁ ସେମାନଙ୍କର ସର୍ବୋତ୍ତମ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଆଇସିୟୁରେ ଭିତ୍ତିଭୂମି, ଉପକରଣ ଏବଂ ଫର୍ଣ୍ଣିଚର, ବୈଷୟିକ ଭାବରେ ତାଲିମପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା, ଡାକ୍ତର, ଆଇସିୟୁ ଭିତର ସେବା, ଇମେଜିଂ ସେବା, ପରୀକ୍ଷାଗାର ସେବା, ସଂକ୍ରମଣ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ନର୍ସିଂ ଷ୍ଟେସନ୍ ଆଦି ବିଷୟ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପିଜିଏମଆଇଇଆରର ପ୍ରଫେସର ଡ. ନିବେଦିତା ପାଣି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ବିଚାର ବିମର୍ଷ ପାଇଁ ଇଣ୍ଟେନସିଭ୍ କେୟାର ସେବାର ସଂଗଠନ ଏବଂ ବିତରଣ ପାଇଁ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ। ଓଡ଼ିଶାର ସମସ୍ତ ପ୍ରତିଷ୍ଠିତ ହସ୍ପିଟାଲ ଏବଂ ମେଡିକାଲ କଲେଜ, ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ହସ୍ପିଟାଲ, ସରକାରୀ ଏବଂ କର୍ପୋରେଟ୍ କ୍ଷେତ୍ରରୁ ପ୍ରାୟ ୭୦ ଜଣ ବିଶେଷଜ୍ଞ ପ୍ରତିନିଧି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡାକ୍ତରୀ ଶିକ୍ଷା ଏବଂ ତାଲିମ (ଡ଼ିଏମ୍‌ଇଟି) ନିର୍ଦ୍ଦେଶକ ଡ. ସନ୍ତୋଷ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ପ୍ରଦୀପ ଗୁରୁ ଆଲୋଚନା ପରିଚାଳନା କରିଥିଲେ।

## ୱିପ୍ରୋ ତରଫରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୧୮ ।୩(ସମିସ): ପଟିଆ ଇନ୍‌ଫୋସିଟି ସ୍ଥିତ ୱିପ୍ର କନଫରେନ୍ସ ହଲରେ ୱିପ୍ରୋ ଓ ଓଡ଼ିଶା ରକ୍ତଦାତା ମହାସଂଘ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମାନବ ସମ୍ବଳ ବିଭାଗ ମୁଖ୍ୟ ବିନୟ କୁମାର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ୱିପ୍ରୋର ସାଗର ପଟ୍ଟନାୟକ ମ୍ୟାନେଜର, ଏମ୍. ମହାପାତ୍ର ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱର ରେଡକ୍ରସ ରିଜିଓନାଲ ବ୍ଲଡ ବ୍ୟାଙ୍କର ଡ. ଦେବୀ ପ୍ରସାଦ ରଥ, ଗୁଲସନ୍ କୁମାର ଦାସ ଓ ସୌଭାଗ୍ୟ ରଞ୍ଜନ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ମନ୍ମଥ ମହାପାତ୍ର, ପ୍ରଭାତ ମହାନ୍ତି, ନିରଞ୍ଜନ ସାହୁ, ପ୍ରଶାନ୍ତ ବେହେରା ଓ ସତ୍ୟକାମଙ୍କ ସମେତ ଓଡ଼ିଶା ରକ୍ତଦାତା ମହାସଂଘର ଅକ୍ଷୟ କୁମାର ରାଉତ ପରିଚାଳନା କରିଥିବା ବେଳେ ଶିବିରରୁ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଖରାଦିନେ ରକ୍ତ ସଙ୍କଟ ସମୟରେ ୱିପ୍ରୋର ଥାଲାସେମିଆ ରୋଗୀ ମାନଙ୍କ ପାଇଁ ଏହି ସାମାଜିକ ଦାୟିତ୍ୱବୋଧ ପଦକ୍ଷେପକୁ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁ ପ୍ରଶଂସା କରିଥିଲେ।

## ତୃତୀୟ ତୁଡିଆପଡ଼ା ପ୍ରିମିୟର ଲିଗ୍



ଯାଁଳା, ୧୮ ।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ତୁଡିଆପଡ଼ା ଠାରେ ୩ୟ ପ୍ରିମିୟର ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି, ଉଦ୍‌ଘାଟିନ ମ୍ୟାଚ୍‌ରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ ପ୍ରଥମ ଲିଗ୍ ମ୍ୟାଚ୍‌ରେ ରାଜଲକ୍ଷ୍ମୀ ୱାରି ଅର ଏବଂ ସମର୍ଥ ହର୍ସଲର ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସମର୍ଥ ହର୍ସଲର ୭ ଉଇକେଟ୍ ବିନିମୟରେ ୧୧୬ ରନ୍ ସଂଗ୍ରହ କରି ମ୍ୟାଚଟିକୁ ବିଜୟ ହାସଲ କରିଥିଲା, ସେହି ଭଳି ଦ୍ୱିତୀୟ ଲିଗ୍‌ରେ ସିବାଙ୍ଗି ୧୧ ଏବଂ ମାହି ୱାରିୟର ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ମାହି ୱାରିୟର ପ୍ରଥମେ ବ୍ୟାଟିଙ୍ଗ କରି ୧୦୫ ରନ୍ ସଂଗ୍ରହ କରିଥିଲା, ୧୦୬ ରନ୍‌ର ବିଜୟ ଲକ୍ଷ ନେଇ ସିବାଙ୍ଗି ୧୧, ୬ ଉଇକେଟ୍ ବିନିମୟରେ ୧୦୭ ରନ୍ ସଂଗ୍ରହ କରି ମ୍ୟାଚକୁ ବିଜୟ ହାସଲ କରିଥିଲା, ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆଦିତ୍ୟ ପ୍ରଧାନ ହୋଇଥିବାବେଳେ ଆଜିର ମ୍ୟାଚ୍‌କୁ ପରିଚାଳନା କରିଥିଲେ, ଗୌତମ୍ ସୁନ୍ଦରାୟ, ଶାଶ୍ୱତ ଜେନା, ମ୍ୟାଚର ଅତିଥି ଥିଲେ ଦୀପକ୍ ଜେନା, କମ୍ବୁ ପାଣି ପାତ୍ର।


## ଫିକି ଫ୍ଲୋ ଭୁବନେଶ୍ୱର ପକ୍ଷରୁ ୬ଷ୍ଠ ଫ୍ଲୋ ଓଡ଼ିଶା ଆୱାର୍ଡସ୍




ଭୁବନେଶ୍ୱର,୧୮ ।୩(ସମିସ): ଫିକି ଫ୍ଲୋ ଭୁବନେଶ୍ୱର ପକ୍ଷରୁ ୬ଷ୍ଠ ଏଫଏଲ୍‌ଓ ଓଡ଼ିଶା ଆୱାର୍ଡସ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଏବଂ ସମ୍ମାନିତ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ସନ୍ଧ୍ୟାରାଣୀ ଦଳେଇଙ୍କୁ ସାମାଜିକ ପ୍ରଭାବ, ଶାଶ୍ୱତୀ ଶତରୂପା ମିଶ୍ରଙ୍କୁ ଷ୍ଟାର୍ଟଅପ୍, ସୋନାଲ ସାହୁଙ୍କୁ ବୃହତ୍ ଶିଳ୍ପ, ସୋନାଲ ସାହୁଙ୍କୁ ବୃହତ୍ ଶିଳ୍ପ, ମଧୁସ୍ମିତା ପାଣିଗ୍ରାହୀଙ୍କୁ ଏମ୍‌ଏସଏମ୍‌ଇ ଏବଂ ସଞ୍ଜଲି ମୁର୍ମୁଙ୍କୁ ରାଜନୀତି ପୁରସ୍କାର ପ୍ରଦାନ କରାଯାଇଛି। ରଶ୍ମିତା ପୃଷ୍ଟିଙ୍କୁ (ୱଣ୍ଡର ୱର୍ଲ୍ଡ) ଫ୍ଲୋ ଉଦ୍ୟୋଗୀ ପୁରସ୍କାର, ଅନିଶା ସ୍ୱାଇଁଙ୍କୁ ଉଦୀୟମାନ ଫିକି ଫ୍ଲୋ ୱିମେନ ଏବଂ କବିତା କାଣ୍ଡିଙ୍କୁ ପରିବେଶ ପୁରସ୍କାର ମିଳିଛି। ଫେଡେରେସନ୍ ଅଫ ଦି ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମହିଳା ଶାଖା ଫିକି ଲେଡିଜ୍ ଅର୍ଗାନାଇଜେସନ୍ (ଫ୍ଲୋ) ୧୯୮୩ରେ ଏହାର ଆରମ୍ଭ ଦିନଠାରୁ ମହିଳାମାନଙ୍କର ଅର୍ଥନୈତିକ ସଶକ୍ତିକରଣ ତଥା ବୃତ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରତିବଦ୍ଧ। ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ପ୍ରତିଷ୍ଠାତା ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାପିତ ହୋଇଥିବାବେଳେ ଏହା ବର୍ତ୍ତମାନର ଚେୟାରପର୍ସନ ପ୍ରଜ୍ଞା ପାରମିତା ମିଶ୍ରଙ୍କ ନେତୃତ୍ୱରେ ସଦସ୍ୟା ସଂଖ୍ୟା ୧୪୭କୁ ବୃଦ୍ଧି ପାଇଛି।

**କଳିଙ୍ଗ ନଗର କେ-୬ ପାର୍କରେ ଅବ୍ୟବସ୍ଥା**

# ଅଧା ପାର୍କ ଅନ୍ଧାର, ଭାଙ୍ଗିଗଲାଣି ଖେଳ ସରଞ୍ଜାମ



ଭୁବନେଶ୍ୱର, ୧୮ ।୩(ସମିସ): ପାର୍କ ଏବେ ପିଲାରୁ ବଡ଼ ସମସ୍ତଙ୍କ ମନରଞ୍ଜନର ମାଧମ ପାଲଟିଛି। ବଡ଼ି ଭୋର ହେଉ ଅବା ସନ୍ଧ୍ୟା ସମୟ ସବୁବେଳେ ବିଭିନ୍ନ ପାର୍କ ଆଗରେ ଲୋକଙ୍କ ଭିଡ଼ ଲାଗୁଛି। ହେଲେ ଏବେବି ଅନେକ ପାର୍କ ଅବ୍ୟବସ୍ଥାରେ ରହିଛି। କିଛି ପାର୍କରେ ଶୌଚାଳୟ ଖରାପ ହୋଇ ପଡ଼ିଛି ତ ଆଉ କିଛି ପାର୍କ ଅନ୍ଧାରରେ ରହିଛି। ଏହିପରି ମଧ ଆଉ କିଛି ପାର୍କରେ ବିଭିନ୍ନ ସାମଗ୍ରୀ ଓ ଖେଳ ଉପକରଣ ଭାଙ୍ଗିରୁଜି ପଡ଼ିବା ସହ କଳଙ୍କି ମଧ ଲାଗି ଗଲାଣି।

ରାଜଧାନୀର କଳିଙ୍ଗ ନଗରରେ ଥିବା କେ-୬ ପାର୍କରେ ଏବେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଡ଼ିଏ ଅଧିନରେ ଥିବା ଏହି ପାର୍କରେ ଏବେ ଅଧା ଆଲୁଅ ଜଳିଲେ ଆଉ ଅଧା ଅନ୍ଧାରରେ ରହୁଛି। କିଛି ଲାଇଟ୍ ଖୁଣ୍ଟରୁ ବଲ୍‌ବ ନଥିବା ବେଳେ ଆଉ କିଛି ବଲ୍ ଥାଇ ମଧ ଜଳୁନାହିଁ। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ପାର୍କକୁ କେ-୬ ଅଞ୍ଚଳ ସମେତ ତମାଣ୍ଡୋ ଏବଂ ଆଖପାଖ ବସ୍ତିର ଲୋକମାନେ ନିର୍ଭରଶୀଳ। ପ୍ରତିଦିନ ସାକଳେ ଓ ସନ୍ଧ୍ୟାରେ ଶହେରୁ ଅଧିକ ଲୋକ ଏହି ପାର୍କ ଉପରେ ନିର୍ଭରଶୀଳ। ଏବଂ ଛୁଟି ଦିନଗୁଡ଼ିକରେ ପାର୍କରେ ମଧ ଅସମ୍ଭାଳ ଭୀଡ଼ ହେଉଛି। ହେଲେ ସନ୍ଧ୍ୟା ହେଲେ ଅଧା ଭାଗ ଲାଇଟ୍ ଅଚଳ ଯୋଗୁଁ ଆସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଯାହା।କୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

ଏନେଇ ପାର୍କକୁ ଅସିଥିବା କିଛି ମହିଳା କୁହନ୍ତି ରାତି ହେଲେ ପାର୍କର ସବୁ ଭାଗ ବୁଲି ହେଉନାହିଁ। ଯେଉଁ ଭାଗ ଆଲୁଅ ରହିଛି ସେହି ପଟେ ଅଧିକ ଲୋକେ ରହୁଛନ୍ତି। ଫଳରେ ଅନ୍ଧାରିଆ ସ୍ଥାନ ମାନଙ୍କରେ ଯେଉଁ ଚେୟାର ରହିଛି ସେଥିରେ ବସିବା ସମ୍ଭବ ହେଉଁନାହିଁ। ଯେତେ ଶୀଘ୍ର ଲାଇଲ୍ ବ୍ୟବସ୍ଥାକୁ ସଜାଡ଼ିଲେ ଲୋକେ ଉପକୃତ ହୋଇପାରିବେ ବୋଲି ସେମାନେ କହିଛନ୍ତି। ଲାଇଟ୍ ଯେତିକି ଖରାପ ହୋଇଥିଲା ବାରମ୍ବାର ଅଭିଯୋଗ କରିବା ପରେ ବିଡ଼ିଏ ଅଫିସରୁ ଆସି ଖୋଲା ଖୋଲି କରି ନେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ଲାଇଟ୍ ଲାଗିନାହିଁ। ଫଳରେ ଲୋକମାନେ ଅଧା ପାର୍କକୁ ବୁଲିବାରୁ ବଞ୍ଚିତ ହେଉଛନ୍ତି ବୋଲି ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ବାଉଁଶ ଟ୍ରକ୍ ପଛରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

କୁଆମରା, ୧୮ ।୩(ସମିସ): ଉଦଳା-ବୈଶିଙ୍ଗା ରାସ୍ତାର ଖୁଣ୍ଟା ଥାନା ଅନ୍ତର୍ଗତ ନୂଆସାହି ଛକଠାରେ ବାଉଁଶ ବୋଝେଇ ଟ୍ରକ୍ ପଛପଟେ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ଖଡିଆବସା ଗ୍ରାମର ସୁରଜ ସିଂ (୨୦) । ଏକ ଟ୍ରକ୍ ଜୟପୁର ଅଞ୍ଚଳରୁ ବାଉଁଶ ବୋଝେଇ କରି ବୈଶିଙ୍ଗା ଅଭିମୁଖେ ଯାଉଥିବାବେଳେ ସନ୍ଧ୍ୟା ୭ଟା ସମୟରେ ଖଡ଼ିଆବସା ଗ୍ରାମର ସୁରଜ ସିଂ ବାଇକ୍‌ରେ ଅନ୍ୟଜଣେ ଯୁବକଙ୍କୁ ବସାଇ ପୁରୁଣା ବାରିପଦା ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଟ୍ରକ୍ ପଛପଟେ ପିଟି ହୋଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁରଜଙ୍କୁ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ଉଦ୍ଧାର କରି କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଆହତ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଛି । ତାଙ୍କର ପତ୍ତା ମିଳିନାହିଁ । ଦୁର୍ଘଟଣା ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରିବା ସହ ତଦନ୍ତ ଚଳାଇଛି । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି ।

### ରାଇରଙ୍ଗପୁର ହସ୍ପିଟାଲ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ

# ଉପକରଣରେ ବସିଲାଣି ଧୂଳି, ନିୟମିତ ହେଉନି ଯାଞ୍ଚ

ରାଇରଙ୍ଗପୁର, ୧୮ ।୩(ସମିସ): ରାଜ୍ୟର ପ୍ରମୁଖ ସରକାରୀ ହସ୍‌ପିଟାଲ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟି ୧୩ଜଣଙ୍କ ଜୀବନ ଯାଇଛି । ଯାହାକୁ ନେଇ ରାଜ୍ୟର ଅନ୍ୟ ହସ୍‌ପିଟାଲର ଅଗ୍ନି ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷକରି କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ କିପରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି, ତାହା ମନରେ ପ୍ରଶ୍ନ ସୃଷ୍ଟି କରିଛି । ହସ୍‌ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିବାବେଳେ ତାହାର ସ୍ଥିତି ନିୟମିତ ଭାବେ ଯାଞ୍ଚ ହେଉନାହିଁ । ନିରାପତ୍ତା ଉପରକଣଗୁଡ଼ିକରେ ବହଳ ଉଚ୍ଚର ଧୂଳି ବସିଗଲାଣି ।



ସୂଚନାଯୋଗ୍ୟ, ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ଏକ ଗୁରୁତ୍ୱପୂର୍ଣ୍ଣ ହସ୍ପିଟାଲ । ଯେଉଁଠି କି ଅନେକ ରୋଗୀ ଚିକିତ୍ସା ନିମନ୍ତେ ନିର୍ଭରଶୀଳ । ତେବେ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀ, ତାଙ୍କ ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ହସ୍‌ପିଟାଲ ପରିସରରେ ଥିବା କୋଠାମାନଙ୍କରେ ଅଗ୍ନି ନିରାପତ୍ତା ଉପକରଣ ସହ ଅଗ୍ନି ନିର୍ବାପକ ସିଲିଣ୍ଡର ମଧ ଲାଗିଛି । କିନ୍ତୁ ତାହାର ନିୟମିତ ଭାବେ ସ୍ଥିତି ଯାଞ୍ଚ ଓ ଏଗୁଡ଼ିକ ବ୍ୟବହାର ନେଇ ତାଲିମ କାର୍ଯ୍ୟକ୍ରମ ହେଉନାହିଁ । ଅନେକ ଫାୟାର ସେଫ୍‌ଟି ଉପକରଣ ଉପରେ ଧୂଳି ବସିଗଲାଣି । ଅଗ୍ନି ନିବାରଣ ଓ ଅଗ୍ନି ନିରାପତ୍ତା ଆଇନ ଅନୁଯାୟୀ, ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇବା ପରେ ପ୍ରତିଷ୍ଠାନ ଗୁଡ଼ିକରେ ଲାଗିଥିବା ଅଗ୍ନି ନିରାପତ୍ତା ଉପକରଣ କାମ କରୁଛି କି ନାହିଁ ପ୍ରତି ୬ ମାସରେ ଥରେ ଅଗ୍ନିଶମ ବାହିନୀ ଯାଞ୍ଚ କରିବାର ନିୟମ ରହିଛି । ଏହାସହିତ ଉପକରଣ ବ୍ୟବହାର ନେଇ ସଚେତନତା କରିବାର ଆବଶ୍ୟକତା ରହିଛି । କିନ୍ତୁ ତାହା କେତେ ପରିମାଣରେ କାର୍ଯ୍ୟକାରୀ ହେଉଛି, ତାହା ସନ୍ଦେହ ସୃଷ୍ଟି କରିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେତେ ଜନ ସଚେତନତା ସୃଷ୍ଟି କରାଯିବ ଏଭଳି ବିପତ୍ତିକୁ ଅଟକାଯାଇ ପାରିବ । କିନ୍ତୁ ତାହା କରିବାରେ ହସ୍‌ପିଟାଲ କର୍ତ୍ତୃପକ୍ଷ ଓ ଅଗ୍ନିଶମ ବିଭାଗ ଉଭୟ ଅବହେଳା କରୁଥିବା ଦେଖିବାକୁ ମିଳୁଛି । କଟକରେ ଅଗ୍ନିକାଣ୍ଡ ସ୍ଥିତି ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ହସ୍‌ପିଟାଲ୍ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚକୁ ଗୁରୁତ୍ୱର ସହ ନେଇଛନ୍ତି । ଜିଲ୍ଲାପାଳ ଅଗ୍ନି ପ୍ରତିରୋଧ ଓ ସୁରକ୍ଷା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବିଶେଷକରି ହସ୍ପିଟାଲରେ ଅଗ୍ନିକାଣ୍ଡ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ମକ୍ ଡ୍ରିଲ୍ ଓ ପ୍ରସ୍ତୁତି ବିଷୟରେ ଗୁରୁତ୍ୱ ଦିଆଯାଇଛି । ଯାହାକୁ ନେଇ ଆଗକୁ ଯାଞ୍ଚ ପ୍ରକ୍ରିୟା ହେବାକୁ ଯାଉଛି । ଆଗକୁ ଅଗ୍ନି ନିରାପତ୍ତା ଯାଞ୍ଚ କରି ଆସନ୍ନ ବିପଦକୁ ପ୍ରତିହତ କରିବା ବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ହାଇଡ୍ରୋସିଲ୍ ରୋଗୀଙ୍କ ଅସ୍ତ୍ରୋପଚାର ଶିବିର



ରାଇରଙ୍ଗପୁର, ୧୮ ।୩(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ, ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ମାର୍ଣ୍ଡି ସାମିଲ୍ ହୋଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡା. ସତ୍ୟପ୍ରକାଶ ଧଳ, ଡା. ଚିନ୍ମୟ କୁମାର ଦଳେଇ, ଆନାସ୍ଥେସିଆ ବିଶେଷଜ୍ଞ ଡା. ସତ୍ୟଜିତ ନିହାର ସିଂ, ଡା. ସତ୍ୟଜିତ ପଣ୍ଡା, ମେଡିକାଲ ଅଫିସର ଡା. ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ୧୭ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର କରାଯାଇଛି । ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଲେପ୍ରା ସୋସାଇଟି ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ହସ୍ପିଟାଲ ପରିଚାଳକ ଆଲୋକ କୁମାର ଗୋଛାୟତ, ନର୍ସିଂ ଅଫିସର ସବିତା ଷଡଙ୍ଗୀ, ଫାର୍ମାସିଷ୍ଟ ପ୍ରିୟମ ସିଂ, ଲେପ୍ରା ସୋସାଇଟି ସୁକୁମତି ହେମ୍ବ୍ରମ, ଅମ୍ବୁବତୀ ଦଳାଇ, ଭେକଟର ବାହିତ ରୋଗ ପରିଦର୍ଶକ ଦିପକ ମହାନ୍ତ, ଆଟେଣ୍ଡାଣ୍ଟ ପବିତ୍ର ବେହେରା, ଦିଲ୍ଲୀପ କୁମାର ବେହେରା, ସରସ୍ୱତୀ ବାରିକ, ସୁଇପର ଅଜୟ କାରୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନ୍ୟୁ ବସନ୍ତ ମହୋତ୍ସବ ଉଦ୍‌ଯାପିତ



ବିଶୋଇ, ୧୮ ।୩ (ସମିସ): ବିଶୋଇସ୍ଥ ଶିବ ମନ୍ଦିର ସାହି ପଡ଼ିଆରେ ବିଶୋଇ ମନ୍ଦିର ସାହି କମିଟି ଆନୁକୂଲ୍ୟରେ ନୃତ୍ୟ, ଗୀତ, କ୍ରୀଡ଼ା କୌତୁକ ଓ ଏକାଙ୍କିକାର ବିରାଟ ସମ୍ଭାର ଦଶମ ବାର୍ଷିକ ନ୍ୟୁ ବସନ୍ତ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉତ୍ସବର ଉଦଘାଟନ ଦିବସରେ ବାଳକ/ବାଳିକା ବିଭାଗର ଦୌଡ଼, ଗୋଲି ଚାମଚ ଦୌଡ଼, ଲମ୍ବଡିଆଁ, ଅଙ୍କକଷା, ସାଧାରଣ ଜ୍ଞାନ ସାଙ୍ଗକୁ ମହିଳାଙ୍କ ଭରା ମାଠିଆ ଦୌଡ ଓ ରମା ବାଡ଼ିରେ ହନୁ କୀର୍ତ୍ତନ କ୍ରୀଡା ପ୍ରତିଯୋଗିତା ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା । ଏ ଅବସରରେ ସମ୍ବାଦିକ ଧୀରେନ୍ଦ୍ର ଦାସ, ସୁବାସ ପାତ୍ର, ଶାନ୍ତନୁ ପାତ୍ର, ଅମିତ ଦାସ, ଶାଶ୍ୱତ ଶର୍ମା, ଅନୱାର ହୁସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ମହୋତ୍ସବରେ ବୁଢ଼ୀଗାଳି, ଡାଣ୍ଡା, ବାଲାନ୍ସ, ଚାଙ୍ଗୁ ନାଚ, ଭାଲୁ ନାଚ ଭଳି ବିଭିନ୍ନ ଆଦିବାସୀ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । କମିଟି ସଭାପତି ଦେବାଶିଷ ମହାନ୍ତଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ଏନବି ପୋଖରିଆ ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ, ୱାର୍ଡସଭ୍ୟ ଦୀପ୍ତିମୟୀ ରାଜ, ୱାର୍ଡସଭ୍ୟା କଟିମଣି ନାଏକ, ସମାଜସେବୀ ଶିବପ୍ରସାଦ ମହାନ୍ତ, ବିମ୍ବାଧର ଧୀର, ସମାଜସେବୀ ନଟବର ସିଂ, ସମାଜସେବୀ ବନମାଳୀ ଗିରି, ସାମଜସେବୀ ଦିଲ୍ଲୀପ ସି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡା ଓ ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବସନ୍ତ ଋତୁକୁ ସ୍ୱାଗତ ଜଣାଇବା ସହିତ କ୍ରୀଡା, ନୃତ୍ୟ ଆୟୋଜନ କରି ଲୁକ୍କାୟିତ ପ୍ରତିଭାର ବିକାଶ ଓ ଆଦିବାସୀ ସଂସ୍କୃତିକୁ ବଜାୟ ରଖିବା ପାଇଁ ଏହି ଉତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ । ଆଜି ଅପରାହ୍ନରେ ଲାଗଣେ ଏନେଜ ନୃତ୍ୟ ପ୍ରତିଯୋଗିତା ଜରିଆରେ ମିସ୍ ବିଶୋଇ ଚୟନ କରାଯାଇ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସଦସ୍ୟ କାଶୁ ମାଝୀ କ୍ରୀଡା ପରିଚାଳନା କରିଥିବାବେଳେ କମିଟି ସଭାପତି ଦେବାଶିଷ ମହାନ୍ତ, ଉପସଭାପତି ଆଶିଷ ସେଠୀ ଓ ତିଲକାରାମ ଟୁଡୁ, ସମ୍ପାଦକ ସଞ୍ଜୀବ ସେଠୀ, ସହସମ୍ପାଦକ ଅମଲେଶ କୁମାର ସି ଓ କମଳାକାନ୍ତ ବାସ୍କେ, କୋଷାଧକ୍ଷ ମୁନା ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ ।


## ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

କୁଆମରା, ୧୮ ।୩(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କପ୍ତିପଦା ଡିଗ୍ରୀ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ନିବାରଣ ଶତପଥୀ ଯୋଗଦେଇ ଏଡସ୍ ବିଷୟବସ୍ତୁ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ନିରାକରଣ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କଲେଜର ବିଭାଗୀୟ ଅଧ୍ୟାପକ ଅଶ୍ୱନୀ କୁମାର ଘୋଷ, ପ୍ରଭାତ




ସେନାପତି, ପ୍ରଦୀପ ପଣ୍ଡା, ଗୀତିକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଏଡସ୍ ଉପରେ ମୂଲ୍ୟବାନ ବକ୍ତବ୍ୟ ରଖିବା ସହ ସଚେତନତା କରାଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଦେବାଶିଷ ଶଙ୍ଖୁଆ ଓ ଅଧ୍ୟାପିକା ପୁନ୍ୟଶ୍ଳୋକା ଆଚାର୍ଯ୍ୟ ପରିଚାଳନା କରିଥିଲେ ।

## ବରିଷ୍ଠ ଆଇନଜୀବୀ କୃପାସିନ୍ଧୁ ଷଡ଼ଙ୍ଗୀଙ୍କ ପରଲୋକ



ବାରିପଦା, ୧୮ ।୩(ସମିସ): ବାରିପଦାରେ ଦୀର୍ଘ ୫୦ବର୍ଷ ଧରି ଆଇନଜୀବୀ ଭାବେ କାର୍ଯ୍ୟ କରିଥିବା କୃପାସିନ୍ଧୁ ଷଡ଼ଙ୍ଗୀ(୯୦)ଙ୍କ ପରଲୋକ ଘଟିଛି । ବୁଧବାର ସକାଳ ୮ଟା ୫ମିନିଟ ସମୟରେ ବାରିପଦାସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ୧୯୬୬ ମସିହାରୁ ସେ ବାରିପଦାରେ ଓକିଲାତି ଆରମ୍ଭ କରି ୨୦୧୫ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଜଣେ ଶୃଙ୍ଖଳିତ, ସମୟାନୁବର୍ତ୍ତୀ, ପ୍ରତିଭାବାନ, ସ୍ୱାଭିମାନୀ ଓ ପରୋପକାରୀ ଆଇନଜୀବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଜିଲ୍ଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହିତ ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଶେଷଦର୍ଶନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ସୁନତୀ, ବଡ଼ପୁଅ ବ୍ରହ୍ମାନନ୍ଦ, ସାନପୁଅ ଆଇନଜୀବୀ ପରମାନନ୍ଦ, ପୁତ୍ରବଧୂ ପ୍ରଜ୍ଞା, ବଡ଼ଝିଅ ସୁଷମା, ସାନଝିଅ ସ୍ମିତାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ବାରୁଣୀସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା, ୧୮ ।୩(ସମିସ): ସ୍ଥାନୀୟ ମହାରାଜପୁରଠାରେ ଅବସ୍ଥିତ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଦେବସ୍ରିତା ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ଜୀବନରେ ସଫଳତା ହାସଲ କରିବାକୁ ହେଲେ ଶିକ୍ଷା ସହିତ ସତ୍‌ସଙ୍ଗର ଭୂମିକା ରହିଛି ବୋଲି କହିଥିଲେ । ସେ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଉପାଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ଦିନରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଉଥିବାବେଳେ ଯେଉଁ ଛାତ୍ରଛାତ୍ରୀ ନିଜସକୁ ଆଳସ୍ୟ, ଆନନ୍ଦ ଉଲ୍ଲାସ ଭିତରେ ରହି ସମୟର ଦୁରୁପଯୋଗ କରୁଛି, ସେ ସବୁଥିରୁ ବଞ୍ଚିତ ହୋଇ ରହୁଛି ବୋଲି କହିବା ସହ ଆଗାମୀ କିଛିବର୍ଷ ଦୃଢ଼ ମନୋବଳ ସହ କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ । ଅଧକ୍ଷା ଦେବଶ୍ରିତା ବିଶ୍ୱାଳ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ ଆଜିର ଏହି ଦିନ ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ ହୋଇ ରହିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜ୍ଞାପନ କରୁଛି ବୋଲି କହିଥିଲେ । ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଡ. ଏସକେ ନଜରୁଲ, ସୁଜାତା ପାଲ, ଜ୍ୟୋତିର୍ମୟୀ ଗିରି, ରଞ୍ଜିତ ମାରାଣ୍ଡି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ହିତୋପଦେଶ ଦେଇଥିଲେ । ରସାୟନ ବିଜ୍ଞାନ ଅଧ୍ୟାପକ ଡ ଏସକେ ନଜରୁଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସ୍କୃତ ମହାବିଦ୍ୟାଳୟରେ ଅଗ୍ନିନିର୍ବାପକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ



ବାରିପଦା, ୧୮ ।୩(ସମିସ): ସ୍ଥାନୀୟ ସରକାରୀ ସଂସ୍କୃତ ମହାବିଦ୍ୟାଳୟରେ ଅଗ୍ନି ନିର୍ବାପକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସାବଧାନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାରିପଦାର ଓଏସ୍‌ଏପି ପଞ୍ଚମ ବାଟାଲିୟନ ଓଡ୍ରାଫ୍ ଓ ବାରିପଦା ଦମକଳ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ କାର୍ଯ୍ୟକ୍ରମ ଅରୁଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧକ୍ଷା ଡଃ ପଦ୍ମା ଦେବୀଙ୍କ ନେତୃତ୍ୱ ତଥା ଜାତୀୟ ସେବା ସଂସ୍ଥାର ଅଧିକାରୀ ଡଃ ଫାଗୁ ଟୁଡୁ ଓ ଯୁବ ରେଡକ୍ରସ ଅଧିକାରୀ ଡଃ ଧର୍ମବୀର ମୋହନ ସିଂଙ୍କ ପ୍ରମୁଖ ସହଯୋଗରେ ଅୟୋଜିତ ହୋଇଥିଲା । ଅଧ୍ୟାପକ ଡ ସୁବଳ ଚନ୍ଦ୍ର ସାହୁ, ଡ ପ୍ରିୟଙ୍କା ମହାନ୍ତ, ଡ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅଂଶ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଡ. ଅଜୟ କୁମାର କରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଧାନସଭାରେ ଆଦିବାସୀଙ୍କ ଗିରଫ ପ୍ରସଙ୍ଗ

# ତୁରନ୍ତ ଖଲାସ ପାଇଁ ବିଧାୟକଙ୍କ ଦାବି

ରାଇରଙ୍ଗପୁର, ୧୮ ।୩(ସମିସ): ବହଳଦାରେ ଜାତୀୟ ରାଜପଥ ଅବରୋଧବେଳେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ହୋଇଥିଲେ । ଏହି ଘଟଣାରେ ଗିରଫ ହୋଇଥିବା ଆଦିବାସୀଙ୍କୁ ଖଲାସ ପାଇଁ ବିଧାନସଭାରେ ଦାବି କରିଛନ୍ତି ରାଇରଙ୍ଗପୁର ବିଧାୟକ ଜଲେନ ନାଏକ । ଗିରଫ ୩୪ଜଣ ଆଦିବାସୀଙ୍କୁ ଜେଲରୁ ଖଲାସ କରିବା ପାଇଁ ସେ ଦାବି କରିଛନ୍ତି । ଶ୍ରୀ ନାଏକ ବିଧାନସଭାର ଶୂନ୍ୟକାଳରେ ଏହି ଦାବି ଉପସ୍ଥାପନ କରିଛନ୍ତି । ବହଳଦା ବାଇପାସରେ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । କଥା କଟାକଟି ହେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା । ଯାହାକୁ ନେଇ ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା । ଏହାପରେ ଗ୍ରାମବାସୀ ପଥର, ଇଟା, ଲାଠିରେ ଆକ୍ରମଣ କରିବାରୁ ୧୨ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ । ଏ ନେଇ ବହଳଦା ଥାନାରେ ଏକ ମାମଲା ରୁଜୁ କରାଯାଇ ୩୪ ଗ୍ରାମବାସୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ସେଥିମଧ୍ୟରେ ୨୮ ଜଣ ମହିଳା ରହିଛନ୍ତି । ତେବେ ଗିରଫ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ବିଧାୟକ ଶ୍ରୀ ନାଏକ ସାନ୍ତାଳୀ ଭାଷାରେ ବାଚସ୍ପତିଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି । ଏହା ସହିତ ସମସ୍ତ ବିଧାୟକ ଏକତ୍ରିତ ହୋଇ ଆଦିବାସୀଙ୍କ ପାଇଁ ଲଢ଼େଇ କରିବାକୁ ନିବେଦନ କରିଛନ୍ତି । ସୂଚନା ଥାଉ କି, ଏ ନେଇ ମୟୂରଭଞ୍ଜ ଆଦିବାସୀ ଏକତା



ମଞ୍ଚ ପକ୍ଷରୁ ରାଇରଙ୍ଗପୁରସ୍ଥିତ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ଧାରଣା ଦିଆଯାଇଥିଲା । ଆସନ୍ତା ୧୯ ତାରିଖ ସୁଦ୍ଧା ଗିରଫ ଆଦିବାସୀଙ୍କୁ ଖଲାସ ନ କଲେ, ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

## ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

କରଞ୍ଜିଆ, ୧୮ ।୩(ସମିସ): ଆସନ୍ତା ଓଡ଼ିଶା ଦିବସ ପାଳନ କରିବା ପାଇଁ କରଞ୍ଜିଆରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଅଧକ୍ଷତା କରିଥିଲେ । ବିଶେଷ



କରି ସାଂସ୍କୃତିକ ଓ ଦେଶଭକ୍ତିମୂଳକ କାର୍ଯ୍ୟକ୍ରମ ଆୟୋଜନରେ ଉପଜିଲ୍ଲାପାଳଙ୍କ ସହିତ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକ, କରଞ୍ଜିଆ ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଅନିତା ସିଂ, ସୂଚନା ଲୋକସମ୍ପର୍କ ବିଭାଗ ଭାରପ୍ରାପ୍ତ ଅଧିକାରୀ ନିହାର ରଞ୍ଜନ ସେଠୀଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଯଥା ସାଂସ୍କୃତିକ କାର୍ଯ୍ୟକ୍ରମ, ମହିଳାମାନଙ୍କ ଆଗମନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା ।

### ଦେବଦେବୀଙ୍କ ପ୍ରତୀକ ଚୋରି ଏବଂ ଅସମ୍ମାନ ମାମଲା

# ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**■ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ**

ବାରିପଦା, ୧୮ ।୩(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ଫେବୃଆରୀ ୧୬ରୁ ୨୧ତାରିଖ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର



ଜିଲ୍ଲାର ଆଦିବାସୀଙ୍କ ଜାହେର ଗାଳରୁ ଦେବଦେବୀଙ୍କ ପ୍ରତୀକ (ପାଷାଣ) ଚୋରି ହୋଇ ସେହି ସ୍ଥାନରେ ଅନ୍ୟ ଧର୍ମର ଠାକୁରଙ୍କ ଫଷଟା ରଖାଯାଇଥିଲା । ଯାହାକି ତାଙ୍କ ଦେବଦେବୀଙ୍କ ପ୍ରତି ଅସମ୍ମାନ । ଧାର୍ମିକ ବିଶ୍ୱାସ ଉପରେ କୁଠାରଘାତ ବୋଲି କୁହାଯାଇଥିବାବେଳେ ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ଥାନା ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା । ତେବେ ଏହା ସତ୍ତ୍ୱେ କୌଣସି ଏଫ୍‌ଆଇଆର୍ ପଞ୍ଜିକୃତ କରାଗଲା ନାହିଁ କି ତଦନ୍ତ ମଧ କରାଗଲା ନାହିଁ । ତେଣୁ ଯଥାଶୀଘ୍ର ଉକ୍ତ ମାମଲାରେ ଏଫ୍‌ଆଇଆର୍ ପଞ୍ଜିକୃତ କରାଇ ଆଦିବାସୀଙ୍କ ଦେବଦେବୀ ଓ ଜାହେରଗାଳ ପ୍ରତି ନ୍ୟାୟ ଏବଂ ସୁରକ୍ଷା ପାଇଁ ଉଚ୍ଚ ସ୍ତରୀୟ (ସିବିଆଇ) ତଦନ୍ତ କରାଇବା ସହିତ ଦୋଷୀଙ୍କୁ ଚିହ୍ନଟ କରାଯାଇ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି । ତତସହିତ ପ୍ରକୃତି ପୂଜକ ଆଦିବାସୀଙ୍କର ଧାର୍ମିକ ସ୍ୱାଧୀନତା ପାଇଁ ସାର୍ନା ଧର୍ମ କୋଡ଼ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବାକୁ ଦାବି କରାଯାଇଛି । ଯଦି ଆଗାମୀ ଏପ୍ରିଲ ୨୦ ତାରିଖ ସୁଦ୍ଧା ଦାବି ପୂରଣ କରାନଯାଏ, ତେବେ ଧାରଣାରେ ବସିବେ । ରାଜରାସ୍ତାକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ଆଦିବାସୀ ବିଧାୟକ, ସାଂସଦଙ୍କ କୁଶପୁତ୍ତଳିକା ଦାହ କରିବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନବେଳେ ଜୋନାଲ ଉପସଭାପତି ବାହାଦୂର ମୁର୍ମୁ ଏବଂ ମାଝୀ ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ ଉପସ୍ଥିତ ଥିଲେ ।

# ବେଆଇନ ଇଟାଭାଟି ଉପରେ ଚଢ଼ିଲା ବୁଲଡୋଜର

ପରଜଙ୍ଗ,୧୮ ।୩(ସମିସ):

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡମୋଳ ଗ୍ରାମ ଝରାସାଇ ନିକଟରେ ଡମୋଳ ଗ୍ରାମର ଭୁବନେଶ୍ୱର ପରିଡ଼ାଙ୍କ ବେଆଇନ ଇଟାଭାଟି ଓ ଗଢ଼ା ହୋଇଥିବା ଇଟାକୁ ପ୍ରଶାସନ ବୁଧବାର ବୁଲଡୋଜର ଚଢ଼ାଇ ଭାଙ୍ଗି ଦେଇଛି। ନିଆଁ ଲାଗିଥିବା ଏକ ଇଟାଭାଟିକୁ ପ୍ରଥମେ ଅଗ୍ନିଶମ ବିଭାଗ କର୍ମଚାରୀ ପାଣି ମାରି ଭାଙ୍ଗି ଦେଇଥିଲେ। ପରେ ବୁଲଡୋଜର ସାହାଯ୍ୟରେ ଭାଟିକୁ ଭଙ୍ଗାଯାଇଛି। ସୂଚନା ମୁତାବକ ଡମୋଳ ଗ୍ରାମର କିଛି ରାଜନୈତିକ ବ୍ୟକ୍ତି ଏହି ବେଆଇନ ଇଟାଭାଟି ନେଇ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଥିଲେ।



ବିଧାୟକ ତାଙ୍କ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଏଥିସହ ଗ୍ରାମର ବିମଳ ନାୟକ ମଧ୍ୟ ଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହାକୁ ଆଧାର କରି ଜିଲ୍ଲାପାଳ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଇଟାଭାଟି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇଟାଭାଟି ଉଚ୍ଛେଦ ବେଳେ କାମାକ୍ଷାନଗର ଉପ-ଜିଲ୍ଲାପାଳ ଦୀନମଣି ନାୟକ, ତହସିଲଦାର ସୁଦେବ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୁବାଶିଷ ପ୍ରଧାନ, ଅନୁଗୋଳ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ କଅଁର, ପ୍ରଫୁଲ୍ଲ କୁମାର ବେହେରା, ପରଜଙ୍ଗ ସହକାରୀ ଶ୍ରମ ଅଧିକାରୀ ବୈଜୟନ୍ତିବାଳା ମଲ୍ଲିକ, ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି, ପରଜଙ୍ଗ ଥାନା ଏଏସଆଇ ଜଳନ୍ଧର ବାରିକ, ସରାଙ୍ଗ ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ



ଢେଙ୍କାନାଳ,୧୮ ।୩(ସମିସ): ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟ ମନସ୍ମିତା ଖୁଣ୍ଟିଆ ଏବଂ କସ୍ତୁରୀ ମିଶ୍ର ଦିନିକିଆ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁଗୃହ, କନ୍ୟାଶ୍ରମ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଏସ୍‌ପି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପୂର୍ବାହ୍ନ ସାଢ଼େ ୯ଟାରେ ଅଧ୍ୟକ୍ଷା ଓ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ୧୦ଟାରେ ଢେଙ୍କାନାଳର ଭଗବାନପୁର, ସଦର ଅଙ୍ଗନବାଡି ସେଣ୍ଟର, ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ଶିଶୁ ଗୃହ, ଗୋବିନ୍ଦପୁର, ଜାଭିୟର ସ୍କୁଲ, ରଣପସୀ, ଏବଂ କପିଳାସ କନ୍ୟା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନ ୫ଟାରେ ଜିଲ୍ଲା ଶିଶୁ ସୁରକ୍ଷା ସମ୍ପର୍କିତ ଅଧିକାରୀମାନଙ୍କ ସହ ଜିଲ୍ଲା ସଦଭାବନା କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଓ ସଦସ୍ୟ ସଦସ୍ୟା, ଜିଲ୍ଲା ଆରକ୍ଷୀ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଢେଙ୍କାନାଳ ଜିଲ୍ଲାରେ ଆଦ୍ୱିକା ଯୋଜନା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶିଶୁଗୃହମାନଙ୍କରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟମାନଙ୍କରେ ବିଶୁଦ୍ଧ ପାନୀୟ ଜଳ କିପରି ପାଇପାରିବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। କନ୍ୟାଶ୍ରମରେ କିପରି ବାଳିକାମାନଙ୍କର ମାସିକ ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କର ସାଜସଜା ଉପରେ ଗୁରୁତ୍ୱ ସହିତ ପାନୀୟର ସୁବିଧା ଆବାସିକ ଗୃହରେ ରହିପାରିବ ଏହା ଉପରେ ପରାମର୍ଶ ଦେଇଥିଲେ। ପରିଶେଷରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉପରେ କାନ୍ଥ ଚିତ୍ର ଉତ୍ତଳନ ଜନଗହଳି ସ୍ଥାନରେ କରିବାପାଇଁ ପରାମର୍ଶ ଦେଇଥିଲେ। ଶିଶୁ ନିର୍ଯାତନା ସମ୍ପର୍କିତ ମାମଲାଗୁଡ଼ିକର ଆଶୁସମାଧାନ ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଓ ଶିଶୁ ସହାୟତାର ସମସ୍ତ ସଦସ୍ୟ ଏହି ସମୀକ୍ଷା ବୈଠକକୁ ଆଗକୁ ନେବାରେ ସହଯୋଗ କରିଥିଲେ।

# ବିଦ୍ୟୁତପ୍ରଭା ଫାଉଣ୍ଡେସନ ତରଫରୁ ଜଳଛତ୍ର




କାମାକ୍ଷାନଗର,୧୮ ।୩(ସମିସ): ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି କାମାକ୍ଷାନଗରର ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ତରଫରୁ ଜଳଛତ୍ର ଖୋଲାଯାଇଛି। କାମାକ୍ଷାନଗର-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରାଠାରୁ କନ୍ଦରସିଙ୍ଗା ପାୱାର୍ ଛକରେ ଏକ ଜଳଛତ୍ର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଡେପୁଟି କଲେକ୍ଟର ବଟକୃଷ୍ଣ ମଲ୍ଲିକ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷା ଅଧ୍ୟାପିକା ଲିପ୍ସା ପ୍ରଧାନଙ୍କ ମାର୍ଗଦର୍ଶନରେ କାମାକ୍ଷାନଗର ସହର ଓ ଆଖପାଖ ସ୍ଥାନରେ ଆଗାମୀ ଦିନରେ ଅଧିକ ଜଳଛତ୍ର ଖୋଲାଯିବା ନେଇ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର ପରିଚାଳନା କରିଥିବା ବେଳେ ଦେବାଶିଷ ବିଶ୍ୱାଳ, ବିକାଶ ଚନ୍ଦ୍ର ବେହେରା, ଓମପ୍ରକାଶ ମହାନ୍ତି, ରଶ୍ମିରଞ୍ଜନ ପାତ୍ର, ପୃଥ୍ୱୀରାଜ ନାଏକ, ସୁବ୍ରତ ସାହୁ, ଶୁଭେନ୍ଦୁ ଶେଖର ସାହୁ, ଦୀପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଫାଣ୍ଡି ଘେରିଲେ ଶତାଧିକ ଗ୍ରାମବାସୀ

ଭୁବନ,୧୮ ।୩(ସମିସ): ନ୍ୟାୟ ଦାବୀରେ ଫାଣ୍ଡି ଘେରିଲେ ଶତାଧିକ ପୁରୁଷ ଓ ମହିଳା। ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡିରେ ଏହି ଘଟଣା ଘଟିଛି। ଗତ ୧୫ ତାରିଖ ଏହି ଫାଣ୍ଡି ଅଧୀନ ମାର୍ଥାପୁର ପଞ୍ଚାୟତ ଓଡ଼ଣା ଗ୍ରାମର ସିପୁନ ମଲ୍ଲିକ ତାଙ୍କ ଭିଣୋଇ ବିମଳ ମଲ୍ଲିକଙ୍କୁ ଘରୁ ଡାକି ନେଇଥିଲେ। ପରଦିନ ଗାଁ ନିକଟ ପୋଲତଳୁ ବିମଳଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସିପୁନ ତାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିପୁନଙ୍କୁ ଅଟକ ରଖି ପଚରାଉଚରା ପରେ ମଙ୍ଗଳବାର ସନ୍ଧ୍ୟାରେ ଛାଡ଼ିଦେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପରିବାର ଲୋକେ ଓ ଗ୍ରାମବାସୀ ନ୍ୟାୟ ଦାବିରେ ଫାଣ୍ଡି ଘେରଉ କରିଛନ୍ତି। କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଛନ୍ତି। ତେବେ ଏହି ଘଟଣାର ତଦନ୍ତ ଚାଲିଥିବାରୁ ସେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



# ବିଜେଡିର କର୍ମୀ ସମ୍ମିଳନୀ; ନୂତନ ବ୍ଲକ ସଭାପତି ସମ୍ବର୍ଦ୍ଧିତ

ଖଜୁରିଆକଟା,୧୮ ।୩(ସମିସ): ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତର ପାଞ୍ଚ ଶହରୁ ଊର୍ଦ୍ଧ୍ୱ କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ଦଳକୁ ସୁସଙ୍ଗଠିତ କରିବାକୁ ଆଲୋଚନା କରିଥିଲେ। ଓଡ଼ିଶାର ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା ଉପରେ ସମସ୍ତେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ହିନ୍ଦୋଳ ବ୍ଲକର ନବନିଯୁକ୍ତ ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ମେଡିକାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ତଦାରଖ



କାମାକ୍ଷାନଗର,୧୮ ।୩(ସମିସ): କଟକ ଏସସିବି ମେଡିକାଲରେ ଅଗ୍ନିକାଣ୍ଡ ପରେ ସରକାରଙ୍କର ନିଦ ଭାଙ୍ଗିଛି। ବିଭିନ୍ନ ସରକାରୀ ମେଡିକାଲରେ କିପରି ଅଛି ଅଗ୍ନି ନିରାପତ୍ତା ତାହା ଅନୁଧ୍ୟାନ କରୁଛନ୍ତି ଅଗ୍ନିଶମ ବାହିନୀ। ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ବୁଧବାର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆସି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ମେଡିକାଲର ବିଭିନ୍ନ ୱାର୍ଡ ବୁଲି ଦେଖିଛନ୍ତି। ପ୍ରାଥମିକ ସୁବିଧା ଅଛି, ଆଗକୁ ଅନ୍ୟ ସବୁ ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ମେଡିକାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିଗମ୍ବର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ବିୟୋଗରେ ଶୋକ



କାମାକ୍ଷାନଗର,୧୮ ।୩(ସମିସ): କାମାକ୍ଷାନଗର ଲକ୍ଷ୍ମୀ ବଜାରର ଶୁଭଶ୍ରୀ ଡ୍ରେସ୍ ଦୋକାନ ମାଲିକ ଅରବିନ୍ଦ କୁମାର ମୋହତାଙ୍କ ଦେହାନ୍ତ ହୋଇଛି। କିଛିଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ହଠାତ୍ ଗୁରୁତର ହେବାରୁ ଆଇସିୟୁରେ ରଖାଯାଇଥିଲା। ସେଠାରେ ତାଙ୍କ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଦୋକାନ ବଜାର ବନ୍ଦ ରହିଥିଲା।

# ହିନ୍ଦୋଳରେ ଭିନ୍ନକ୍ଷମ ଚିହ୍ନଟ ଶିବିର



ଖଜୁରିଆକଟା,୧୮ ।୩(ସମିସ): ହିନ୍ଦୋଳ ବ୍ଲକରେ ଅନୁଷ୍ଠିତ ହୋଇଛି ଭିନ୍ନକ୍ଷମ ଚିହ୍ନଟ ଶିବିର। ଉପଜିଲ୍ଲାପାଳ ପ୍ରଭାସ ବେଉରା ଶିବିରକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ବିଡିଓ କଲ୍ୟାଣସୌରଭ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଶାରୀରିକ ଅକ୍ଷମତା ୮୫ଜଣ, ଚକ୍ଷୁ ବାଧିତ ୩୮, ଶ୍ରବଣବାଧିତ ୩୯, ମାନସିକ ଅନଗ୍ରସର ୪୮ ଓ ମେଡିସିନ ବିଭାଗରେ ୫ଜଣ ଏପରି ମୋଟ ୨୧୫ଜଣ ଅଂଶଗ୍ରହଣ କରିଥିଲେ। ତେବେ ବହୁ ଅବ୍ୟବସ୍ଥା ଭିତରେ ହୋଇଥିବା ଏହି ଶିବିରରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସଠିକ ସୂଚନା ଦିଆଯାଇ ନ ଥିବାବେଳେ ଶିବିର ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା କୌଣସି ପ୍ରଚାର ପ୍ରସାର କରାଯାଇ ନ ଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ସଠିକ ସୂଚନା ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇ ନ ଥିଲା। ଫଳରେ ଗ୍ରାମାଞ୍ଚଳରେ ଅନେକ ଭିନ୍ନକ୍ଷମ ଶିବିର ସମ୍ବନ୍ଧରେ ଜାଣି ନ ପାରି ଯୋଗଦେଇ ପାରି ନ ଥିଲେ। ଏ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଗଁଦିଆ-ମହିମାଗାଦୀ-କପିଳାସ-ଭୁବନ ଦେଇ ନୂତନ ରେଳପଥ ଦାବି

## ● ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସାଂସଦ

ଢେଙ୍କାନାଳ,୧୮ ।୩(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ କପିଳାସ, ଭୁବନ ଦେଇ ହାୱଡ଼ା ଓ ଚେନ୍ନଇକୁ ରେଳପଥ ସଂଯୋଗ ପାଇଁ ନୂତନ ରେଳଲାଇନ ନିର୍ମାଣ କରିବାକୁ ସାଂସଦ ରୁଦ୍ରନାରାୟଣ ପାଣି ସଂସଦରେ ଦାବି ଉପସ୍ଥାପନ କରିଛନ୍ତି। ଢେଙ୍କାନାଳ ରେଳ ଷ୍ଟେସନଠାରୁ ମହିମା ଧର୍ମର ଆଦିପୀଠ ଯୋରନ୍ଦା ନିକଟରେ ଥିବା ବେଳେ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପୀଠ ସହ ଗଁଦିଆ ଏବେ ଏନଏସି ମାନ୍ୟତା ଲାଭ କରିଛି। ଗଁଦିଆ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ପାର ହେବା ପରେ ବିଶ୍ୱର ସର୍ବକନିଷ୍ଠ ସହିଦ ବାଜିରାଉତଙ୍କ ଗ୍ରାମ ନୀଳକଣ୍ଠପୁର ରହିଛି। ଢେଙ୍କାନାଳ ମୁଖ୍ୟ ଷ୍ଟେସନଠାରୁ ଯୋରନ୍ଦା, ମହିମା ଗାଦୀ, କପିଳାସ, ଗଁଦିଆ, ନୀଳକଣ୍ଠପୁର ଦେଇ ଚେନ୍ନାଇ, ହାୱଡ଼ା, ମୁଖ୍ୟ ରେଳ ଲାଇନକୁ ସଂଯୋଗ କରିବା ପାଇଁ ନୂଆ ଗ୍ରୀନଫିଲ୍ଡ ରେଳମାର୍ଗରେ ସାମିଲ କରି ସର୍ଭେ କରାଯିବା ସହିତ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସାଂସଦ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

**ଜାତୀୟ ବହୁଭାଷୀ ନାଟକ ମହୋତ୍ସବରେ ଓଡ଼ିଆ ନାଟକ କରିବ ଅଲ୍‌ଟର୍‌ନେଟିଭ୍ ରିଦମ ଥିଏଟର୍**

# ବେଗୁସରାଇରେ ବାଜିବ ଢୋଲିଆର ଢୋଲ

ଢେଙ୍କାନାଳ,୧୮ ।୩(ସମିସ): ବିହାର ରାଜ୍ୟର ବେଗୁସରାଇରେ ଚଳିତ ମାସ ୨୨ରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କଳାଋଷି ପଦ୍ମଶ୍ରୀ ବାବା ଯୋଗେନ୍ଦ୍ର ଜାତୀୟ ବହୁଭାଷୀ ନାଟକ ମହୋତ୍ସବରେ ଓଡ଼ିଆ ନାଟକ ଢୋଲିଆ ମଞ୍ଚନ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାଟକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ନାଟ୍ୟାନୁଷ୍ଠାନ ଅଲଟରନେଟିଭ ରିଦମ ଥିଏଟର କୁ ଚୟନ କରି ଆମନ୍ତ୍ରଣ କରାଯାଇଛି। ଏଥିନେଇ ଆୟୋଜକ ଅପଷ୍ଟେଜ ପକ୍ଷରୁ ଆମନ୍ତ୍ରଣ କାଯାଇଛି। ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସଙ୍କ ପରିକଳ୍ପନା,



ରଚନା ଓ ନିର୍ଦ୍ଦେଶନାର ଏହି ନାଟକ ୨୬ତାରିଖ ସନ୍ଧ୍ୟାରେ ବେଗୁସରାଇସ୍ଥିତ ପ୍ରେକ୍ଷାଳୟରେ ମଞ୍ଚନ ହେବ। ବେଗୁସରାଇ ଭଳି ନାଟ୍ୟ ପ୍ରାଚୁର୍ଯ୍ୟ ଥିବା ଅଞ୍ଚଳରେ ଜାତୀୟ ବହୁଭାଷୀ ନାଟକ ମହୋତ୍ସବରେ ଓଡ଼ିଆ ନାଟକ 'ଢୋଲିଆ' ମଞ୍ଚନ ନିଶ୍ଚିତ ଭାବେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବର ବିଷୟ। ଏହି ନାଟକରେ ମଣ୍ଟୁ ସଙ୍ଗୀତ ପରିଚାଳନା କରିଥିବା ବେଳେ, ବିକାଶ ପ୍ରଧାନ ଆଲୋକ ରଚନା ଏବଂ ବିଜ୍ଞାନ ମହାନ୍ତି ଓ ମାଧବ ହେମ୍ବ୍ରମ ମଞ୍ଚ ରଚନା କରିବା ସହିତ କୋରସ ଅଭିନୟରେ ଅଛନ୍ତି। ଏହି ମହୋତ୍ସବରେ ଭାଗନେବା ପାଇଁ ଅଲଟରନେଟିଭ୍ ରିଦମ୍ ଥିଏଟର ନାଟ୍ୟଦଳ ମାର୍ଚ୍ଚ ୨୪ ତାରିଖରୁ ବେଗୁସରାଇ ଅଭିମୁଖେ ଯାତ୍ରା ଆରମ୍ଭ କରିବ।

## ● ଆକ୍ସିସ ବ୍ୟାଙ୍କ ଏଟିଏମରେ ତ୍ରୁଟି

# ୧୦ ହଜାର ଉଠାଇଲେ ବାହାରୁଛି ୯ ୬୦୦



କଙ୍କଡ଼ାହାଡ଼,୧୮ ।୩(ସମିସ): କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମାଠାରେ ଆକ୍ସିସ ବ୍ୟାଙ୍କ ଏଟିଏମ ରହିଛି। ତେବେ ଏହି ଏଟିଏମ୍‌ରେ ବ୍ୟପକ ଅବ୍ୟବସ୍ଥା ନଜରକୁ ଆସିଛି। ୧୦ ହଜାର ଟଙ୍କା ଉଠାଇଲେ ୯ ୬୦୦ ଟଙ୍କ ଉଠୁଛି। ଶନିବାର ୧୪ ତାରିଖ ତେଲକୋଇ ଅଞ୍ଚଳର ଲକ୍ଷେଶ୍ୱର ମହାନ୍ତ ଓ କଙ୍କଡ଼ାହାଡ଼ ଗ୍ରାମର ଶ୍ରୀକାନ୍ତ ସିଂହ ଏହି ଏଟିଏମକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ଉଭୟ ୧୦ ହଜାର ଲେଖାଏଁ ଟଙ୍କା ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୯ ୬୦୦ ଟଙ୍କା ଉଠିଥିବା ଗଣତିରୁ ଜଣାପଡ଼ିଥିଲା। ଏ ନେଇ ଶ୍ରୀକାନ୍ତ ସିଂହ କହିଛନ୍ତି, ସେ ଏଟିଏମରୁ ୧୦ ହଜାର ଟଙ୍କା ଉଠାଇବା ପାଇଁ ପିନ ଦେବାପରେ ୧୮ ଟି ୫୦୦ ଟଙ୍କିଆ, ୬ଟି ୧୦୦ ଟଙ୍କିଆ ଉଠିଲା। ତେବେ ତାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଉଠିଥିବା ମେସେଜ ଆସିଥିଲା। ତାଙ୍କ ପୂର୍ବରୁ ଜଣେ ବ୍ୟକ୍ତି ମଧ୍ୟ ୧୦ ହଜାର ଉଠାଇଥିବା ବେଳେ ୪୦୦ ଟଙ୍କା କମ ଉଠିଥିଲା। ଉଭୟ ଏ ସଂକ୍ରାନ୍ତରେ ଜିରିଡ଼ାମାଳିସ୍ଥିତ ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ତୁରନ୍ତ ଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଶାଖା ପରିଚାଳକ ପ୍ରତାପ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ ସେ କହିଛନ୍ତି, ଏଟିଏମରେ ତୃତୀୟ ପକ୍ଷ ସିଏମଏସ ଟଙ୍କା ଭରୁଛନ୍ତି। ଏମିତି କାହିଁକି ହେଲା ତାହାର ତଦନ୍ତ କରାଯିବ ଓ ଯେଉଁମାନେ ଅଭିଯୋଗ କରିଛନ୍ତି ୧୦ ହଜାର ଜାଗାରେ ୯ ୬୦୦ ଉଠିଛି ସେମାନଙ୍କୁ ଟଙ୍କା ଫେରସ୍ତ କରାଯିବ।

# ଶୃଙ୍ଖଳିତ ଚାଲିଲା ହିନ୍ଦୋଳ ହାଟ

ଖଜୁରିଆକଟା,୧୮ ।୩(ସମିସ): ଅତିରିକ୍ତ ଏସପିଙ୍କ ଉଦ୍ୟମରେ ହିନ୍ଦୋଳ ଏନଏସିର ବହୁ ପୁରାତନ ହାଟ ବୁଧବାରଠାରୁ ଶୃଙ୍ଖଳିତ



ଭାବେ ଆରମ୍ଭ ହୋଇଛି। ହିନ୍ଦୋଳ ଏନଏସି ୱାର୍ଡ ନଂ-୮ ଗୁଣ୍ଡିଚାମଣ୍ଡପ ସ୍ଥାୟୀ ହାଟପଡ଼ିଆରେ ଦୀର୍ଘବର୍ଷ ଧରି ସପ୍ତାହରେ ଦୁଇଦିନ ବୁଧବାର, ଶନିବାର ଦେବୋତ୍ତର ବିଭାଗ ପକ୍ଷରୁ ଚାଲି ଆସୁଥିବା ଏହି ହାଟ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସତ୍ୟକୁମାର ନନ୍ଦ ଓ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ବଳିଷ୍ଠ ଉଦ୍ୟମରେ ରାସ୍ତା ଉପରୁ ଗହଳି ଭାଙ୍ଗି ଭିତରକୁ ଘୁଞ୍ଚାଯାଇ ଆରମ୍ଭ ହୋଇଛି। ହାଟ ମଧ୍ୟରୁ ଯାନବାହାନ ହଟାଯିବା ସହ ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ଓ ପୁଲିସ ସହଯୋଗ କରିଛି। ଆଜି ହାଟ ମଧ୍ୟରେ ଏକ ଜଳଛତ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ଯୋଗଦେଇ ଉଦଘାଟନ କରିଥିଲେ। ଥାନା ଅଧିକାରିଣୀ ମମତା ସାମନ୍ତରାୟ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଉପସ୍ଥିତ ଥିଲେ। ଏ ନେଇ ଜନସାଧାରଣ ଓ ବ୍ୟବସାୟୀ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୮ ।୩(ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଷ୍ଟାଣ୍ଡିଂ ଷ୍ଟାର୍ଟ, ଷ୍ଟାଣ୍ଡିଂ ବଲ ଥ୍ରୋ ଓ ଷ୍ଟାଣ୍ଡିଂ ଜମ୍ପ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଖେଳ ଶିକ୍ଷକ ସୁଶୀଲ କୁମାର ପଣ୍ଡା, ସରିତା ବିଶ୍ୱାଳ, ସ୍ମିତିସୁଧା ଜେନା ଓ ଶିକ୍ଷୟିତ୍ରୀ ହରପ୍ରିୟା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ବାଲି ଚାଲାଣକାରୀ ସକ୍ରିୟ, ପ୍ରଶାସନ ନିଷ୍କ୍ରିୟ

ଗଁଦିଆ,୧୮ ।୩(ସମିସ):

ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ଓ କାମାକ୍ଷାନଗର ଉପଖଣ୍ଡକୁ ୨ ଭାଗରେ ବିଭକ୍ତ କରୁଛି ବ୍ରାହ୍ମଣୀ ନଦୀ। ତେବେ ନଦୀ ବାଲି ଏବେ ଅଞ୍ଚଳବାସୀଙ୍କ ପାଇଁ ହୋଇଛି ସ୍ୱପ୍ନ। ଆଖପାଖ ଅଞ୍ଚଳରେ ବାଲି ଚୋରାଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଞ୍ଚଳ ଲୋକେ ମୁଖ୍ୟତଃ ବ୍ରାହ୍ମଣୀ ନଦୀର ବିଭିନ୍ନ ବାଲିଘାଟ ଉପରେ ନିର୍ଭର କରନ୍ତି। ଗଁଦିଆ ତହସିଲ ଅନ୍ତର୍ଗତ କାଲୁରିଆ ଘାଟ, କରମୂଳ ଘାଟ, ଦଲାର ଘାଟ, କାଶୀପୁର ଘାଟ, ଖଣ୍ଡବନ୍ଧ ଘାଟ ନିଲାମ ହୋଇଥିଲେ ବି ସେଥିରୁ କାଶୀପୁର ଓ ଖଣ୍ଡବନ୍ଧ ଘାଟ ଆରମ୍ଭ ଦିନରୁ ଆଣ୍ଠେଇଛି। ଅନ୍ୟ ତିନିଟି ଘାଟ ଯଥାରୀତି ବାଲି ଉତ୍ତୋଳନ କରି ସରକାରୀ ଭାବେ ବିକ୍ରି କରୁଛନ୍ତି। ତେବେ ତିନିଟିଯାକ ଘାଟର ବାଲି ଗଁଦିଆ ବ୍ଲକରୁ ବାହାରି ଭୁବନ ବ୍ଲକ ଦେଇ ଯାଜପୁର ଜିଲ୍ଲା ସୁକିନ୍ଦା



ଖଣି ଅଞ୍ଚଳ, କଳିଙ୍ଗ ନଗର ଅଞ୍ଚଳକୁ ଯାଉଛି। ଶହ ଶହ ହାଇୱାରେ ବାଲି ଚାଲାଣ ହେଉଛି। ସବୁ ବାଲି ନଦୀର ବାଜିରାଉତ ସେତୁ ଓ ମହିମା ସେତୁ ଦେଇ ଆସୁଥିଲେ ମଧ୍ୟ ତାହାର ଯାଞ୍ଚ କରାଯାଉନି। ବାଲି ଓଭରଲୋଡ ହୋଇ ବିଭିନ୍ନ ଥାନା ଛକ ଦେଇ ପ୍ରତି ରାତିରେ ଶହ ଶହ ଟ୍ରିପ ବୁହା ହେଉଥିଲେ ମଧ୍ୟ ସମସ୍ତେ ନିରବ। ଅନ୍ୟପଟେ ବାଲି ଗାଡ଼ିଗୁଡ଼ିକ ଭଲ ଭାବେ ପାଲ ଘୋଡ଼ାଇ ନେବା ପାଇଁ ନିୟମ ଥିଲେ ମଧ୍ୟ ବହୁ ଗାଡ଼ି ଖୋଲାଖୋଲି ବାଲି ନେଉଛନ୍ତି। ଫଳରେ ରାସ୍ତା କଡ଼ରେ ବାଲି ଗଦା ହୋଇ ବହୁ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି।

ଏହି ବାଲିଘାଟଗୁଡ଼ିକରେ କିଛି ରାଜନୈତିକ ନେତାଙ୍କ ଭାଗିଦାରୀ ଥିବା ବେଳେ ଜିଲ୍ଲା ଖଣି ଅଧିକାରୀ ପଦ ମାସ ମାସ ଧରି ଖାଲି ପଡ଼ିବା ବାଲିଚୋରିକୁ ଅଧିକ ସୁହାଉଛି। ପ୍ରତିଦିନ ଏହି ଘାଟରୁ ଅତି କମରେ ୧୦ଲକ୍ଷ ଟଙ୍କାର ବାଲି ବିକ୍ରି ହେଉଛି। ସେହି ଘାଟ ଚଳାଉଥିବା ଲୋକେ ନିଜ ଅନୁମୋଦିତ ଅଞ୍ଚଳ ଟପି ଏସ୍କାଭେଟର ଯୋଗେ ଜିଲ୍ଲା ସୀମାରେ ପଶି ବାଲି ଚୋରି କଲେଣି। କିନ୍ତୁ କହିବାକୁ କେହି ନାହାନ୍ତି। ଏବେ କରମୂଳ, କାଲୁରିଆଠାରେ ଏକ ଘାଟରୁ ମଧ୍ୟ ବେଆଇନ ଭାବେ ଏସ୍କାଭେଟର ଲଗାଇ ଦୈନିକ ଶହ ଶହ ଟ୍ରିପ ବାଲି ଉଠାଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଏଭଳି ବେଆଇନ ବାଲି ଚାଲାଣ ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ନଦୀ କୂଳ ଅଞ୍ଚଳରେ ଥିବା ରାସ୍ତା ସବୁ ଓଭରଲୋଡ ବାଲି ଗାଡ଼ି ଯୋଗୁଁ ଫାଟିଯାଉଛି। ବେଆଇନ ବାଲି ଉଠାଉଥିବା ଗୋଷ୍ଠୀ କିଛି ଅପରାଧୀଙ୍କୁ ମଧ୍ୟ ସୁରକ୍ଷା ପାଇଁ ନିଯୁକ୍ତ କରିଛନ୍ତି। ଫଳରେ ପାଖରେ ଥିବା ନିରୀହ ଗାଁ ଲୋକେ ଭୟରେ ଚୁପ ରହୁଛନ୍ତି। ବିଧାୟକ ତଥା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଏଭଳି ବେଆଇନ ବାଲିଘାଟ, ବାଲି ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲା ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରୁ ବୋଲି କହିଛନ୍ତି। ଏଣୁ ଢେଙ୍କାନାଳ ଜିଲ୍ଲା ଓ ପୁଲିସ ପ୍ରଶାସନ ଏହା ଉପରେ ତୁରନ୍ତ କଠୋର ପଦକ୍ଷେପ ନେଇ ବେଆଇନ ବାଲି ଚାଲାଣ ରୋକିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

### ମନ୍ଦିର ପରିସର ସରକାରୀ କାର୍ଯ୍ୟକ୍ରମ ଆୟୋଜନ ସ୍ଥଳୀ ପାଲଟିଛି

# ସମଲେଶ୍ୱରୀ ମନ୍ଦିରରେ ଅବ୍ୟବସ୍ଥା ନେଇ ବିଜେଡି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର, ୧୮।୩(ସମିସ)

ଭକ୍ତଙ୍କ ଭାବ ଆବେଗକକୁ ନେଇ ପୂର୍ବ ସରକାର ସମ୍ବଲପୁରର ବହୁ ପ୍ରତିକ୍ଷୀତ ସମଲେଇ ପ୍ରକଳ୍ପ ଅଧିନରେ ମା' ସମଲେଶ୍ୱରୀଙ୍କ ମନ୍ଦିରର ବିକାଶ କରିଥିଲେ। ହେଲେ ବର୍ତ୍ତମାନ ନୂତନ ସରକାର ଏହାକୁ ବ୍ୟବସ୍ଥିତ ଢଙ୍ଗରେ ବିକାଶ ନ କରି ବିନାଶ କରୁଛି। ମନ୍ଦିର ପରିସରରେ କେବଳ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକ ଆୟୋଜନ କରୁଛି। ସହରରେ ଏତେ ମାତ୍ରାରେ ସ୍ଥାନ ଥିବା ପରେ ମଧ୍ୟ କେବଳ ମନ୍ଦିର ପରିସରକୁ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମନସ୍ଥ କରିଛି। ନୂତନ ସରକାର ଆସିବା ପରେ ଏହା ଅବ୍ୟବସ୍ଥିତ ହୋଇଯାଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ବିଭିନ୍ନ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଜେଡି ଅଭିଯୋଗ କରିଛି, ରାଜ୍ୟ ତଥା ରାଜ୍ୟ ବାହର ଭକ୍ତଙ୍କ ଆବେଗକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରରେ ବ୍ୟବସ୍ଥିତ ଢଙ୍ଗରେ ଐତିହାସିକ ସମଲେଇ ପ୍ରକଳ୍ପ ଭେଟି ଦେଇଥିଲେ। ଦୂରଦୁରାନ୍ତରୁ ଆସୁଥିବା ଭକ୍ତ କିଭଳି ସୂଚାରୁ ରୂପେ ଦର୍ଶନ କରିପାରିବେ ତାହା ପରିକଳ୍ପନା କରିଥିଲେ। ବିଜେପି ସରକାର ସବୁବେଳେ ସନାତନ ଧର୍ମକୁ ସୁରକ୍ଷା ଦେଉଥିବା କହୁଛି। କିନ୍ତୁ ଓଡ଼ିଶାରେ ବିଜେପି ସରକାରକୁ ୨ ବର୍ଷ ପୂରିବାକୁ ପାଖେଇଲାଣି। ହେଲେ ନୂତନ ସରକାର ମନ୍ଦିର ବିକାଶ ବ୍ୟବସ୍ଥିତ ଢଙ୍ଗରେ କରିପାରୁନାହି। ଦୁଇ ବର୍ଷ ଭିତରେ ମନ୍ଦିର ପରିସରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଫଳରେ ପ୍ରବଳ ଜନଗହଳି ସୃଷ୍ଟି ହେଉଛି, ଯାହା ସାଧାରଣ ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି କରୁଛି। ଏହି ସମୟରେ ବ୍ୟବହୃତ ହେଉଥିବା ଉଚ୍ଚ ଶବ୍ଦବିଶିଷ୍ଟ ସାଉଣ୍ଡ ସିଷ୍ଟମ ମନ୍ଦିରର ଶାନ୍ତ ଓ ଆଧାତ୍ମିକ ପରିବେଶକୁ କ୍ଷୁର୍ଣ୍ଣ କରୁଛି। ବିଜେଡି ଆହୁରି ଅଭିଯୋଗ କରିଛି, ତଥାକଥିତ ଭିଭିଆଇପି ଦର୍ଶନ ବ୍ୟବସ୍ଥାକୁ ଅଯଥା ଗୁରୁତ୍ୱ ଦିଆଯାଉଥିବାରୁ ସାଧାରଣ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବସାଧାରଣ ଶୌଚାଳୟଗୁଡ଼ିକ ବନ୍ଦ ରହିବା କିମ୍ବା ଅକାମୀ ହୋଇ ପଡ଼ିଥିବାରୁ ଲୋକେ ବାଧ ହୋଇ ଖୋଲା ସ୍ଥାନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ମନ୍ଦିର ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛି। କିଛି ଦିନ ପୂର୍ବରୁ ମନ୍ଦିରର ପରିସରରେ ମଦ ମାଂସ ଆସର ଘଟଣାକୁ ବିଜେଡି ନିନ୍ଦା କରିଛି।

**ମନ୍ଦିର ପରିସରରେ ମଦ ମାଂସକୁ ଦୃଢ ନିନ୍ଦା**



ତେଣୁ ମନ୍ଦିର ପରିସର ଓ ଏହାର ଆଖପାଖ ଅଞ୍ଚଳରେ ମଦ୍ୟପାନ, ଆମିଷ ଭୋଜନ ଏବଂ କୋରେକ୍ସ, ନିଶା ବଟିକା ଓ ଗଞ୍ଜେଇ ଭଳି ମାଦକ ଦ୍ରବ୍ୟର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସହ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାରୀ କାର୍ଯ୍ୟକ୍ରମ ଉପରେ କଟକଣା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ, ଭିଆଇପି ଦର୍ଶନ ବନ୍ଦ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବିଜେଡି ଜିଲ୍ଲାପାଳଙ୍କୁ ଦାବି କରିଛି। ଜନସାଧାରଣଙ୍କ ସୁବିଧା ପାଇଁ ବନ୍ଦ ରହିଥିବା ଶୌଚାଳୟଗୁଡ଼ିକୁ ତୁରନ୍ତ ଖୋଲାଯାଉ ଏବଂ ଏହାର ସଠିକ୍ ପରିଚାଳନା କରାଯାଉ ବୋଲି ଦାବି କରାଯାଇଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବିଜେଡି ଦାବି କରିଛି।

କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବସନ୍ତ ମିଶ୍ର, ଆନନ୍ଦ ବଡଗୟାନ୍, ସୁରୁବାବୁ ମେହେର, ବେଣୁଧର ଦାସ, ଏମ୍ ଡି ସନାଉଲା, ସଞ୍ଜୀବ ଷଡ଼ଙ୍ଗୀ, ଧର୍ମରାଜ୍ ମରେଇ, ସତେନ୍ଦ୍ର ଦାସ, ରୁଦ୍ର ଷଡ଼ଙ୍ଗୀ, ଦେବାଶିଷ ପରିଡ଼ା, ଅନ୍ମୋଲ୍ ଦାସ, ଯୁବ ବିଜେଡି ସଭାପତି ପ୍ରଦୋଷ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ସଂଯୁକ୍ତା ମେହେର, ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ପାଢ଼ୀ, ସୁରେନ୍ଦ୍ର ବିଶ୍ୱାଳ, ସୁଶାନ୍ତ ନାଥ, ପ୍ରହ୍ଲାଦ ଗୁରୁ, ଭାସ୍କର ଦାସ, ଶୁକେସ ସିଂ, ସଞ୍ଜୟ ଗୋଉଡ, ମନ ଥାପା, ପ୍ରଶାନ୍ତ ନାୟକ, ଓଁକାର ନାୟକ, ଦୁଳାଳ ରାୟ, ସୁରଜ ଦୋରା ଏବଂ ମହିଳା ଜନତା ଦଳର ନନ୍ଦିନୀ ପ୍ରଧାନ, ଲିଳିମା ମଲ୍ଲିକ, ପାରୋ ମୁଣ୍ଡା, ସସ୍ମିତା ଦୀପ, ମାମି ଆୟନ୍, ପୂଜା ଦେବୀ, ପାର୍ବତୀ ସାହାଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

# ୭୦କେଜି ଗଞ୍ଜେଇ ଜବତ, ୩ ଗିରଫ

ରେଢ଼ାଖୋଲ, ୧୮ ।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ବୁଧୁବାର ଦିନ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିହାର ରାଜ୍ୟର କାଇମୁର୍ ଜିଲ୍ଲାର ପ୍ରଦୀପ କୁମାର(୨୩), ଅଙ୍କୁଶ କୁମାର(୨୩) ଓ ରାଜ୍ୟ ଉତ୍ତରପ୍ରଦେଶ ଜିଲ୍ଲା ଘାଜିପୁର ଥାନା ଭିର୍ଣ୍ଣ ଅଞ୍ଚଳର ଧର୍ମେନ୍ଦ୍ର ଯାଦବ(୨୬)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ଲଇଣ୍ଡାମାଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ତିନି ଅଭିଯୁକ୍ତଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଅଭିଯୁକ୍ତ ମାନଙ୍କ ପାଖରୁ ୪ଟି ବସ୍ତାରେ ୭୦କେଜି ବେଆଇନ ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗଞ୍ଜେଇ ବେଆଇନ ଭାବେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି।



# ପ୍ରେସ କ୍ଲବ୍ ପକ୍ଷରୁ ଥାନା ଅଧିକାରୀଙ୍କୁ ସାକ୍ଷାତ



ରେଢ଼ାଖୋଲ, ୧୮ ।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଥାନା ପରିସରରେ ରେଢ଼ାଖୋଲ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ସହିତ ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ସାମ୍ବାଦିକଙ୍କ ସହିତ ସ୍ୱଜନ୍ୟ ମୂଳକ ସାକ୍ଷାତକାର ହୋଇଯାଇଛି। ନୂତନ ରେଢ଼ାଖୋଲ ଥାନା ଅଧିକାରୀ ଶ୍ରୀ ନାଏକ ପୂର୍ବରୁ ହୀରାକୁଦ ଥାନାରେ କାର୍ଯ୍ୟରତ ରହିଥିଲେ। ସେଠାରୁ ଆସି ରେଢ଼ାଖୋଲ ଥାନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସାମ୍ବାଦିକଙ୍କ ସହିତ ସାକ୍ଷାତକାର ବେଳେ ଥାନା ଅଧିକାରୀ ଅପରାଧୀ ମୂଳକ କାର୍ଯ୍ୟକଳାପକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସ୍ୱଜନ୍ୟମୂଳକ ସାକ୍ଷାତକାର ବେଳେ ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ସହିତ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ଉପଦେଷ୍ଟା ଜୟନ୍ତ ଖଡିରତ୍ନ, ସୁଶାନ୍ତ ନାଗ, ଅନିଲ ପୃଷ୍ଟି, ସୁଧୀର ସୁନା, ରଶ୍ମିତା ରାଉତ, ଗଜାନନ ଭେସରା, ମଦନ ବେହେରା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୋସାଇଟି ପଞ୍ଜୀକରଣ ନବୀକରଣ ପାଇଁ ନୋଟିସ

ସମ୍ବଲପୁର, ୧୮।୩ (ସମିସ): ସୋସାଇଟି ପଞ୍ଜୀକରଣ ବୈଧତା ନବୀକରଣ ପାଇଁ ରାଜସ୍ୱ ବୋର୍ଡର ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟରୁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଅନୁଯାୟୀ, ସୋସାଇଟି ପଞ୍ଜିକରଣ (ଓଡ଼ିଶା ସଂଶୋଧନ) ଆଇନ, ୨୦୨୧ର ଧାରା ୩ (୨) ଅନୁଯାୟୀ ୨୧ ମେ, ୨୦୨୧ ପରେ ପଞ୍ଜିକୃତ ସୋସାଇଟିଗୁଡିକ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ତାରିଖରୁ ୫ ବର୍ଷ ପାଇଁ ବଳବତ୍ତର ରହିବ ଏବଂ ସୋସାଇଟି ପଞ୍ଜୀକରଣ ଆଇନ, ୧୮୬୦ ଏବଂ ସୋସାଇଟି ପଞ୍ଜିକରଣ (ଓଡ଼ିଶା ସଂଶୋଧନ) ଆଇନ, ୨୦୨୧ ଅଧୀନରେ ୨୧ ମେ, ୨୦୨୧ କିମ୍ବା ପୂର୍ବରୁ ପଞ୍ଜିକୃତ ସୋସାଇଟିଗୁଡ଼ିକ ୫ ବର୍ଷ ପାଇଁ (ଅର୍ଥାତ୍ ୨୦ ମେ, ୨୦୨୬ ପର୍ଯ୍ୟନ୍ତ) ବଳବତ୍ତର ରହିବ। ତେଣୁ, ପଞ୍ଜିକୃତ ସୋସାଇଟିର ପଦାଧିକାରୀ/ ଅଧିକୃତ ଅଧିକାରୀମାନେ ସେମାନଙ୍କ ପଞ୍ଜୀକୃତ ସମ୍ପୃକ୍ତ ସୋସାଇଟିର ବୈଧତା ନବୀକରଣ ପାଇଁ ପ୍ରକ୍ରିୟା ଅନୁସରଣ କରି ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ।

ବୈଧତା ଅବଧି ସମାପ୍ତ ହେବା ପୂର୍ବରୁ ନବୀକରଣ ଅନୁଯାୟୀ, ଧାରା ୩-ବି ର ଉପ-ଧାରା (୧) ଅନୁଯାୟୀ ପାଞ୍ଚ ବର୍ଷ ବୈଧ ଅବଧି ସମାପ୍ତ ହେବାର ଏକ ମାସ ପୂର୍ବରୁ ପଞ୍ଜୀକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ନିର୍ଦ୍ଧାରିତ ଫି କେବଳ ୫୦୦ ଟଙ୍କା ଦେଇ ନବୀକରଣ କରିପାରିବେ। ଅନ୍ୟପକ୍ଷରେ ବୈଧତା ଅବଧି ସମାପ୍ତ ହେବା ପରେ ନବୀକରଣ ନିୟମ ଅନୁଯାୟୀ, ଧାରା ୩-ବି ର ଉପ-ଧାରା (୨) ଅନୁଯାୟୀ ପାଞ୍ଚ ବର୍ଷ ବୈଧ ଅବଧି ସମାପ୍ତ ହେବାର ୬ ମାସ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ଅନ୍ତିମ ଅବଧି ସମାପ୍ତ ହେବାର ଗୋଟିଏ ମାସ ମଧ୍ୟରେ ୧ ହଜାର ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଦୁଇ ମାସ ମଧ୍ୟରେ ୧୫୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ତିନି ମାସ ମଧ୍ୟରେ ୨ ହଜାର ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଚାରି ମାସ ମଧ୍ୟରେ ୨୫୦୦ ଟଙ୍କା, ଅନ୍ତିମ ଅବଧ ସମାପ୍ତ ହେବାର ପାଞ୍ଚ ମାସ ମଧ୍ୟରେ ୩ ହଜାର ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଛଅ ମାସ ମଧ୍ୟରେ ୩୫୦୦ ଟଙ୍କା ଫି' ପ୍ରଯୁଜ୍ୟ ହେବ। ନବୀକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମଧ୍ୟରେ ଆବେଦନ ସହିତ ପଞ୍ଜୀକରଣ ପ୍ରମାଣପତ୍ରର ସର୍ବଶେଷ ପ୍ରମାଣିତ କପି, ସଂଘର ସ୍ମାରକପତ୍ରର ସର୍ବଶେଷ ପ୍ରମାଣିତ କପି, ଉପଆଇନର ସର୍ବଶେଷ ପ୍ରମାଣିତ କପି, ଗତ ପାଞ୍ଚବର୍ଷର ଅଡିଟ୍ ରିପୋର୍ଟ, ଗତ ପାଞ୍ଚବର୍ଷର କାର୍ଯ୍ୟକଳାପ ରିପୋର୍ଟ, ସମାପ୍ତିର ନବୀକରଣ ସମ୍ପର୍କରେ ସାଧାରଣ ପରିଷଦର ନିଷ୍ପତ୍ତି ଆଦି ଡକ୍ୟୁମେଣ୍ଟଗୁଡ଼ିକ ଦାଖଲ କରିବାକୁ ପଡ଼ିବ ବୋଲି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

# ଭିସୁଟ୍ ରକ୍ତଦାନ ଶିବିରରେ ୩୩୬ ୟୁନିଟ୍ ସଂଗୃହୀତ

ସମ୍ବଲପୁର, ୧୮।୩ (ସମିସ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ସୋସିଆଲ୍ ସର୍ଭିସ୍ ସୋସାଇଟି (ଏସ୍ଏସ୍ଏସ୍) ପକ୍ଷରୁ ବୁର୍ଲା ଭିମସାର ସହାୟତାରେ ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଏକ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୩୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ପୂର୍ବରୁ ସଭିଙ୍କର ଓଜନ ତଥା ହିମୋଗ୍ଲୋବିନ୍ ଯାଞ୍ଚ କରାଯାଇଥିଲା। ସୋସାଇଟିର ଫାକଲ୍ଟି ଆଡ୍‌ଭାଇଜର ଡ. ମନିଲା ମଲ୍ଲିକ, ଡ. ରୋଜି ପ୍ରଧାନ, ଡ. ବିଷୟା ଭୋଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିରଟି ସୁଚାରୁ ରୂପେ ପରିଚାଳିତ ହୋଇଥିବାବେଳେ ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ, ଡିଏସ୍‌ଡବ୍ଲ୍ୟୁ ଡ. ରାକେଶ ରୋଶନ ଦାଶ ଏବଂ ଏସ୍ଏସ୍ଏସ୍‌ର ଉପସଭାପତି ଡ. ଅକ୍ଷୟ କୁମାର ପଟ୍ଟନାୟକ ରକ୍ତଦାନ କରି ଅନ୍ୟ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ସୋସାଇଟି ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିଷ୍ଠା ସହକାରେ କାର୍ଯ୍ୟ କରୁଥିଲେ। ମହିଳା ରକ୍ତଦାତାଙ୍କ ସହଯୋଗ ପାଇଁ ସ୍ୱତନ୍ତ୍ର ମହିଳା ସ୍ୱେଚ୍ଛାସେବୀ ରହିଥିଲେ। ଭିସୁଟ୍‌ର ସୋସିଆଲ୍ ସର୍ଭିସ୍ ସୋସାଇଟି ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିବାସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।





# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରତି ଅବହେଳାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର, ୧୮।୩ (ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରରେ ଅନୁଷ୍ଠିତ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ଅବହେଳାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ। ଆଜି ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ସେ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଦାବି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରାପ୍ତ ସୂଚନା ଅନୁଯାୟୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୯ଟି ପଦକ ପାଇଥିଲେ, ଯେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ୫ଟି ପଦକ ପାଇଥିଲେ। ତଥାପି, ଉତ୍କଳ ବିଶ୍ୱବିଦ୍ୟାଳୟକୁ ଚାମ୍ପିଅନସିପ୍ ଟ୍ରଫି ପ୍ରଦାନ କରାଯାଇଥିଲା, ଯାହା ନିରପେକ୍ଷତା, ସ୍ୱଚ୍ଛତା ଏବଂ ଇଭେଣ୍ଟର ସାମଗ୍ରିକ ପରିଚାଳନା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲା। ଏହି ଘଟଣା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଘୋର ପ୍ରଶାସନିକ ବିଫଳତା ଏବଂ ଉପଯୁକ୍ତ ତଦାରଖର ଅଭାବକୁ ପ୍ରକାଶ କରେ। ଏହାବ୍ୟତୀତ ଏହି ଇଭେଣ୍ଟରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ମାନଙ୍କୁ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରିଭୋଜନ ଭଳି ମୌଳିକ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି, ଯାହା ସମ୍ପୂର୍ଣ୍ଣ ଅବହେଳାକୁ ପ୍ରତିଫଳିତ କରୁଛି। ଯେତେବେଳେ ଛାତ୍ରଛାତ୍ରୀମାନେ ସେମାନଙ୍କର ପ୍ରକୃତ ଚିନ୍ତା ପ୍ରକାଶ କଲେ, ସେମାନଙ୍କୁ ବିଳମ୍ବିତ ରାତିରେ କ୍ୟାମ୍ପସ ଖାଲି କରିବାକୁ ବାଧ କରାଯାଇଥିଲା। ମହିଳା ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ଏପରି ଅବହେଳା ଏବଂ ସମ୍ବେଦନହୀନତାକୁ ଆହୁରି ଗମ୍ଭୀର ଏବଂ ନିନ୍ଦନୀୟ କରିଛି। ଏହି ଘଟଣାରେ ଉପଯୁକ୍ତ ସମନ୍ୱୟ, ତଦାରଖ ଏବଂ ଦାୟିତ୍ୱ ସୁନିଶ୍ଚିତ କରିବାରେ ଉଚ୍ଚଶିକ୍ଷା ବିଭାଗର ବିଫଳତାକୁ ସୂଚିତ କରୁଛି। ଏହି ପ୍ରସଙ୍ଗ କେବଳ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ରାଜ୍ୟସ୍ତରୀୟ ମଞ୍ଚରେ କ୍ରମାଗତ ଭାବରେ ଅବହେଳିତ ଅନୁଭବ କରୁଥିବା ପଶ୍ଚିମ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ନ୍ୟାୟପୂର୍ଣ୍ଣ ପ୍ରତିନିଧିତ୍ୱର ବିଷୟ। ଉଲ୍ଲେଖଯୋଗ୍ୟ ଯେ, ଏ ସମ୍ପର୍କରେ ଗତ ୫ ତାରିଖ ଇଂ. ରୋହିତ ପୂଜାରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।

ସ୍ମାରକପତ୍ର ମାଧ୍ୟମରେ, ବିଜୁ ଜନତା ଦଳ ପକ୍ଷରୁ, ଚାମ୍ପିଅନସିପ୍ ଟ୍ରଫି ପ୍ରଦାନ ଏବଂ ଟ୍ରଫିର ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ସମୟସୀମା ମଧ୍ୟରେ ତଦନ୍ତ ଯଥାର୍ଥ ବିଜେତାଙ୍କୁ ଦିଆଯିବା; କାର୍ଯ୍ୟକ୍ରମ ସମୟରେ ଉପଯୁକ୍ତ ବ୍ୟବସ୍ଥା ଏବଂ ତଦାରଖ ସୁନିଶ୍ଚିତ କରିବାରେ ଉଚ୍ଚଶିକ୍ଷା ବିଭାଗର ବିଫଳତାର ତଦନ୍ତ; ଦାୟିତ୍ୱ ସ୍ପଷ୍ଟ ଭାବରେ ନିର୍ଦ୍ଧାରଣ ସହିତ ଖରାପ ସୁବିଧା, ବଳପୂର୍ବକ ବହିଷ୍କାର ଏବଂ ଧମକ ଅଭିଯୋଗର ତଦନ୍ତ; ଅବହେଳା ପାଇଁ ଦାୟୀ ଅଧିକାରୀ ଏବଂ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତର ସମସ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉପଯୁକ୍ତ ସୁବିଧା, ସୁରକ୍ଷା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ଦାବି କରାଯାଇଛି।




# ରାମଚଣ୍ଡୀ ମନ୍ଦିରରେ ଚୈତ୍ର ମହୋତ୍ସବ

ଜମନକିରା, ୧୮ ।୩ (ସମିସ): ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଚୈତ୍ର ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଚୈତ୍ର ମହୋତ୍ସବରେ ସମସ୍ତ ରୀତି ନୀତି ଅନୁଯାଇ ପୂଜାପାଠ କରଯାଇଥିଲା। ମୁରା ରାମଚଣ୍ଡୀ ମନ୍ଦିର ପୂଜକ ଶ୍ରୀକାନ୍ତ ଭୋଇଙ୍କ ପୌରୋହିତ୍ୟରେ କର୍ତ୍ତା ଭାବରେ ଅମିତାଭ ଭୋଇ ଓ ତାଙ୍କ ପତ୍ନୀ ସରିତା ପ୍ରଧାନ କାର୍ଯ୍ୟ ତୁଲାଇ ଥିଲେ। ଉତ୍ସବରେ ମା'ଙ୍କୁ ରୂପା ମୁକୁଟ ଓ ଛତ୍ର ପ୍ରଦାନ କରା ଯାଇଥିଲା। ମୁରା ପୀଠ ସଭାପତି ରତନ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଚୈତ୍ର ପୂର୍ଣ୍ଣିମା ସହ ବିଶେଷ କରି ୨୫ତମ ମହାସଭା ପାଇଁ ବିଭିନ୍ନ ଅଞ୍ଚଳରୁ ଆସି ଥିବା କର୍ମ କର୍ତ୍ତା ନିଜ ମତାମତ ଦେଇ ଆଲୋକପାତ କରିଥିଲେ। ସଭା ପରିଚାଳନା କରିଥିଲେ ମୁରା ପୀଠ ସମ୍ପାଦକ ଶ୍ୟାମ ସୁନ୍ଦର ପଧାନ। ୨୪ତମ ମହାସଭା ସଭାପତି ସନ୍ତୋଷ କୁମାର ବଡ୍ଡାଇ, ରେମଣ୍ଡା ସଭାପତି ମଧୁ ସୁଦନ ଭୋଇ, ଉପସଭାପତି ଯୋଗେଶ୍ୱର ସାହୁ, ବଣାଇ ଉପସଭାପତି ନିତ୍ୟାନନ୍ଦ ବେହେରା, ଗଣ୍ଡମୁରା ପ୍ରଗଣାର ହୃଦାନନ୍ଦ ମାଝୀ, ଠେମେରା ସମ୍ପାଦକ ମହାଦେବ ପଧାନ ସହ ବିଭିନ୍ନ ଅଞ୍ଚଳରୁ ଆସି ଥିବା କର୍ମ କର୍ତ୍ତା ନିଜ ନିଜ ମତାମତ ରଖିଥିଲେ। ତାଲବ, ବିଶାଳଖିଣ୍ଡା, ହୀରାକୁଦ, ରେମଣ୍ଡା, ବଣାଇ, ଜମନକିରା, ହଳଦୀ, କଳମୀ, କାଣୀବନ୍ଧଲି, ମୁରା ପ୍ରମୁଖ ସକ୍ରିୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର



ସମ୍ବଲପୁର, ୧୮।୩ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆଜି ପୂର୍ବାହ୍ଣରେ ଶିଶୁ ସୁରକ୍ଷା ଓ 'ମିଶନ ବାତ୍ସଲ୍ୟ' ଯୋଜନା ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁଚିସ୍ମିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୟୁନିସେଫ୍‌ର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ମିଶନ ବାତ୍ସଲ୍ୟ' ଯୋଜନାର ବିଭିନ୍ନ ଦିଗ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଆଡପସନ୍ ପ୍ରୋସେଜ୍ୟୋର୍ -୨୦୨୨ ଏବଂ ବେଆଇନ ପୋଷ୍ୟ ଗ୍ରହଣକୁ ରୋକିବା ପାଇଁ ରହିଥିବା ସରକାରୀ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ପରାମର୍ଶଦାତା (ୟୁନିସେଫ୍) ଶ୍ରୀ ଘାସିରାମ ପଣ୍ଡା ଓ ଏଡ୍-ଡେ-ଆକ୍ସନ୍ ପକ୍ଷରୁ ପରାମର୍ଶଦାତା ସୁନୀତା ତ୍ରିପାଠୀ ସାଧନ କର୍ମୀ ଭାବେ ଯୋଗଦେଇ 'କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ ଏବଂ ୧୦୯୮ ଚାଇଲ୍ଡ୍ ହେଲ୍ପଲାଇନ୍ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସରୋଜା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ, ସାମାଜିକ କଲ୍ୟାଣ ଅଧିକାରୀ ପ୍ରତିମା ତାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷଣ ଶିବିରରେ ସମସ୍ତ ସିଡିପିଓ, ପ୍ରୋଗ୍ରାମ ଅଧିକାରୀ, ସୁପରଭାଇଜର, ସିଡବ୍ଲୁସି ଅଧ୍ୟକ୍ଷ ଓ ସଦସ୍ୟ ତଥା ବିଭିନ୍ନ ଶିଶୁ ଯତ୍ନ ସଂସ୍ଥା, ଶକ୍ତି ସଦନ, ୱାନ୍ ଷ୍ଟପ୍ ସେଣ୍ଟର 'ସଖୀ'ର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜୟଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

**ସମ୍ବଲପୁର, ୧୮।୩ (ସମିସ):** ଜ୍ୟୋତିବିହାରସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଛି। 'ଓଡ଼ିଆ ଭ୍ରମଣ କାହାଣୀ, ଜୀବନୀ ଓ ଆତ୍ମଜୀବନୀ' ଶୀର୍ଷକ ଆଲୋଚନାଚକ୍ର ମିନି



ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାକ୍ତନ ପ୍ରଫେସର ଅଶୋକ କୁମାର ଦାଶ ଓଡ଼ିଆ ଭ୍ରମଣ ସାହିତ୍ୟ ଓ ଆତ୍ମଜୀବନୀର ବିଭିନ୍ନ ଦିଗ ଉପରେ ଗଭୀର ଆଲୋକପାତ କରିବା ସହ ସମ୍ପ୍ରତି ରଚିତ ହେଉଥିବା ସାହିତ୍ୟର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଡକ୍ଟର ଗୋପୀନାଥ ବାଗ, ଡ. ସୁନୀତି ଦେବତା ଓ ଡ.ବନ୍ଦିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ଶୁକମୁନି ମେହେରଙ୍କ ସଭାପତିତ୍ୱରେ ବୈଷୟିକ ଅଧିବେଶନରେ ଆଲୋଚକ ଭାବରେ ଡ. ବିଶ୍ୱନାଥ ସାହୁ, ଡ. ଶେଷ ମେହେର, ଡ. ଦାଶରଥି ବିଶ୍ୱାଳ, ଡ. ସବିତାବାଳା ନାୟକ, ଡ. ସଂଘମିତ୍ରା ମିଶ୍ର, ଡ.ଘନଶ୍ୟାମ ଦୀପ, ଡ.ବୀଣାପାଣି ତାଣ୍ଡି, ଗବେଷକ କୁନା ବେହେରା, ପ୍ରାଚୀ ତ୍ରିପାଠୀ, ଅଜିତ କୁମାର ଶବର, ଓମ୍ ପ୍ରକାଶ ଅହିର, ବନିତା ତାଣ୍ଡି, ପବିତ୍ର ବାଗ, ଶୀତଲ ମେହେର, ହେମାଞ୍ଜଳୀ ପୃଷେଠ, ଅନିଲ କୁମାର ବିଶି ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚତୁର୍ଥ ବୈଷୟିକ ଅଧିବେଶନରେ ଡ. ସଞ୍ଜୟ କୁମାର ମିଶ୍ର, ଡ. ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଡ.ଭରଦ୍ୱାଜ ସାହୁ, ଡ.ପଲିମର ଦାଶ, ଅଧ୍ୟାପିକା ପ୍ରଭାସିନୀ ସାହୁ, ଡୋଲାମଣି ମାଝୀ, ଟିଁକି ବାରିକ, ଚନ୍ଦ୍ରିକା ଭୋଇ, ଲୋପାମୁଦ୍ରା ପଧାନ, କିରଟି ବାରିକ, ସରୋଜ କୁମାର ଶତପଥୀ, ସୁଦର୍ଶନ ଭରାସାଗର, ମନୋଜ କୁମାର ନାଏକ, ବଳରାମ କଟା ସମେତ ଓଡ଼ିଆ ବିଭାଗର ସମସ୍ତ ଗବେଷକ ଗବେଷିକା ଯୋଗଦାନ ପୂର୍ବକ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ନାକୁ ହାଁସଦାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଉମେଶଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଶେଷରେ ବିଭାଗ ମୁଖ୍ୟ ପ୍ରଫେସର ନାକୁ ହାଁସଦା ଧନ୍ୟବାଦ ପ୍ରଦାନ କରିଥିଲେ।

### ନୀତା ଅମ୍ବାନୀ ପିନ୍ଧିଲେ ସମ୍ବଲପୁରୀ ଶାଢ଼ୀ

# ବିଶ୍ୱ ଦରବାରରେ ବରପାଲି ବୁଣାକାରଙ୍କ ଶାଢ଼ୀ

**ବରଗଡ଼, ୧୮।୩(ସମିସ)**

ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାର ସୁକାନ୍ତି ମେହେରଙ୍କ ଦ୍ୱାରା ବୁଣାଯାଇଥିବା ଏକ ସୁନ୍ଦର ସମ୍ବଲପୁରୀ ଶାଢ଼ୀ, ନୀତା ଅମ୍ବାନୀଙ୍କ ପରିଧାନ ପରେ ଜାତୀୟ ସ୍ତରରେ ବିଶେଷ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଏହି ଘଟଣା କେବଳ ଏକ ଶାଢ଼ୀର ସୌନ୍ଦର୍ଯ୍ୟକୁ ନୁହେଁ ବରଂ ଓଡ଼ିଶାର ବରଗଡ଼ ଜିଲ୍ଲା ବରପାଲିର ବୁଣାକାର ମାନଙ୍କ ଦକ୍ଷତା, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଜାତୀୟ ମଞ୍ଚରେ ପରିଚିତ କରାଇଛି। ସୁକାନ୍ତି ମେହେର ବର୍ଷ ବର୍ଷ ଧରି ସମ୍ବଲପୁରୀ ବାନ୍ଧକଳାକୁ ନିଜ ହାତରେ ଜୀବନ୍ତ ରଖିଆସିଛନ୍ତି। ତାଙ୍କର ବୁଣାକାମରେ ଦେଖାଯାଉଥିବା ସୂକ୍ଷ୍ମ, ଜଟିଳ ଡିଜାଇନ୍ ଓ ଅସାଧାରଣ କାରିଗରୀ ତାଙ୍କୁ ଏକ ବିଶିଷ୍ଟ ସ୍ଥାନ ଦେଇଛି। ପ୍ରତ୍ୟେକ ସୂତାରେ ରହିଛି ଧୈର୍ଯ୍ୟ, ପରିଶ୍ରମ ଓ ସୃଜନଶୀଳତାର ଗଭୀର ଛାପ। ଯାହା ଏକ ସାଧାରଣ କପଡ଼ାକୁ କଳାକୃତିରେ ପରିଣତ କରେ। ସମ୍ବଲପୁରୀ ଶାଢ଼ୀର ନମୁନା, ରଙ୍ଗ ଓ ପାରମ୍ପରିକ ମୋଟିଫ୍ ସମଗ୍ର ଭାରତରେ ପ୍ରସିଦ୍ଧ ଓ ଓଡ଼ିଶାର ଗର୍ବର ପ୍ରତୀକ। ରିଲାଏନ୍ସ ଗ୍ରୁପର 'ସ୍ୱଦେଶ' ପ୍ରୟାସ ମାଧ୍ୟମରେ ଏହି ଶାଢ଼ୀ ଅର୍ଡର ହୋଇଥିଲା।





ପୂର୍ବରୁ ନୀତା-ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ସ୍ୱଦେଶ ମେଳାରେ ବିଭିନ୍ନ ରାଜ୍ୟର ପାରମ୍ପରିକ ଶିଳ୍ପକଳା ପ୍ରଦର୍ଶିତ ହୋଇଥିଲା। ସେଠାରେ ବରପାଲିର ମେହେର ଦମ୍ପତି ଇକତ ବାନ୍ଧକଳାର ବିଭିନ୍ନ ପର୍ଯ୍ୟାୟ ସହ ତାଙ୍କର ପ୍ରସ୍ତୁତ ଶାଢ଼ୀମାନ ଦେଖାଇଥିଲେ। ଏହି ଅବସରରେ ନୀତା ଅମ୍ବାନୀ କିଛି ଶାଢ଼ୀ କ୍ରୟ କରିବା ସହ ଆହୁରି ଶାଢ଼ୀ ପାଇଁ ବରାଦ ଦେଇଥିଲେ। ପରେ ବରଗଡ଼ ବାନ୍ଧକଳା ଶାଢ଼ୀ ସେ ପିନ୍ଧିଥିବା ଦେଖାଦେଇଥିଲା। ଏହି ଶାଢ଼ୀର ଡିଜାଇନ୍ ଭାରତୀୟ ଦାର୍ଶନିକ ଗ୍ରନ୍ଥ ମୁଣ୍ଡକ ଉପନିଷଦରୁ ପ୍ରେରିତ। ଏଥିରେ ଦୁଇଟି ପକ୍ଷୀ ଏକ ଗଛ ଉପରେ ବସିଥିବା ଚିତ୍ରଣ ଅଛି, ଯାହା ଜୀବନର ଗଭୀର ତତ୍ତ୍ୱକୁ ବ୍ୟାଖ୍ୟା କରେ। ଗଛ ସଂସାରର ପ୍ରତୀକ, ଗୋଟିଏ ପକ୍ଷୀ ଜୀବାତ୍ମାକୁ ପ୍ରତିନିଧିତ୍ୱ କରେ ଯାହା ସୁଖ-ଦୁଃଖର ଅନୁଭୂତି କରେ ଓ ଅନ୍ୟଟି ପରମାତ୍ମାର ପ୍ରତୀକ, ଯାହା ସାକ୍ଷୀ ଭାବେ ସବୁକିଛି ଦେଖୁଥାଏ। ଏହି ଦାର୍ଶନିକ ଭାବନାକୁ ବୁଣାକାମରେ ପ୍ରକାଶ କରିବା ସୁକାନ୍ତି ମେହେରଙ୍କ

**ଶାଢ଼ୀକୁ ଡିଜାଇନ୍ କରିଥିଲେ ବୁଣାକାର ସୁକାନ୍ତି ମେହେର**

କଳାତ୍ମକ ପ୍ରତିଭାର ଏକ ଉତ୍କୃଷ୍ଟ ଉଦାହରଣ। ଏହା କେବଳ ଏକ ପୋଷାକ ନୁହେଁ ବରଂ ଅର୍ଥ, ଐତିହ୍ୟ ଓ ପରିଚୟର ଏକ ସଜୀବ ପ୍ରତିକ। ନୀତା ଅମ୍ବାନୀଙ୍କ ଦ୍ୱାରା ଏହିପରି ଏକ ହସ୍ତତନ୍ତ ଶାଢ଼ୀ ପରିଧାନ କରାଯିବା ଓଡ଼ିଶାର କାରିଗରମାନଙ୍କ ପାଇଁ ଏକ ବଡ ପ୍ରୋତ୍ସାହନ ଓ ସ୍ୱୀକୃତି ଦେଇଛି। ଏପରି ଘଟଣା ଯୁବ ପିଢ଼ିଙ୍କୁ ପାରମ୍ପରିକ କଳାପ୍ରତି ଆକର୍ଷିତ କରିବ ବୋଲି ଆଶା ସଞ୍ଚାର ହୋଇଛି।

## ସମ୍ବଲପୁରୀ ଫେସନ ଶୋ ମୁଖ୍ୟ ଆକର୍ଷଣ

**ପଦ୍ମପୁର, ୧୮।୩(ସମିସ):** ନ୍ୟାସନାଲ କଲେଜ ପଡ଼ିଆ ନୂଆପଡ଼ାରେ ଆୟୋଜିତ ହେଉଥିବା ସୁଭଦ୍ରା ଯୋଜନା ଓ ଶକ୍ତି ମେଳାର ଷଷ୍ଠ ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳଙ୍କ ଲୋକନୃତ୍ୟ ସହିତ ପଦ୍ମପୁର ରେନବୋ ଫେସନ ସୋ ପ୍ରାୟୋଜିତ ସମ୍ବଲପୁରୀ ପିନ୍ଧନ ଉଢ଼ନ ଉପରେ ଆଧାରିତ ଫେସନ ସୋ ଦର୍ଶକଙ୍କ ମନ ମୋହିଛି। ରେନବୋ ଫେସନର ସମସ୍ତ ମଡେଲର ମାନଙ୍କ ଦ୍ୱାରା ଫେସନ ସୋରେ ସମ୍ବଲପୁରୀ ବାନ୍ଧକଳାର ଆଧାରିତ ପୋଷାକ ପ୍ରଦର୍ଶନ କରାଯାଇଥିଲା। ପାରମ୍ପରିକ ସମ୍ବଲପୁରୀ ଶାଢ଼ୀ, ଡ୍ରେସ ମେଟେରିଆଲ ଓ ନୂତନ ଡିଜାଇନର ଆଧୁନିକ ପୋଷାକ ମଞ୍ଚରେ ମଡେଲ ମାନଙ୍କ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ରେନବୋ ଫେସନର ସମସ୍ତ ମଡେଲ ମାନଙ୍କର କେଶ ଶଯ୍ୟା ଓ ସୌନ୍ଦର୍ଯ୍ୟକରଣ ପାଇଁ ଡିଜାଇନର ଅର୍ଚ୍ଚନା ଭୋଇ ଓ ଜସ୍ମିନ ଧରୁଆ କାର୍ଯ୍ୟ ତୁଲାଇଥିଲେ। ଜିଲ୍ଲା ସ୍ତରୀୟ ସୁଭଦ୍ରା ଯୋଜନା ଓ ଶକ୍ତି ମେଳା ଅବସରରେ ଅତିରିକ୍ତ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଉଜ୍ଜଳ ଗୁପ୍ତା ସୁଭଦ୍ରା ଯୋଜନା ଓ ଶକ୍ତି ମେଳା ମାଧ୍ୟମରେ ମହିଳା ମାନଙ୍କୁ କିପରି ସଶକ୍ତ କରୁଛି ତାଙ୍କ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୧୮।୩ (ସମିସ) :** ସମ୍ବଲପୁରର ପୁରୁଖା ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ଆଜି ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ଗତ କେଇଦିନ ଧରି ସେ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଥିଲେ। ୧୯୪୮ ମସିହା ଜାନୁଆରୀ ୨୫ ତାରିଖରେ ଜନ୍ମିତ ଦେବଦତ୍ତ ଛାତ୍ର ଜୀବନରୁ ଫଟୋଗ୍ରାଫି ପ୍ରତି ଆକର୍ଷିତ



ହୋଇଥିଲେ। ସେ ବିଭିନ୍ନ ଖବରକାଗଜ ତଥା ଓଡ଼ିଶା ଏବଂ କେନ୍ଦ୍ର ସରକାରଙ୍କ ପାଇଁ ସେ ଫଟୋ ପ୍ରେରଣ କରି ଉଚ୍ଚ ପ୍ରଶଂସିତ ହୋଇପାରିଥିଲେ। ୧୯୬୭ରେ 'ମାତୃଭୂମି'ରେ ସମ୍ବଲପୁରର ସର୍ବପ୍ରଥମ ଫଟୋ ସାମ୍ବାଦିକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଦୈନିକ 'ଅଗ୍ନିଶିଖା'ରେ ସମ୍ପୃକ୍ତ ଥିଲେ। ସେ ସମ୍ବଲପୁର ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ଥିଲେ। ନେସନାଲ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ୍‌ରେ ସେ ଜଣେ ସକ୍ରିୟ ସଭ୍ୟ ଥିଲେ। ସେ ମୁନ୍‌ଲାଇଟ୍ ଫଟୋ ଷ୍ଟୁଡିଓର ପ୍ରତିଷ୍ଠାତା ଥିଲେ। ତାଙ୍କ ପଛରେ ପତ୍ନୀ, ଗୋଟିଏ ପୁଅ, ଦୁଇ ଝିଅ ଓ ନାତିନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ସନ୍ତକ ମୁଖାଗ୍ନି ଦେଇଥିଲେ।

## ନବୋଦୟ ପ୍ରବେଶିକା ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

**ପାଇକମାଳ, ୧୮।୩(ସମିସ):** ପାଇକମାଳ ବ୍ଲକ ଝାରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର କୁନାଲ ପୂଝାରୀ ୨୦୨୬-୨୭ ଷଷ୍ଠ ଶ୍ରେଣୀ ପାଇଁ ନବୋଦୟ ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ସହଦେବ ଧରୁଆ, ସିଆରସିସି ସନ୍ତୋଷ ମେହେର, ଶିକ୍ଷକ ମୁକୁନ୍ଦ ଝାଙ୍କର, ପଦ୍ମଲୋଚନ ଧରୁଆ, ଅଶୋକ ସାହୁ, ଭେରିନାଥ ବାଗ ପ୍ରମୁଖ କୁନାଲଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ନବଭାରତ ସାକ୍ଷରତା ପରୀକ୍ଷା

**ଝାରବନ୍ଧ, ୧୮।୩(ସମିସ):** ଜିଲ୍ଲାର ଝାରବନ୍ଧ ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭମ ପତି ଓ ବିଆରସିସି ଦୟାନିଧି କୈବର୍ତ୍ତ ପରୀକ୍ଷାର ସମଗ୍ର ବ୍ୟବସ୍ଥାର ମନିଟରିଂ କରିଥିଲେ। ନୋଡାଲ ଅଫିସର ଭାବେ ସହଶିକ୍ଷାଧିକାରୀ ବିଶିକେଶନ ଶତପଥୀ ମଧ ବିଭିନ୍ନ କେନ୍ଦ୍ରରେ ପହଞ୍ଚି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ୧୦ଟି କ୍ଲଷ୍ଟରର ସିଆରସିସି ଓ ନୋଡାଲ ଅଫିସରମାନେ ଯୋଗଦେଇ ପରୀକ୍ଷାକୁ ସୂଚାରୁ ଭାବେ ସମ୍ପନ୍ନ କରିଥିଲେ। କ୍ଲଷ୍ଟର ଭିତ୍ତିକ ଭାବେ ଚନ୍ଦ୍ରମଣିପୁରରେ ୨୯୫ ଜଣ, ଡଭାରେ ୫୧୭, ଲେରଗାଁରେ ୩୧୭, ଜଗଦଲପୁରରେ ୫୦୧, ବୈତାଳିରେ ୨୦୦, ଜାମପାଲିରେ ସର୍ବାଧିକ ୧୧୫୦, ନିଳଜୀପତରାରେ ୩୧୨, ଝାରବନ୍ଧରେ ୬୯୯, ଭଣ୍ଡାରପୋରୀରେ ୭୩୦ ଓ ଗଉଡମାଲରେ ୫୪୬ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ମୋଟ ୮୭ଟି ପରୀକ୍ଷା କେନ୍ଦ୍ରରେ ଆୟୋଜିତ ଏପରୀକ୍ଷାରେ ସମୁଦାୟ ୫୨୬୭ ଜଣ ପରୀକ୍ଷାର୍ଥୀ ଅଂଶ ନେଇଥିବା ବେଳେ, ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୂଚାରୁ ଭାବେ ସମାପ୍ତ ହୋଇଥିବା ସୂଚନା ରହିଛି।

## କାମାକ୍ଷା ମନ୍ଦିରରେ କଳସ ଯାତ୍ରା

**ସମ୍ବଲପୁର, ୧୮।୩ (ସମିସ) :** ବାସନ୍ତିକ ନବରାତ୍ର ଅବସରରେ କାମାକ୍ଷା ମନ୍ଦିରରେ ଭକ୍ତିମୟ ପରିବେଶ ମଧ୍ୟରେ କଳସ ଯାତ୍ରା ଆୟୋଜିତ ହୋଇଯାଇଛି। ସନ୍ଧ୍ୟାବେଳେ ଭକ୍ତମାନେ ପୂଜାର୍ଚ୍ଚନା କରି ଶୁଭ ମଙ୍ଗଳ କାମନା ସହ କଳସ ଯାତ୍ରାରେ ଯୋଗଦେଇଥିଲେ। ଭକ୍ତମାନେ ମୁଣ୍ଡରେ କଳସ ବୋହି ଭଜନ-କୀର୍ତ୍ତନ ମାଧ୍ୟମରେ ମନ୍ଦିର ପରିସରକୁ ପରିକ୍ରମା କରିଥିଲେ। ଏହି କଳସ ଯାତ୍ରାରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଘଣ୍ଟ, ଶଙ୍ଖ ଓ ହୁଳହୁଳି ବାଜାର ଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ମାହୋଲରେ ଭରିଯାଇଥିଲା। ଏହି ଅବସରରେ ମନ୍ଦିରରେ ବିଶେଷ ପୂଜା ଓ ଆଳତୀର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଭକ୍ତମାନଙ୍କ ସହ ଅନେକ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଗାମୀ ଦିନଗୁଡ଼ିକରେ ବାସନ୍ତିକ ନବରାତ୍ର ଅବସରରେ ନିୟମିତ ପୂଜା ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜାରିରହିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀରାମ ଜନ୍ମୋତ୍ସବ ପାଇଁ ସଂଗଠିତ କମିଟି ଗଠିତ

**ସମ୍ବଲପୁର, ୧୮।୩ (ସମିସ) :** ଆସନ୍ତା ୨୭ ତାରିଖରେ ପାଳିତ ହେବାକୁ ଯାଉଥିବା ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ଜନ୍ମୋତ୍ସବ ସମିତି, ସମ୍ବଲପୁର ପକ୍ଷରୁ ଏକ ସଂଗଠିତ କମିଟି ଘୋଷଣା କରାଯାଇଛି। ଏହି କମିଟିକୁ ସମିତିର କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲ ଘୋଷଣା କରିଛନ୍ତି। ଏହି କମିଟିରେ ଟ୍ରଷ୍ଟ ମୁଖ୍ୟ ଭାବେ ବିପିନ ବିହାରୀ ନନ୍ଦ, ସଭାପତି ଭାବେ ଅଧିବକ୍ତା ପ୍ରଦୀପ କୁମାର ବହିଦାର, କାର୍ଯ୍ୟକାରୀ ସଭାପତି ଭାବେ ଗିରିଶ ପଟେଲ, ବୁଲୁ ବିଶ୍ୱାଳ ଓ ଶିବ କୁମାର ଅଗ୍ରୱାଲ ଦାୟିତ୍ୱ ନର୍ବାହ କରିବେ। ଏହାସହ ଉପଦେଷ୍ଟା ଭାବେ ଅଧିବକ୍ତା ସତ୍ୟନାରାୟଣ ପଣ୍ଡା, ସିମାଞ୍ଚଳ ଖଟେଇ, କର୍ଣ୍ଣେଲ ପ୍ରଭାତ କୁମର ପଣ୍ଡା, ମେଜର ସୁବେଦାର୍ ଶିବ ନାରାୟଣ ବେହେରା, ପଣ୍ଡିତ ଅମରନାଥ ମିଶ୍ର, କାର୍ତ୍ତିକ ବହିଦାର, ଶତ୍ରୁଘ୍ନ ଲାଲ ସାହା, ଦୀନେଶ ଅଗ୍ରୱାଲ, ନୟନ ପଟେଲ, ଗୋଲକ ବିହାରୀ ମିଶ୍ର, ବିଷ୍ଣୁ ପ୍ରସାଦ ରକ୍ଷିତ, ମନୀଷ ଅଗ୍ରୱାଲ, ରବି ପଣ୍ଡା, ଜୟଲାଲ ବେହେରା, ଦେବେନ୍ଦ୍ର ମହାପାତ୍ର, ଅମୂଲ୍ୟ ମିଶ୍ର, ବିକାଶ ଶର୍ମା, ସୁରେନ୍ଦ୍ର ସିଂ, ସୁଧୀର ବହିଦାର ଥିବାବେଳେ ଉପସଭାପତି ଭାବେ ଗିରିଜା ସାହୁ, ସଞ୍ଜୟ ପ୍ରଧାନ, ଜୟନ୍ତ ଦାଶ, ନୟନ ପଣ୍ଡା, ସୁନୀଲ ନନ୍ଦ, ବଳରାମ ମହାପାତ୍ର, ଅଶ୍ୱିନୀ ମାଝି, ସୁବେଶ ମୁଣ୍ଡା, ରାଜା ବରାଳ, ଦେବରାଜ ଭୁମିଜ୍, ପିଣ୍ଟୁ ଓରାମ, ସୌରଭ ରଞ୍ଜନ ମହାପାତ୍ର, କୁନୁ ମିଶ୍ର ଏବଂ ସଚିବ ଭାବେ ଅନୁପ ବହୁଗୁଣା, କିଶୋର ମେହେର, କିଶୋର ମହାକୁଡ଼, ଦେବରାଜ ପଟେଲ, ଦୟାନିଧି ପ୍ରଧାନ, ଲୋକନାଥ ଲୁହା, ଜଗ ଆଚାର୍ଯ୍ୟ, ଅଜୁ ତାଣ୍ଡି, ସନ୍ତୋଷ ସାହୁ, ରୁପେଶ ଦାଶ, ଜୟଜିତ ସାହୁ, ମନୋଜ ସାହୁ ରହିଛନ୍ତି। ପ୍ରେସ ମିଡିଆ ସଂଯୋଜକ ଭାବେ ଦେବାଶିଷ ପୁରୋହିତ, ଗୌତମ ମିଶ୍ର, ସୋସିଆଲ ମିଡିଆ ସଂଯୋଜକ ଭାବେ ଟେକଧର କର, ଶଶାଙ୍କ ଶେଖର ସ୍ୱାଇଁ, ତୁଷାର ରଞ୍ଜନ ସେଠ, ଶୋଭାଯାତ୍ରା ସଂଯୋଜକ ଭାବେ ରାଜୁ ସୁନାରୀ, ରାଜା ବରାଳ, ମନୋଜ ସାହୁ, ରୂପେଶ କୁଅଁର, ବାବୁ ବେହେରା, ଦୟାନିଧି ପ୍ରଧାନ ଏବଂ ଆଇନ ପରାମର୍ଶଦାତା ଭାବେ ମିଳନ କୁମାର ମହାରଣା ରହିଥିବା ଜଣାପଡ଼ିଛି। ଏହି ଅବସରରେ ସମ୍ବଲପୁରରେ ଏକ ଭବ୍ୟ ଧାର୍ମିକ ଶୋଭାଯାତ୍ରା ଆୟୋଜନ କରାଯିବ। ଏହି ଶୋଭାଯାତ୍ରା କ୍ଷେତରାଜପୁର ରେଳଷ୍ଟେସନରୁ ଆରମ୍ଭ ହୋଇ ମୁଦିପଡ଼ା ଓ ସାନସଡ଼କ ଦେଇ ବୃନ୍ଦହିଲ୍‌ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ସମାପନ ହେବ। ଶୋଭାଯାତ୍ରାରେ ଦେଶର ବିଭିନ୍ନ ସ୍ଥାନ ଯଥା ଆସାମ, କୋର୍ବା, ଭିଲାଇ, ନାଗପୁର, ବିଳାସପୁର, ରାୟଗଡ଼ ଏବଂ ରାଜ୍ୟର କଳାହାଣ୍ଡି, ନବରଙ୍ଗପୁର, ପଦ୍ମପୁର ଓ ସୋନପୁର ଆଦି ଅଞ୍ଚଳରୁ ୩୦ରୁ ଅଧିକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି ପ୍ରେସ ମିଡିଆ ସଂଯୋଜକ ଦେବାଶିଷ ପୁରୋହିତ ସୂଚନା ଦେଇଛନ୍ତି।

### ମୁତୟନ ହେବେ ୨୫ ପ୍ଲାଟୁନ୍ ଫୋର୍ସ

**ସମ୍ବଲପୁର, ୧୮।୩ (ସମିସ) :** ଆସନ୍ତା ୨୭ ତାରିଖରେ ରାମନବମୀ ପଡୁଛି। ଏହି ଦିନ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହେବ। ଏଥିପାଇଁ ସମ୍ବଲପୁର ପୁଲିସର ସମସ୍ତ ପ୍ରକାର ପ୍ରସ୍ତୁତି କରିଥିବା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଶୋଭାଯାତ୍ରା ଯିବାକୁ ଥିବା ରାସ୍ତା ଚିହ୍ନଟ କରି ରୁଟ୍‌ମ୍ୟାପ୍ ତିଆରି ସରିଛି। ଏହି ରୁଟ୍‌ରେ ଆଲୋକ ସହ ଝୁଲୁଥିବା ତାର, ଖୋଲା ଡ୍ରେନ୍ ଆଦି ବ୍ୟବସ୍ଥିତ କରିବା ପାଇଁ ମହାନଗର ନିଗମକୁ କୁହାଯାଇଛି। ଥାନାସ୍ତରୀୟ ପ୍ରଥମ ପର୍ଯ୍ୟାୟ କମିଟି ବୈଠକ ସରିଥିବାବେଳେ ଆସନ୍ତା ୨୦ ତାରିଖରେ ଶାନ୍ତି କମିଟି ବୈଠକ ହେବ। ଏହି ଅଞ୍ଚଳରେ ପ୍ରାୟ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ପି ଶ୍ରୀ ଭାମୁ ସୂଚନା ଦେଇଛନ୍ତି।

# ସମଲେଶ୍ୱରୀ ଓ ଶିବ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା



**ଭଟଲି, ୧୮।୩(ସମିସ):** ଭଟଲି ବ୍ଲକ ଅଧୀନ ଗୋପାଳପୁର ମାଁ ସମଲେଶ୍ୱରୀ ଓ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କଳସ ଯାତ୍ରା ସହ ଶୁଭାରମ୍ଭ ହୋଇଛି। ଅଙ୍କୁରାରୋପଣ କରିବା ପରେ ପୂଜା ମଣ୍ଡପରୁ ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ମଧ୍ୟରେ ଶୋଭାଯାତ୍ରା ବାହାରି ନିକଟସ୍ଥ ପୋଖରୀରୁ ପୂର୍ଣ୍ଣ ଜଳକଳସ ନେଇ ଗାଁ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ପୂଜାରମ୍ଭ ହୋଇଥିଲା। ପଣ୍ଡିତ ଶୁକଦେବ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଷ୍ଠା କର୍ମରେ ପଣ୍ଡିତ ବାଚସ୍ପତି ରଥ, ପଞ୍ଚମ ପୁରୋହିତ, ଅବିନାଶ ରଥ, ସୁବୋଧ ମହାପାତ୍ର, ଶୁଭେନ୍ଦୁ ଆଚାର୍ଯ୍ୟ, ସଂସାର ପଣ୍ଡା, ଆକାଶ ଷଡଙ୍ଗୀ, ନିତିଶ ଶତପଥୀ, ବଣ୍ଟି ଦାଶ, ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠାରେ ପ୍ରହଲ୍ଲାଦ ନାୟକ-ପିଙ୍କି ନାୟକ, ଲେନିନ ଶତପଥୀ-ନଳିନୀ ଶତପଥୀ, ନୈକେଶ୍ୱର ସାହୁ-ପଦ୍ମିନୀ ସାହୁ, ସୁନିଲ ପଧାନ -ସୀମା ପଧାନ, ଭକ୍ତବନ୍ଧୁ ମିଶ୍ର-ମମତା ମିଶ୍ର, ଗୌର ପ୍ରଧାନ-ଆରତୀ ପ୍ରଧାନ, ଫଗନୁ ବାରିକ-ସୁନିତା ବାରିକ, ଡୋଲାମଣି ନାୟକ-ଜୟନ୍ତୀ ନାୟକ, ଆନନ୍ଦ ବାରିକ-ଅହଲ୍ୟା ବାରିକ, ରୋହିତ ସାହୁ-ରଞ୍ଜିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରତ୍ୟହ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ସ୍ଥାପନା ଦିବସ

**ସମ୍ବଲପୁର, ୧୮।୩(ସମିସ):** ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୭ତମ ସ୍ଥାପନା ଦିବସ ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରଥମେ ଡ. ବି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଉପସଭାପତି ରାମକୃଷ୍ଣ ଶାସନି ସଂଗଠନ ସମ୍ପାଦିକା ଯମୁନା ଶିକା ନାରାୟଣ ବାରିକ କ୍ଷିରୋଦ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା। ପରେ ଏକ ସଭାରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ମୁଖ୍ୟ ବକ୍ତା ପ୍ରତିଷ୍ଠାତା ସଭାପତି ଓ ଉପଦେଷ୍ଟା ମିନିକେତନ ବାଦି ସମ୍ମାନିତ ଅତିଥି ଆସୁକବି ଗଦାଧର ନୀଆଲ, ରୁପାଞ୍ଜଳି ରଣବିଡା ଭନ୍ତେ, ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉପସଭାପତି ଶିବଶଙ୍କର ପ୍ରଧାନ ସଭାପତିତ୍ୱରେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାପନା ଦିବସକୁ ଉପଦେଷ୍ଟା ପୁରନ୍ଦର ସୁନା ସମ୍ପାଦକ ଅମିନ ମହାନନ୍ଦ, ଦିଲୀପ ଲୁହା, ଭଗବାନ ନିଆଳ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଜାତୀୟ ସମ୍ମାନ

**ସମ୍ବଲପୁର, ୧୮।୩ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ '୨୧ଶତାବ୍ଦୀରେ ଭାରତୀୟ ସମାଜର ପରିବର୍ତ୍ତନ: ଏକ ସମାଲୋଚନାତ୍ମକ ବିଶ୍ଲେଷଣ' ଶୀର୍ଷକ ଜାତୀୟ ସମ୍ମାନ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ସଭାପତିତ୍ୱରେ ଡ. ଆଦିତ୍ୟ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନରେ ସାଧନ କର୍ମୀ ଭାବେ ଡ. କୁମୁଦ ଚନ୍ଦ୍ର ପାଣିଗ୍ରାହୀ ଓ ସନିରାମ କେର୍କେଟା ଯୋଗ ଦେଇ ଆଧୁନିକ ସମାଜର ପରିବର୍ତ୍ତନଶୀଳ ପରିସ୍ଥିତି ଉପରେ ସବିଶେଷ ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଗବେଷଣା ପତ୍ର ଉପସ୍ଥାପନ, ପ୍ୟାନେଲ ଚର୍ଚ୍ଚା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା, ଯାହା ଅଂଶଗ୍ରାହୀମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷାମୂଳକ ଥିଲା। ବିଭିନ୍ନ ସମାଜିକ ବିଷୟ ଯଥା ଗ୍ଲୋବାଲାଇଜେସନ୍, ଡିଜିଟାଲାଇଜେସନ୍, ସାମାଜିକ ବୈଷମତା ଓ ସାଂସ୍କୃତିକ ପରିବର୍ତ୍ତନ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ସମାଜଶାସ୍ତ୍ର ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାସନ ହାଇସ୍କୁଲ ପକ୍ଷରୁ ସୁସ୍ଥ ମନ୍ଦିର ପରିସର କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮।୩ (ସମିସ) :** ସମ୍ବଲପୁରର ପିଏମ୍‌ଶ୍ରୀ ଶାସନ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଆଜି ସୁସ୍ଥ ମନ୍ଦିର ପରିସର ବିକାଶ ଅଭିଯାନ କାର୍ଯ୍ୟକ୍ରମ (କେମ୍ପେନ୍ ଅନ୍ ଡେଭଲପିଂ ହେଲ୍‌ଦି ଟେମ୍ପଲ୍ ପ୍ରିମିସେସ୍ ପ୍ରୋଗ୍ରାମ) ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ତତ୍ତ୍ୱାବଧାନରେ ଶାସନ ଗ୍ରାମର ଶିବ ମନ୍ଦିର ପରିସର ଓ ପ୍ରାଙ୍ଗଣକୁ ଇକୋ କ୍ଲବ ସଦସ୍ୟମାନେ ସଫେଇ କରିଥିଲେ। ଛାତ୍ରଛାତ୍ରୀମାନେ ମନ୍ଦିର ଚତୁଃପାର୍ଶ୍ୱ ମଧ ସଫା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇକୋ କ୍ଲବ ପ୍ରଭାରୀ ପ୍ରଲିତା ପଟ୍ଟନାୟକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଦସ୍ୟମାନେ ଉପସ୍ଥିତ ରହି ପ୍ରୋତ୍ସାହିତ କରିଥିଲେ। ପ୍ରକୃତିବନ୍ଧୁ କିଶୋର ଛତରଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନେ ଚାରାରୋପଣ ମଧ କରିଥିଲେ।

## ୨୧ ଜଣଙ୍କ ସାମୂହିକ ବ୍ରତୋପନୟନ

**ସମ୍ବଲପୁର, ୧୮।୩ (ସମିସ) :** ହୀରାକୁଦ 'ମାନବ ସେବା ହିଁ ମାଧବ ସେବା' ଅନୁଷ୍ଠାନ ପକ୍ଷରୁ ୨୧ ଜଣ ବ୍ରାହ୍ମଣ ପିଲାଙ୍କର ଉପନୟନ ସଂସ୍କାର କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତୋପନୟନ ହୀରାକୁଦ ଦୁର୍ଗା ମନ୍ଦିରରେ ନିଃଶୁଳ୍କ ଭାବେ କରାଯାଇଥିଲା। ସମ୍ବଲପୁର ସମେତ ଦୂରଦୂରାନ୍ତରୁ ସୁନ୍ଦରଗଡ଼, ସୁବର୍ଣ୍ଣପୁର, ସୋହେଲା, ବ୍ରହ୍ମପୁର, ଝାରସୁଗୁଡ଼ା ପିଲାମାନେ ଆସିଥିଲେ। ହୀରାକୁଦର ପଣ୍ଡିତ ପୂର୍ଣ୍ଣାନନ୍ଦ ତ୍ରିପାଠୀ ପୁସ୍ତକାଚାର୍ଯ୍ୟ ଏବଂ ତାଙ୍କ ତତ୍ତ୍ୱାବଧାନରେ ୨୧ଜଣ ପଣ୍ଡିତ ଯୋଗଦେଇ ବେଦମନ୍ତ୍ର ଉଚ୍ଚାରଣ କରି ଉପନୟନ ସଂସ୍କାର କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ଏହାପରେ ସନ୍ଧ୍ୟାରେ ରୋଷଣୀ କାର୍ଯ୍ୟରେ ସହର ପରିକ୍ରମା କରିଥିଲେ। ଅନୁଷ୍ଠାନର ଚନ୍ଦ୍ରଶେଖର ଶତପଥୀ, ଦୀପ୍ତିକାନ୍ତ ମହାପାତ୍ର, ପ୍ରଶାନ୍ତ ମିଶ୍ର, ଜ୍ଞାନେନ୍ଦ୍ରୀୟ ଦାସ, ଇତିଶ୍ରୀ ଶତପଥୀ, ବୀଣାପାଣି ଦାସ, ଶୁଭଶ୍ରୀ ନାୟକ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସଂସଦ ହେଉଛି ଗଣତନ୍ତ୍ରର ପବିତ୍ର ମନ୍ଦିର'

**ନୂଆଦିଲ୍ଲୀ, ୧୮।୩(ସମିସ)**

ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ରାଜ୍ୟସଭାରେ ତାଙ୍କର ବିଦାୟ ଭାଷଣ ଦେଇ ଦେଶ ସେବାର ସୁଯୋଗ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ସମ୍ବିଧାନ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଓ ଗରିବ, କୃଷକ, ଶ୍ରମିକ ଓ ଅବହେଳିତ ବର୍ଗଙ୍କ କଲ୍ୟାଣ ପାଇଁ ସବୁବେଳେ କାମ କରିବାର ସଙ୍କଳ୍ପ ନେଇଥିଲେ। ସଦନକୁ ସମ୍ବୋଧନ କରି ଶ୍ରୀ ବିଶି କହିଥିଲେ ଯେ ଭାରତର ସଂସଦ କେବଳ ଆଲୋଚନାର ମଞ୍ଚ ନୁହେଁ, ଏହା ଲୋକତନ୍ତ୍ରର ପବିତ୍ର ମନ୍ଦିର। ରାଜ୍ୟସଭାରେ ଦେଶର ତଥା ରାଜ୍ୟର ପ୍ରସଙ୍ଗ, ଦାବି ସମସ୍ୟା ଉଠାଇବା, ଆଲୋଚନା କରିବା, ସରକାରଙ୍କୁ ପରାମର୍ଶ ଦେବା ଜୀବନର ସର୍ବୋଚ୍ଚ ସମ୍ମାନ ବୋଲି ଉଲ୍ଲେଖ କରିଥିଲେ। ଡ. ବିଆର୍ ଆମ୍ବେଦକରଙ୍କ ନେତୃତ୍ୱରେ ପ୍ରଣିତ ଭାରତୀୟ ସମ୍ବିଧାନର ଆଦର୍ଶକୁ ସ୍ମରଣ କରି ଶ୍ରୀ ବିଶି କହିଥିଲେ ଯେ ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ନ୍ୟାୟ, ସ୍ୱାଧୀନତା, ସମତା ଓ ଭାଇଚାରାର ମୂଲ୍ୟବୋଧକୁ ଅଗ୍ରସର କରିବା ପାଇଁ ପ୍ରୟାସ କରିଛନ୍ତି ଏବଂ ବିଶେଷ କରି ଆଦିବାସୀ, ଅନୁସୂଚିତ ଜାତି, କୃଷକ, ଶ୍ରମିକ, ମହିଳା ଓ ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କ ସ୍ୱର ସଦନରେ ଉଠାଇଥିଲେ। ଓଡ଼ିଶାର ଆଦିବାସୀ ନେତା ଭାବେ ସଂସଦରେ ତାଙ୍କର ଉପସ୍ଥିତି ଗ୍ରାମାଞ୍ଚଳ, ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିନିଧିତ୍ୱର ଜ୍ୱଳନ୍ତ ଉଦାହରଣ। ରାଜ୍ୟସଭାରେ ତାଙ୍କର

**କୃଷକ, ଶ୍ରମିକ, ଗରିବ ଓ ଆଦିବାସୀ ଦଳିତଙ୍କ ପାଇଁ ଲଢ଼େଇ - ରାଜ୍ୟସଭାରେ ନିରଞ୍ଜନ ବିଶିଙ୍କ ଗରିମାମୟ ଭାଷଣ**

କାର୍ଯ୍ୟକାଳ ମଧ୍ୟରେ ସେ ଦେଶର ତଥା ରାଜ୍ୟର ଆଦିବାସୀ ଅଧିକାର ସୁରକ୍ଷା, ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣ, ପଛୁଆ ଅଞ୍ଚଳର ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନା ଗମନ, ପାନୀୟ ଜଳ, ଭିତ୍ତିଭୂମି ବିକାଶ ଓ ଉନ୍ନୟନ ଯୋଜନାର ସୁଦୃଢ଼ତା, ରେଳୱେ, ସାଇବର ଅପରାଧ, ଦରଦାମ ନିୟନ୍ତ୍ରଣ, ବେକାରୀ ସମସ୍ୟା, କର୍ମନିଯୁକ୍ତି ଭଳି ମହତ୍ୱପୂର୍ଣ୍ଣ ବିଷୟ ସଦନରେ ଉଠାଇଥିଲେ। ସେ ଅନୁସୂଚିତ ଜନଜାତିଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ମଧ୍ୟ ଦୃଢ଼ ଭାବେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଜେଡି ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କର ଦକ୍ଷ ଶାସନ, ଦୃଢ଼ ନେତୃତ୍ୱ, ସ୍ୱଚ୍ଛ ଶାସନ ଓ ଲୋକକଲ୍ୟାଣ ପ୍ରତି ଅତୁଟ ସମର୍ପଣ ପାଇଁ ଧନ୍ୟବାଦ ଜଣାଇଥିଲେ। ଶ୍ରୀ ବିଶି ରାଜ୍ୟସଭାର ସଭାପତି, ଉପସଭାପତି, ଉପସଭାପତି ପ୍ୟାନେଲ ସଦସ୍ୟ, କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ, ସମସ୍ତ ଦଳର ନେତାଗଣ, ସଂସଦ ସଦସ୍ୟଗଣ ଓ ରାଜ୍ୟସଭା ସଚିବାଳୟର ମହାସଚିବ, ଅଧିକାରୀ ଓ କର୍ମଚାରୀମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଭାରତର ଶକ୍ତି ଦେଶର ଗାଁ, ଗରିବ, ଯୁବକ, କୃଷକ, ଶ୍ରମିକ ଓ ଆଦିବାସୀ ସମାଜରେ ରହିଛି ଏବଂ ସମ୍ବିଧାନ ପ୍ରଣେତା ବାବାସାହେବ ଡ.ଆମ୍ବେଦକରଙ୍କ ଆଦର୍ଶ ଅନୁସାରେ ବିକାଶ ଯୋଜନା, ସାମାଜିକ ଅର୍ଥନୈତିକ ପ୍ରଗତି ଓ ନ୍ୟାୟ ସମାଜର ଶେଷ ଧାଡିରେ ଥିବା ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚିବା ଦରକାର ବୋଲି ପ୍ରକାଶ କରିଥିଲେ।

St. XAVIER'S HIGH SCHOOL®
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
IMPORTANT ADVISORY TO PARENTS: All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
A/C No. : 926020008300220

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
A/C No. : 182101000002533

-By order of Managment

# ଲଖନପୁର ବ୍ଲକର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

## ଖଣି ନିକଟସ୍ଥ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୧୮ ।୩(ସମିସ)**



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୁଧବାର ଲଖନପୁର ବ୍ଲକ ଗସ୍ତ କରି ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ବ୍ୟାପକ ସମୀକ୍ଷା କରିବା ସହ ଜନସାଧାରଣଙ୍କ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଗସ୍ତ ସମୟରେ ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ବିନୟ ପଟେଲ ଜିଲ୍ଲାପାଳଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳ ପ୍ରଥମେ କୁଶ୍ରାଲୋଇ ପଞ୍ଚାୟତରେ ପହଞ୍ଚି ସରପଞ୍ଚ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ବିସିସିଜିଏଲ୍ ଦ୍ୱାରା ପ୍ରସ୍ତାବିତ ଆମୋନିୟମ ନାଇଟ୍ରେଟ ପ୍ଲାଣ୍ଟ ପାଇଁ ସରକାରୀ ଶିକ୍ଷାନୁଷ୍ଠାନର ସ୍ଥାନାନ୍ତରଣ ସମ୍ପର୍କରେ ସରପଞ୍ଚ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ ସମୟରେ ସେଠାରେ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହି ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏମ୍‌ସିଏଲ୍ ଲଖନପୁର ଖଣିର ମାତ୍ର ୧୦ ମିଟର ଦୂରତାରେ ଥିବା କର୍ଲାଝୋରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ବିପଜ୍ଜନକ ଅବସ୍ଥାରେ ଥିବାରୁ, ଏହାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମରବଗା ପଞ୍ଚାୟତର ଝାରଗାଁ ଓ ଚୁଇଁକାଞ୍ଚ ଗାଁ ପରିଦର୍ଶନ କରି ଜିଲ୍ଲାପାଳ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଝାରଗାଁରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟକୁ ଆସନ୍ତା ୧୫ ଦିନ ମଧ୍ୟରେ ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଚୁଇଁକାଞ୍ଚ ପୋଖରୀର ପୁନରୁଦ୍ଧାର ପାଇଁ ତୁରନ୍ତ ବ୍ୟୟ ଅଟକଳ ଦାଖଲ କରିବାକୁ କହିଛନ୍ତି।

# ମଦ ଜବତ, ୨ ଗିରଫ





**ଝାରସୁଗୁଡ଼ା, ୧୮ ।୩(ସମିସ):** ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଏହି ଅଭିଯାନରେ ବିପୁଳ ପରିମାଣର ବେଆଇନ ମଦ ଜବତ କରାଯିବା ସହ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସଂସାରକାନ୍ତ ଓ ଗୁଡି ଯାଦବ। ବେଲପାହାଡ ଅବକାରୀ ବିଭାଗ ପକ୍ଷରୁ ବର୍ତ୍ତାପ ଗାଁରେ ଚଢ଼ଉ କରାଯାଇଥିଲା। ଏଥିରେ ୧୬ ଲିଟର ଦେଶୀ ରନ୍ଧା ମଦ ସହ ଏକ ସ୍କୁଟି ମଧ୍ୟ ଜବତ ହୋଇଥିଲା। ଘଟଣାରେ ସଂସାରକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମଟିବାହାଲ ଅଞ୍ଚଳରେ ଚଢ଼ଉ ହୋଇଥିଲା। ସେଠାରୁ ୧୭ ଲିଟର ଓଏସ ମଦ ଜବତ ହେବା ସହ ସମ୍ପୃକ୍ତ ମହିଳା ଗୁଡିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଗକୁ ଜିଲ୍ଲାରେ ଏହିପରି ଚଢ଼ଉକୁ ଆହୁରି ବ୍ୟାପକ କରାଯିବ ବୋଲି ଝାରସୁଗୁଡ଼ା ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଜନଗଣନା ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୧୮ ।୩(ସମିସ):** ଜନଗଣନା ୨୦୨୭କୁ ସୂଚାରୁ ରୂପେ ସମ୍ପାଦନ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଗଣନାରେ ନିୟୋଜିତ ହେବାକୁ ଥିବା ଗଣନାକାରୀ ଓ ସୁପରଭାଇଜର ମାନଙ୍କୁ ଆନୁଷଙ୍ଗିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ତହସିଲଦାର ସଦାକର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଜନଗଣନା ୨୦୨୭ର ରାଜ୍ୟ ସମନ୍ୱୟକ ରବିରଞ୍ଜନ ଯୋଗ ଦେଇଥିଲେ। ଡିଜିଟାଲ ମୋଡ୍‌ରେ ତଥ୍ୟ ସଂଗ୍ରହ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଷ୍ଟର ଟ୍ରେନର ଜ୍ୟୋତି ନାୟକ ଓ ରୀତାରାଣୀ ନାୟକ ଗଣନାକାରୀମାନଙ୍କୁ ତାଲିମ ପ୍ରଦାନ କରିବା ସହ ପ୍ରଶ୍ନୋତ୍ତରୀ ମାଧ୍ୟମରେ ସନ୍ଦେହ ଦୂର କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ବହୁ ସଂଖ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବ୍ଲକ ସ୍ତରରେ ବ୍ୟାପକ କରାଯିବ। ଏହି ଅବସରରେ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପୁଣି ଜୀବନ ନେଲା ଏନ୍‌ଏଚ୍ ୪୯

**ବ୍ରଜରାଜନଗର, ୧୮ ।୩(ସମିସ):** ଜାତୀୟ ରାଜପଥ ଏନ୍‌ଏଚ୍ ୪୯ ର ଇବ ନଦୀ ବ୍ରିଜ ଉପରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗାନ୍ଧୀ ଛକ ଫାଣ୍ଡି ଅଧୀନ ରାଜପୁର ପଞ୍ଚାୟତ ରନକଣ୍ଟା ଗାଁର ଅର୍ଜୁନ କିଷାନ (୨୪)। ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ନାୟକଙ୍କ ସୂଚନା ଅନୁଯାୟୀ, ମୃତକ ଅର୍ଜୁନ ଓ ତାଙ୍କ ଶଳା ରାଜୁ ପ୍ରଧାନ ଏକ ବାଇକ୍‌ରେ ଝାରସୁଗୁଡ଼ାରୁ ଫେରୁଥିଲେ। ଇବ ନଦୀ ବ୍ରିଜର ମଧ୍ୟ ଭାଗରେ ଏକ ଗାଡି ଟ୍ରଲର ପଛପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟେ ବାଇକରୁ ଛିଟିକି ତଳେ ପଡ଼ି ଯାଇଥିଲେ। ଅର୍ଜୁନ ଗାଡି ଚକା ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଟ୍ରଲର ଚକା ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜୁ ମଧ୍ୟ ଗୁରୁତର ହୋଇଥିଲେ। ଉଭୟଙ୍କୁ ଗାନ୍ଧୀ ଛକ ପୁଲିସ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଧକ୍କା ଦେଇଥିବା ଗାଡିର ସନ୍ଧାନ ଏଯାଏଁ ମିଳିପାରି ନାହିଁ।

# ଏସ୍‌ସି ଏସ୍‌ଟି ପିଲାଙ୍କର ସୁରକ୍ଷା ପାଇଁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ଦେବଗଡ଼, ୧୮ ।୩(ସମିସ):** ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଓଡ଼ିଶା ସରକାର ଏବଂ ଜିଲ୍ଲା କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସି ଏସ୍‌ଟି ପିଲା ମାନଙ୍କର ସୁରକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଶିବିରରେ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରଣ୍ୟ ଅତିଥି ଭାବେ ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ଯୋଗ ଦେଇଥିଲେ। ଏହି କର୍ମଶାଳାର ପ୍ରଶିକ୍ଷକ ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମାର୍ଗଦର୍ଶନ କରାଇଥିଲେ। ରାମଚନ୍ଦ୍ର ସରେନ୍, ବୁଲୁ ମାଝୀ ଓ ଅନୁପମା ରାଉତ କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାରେ ଥିବା ସମସ୍ତ ଏସ୍‌ସି ଏସ୍‌ଟି ବିଭାଗର ପରିଚାଳକ ଅନୁଷ୍ଠାନ ମାନଙ୍କର ପ୍ରଧାନଶିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭାଗର କାର୍ଯ୍ୟରତ ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଢୋଲପଥରରେ ହାତୀ ଭାଙ୍ଗିଲା କ୍ୟାବିନ

**କୁଣ୍ଡେଇଗୋଲା, ୧୮ ।୩(ସମିସ):** ରିଆମାଳ ବ୍ଲକ କୁଣ୍ଡେଇଗୋଲା ପଞ୍ଚାୟତ ଅଧୀନ ଢୋଲପଥର ଗାଁ ଛକ ଠାରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ହାତୀପଲ ରାସ୍ତାକଡରେ ଥିବା ଏକ କ୍ୟାବିନକୁ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଜଣା ପଡ଼ିଛି। କ୍ୟାବିନ ଦୋକାନଟି ଗାଁର ରାଜେଶ ପ୍ରଧାନ ନାମକ ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଛି। ଗତକାଲି ରାତିରେ କ୍ୟାବିନ ବନ୍ଦ କରି ଘରକୁ ଯିବା ପରେ ବିଳମ୍ବିତ ରାତ୍ରିରେ ହାତୀପଲ ତାଙ୍କ କ୍ୟାବିନଟିକୁ ଭାଙ୍ଗି ଦେଇଥିଲେ। ଏଥିରେ କ୍ୟାବିନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ଘଟଣା ଖବର ପାଇ ଦୋକାନୀ ସ୍ଥାନୀୟ ଫରେଷ୍ଟର ମନ୍ମଥ ବେହେରାଙ୍କୁ ସୂଚନା ଦେଇଥିଲେ। ଶ୍ରୀ ବେହେରା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ତେବେ କ୍ୟାବିନଟି ସରକାରୀ ସ୍ଥାନରେ ଥିବା ଯୋଗୁଁ କ୍ଷତିପୂରଣ ମିଳିପାରିବ ନାହିଁ ବୋଲି ଫରେଷ୍ଟର ଦୋକାନୀଙ୍କୁ କହିଥିଲେ। ଦୋକାନୀ ଜଣକ ଏକ ସାଧାରଣ ପରିବାରରୁ ହୋଇଥିବାରୁ ବନ ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।



# ରେଙ୍ଗାଲବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼, ୧୮ ।୩(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ରେଙ୍ଗାଲବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସଞ୍ଜୟ ସିଂ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମନ୍ଦୋଦରୀ ମାଝୀ ସଭାପତିତ୍ୱ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବୈଦ୍ୟ ନାରାୟଣ ପ୍ରଧାନ, ୱାର୍ଡ ମେମ୍ବରରୁପେନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଦୌଡ, ପୁଚି ଖେଳ, ରିଙ୍ଗ ବଲ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଆଦି ଖେଳ ଅନୁଷ୍ଠିତ ହୋଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।



ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ହାତୀ ନିର୍ଦ୍ଦେଶନାରେ ବାଲ୍ୟବିବାହ ଉପରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁ ପ୍ରଭା ସାହୁ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳାନାରେ ସହଯୋଗ କରିଥିଲେ।

# ନର୍ସିଂ କଲେଜ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୧୮ ।୩(ସମିସ):** ଝାରସୁଗୁଡ଼ା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା। ଏଠାରେ ଖଣି ଖାଦାନ ସହ ବହୁ ଗୁଡିଏ ଶିଳ୍ପନୁଷ୍ଠାନ ରହିଛି। ଜିଲ୍ଲାରେ ଲୋକସଂଖ୍ୟା ବୃଦ୍ଧି ପାଇବା ସହ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସମାନ ପରିମାଣରେ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଏକ ସରକାରୀ ନର୍ସିଂ କଲେଜ ଖୋଲିବା ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ବୁଧବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ସରକାରୀ ନର୍ସିଂ କଲେଜ ଖୋଲାଗଲେ ଗ୍ରାମାଞ୍ଚଳରେ ରହୁଥିବା ଯୁବକ ଯୁବତୀ ବିଶେଷ କରି ଆର୍ଥିକ ଅନଗ୍ରସର ପରିବାରର ଯୁବକ ଯୁବତୀ ନର୍ସିଂ ପାଠ ପଢ଼ିପାରିବେ। ପୁଣି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମହିଳା ଓ ପୁରୁଷ ନର୍ସିଂ ଷ୍ଟାଫଙ୍କ ଅଭାବ ଲାଗି ରହିଛି। ନର୍ସିଂ କଲେଜ ନର୍ସିଂ ଷ୍ଟାଫର ଅଭାବ ପୂରଣ କରିବାରେ ବହୁ ସହାୟକ ହେବାସହ ଜିଲ୍ଲାର ନିଯୁକ୍ତି ସମସ୍ୟା ସମାଧାନ ହୋଇପାରିବ। ଏଣୁ ଯଥାଶୀଘ୍ର ଝାରସୁଗୁଡ଼ାରେ ସରକାରୀ ନର୍ସିଂ କଲେଜ ଖୋଲିବା ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## କ୍ଷିରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଇତିହାସରୁ ଶିଖିବା ଏବଂ ଭବିଷ୍ୟତରେ କିଛି ଭଲ କରିବା

**କୋଲାବିରା, ୧୮ ।୩(ସମିସ):** ଜିଲ୍ଲାର କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର ସମାସିଂହା ମାଟିରେ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷାନୁଷ୍ଠାନର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଏକ୍‌ଜେକ୍ୟୁଟିଭ ଅଧିକାରୀ ଜିଲ୍ଲାପରିଷଦ ଝାରସୁଗୁଡ଼ା ବିଶ୍ୱରଞ୍ଜନ ନାୟକ ଯୋଗ ଦେଇଥିଲେ। ଇତିହାସରୁ ଶିଖିବା ଏବଂ ଭବିଷ୍ୟତରେ କିଛି ଭଲ କରିବାର ଲକ୍ଷ୍ୟନେଇ ଆଗେଇବାକୁ କହିଥିଲେ। ପ୍ରତ୍ୟେକ ମଣିଷ ଭିତରେ ଏକ ଅନନ୍ୟ ପ୍ରତିଭା ରହିଥାଏ ତାହାର ପ୍ରସ୍ଫୁଟିତ ହେବାର ଶିକ୍ଷା ଏକ ମାର୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ସାହୁ, ସ୍ଥାନୀୟ ଗୌତମ ନାଏକ, ଗୌରୀ ଶଙ୍କର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ କ୍ଷିରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ ୧୯୯୫ରେ ଜନ୍ମ ନେଇଥିବା ଏକ ଶିକ୍ଷାର କ୍ଷୁଦ୍ର ତରୁ ଆଜି ମାହାଦ୍ରୁମରେ ପରିଣତ ହୋଇପାରିଥିବା ଉଲ୍ଲେଖ କରିଥିଲେ। ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ କ୍ଷେତ୍ରରେ ଶିକ୍ଷୟିତ୍ରୀ ରଶ୍ମୀରେଖା ପଟେଲ, ଅଞ୍ଜଳୀ ପଟେଲ, ସଂଧ୍ୟାରାଣୀ ଚୌଧୁରୀ, ସୁନନ୍ଦ ପଟେଲ, ମନୋଜ ମିର୍ଧା, ପ୍ରଶ୍ନ ବଗାର, ରୀନା କିଷାନ, ଗୋବର୍ଧନ ବଗାର ପ୍ରମୁଖ ସହଯୋଗ କରିଥିଲେ।




ସୁଚନା ଯୋଗ୍ୟ, ଓଡ଼ିଶା ସରକାରଙ୍କ ଓଡିଆ ଭାଷାବୃତ୍ତି ଯୋଜନାନୁଯାୟୀ ପ୍ରତିବ୍ଲକରେ ୧୦ଜଣ ମାତୃଭାଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରୀଙ୍କ ମଧ୍ୟରୁ ୮ଜଣ ଛାତ୍ରୀ ଏହି ବିଦ୍ୟାଳୟର। ଓଡ଼ିଶା ସରକାରଙ୍କର ଗଣଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟ ବେଷ୍ଟ ସ୍କୁଲ ଆୱାର୍ଡ ପାଇବା ସହ ଏକ ଲକ୍ଷ ଟଙ୍କା ଆର୍ôଥିକ ପୁରସ୍କାର ଲାଭ କରିପାରିଛି। ବିଦ୍ୟାଳୟର ମେଧାବୃତ୍ତିରେ ୩୩ଜଣ ଓ ଭାଷାବୃତ୍ତିରେ ୮ଜଣଙ୍କୁ ୫ହଜାର ଟଙ୍କା ଲେଖାଏଁ ପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟର ଛାତ୍ରୀମାନେ ସହଶିକ୍ଷା କାର୍ଯ୍ୟକ୍ରମ ମାନଙ୍କରେ ମଧ୍ୟ କୃତୀ ହାସଲ କରି ଖେଳକୁଦ, ନାଚଗୀତ, ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇଛନ୍ତି। ସେହିପରି ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଏଇ ସ୍କୁଲଦ୍ୱାରା ମଞ୍ଚସ୍ଥ ହୋଇଥିବା ନାଟକ ଉଚ୍ଚପ୍ରଂଶିତ ହୋଇ କରିପାରିଛି। ଜିଲ୍ଲା ମହୋତ୍ସବ ଦୁଲଦୁଲିରେ ପାଲା ପରିବେଷଣ କରି ଏହି ବିଦ୍ୟାଳୟର ଛାତ୍ରୀମାନେ କୃତୀତ୍ୱ ହାସଲ କରିଛନ୍ତି ପ୍ରଧାନଶିକ୍ଷକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର କୃତୀ ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୁଣ୍ଡେଇଗୋଲା ସେବା ସମବାୟ ସମିତିର ବାର୍ଷିକ ବୈଠକ

**କୁଣ୍ଡେଇଗୋଲା, ୧୮ ।୩ (ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ କୁଣ୍ଡେଇଗୋଲା ଗାଁର କମାରପାଳ ଆମ୍ବତୋଟା ଠାରେ ବୁଧବାର କୁଣ୍ଡେଇଗୋଲା ସେବା ସମବାୟ ସମିତିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ଉଦୟ ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତ୍ରିଭୁବନ ପ୍ରଧାନ ଚଳିତ ବର୍ଷ ଆୟବ୍ୟୟ ହିସାବ ଚାଷୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବୈଠକରେ ସେବା ସମବାୟ ନିର୍ଦ୍ଦେଶକ ଲିଙ୍ଗରାଜ ସାହୁ, କିଶୋର ଚନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ରହିବା ସହିତ ୧୧ଟି ଗାଁର ଚାଷୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଚାଷୀ କିପରି ରାସାୟନିକ ସାର ଓ ଧାନ ବିହନ ପାଇ ପାରିବେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଡାଟା ଅପରେଟର ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଆଇନ ସଚେତନତା

**ଝାରସୁଗୁଡ଼ା, ୧୮ ।୩(ସମିସ):** ଜିଲ୍ଲା ଏବଂ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଝାରସୁଗୁଡ଼ା ଜିଲ୍ଲା କୋର୍ଟ ପରିସରରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି (ଏଲଆର) ଦେବଶ୍ରୀ ସାହୁ, ବରିଷ୍ଠ ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଆଇନର ଉତ୍ପତ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କର ବିଭିନ୍ନ ରାୟ ଓ ଏହି ଆଇନ୍ ବଳରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି, ଲୋକାଲ କମିଟିର କାର୍ଯ୍ୟ, ଏଥିରେ ଥିବା ଦଣ୍ଡବିଧାନ ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା ସହ ଆଇନ୍ ବିଷୟରେ କର୍ମଚାରୀ ମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସଦସ୍ୟମାନେ, ଜିଲ୍ଲା କୋର୍ଟର କର୍ମଚାରୀ ଓ ଜିଲ୍ଲା ଓକିଲ ସଂଘର ସଦସ୍ୟ ମାନେ ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଅଧିନିୟମ ଜିଲ୍ଲାସ୍ତରୀୟ ସଚେତନତା

**ଦେବଗଡ଼, ୧୮ ।୩(ସମିସ)**




ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ କୋଠା ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପିତା ମାତା ଓ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୭ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲା ସ୍ତରୀୟ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ବରିଷ୍ଠ ନାଗରିକ ସଭାପତି ଡ.ରାମଚନ୍ଦ୍ର ମହାପାତ୍ର, ମାଷ୍ଟର୍ ଟ୍ରେନର ହେଲ୍ପ ଏଜ୍ ଇଣ୍ଡିଆ ଭୁବନେଶ୍ୱର ଭାରତୀ ଚକ୍ର ଓ ଦେବଶ୍ରୀ ବ୍ରହ୍ମା ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥି ମାନେ ନିଜ ବକ୍ତବ୍ୟରେ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ପ୍ରତି ଦୁର୍ବ୍ୟବହାର ବନ୍ଦ କରିବାକୁ ତଥା ସେମାନଙ୍କ ଅଧିକାର ସୁରକ୍ଷା ପାଇଁ ମାତା ପିତାଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ ୨୦୦୭ ଅନୁସାରେ ବିଭିନ୍ନ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ। ପରେ ମାଷ୍ଟର୍ ଟ୍ରେନର ଭାରତୀ ଚକ୍ର ଓ ଦେବଶ୍ରୀ ବ୍ରହ୍ମା ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକ, ବାରକୋଟ ବ୍ଲକର ବିଏସଏସଓ ସୃଜନ୍ ସାହୁ, ରିଆମାଳ ବ୍ଲକର ବିଏସଏସଓ ଭୂପେନ୍ଦ୍ର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକସଭାରେ ବରଗଡ଼ର ସମସ୍ୟା ଉଠାଇଲେ ସାଂସଦ

**ବରଗଡ଼, ୧୮ ।୩(ସମିସ):** ଲୋକସଭାରେ ବରଗଡ଼ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।



ବିଶେଷ କରି ରେଳସେବାରେ ବିକାଶ ଓ ଯାତ୍ରୀଙ୍କ ସୁବିଧାକୁ ନେଇ ସେ ଗୃହରେ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି । ବରଗଡ଼-ନୂଆପଡ଼ା ନୂତନ ରେଳଲାଇନ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବାକୁ ସେ ଦାବି କରିଛନ୍ତି । ଅପରପକ୍ଷରେ ନୂତନ ଟ୍ରେନ ପ୍ରଚଳନ ହେବା ପାଇଁ ବରଗଡ଼/ବଲାଙ୍ଗିରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସକାଳ ସମୟରେ ଏକ ନୂତନ ଟ୍ରେନ ଚଳାଇବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଇସ୍ପାତ ଏକ୍ସପ୍ରେସର ବିଳମ୍ବ ପ୍ରତିଦିନ ୭ରୁ ୮ ଘଣ୍ଟା ବିଳମ୍ବ ହେଉଥିବାରୁ ଯାତ୍ରୀମାନେ ଅନେକ ହଇରାଣ ହେଉଛନ୍ତି ବୋଲି ସେ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଦିନେ ଅଞ୍ଚଳର ସବୁଠାରୁ ଲୋକପ୍ରିୟ ଟ୍ରେନ ଥିବା ଏହି ଟ୍ରେନ ଏବେ ଯାତ୍ରୀବିହୀନ ଚାଲୁଛି । ଗତ ୧୬ରେ ହାୱଡା-ଜୁନାଗଡ଼ରୋଡ ୨୩ ଘଣ୍ଟା ୨୨ ମିନିଟ ବିଳମ୍ବରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବିରଳ ରେକର୍ଡ ସୃଷ୍ଟି କରିବାକୁ ଯାଉଛି । ବେଲପାହାଡଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଅସମ୍ପୂର୍ଣ୍ଣ ରେଲୱେ ଅଣ୍ଡରବ୍ରିଜ୍ (ଆରୟୁବି) କାର୍ଯ୍ୟ ଅଧାରେ ଅଟକିରହିଛି । ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସାଂସଦ ଶ୍ରୀ ପୁରୋହିତ ଦାବି କରିଥିଲେ ।

## ବାଦିପାଲି କୃଷକ ସଂଗଠନର ରାସ୍ତାରୋକ

# ଗ୍ରୀଡ୍ କାର୍ଯ୍ୟକାରୀ ଦାବିରେ ଆନ୍ଦୋଳନ

ବିଜେପୁର, ୧୮ ।୩(ସମିସ)

ବିଜେପୁର ବ୍ଲକ ଅଧୀନ ବିଜେପୁର-ଦୀପ୍ତିପୁର ରାସ୍ତା ବାଦିପାଲି ଠାରେ ସ୍ଥାନୀୟ ଅଞ୍ଚଳରେ ଉତ୍କଟ ବିଦ୍ୟୁତ ସମସ୍ୟାର ପ୍ରତିକାର ପାଇଁ ଜନ ଆନ୍ଦୋଳନ ସହ ରାସ୍ତାରୋକ କରାଯାଇଛି । ବାଦିପାଲି ଠାରେ ନିର୍ମାଣାଧୀନ ବିଦ୍ୟୁତ ଗ୍ରୀଡ୍‌କୁ ଶୀଘ୍ର କାର୍ଯ୍ୟକାରୀ କରି ଅଞ୍ଚଳର ଲୋ-ଭୋଲଟେଜ ସମସ୍ୟା ସମାଧାନ କରିବା ନିମନ୍ତେ ପାର୍ବତୀ ଗିରି କୃଷକ ସଂଗଠନ ପକ୍ଷରୁ ବୁଧବାର ସକାଳ ୮ଟାରୁ ରାସ୍ତାରୋକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନ ଯୋଗୁଁ ଯାତାୟତ ସମସ୍ୟା ସୃଷ୍ଟି ହେବାରୁ ବାଧ ହୋଇ ବିଭାଗୀୟ କର୍ତ୍ତୃପକ୍ଷ ଓ ବିଜେପୁର ତହସିଲଦାର ଉପସ୍ଥିତ ହୋଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।




୨୦୨୪ ମସିହାରେ ବାଦିପାଲି ଠାରେ ନୂତନ ଗ୍ରୀଡ୍‌ର ନିର୍ମାଣ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରିନାହିଁ । ଫଳରେ ଉପଭୋକ୍ତା ମାନେ ଅସୁବିଧା ଭୋଗ କରୁଥିବାର ଅଭିଯୋଗ ହୋଇଛି । ମନ୍ଥର ଗତିରେ ଚାଲିଥିବାରୁ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ପୂର୍ବରୁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ କରିବା ସହିତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଥିଲେ । ଆବଶ୍ୟକ ପଦକ୍ଷେପ ନିଆ ନ ଯିବାରୁ ଚାଷୀ ଆଜି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଗ୍ରୀଡ୍ କାର୍ଯ୍ୟକାରୀ ହେଲେ ବାଦିପାଲି, ଯୋଖିପାଲି, ଭଟିଗାଁ, ଏମ୍‌ଶ୍ରୀଗିଡା ପଞ୍ଚାୟତ ତଥା ତାଲପଦର ପଞ୍ଚାୟତର କନପୁରୀ ଓ କେ.ନୁଆପାଲି ଗାଁର ବିଦ୍ୟୁତ୍ ଉପଭୋକ୍ତାମାନେ ଉପକୃତ ହେବେ । ଏବେ ଅର୍ଡା ଗ୍ରୀଡ୍‌ରୁ ବିଦ୍ୟୁତ୍ ଦିଆଯାଉ ଥିବାରୁ ଉତ୍କଟ ବିଦ୍ୟୁତ ସମସ୍ୟା ଲାଗିରହିଛି । ତେଣୁ ନୂତବ ଶୀଘ୍ର ଗ୍ରୀଡ୍‌କୁ କାର୍ଯ୍ୟକାରୀ କରି ଧାନ ଚାଷକୁ ବଞ୍ଚାଇବା ଓ ଲୋ-ଭୋଲଟେଜ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଚାଷୀ ଦାବି କରିଛନ୍ତି । ଖବରପାଇ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଓ ଏକ୍ସିକ୍ୟୁଟିଭ ଇଞ୍ଜିନିୟର ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଚାଷୀ ନିଜ ଦାବିରେ ଅଟଳ ରହିଥିଲେ । ଶେଷରେ ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ମଧ୍ୟରେ ଗ୍ରୀଡ୍‌କୁ କାର୍ଯ୍ୟକାରୀ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଛି । କିଛି ମାସ ପୂର୍ବରୁ ବାଦିପାଲି ଗାଁରେ ବିଦ୍ୟୁତ୍ କାମ ଚାଲିଥିବା ବେଳେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ସେତେବେଳେ ପ୍ରଶାସନ ପକ୍ଷରୁ ୧୫ ଦିନ ମଧ୍ୟରେ ମୃତକ ପରିବାରକୁ ଆର୍ଥିକ ସାହାଯ୍ୟ ଦେବା ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେହି ପରିବାର କୌଣସି ଓ ସହାୟତା ପାଇନାହାନ୍ତି । ଆନ୍ଦୋଳନକାରୀ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଆନ୍ଦୋଳନରେ ବ୍ଲକ କୃଷକ ସଂଗଠନ ସଭାପତି ସୁବାସ ପ୍ରଧାନ, ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ବୋଡାସମ୍ବର କୃଷକ ସଂଗଠନର ଅଜିତ ଶତପଥୀ, ଦଶ ମାଇଲ କୃଷକ ସଂଗଠନର ରବିଶଙ୍କର ପଧାନ, ବରଗଡ଼ ସଂଗଠନର କିଶୋର ସାହୁ, ବରିଷ୍ଠ ସଂଗଠକ ସାମନ୍ତ ସାହୁ, ସୁନିଲ ମହାପାତ୍ର, କ୍ଷୀରସିନ୍ଧୁ ବର୍ଗର୍ତ୍ତି, ଖୁଦିରାମ ସାହୁ, କ୍ଷିରୋଦ୍ର ପ୍ରଧାନ, ବଳଭଦ୍ର ଭୋଇ, ସୁଜନ ଭୋଇ, ଦୀନବନ୍ଧୁ ଗିରି, ପ୍ରତାପ ଗିରି, ଯୁବରାଜ ଗିରି, ରାଜେଶ ସାହୁ, ସଚ୍ଚିକାନ୍ତ ଭୋଇଙ୍କ ସମେତ ବିଭିନ୍ନ କୃଷକ ସଂଗଠନର କର୍ମକର୍ତ୍ତା, ବହୁ ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ । ଜିଲ୍ଲାପରିଷଦ ଅଧକ୍ଷା ମାନିନୀ ଭୋଇ ମଧ୍ୟ ଏହି ଆନ୍ଦୋଳନରେ ଯୋଗଦାନ କରି ଉପଭୋକ୍ତାଙ୍କ ଦାବିକୁ ସମର୍ଥନ ଜଣାଇଥିଲେ ।

# ନାବାଳିକାକୁ ଦୁଷ୍କର୍ମ ମାମଲା ଯୁବକ ଗିରଫ

**ବରଗଡ଼/ପାଇକମାଳ, ୧୮ ।୩ (ସମିସ):** ପାଇକମାଳ ଥାନା ରଣଜିତପୁର ଗାଁର ଜଣେ ଯୁବକ ଜଣେ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗ ମାମଲାରେ ଯୁବକ କୋର୍ଟ ଚାଲାଣ କରିଛି ପାଇକମାଳ



ପୁଲିସ । ପ୍ରାପ୍ତ ସୂଚନା ଅନୁସାରେ, ପାଇକମାଳ ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ଭିଣୋଇ ଘର ରଣଜିତପୁର ଗାଁରେ ଯାଇ କିଛି ଦିନ ରହୁଥିଲେ । କିଛି ଦିନ ତଳେ ରଣଜିତପୁର ଗାଁକୁ ବରଯାତ୍ରୀ ପ୍ରସେସନ୍ ହେଉଥିଲା । ସେହି ଗାଁର ଯୁବକ ଦେବାର୍ଚ୍ଚନ ଦିଶ୍ରୀ (୨୨)ସହ ନାବାଳିକା ଦେଖାଚାହାଁରେ ବିବାହ ହେବା ପାଇଁ ଯୁବକ ପ୍ରଲୋଭନ ଦେଖାଥିଲେ । ନାବାଳିକାକୁ ମନାଇ ବରଗଡ଼କୁ ନେଇଯାଇଥିଲା । ସେଠାରେ ନାବାଳିକାକୁ ଦୁଷ୍କର୍ମ କରିଥିଲା ଓ ରେଳ ଯୋଗେ ବିଶାଖାପାଟଣାକୁ ଯାଇଥିଲେ । ସେଠାରେ ସପ୍ତାହେ ରହିବାରୁ ଦୁହେଁଙ୍କ ମଧ୍ୟରେ ମତାନ୍ତର ହୋଇଥିବାରୁ ନାବାଳିକାକୁ ଛାଡ଼ ଘରକୁ ଫେରି ଆସିଥିଲା । ଏନେଇ ପରିବାର ଲୋକେ ପାଇକମାଳ ଥାନାରେ ଆସି ଅଭିଯୋଗ କରିଥିଲେ । ପାଇକମାଳ ପୁଲିସ ଘଟଣାକୁ ଗୁରୁତର ନେଇ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ତତ୍ତ୍ୱାବଧାନରେ ପାଇକମାଳ ଓଆଇସି କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଯୁବକଙ୍କୁ ଗିରଫ କରିଥିଲେ । ଏନେଇ ପାଇକମାଳ ଥାନାରେ କେସ ନଂ ୫୭/୨୬ରେ ମାମଲା ରୁଜୁ କରି ବରଗଡ଼ କୋର୍ଟ ଚାଲାଣ କରାଯାଇଛି । ଦୁହେଁଙ୍କୁ ଡାକ୍ତରୀ ମାଇନା ମଧ୍ୟ କରାଯାଇଛି । ଘଟଣାର ତଦନ୍ତ ଚାଲିଛି ବୋଲି ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର କହିଛନ୍ତି ।

## ଦେବୋତ୍ତର ଜମି ପଞ୍ଜୀକରଣ ସମସ୍ୟା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ



**ବରଗଡ଼, ୧୮ । ୩(ସମିସ):** ଦେବୋତ୍ତର ଜମିରେ ଚାଷୀ ପଞ୍ଜୀକରଣ ହୋଇପାରୁ ନ ଥିବାରୁ ଭେଡେନ ବ୍ଲକ ର ଚାଷୀ ବୁଧବାର ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁସାରେ ଭେଡେନ ବ୍ଲକରେ ଥିବା ସମସ୍ତ ମନ୍ଦିରର ଜମି ପଞ୍ଜୀକରଣ ପାଇଁ ଚାଷୀ ସୋସାଇଟିକୁ ଯାଇଥିବା ବେଳେ ଦେବତ୍ତର ଜମି ପଞ୍ଜୀକରଣ ହେବ ନାହିଁ ବୋଲି ଚାଷୀଙ୍କୁ ଜଣାଇଥିଲେ ।ଏହାସହ ସମ୍ବଲପୁର ଦେବତ୍ତର ବିଭାଗକୁ ଜଣାଇବା ପରେ ପଞ୍ଜୀକରଣ କରାଯାଇପାରିବ ବୋଲି ଜଣାଯାଇଥିଲା । ଗତ ବର୍ଷ ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ଚଳିତ ବର୍ଷ ଚାଷୀଙ୍କ ପଞ୍ଜୀକରଣ ହେଉ ନାହିଁ । ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରି ସୁବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି ।

# ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବରଗଡ଼, ୧୮ ।୩(ସମିସ):** ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ବାନ୍ଧୁଟିକ୍ରା ଛକ ଠାରୁ ନୂତନ ଜାତୀୟ ରାଜପଥ ଘୁଲିପାଲି ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି । ୱାର୍ଡ ନମ୍ବର ୯ ଓ ୱାର୍ଡ ନମ୍ବର ୧୮ ର ଅଧିବାସୀଙ୍କ ସମେତ ପୂରା ସହର ଜନସାଧାରଣ ରାସ୍ତାରେ ନିର୍ଭରଶୀଳ । ୮.୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ ଚାଲିଛି କିନ୍ତୁ ରାସ୍ତା ବିଦ୍ୟୁତ୍ ଟ୍ରାନସଫର୍ମର ଥିବାରୁ ରାସ୍ତା କାମ ଧିମେଇ ଯାଇଛି ।ଯଦ୍ୱାରା ବାନ୍ଧୁଟିକ୍ରାବାସୀ ଅନେକଙ୍କ ଘରେ ଏବେ ଡ୍ରେନ୍ ପାଣି ପଶିବା ଆରମ୍ଭ ହୋଇଛି । କେବେ ଟ୍ରାନସଫର୍ମର ସ୍ଥାନାନ୍ତରିତ ହେବ ଆଉ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ପଡ଼ାବାସୀ ଖୁବ୍ ଚିନ୍ତିତ । ଟାଟା ପାୱାର ବରିଷ୍ଠ ଅଧିକାରୀ ତୁରନ୍ତ ଉକ୍ତ ଜାଗାରୁ ଟ୍ରାନସଫର୍ମରକୁ ସ୍ଥାନାନ୍ତରିତ କରନ୍ତୁ ବୋଲି ଉଭୟ ୱାର୍ଡ ର ବାସିନ୍ଦାମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି ।



# ଶାଳକକୁ ପିଟି ପିଟି ହତ୍ୟା ଘଟଣା; ଅଭିଯୁକ୍ତ ଭିଣୋଇ ଗିରଫ

**ଭେଡେନ, ୧୮ ।୩(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ରହୁଥିବା



ସୁଦିପ ବାଗ (୨୮)ତାର ଭିଣୋଇ ଶାଳନାଗ୍ରାମର ଶୁକଦେବ ମହାନନ୍ଦ (୪୫) ସୋମବାର ଘରେ ଶାଳକ-ଭିଣୋଇଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା । ରାଗିଯାଇ ଭିଣୋଇ ସୁକଦେବ ମହାନନ୍ଦ କାଠ ଫାଳିଆରେ ଶାଳକ ସୁଦୀପ ବାଗକୁ ପିଟି ପିଟି ମାରିଦେଇଥିଲା ଓ ଭେଡେନ ଥାନାରେ ଆତ୍ମ ସମର୍ପଣ କରିଥିଲା ।ଏହି ଘଟଣାକୁ ନେଇ ଭେଡେନ ଥାନାରେ ମାମଲା ରୁଜୁକରି ଅଭିଯୁକ୍ତ ଶୁକଦେବକୁ ଭେଡେନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଗଳିତ ମୃତଦେହ ଉଦ୍ଧାର

**ଭେଡେନ, ୧୮ ।୩(ସମିସ):** ଭେଡେନ ଥାନା ସଂକୀର୍ତ୍ତ ପଞ୍ଚାୟତ ଝରନିଆଁ ଟିକିରାରୁ ପ୍ରାୟ ୧କିମି ଥିବା ଜମି ଭିତରେ ପଡ଼ିଥିବା ଅଜଣା ବ୍ୟକ୍ତିଙ୍କ ପଚାଶଢ଼ା ମୃତଦେହ ବୁଧୁବାର ସନ୍ଧ୍ୟାରେ ପୁଲିସ ଉଦ୍ଧାର କରିଛି । ଘଟଣାସ୍ଥଳରୁ ପୁଲିସ ଦୁଇଟି ବାଡ଼ି ମଧ୍ୟ ଉଦ୍ଧାର କରିଛି ।ସୂଚନା ଅନୁସାରେ ମୃତଦେହ ପଡ଼ିଥିବା ଜମିର ମାଲିକ ଗୋପାଳ କୃଷ୍ଣା ତାଙ୍କ ନିଜ ଜମିକୁ ଅପରାହ୍ନରେ ଦେଖିବାକୁ ଯାଇଥିବା ବେଳେ ଜମି ଭିତରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଜାରି ରଖିଛି ।

# କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ଅମ୍ବାଭୋନା, ୧୮ ।୩(ସମିସ):** ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଂଯୋଜକ ସରୋଜ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଶନିବାର ଆୟୋଜିତ ହେବାକୁ ଥିବା ଉତ୍ସବର ବିଭିନ୍ନ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା ।ଏହି ଅବସରରେ ସ୍ୱର୍ଗତ ପଦ୍ମଶ୍ରୀ ଡ଼.କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ ସହ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବାକୁ ନିଷ୍ପତ୍ତି ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ରେଢ଼ାଖୋଲ ବିଧାୟକ ଓ ଅନୁଷ୍ଠାନର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ବିଶିଷ୍ଟ ଶିକ୍ଷାବିତ ପ୍ରଦୀପ କୁମାର ହୋତାଙ୍କ ଯୋଗଦାନ ସ୍ଥିର ହୋଇଛି । ବୈଠକରେ ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଆଇଟିଆଇ. ଟ୍ରେଡ୍ ଫେଷ୍ଟ ଆୟୋଜନ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା ।ଏହି ଫେଷ୍ଟରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅନ୍ୟାନ୍ୟ ଆଇଟିଆଇରୁ ଯୋଗଦେବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି । ପୁରାତନ ଛାତ୍ର, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁଷ୍ଠାନ ପକ୍ଷରୁ ଆହ୍ୱାନ ଜଣାଯାଇଛି ।

# ଚିଚୋଲି ଶୂନ୍ୟ ମନ୍ଦିରରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

**ଅମ୍ବାଭୋନା, ୧୮ ।୩(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଚିଚୋଲି ଶୂନ୍ୟ ମନ୍ଦିରରେ ପୁନଃପ୍ରତିଷ୍ଠା ଅବସରରେ ଆୟୋଜିତ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ୨୪ ପ୍ରହରୀ ଅଲେଖ ମହିମା ନାମଯଜ୍ଞ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି । ବ୍ରହ୍ମାବଧୂତ ଅମୃତ ବାବାଙ୍କ ସହ ଯୋଗେନ୍ଦ୍ର ଦାସ, ଯୋଗେଶ୍ୱର ଦାସ, ହରି ଦାସ, ବାଦଲ ଦାସ, ଧ୍ରୁବ ଦାସ, ମାଧବ ଦାସ, ନୀଲୁ ଦାସ, ଦାରୁକ ଦାସ ଓ କାହ୍ନା ଦାସ ଆଦି ମହିମା ସାଧୁମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।ଭବାନୀପାଟଣା ମହିମା ଆଶ୍ରମରୁ ଭଗବାନ ଦାସ ଯୋଗଦାନ କରିଥିଲେ । ମହିମା ସାଧୁ ପ୍ରଭାକର ଦାସଙ୍କ ଦ୍ୱାରା ଭଗବତ କଥା ଉପରେ ଆଧାତ୍ମିକ ପ୍ରବଚନ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ଛତିଶଗଡ଼ ଏବଂ ପୂର୍ବ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ମହିମା ସାଧୁସନ୍ତ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଯଜ୍ଞ ଆୟୋଜନ ପାଇଁ ଚିଚୋଲି ଗ୍ରାମବାସୀ ସହଯୋଗ କରିଥିଲେ ।

# ୨୦ରୁ ୧୬ ବର୍ଷରୁ କମ୍ କ୍ରିକେଟ ଖେଳାଳିଙ୍କ ରେଜିଷ୍ଟ୍ରେସନ୍

**ବରଗଡ଼, ୧୮ ।୩(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଚଳିତ ମାସ ଶେଷ ସପ୍ତାହରେ ହେବାକୁ ଥିବା ଅନ୍ତଃ ଜିଲ୍ଲା ୧୬ ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲା ଜୁନିୟର କ୍ରିକେଟ ଖେଳାଳିଙ୍କ ରେଜିଷ୍ଟ୍ରେସନ୍ ଚଳିତ ମାସ ୨୦ରୁ ଆରମ୍ଭ ହୋଇ ୨୫ ତାରିଖ ସମାପ୍ତ ହେବ । ପ୍ରତିଯୋଗିତାରେ ୧.୯.୨୦୧୦ରୁ ୧.୦୯.୨୦୧୨ ମଧ୍ୟରେ ଜନ୍ମ ହୋଇଥିବା ଖେଳାଳି ଭାଗ ନେଇ ପାରିବେ । ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଦୁଇ ବର୍ଷର ମାର୍କ ସିଟ, ସ୍କୁଲ ବୋନାଫାଇଡସାର୍ଟିଫିକେଟର ପିଡିଏଫ ଫାଇଲ କରି ରଜତ କୁମାର ଦାଶ ୬୩୭୦୨୨୯୨୦୮, ୯୪୩୭୨୦୯୩୨୩, ମନୋଜ ପାତ୍ର ୯୫୮୩୮୬୧୪୪୪ ଙ୍କ ମୋବାଇଲ ନମ୍ବରକୁ ପଠାଇବେ । ଯେଉଁ ଖେଳାଳି ଜୁନିୟର ଇଣ୍ଟ୍ରା କ୍ଲବ୍ ବା ଆନ୍ତଃଜିଲ୍ଲା ସ୍କୁଲ ପ୍ରତିଯୋଗିତାରେ ଭାଗ ନେଇଥିବେ ଏବଂ ଉପରୋକ୍ତ ବୟସ ବର୍ଗରେ ଅଛନ୍ତି ଖେଳି ପାରିବେ । ଯେଉଁ ବାହାର ରାଜ୍ୟ ଖେଳାଳି ଥିବେ ସେମାନେ ଜିଲ୍ଲାରେ ବର୍ଷେ ଅବଧି ରହି ସାରିଥିଲେ ସେମାନେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ /ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ/ ପାଠ ପଢୁଥିବା ପ୍ରମାଣପତ୍ର/ ପାସପୋର୍ଟ ଦେଇ ଭାଗ ନେଇ ପାରିବେ । ଯେଉଁ ଖେଳାଳି ଅନ୍ୟ ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ ସେ ଏନଓସି ଦେଇ ପଞ୍ଜୀକରଣ କରିପାରିବେ ବୋଲି ଜିଲ୍ଲା କ୍ରିକେଟ ଏସୋସିଏସନ୍ ପକ୍ଷରୁ କୁହାଯାଇଛି ।

# ବରଗଡ଼ ଶୁଣ୍ଡି ସମାଜର ତପୋବନ ଆଶ୍ରମ ପରିଦର୍ଶନ



**ବରଗଡ଼, ୧୮ । ୩(ସମିସ):** ବରଗଡ଼ ଶୁଣ୍ଡି ସମାଜ ପକ୍ଷରୁ ସଭାପତି ଉଦ୍ଧବ ଚରଣ ବେହେରାଙ୍କ ନେତୃତ୍ୱରେ ଚକରକେନ୍ଦସ୍ଥିତ ଶାନ୍ତି ତପୋବନ ବୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ କପଡ଼ା (ଗାମୁଛା, ଶାଢ଼ୀ, ଡ୍ରେସ ), ଚକୋଲେଟ୍, ବିସ୍କିଟ୍ ଇତ୍ୟାଦି ଦେଇଥିଲେ । ସମସ୍ତଙ୍କ ସହିତ କିଛି ମୁହୂର୍ତ୍ତ ବିତାଇ ତାଙ୍କର ସୁଖ ଦୁଃଖ ବୁଝି ଆସିଥିଲେ । ଆଶ୍ରମର ଝିଅମାନେ ତାଙ୍କ ପାଇଁ କାନ ଫୁଲ ପାଉଁଜି, ମାଳି ଇତ୍ୟାଦି ଆଣି ଦେବା ପାଇଁ କହିଥିଲେ । ସେମାନେ ପଠେଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ ।କାର୍ଯ୍ୟକ୍ରମରେ ପାଣ୍ଡବ ବେହେରା, ଅଶୋକ ପରିଡ଼ା, ନୀଳମାଧବ ସାହୁ, ସୁନୀତା ବେହେରା, ସୁଜାତା ବେହେରା, ମିଳିପମା ବେହେରା, ଓ ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ ।ବରିଷ୍ଠମାନଙ୍କ ସହ କିଛି ସମୟ ବିତାଇ ସେମାନଙ୍କ ଠାରୁ ଆଶୀର୍ବାଦ ନେଇ ଫେରିଥିଲେ ।

# ଲାଲ୍ ଡୋଲେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼, ୧୮ ।୩(ସମିସ):** ଅତାବିରା ବ୍ଲକ ପାହାଡଶ୍ରୀଗିଡା କ୍ଲଷ୍ଟର୍ ଅନ୍ତର୍ଗତ ଲାଲ୍ ଡୋଲେଶ୍ୱର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ, କ୍ଲଷ୍ଟର୍ ଓ ଅଞ୍ଚଳ ପାଇଁ ଗଉରବ ଆଣିଥିବା ପଞ୍ଚମ ଶ୍ରେଣୀର ଛାତ୍ର ଧନେଶ୍ୱର ମେହେର ଏବଂ ଛାତ୍ରୀ ପୂର୍ଣ୍ଣିମା ନାଏକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତପସ୍ୱିନୀ ମେହେରଙ୍କ ସଭାପତିତ୍ୱରେ ଓ ପ୍ରଧାନଶିକ୍ଷକ ସୁଶୀଲ କୁମାର ସେଠଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁବାଷ ମହାନନ୍ଦ, ବରିଷ୍ଠ ଶିକ୍ଷୟିତ୍ରୀ ସଉଦାମିନି ସାହୁ, ବରିଷ୍ଠ ଶିକ୍ଷକ ଜୟଦେବ ନାଏକଙ୍କ ଉପସ୍ଥିତିରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର



ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ପୁଷ୍ପାଞ୍ଜଳୀ ପ୍ରଧାନ, ଗୀତାଞ୍ଜଳି ରାଏ, ଚାନ୍ଦିନୀ ମାଝୀ, ହରିପ୍ରିୟା ନାଏକ, ଦେବାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ସୋହେଲା, ୧୮ ।୩(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ କନଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପରିଚାଳନା କମିଟିର ସଭାପତି ଦୁର୍ବାଦଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ଏବିଇଓ ମୋତିଲାଲ ନନ୍ଦ ମୁଖ୍ୟ ଅତିଥି ଏବଂ ସିଆର୍‌ସିସି କେଦାରନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଶିକ୍ଷକତା କରିଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ, ଅମୃତ ଦାଶ, ରାହାସ ବିହାରୀ ସାହୁ, ଯୁଧିଷ୍ଠିର ପଣ୍ଡା, ରସିକ ବିହାରୀ ସାହୁ, ତୁଳାରାମ ମେହେର, ଜିତେନ୍ଦ୍ରିୟ ସାହୁ, ନାରାୟଣ ସାହୁ ଏବଂ ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଗ୍ରାମର ଗୌନ୍ତିଆ ପରିବାରର ତରଣୀସେନ ସାହୁ, ଅଭିମନ୍ୟୁ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ହିମାଂଶୁ ସାହୁ, ପୂର୍ବତନ ପରିଚାଳନା କମିଟିର ସଭାପତି ଅରକ୍ଷିତ ବେହେରା, କୁଞ୍ଜ ବିହାରୀ ସାହୁ, ସମୀର ସେଠ, ବନମାଳୀ ରଣା, ହେମସାଗର ପଧାନ, ଦୁର୍ବାଦଲ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ସହ ଅଭିଭାବକ ଅଭିଭାବିକା ପୂର୍ବତନ ଶିକ୍ଷକଙ୍କୁ ଗୁରୁ ପୂଜନ କରିଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ସଂଯୋଜନା କରିଥିଲେ । ପ୍ରଧାନଶିକ୍ଷକ ଶିଶିର କୁମାର ନାୟକ ଅତିଥି ପରିଚୟ ତଥା ଶିକ୍ଷୟିତ୍ରୀ ମମତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ପିଣ୍ଟୁ ବାରିକ ସଂଯୋଜନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମୃତବ୍ୟକ୍ତିଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣା

# ତଦନ୍ତକାରୀ ଟିମ୍ ଗଠନ

ଗାଇସିଲେଟ, ୧୮ ।୩(ସମିସ)

ରାଜ୍ୟ ସରକାର ବୃଦ୍ଧ ବୃଦ୍ଧା, ବିଧବା, ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଭତ୍ତାର ବ୍ୟବସ୍ଥା କରିଛନ୍ତି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସିଧାସଳଖ ସରକାରଙ୍କ ଠାରୁ ଟଙ୍କା ଉଠାଣ କରି ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରନ୍ତି । ଗାଇସିଲେଟ ବ୍ଲକରେ ଦୀର୍ଘ ବର୍ଷ ପୂର୍ବରୁ ମୃତ ବ୍ୟକ୍ତି ଙ୍କ ଭତ୍ତା ଟଙ୍କା ଉଠିବାର ଖବର ସାମନାକୁ ଆସିଛି । ଭତ୍ତାଟଙ୍କା ହଡପ କରୁଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କାର ଦାବିରେ ଯୁବନେତା ଯଜ୍ଞେଶ୍ୱର ପଧାନଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିବାଦ ତଥା ଧାରଣା ବ୍ଲକ କାର୍ଯ୍ୟାଳୟ



ରେ ଦିଆଯାଇଥିଲା । ବିଡ଼ିଓ ଲକ୍ଷ୍ମଣ ମାଝୀ ତୁରନ୍ତ ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି ଯେଉଁଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶିବାନୀ ଭୋଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପ୍ପନ ନାଏକ, ପିଇଓ ଆନନ୍ଦ ଲାଲ ନାଏକ, ଜୁନିଅର ଆସିଷ୍ଟାଣ୍ଟ ସରୋଜ ସାହୁ ପ୍ରମୁଖ ରହିଛନ୍ତି । ଏହି ଟିମ୍ ୧୯ଟି ପଞ୍ଚାୟତର ତଦନ୍ତ ରିପୋର୍ଟ ୧୫ ଦିନ ଭିତରେ ଦେବା ପାଇଁ ବିଡ଼ିଓ ନିର୍ଦ୍ଦେଶ

**ଦୋଷୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ**

ଦେଇଛନ୍ତି । ତେବେ ସୋମବାର ଦିନ ପ୍ରଥମେ ଏହି ଟିମ୍ କଟାବାହାଲ ପଞ୍ଚାୟତରେ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି ।ତଦନ୍ତ ରିପୋର୍ଟ ପାଇବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତ

# ଆର୍‌ଏସ୍‌ପିରେ 'ବର୍ଜ୍ୟରୁ ସମ୍ପଦ' ସନ୍ଦର୍ଭରେ ସଚେତନତା



**ରାଉରକେଲା, ୧୮।୩(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ମାର୍ଚ୍ଚ ୧୮ ରେ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ବ୍ୟାଖ୍ୟାନ କେନ୍ଦ୍ରରେ 'ବର୍ଜ୍ୟରୁ ସମ୍ପଦ' ବିଷୟବସ୍ତୁ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନକୃଷି ବିଭାଗର ସିଜିଏମ ବିକେ ଜୋଜୋ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା ସ୍ଥିତ ଷ୍ଟାର୍ଟଅପ୍ ପ୍ରକୃତି ଗୋ-ଅନୁସନ୍ଧାନ କେନ୍ଦ୍ର ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ସିଇଓ ଗୋକୁଳ ମିଞ୍ଜ୍ କାର୍ଯ୍ୟକ୍ରମର ଅତିଥି ବକ୍ତା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିଶଙ୍କର ବିଦ୍ୟାନିକେତନର ନିର୍ଦ୍ଦେଶକ ଏବଂ ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ପୂର୍ବତନ ସିଜିଏମ ଜୀବନ ଦାସ, ସିଏସଆର ବିଭାଗର ଜିଏମ ବିଭାବସୁ ମଲ୍ଲିକ, ଉଦ୍ୟାନ କୃଷି ବିଭାଗର ଜିଏମ ତଥା ଜେଡଡିପି ଇନଚାର୍ଜ ଡ.ଅଭିଜିତ ବିଶ୍ୱାସ, ସିଏସଆର ବିଭାଗର ଡିଜିଏମ ପି ସାହୁ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡ.ଦୀପା ଲାଭାଙ୍ଗରେ ଉପସ୍ଥିତ ଥିଲେ। ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ଜୋଜୋ ସ୍ଥାୟୀ ବର୍ଜ୍ୟ ପରିଚାଳନା ଅଭ୍ୟାସର ମହତ୍ତ୍ୱ ଏବଂ ପରିବେଶ ସୁରକ୍ଷାରେ ସର୍ବସାଧାରଣଙ୍କ ଅଂଶଗ୍ରହଣର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସମ୍ମାନିତ ବ୍ୟକ୍ତି ଶ୍ରୀ ମିଞ୍ଜ୍ ବର୍ଜ୍ୟବସ୍ତୁକୁ ଉପଯୋଗୀ ସମ୍ପଦରେ ପରିଣତ କରିବା ଉପରେ ଅଧିବେଶନ ଉପସ୍ଥାପନ କରିଥିଲେ। ସେ ଘର ଏବଂ ବଗିଚା ଜଳିଆର ଜିଆଖତ ଏବଂ ଜୈବସାର ପ୍ରସ୍ତୁତି ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପିଲାମାନଙ୍କୁ ବ୍ୟବହାରିକ କୌଶଳ ଶିଖିବାକୁ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପଦକ୍ଷେପରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ବର୍ଜ୍ୟ ହ୍ରାସ, ସମ୍ବଳ ପୁନଃବ୍ୟବହାର ଏବଂ ଏକ ସ୍ୱଚ୍ଛ ତଥା ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱକୁ ଆହୁରି ଦୃଢ଼ କରିଥିଲା। ଏଜିଏମ୍ (କ୍ୟୁରେଟର) ଏବଂ ଜୀବବିଜ୍ଞାନୀ ଡ.ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସ୍ୱଚ୍ଛତା ପକ୍ଷ

# ୩୦୦ ବର୍ଷର ପରମ୍ପରା: ବଣାଇଁ ଚୈତ୍ର ପର୍ବ


**ବଣାଇଁ, ୧୮।୩(ସମିସ)**

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳ ବଣ ପାହାଡ ଘେରା ବଣାଇଁଗଡ଼। ଏଠାରେ ରହିଛି ଅନେକ କାହାଣୀ। ଇତିହାସ ତଥ୍ୟ ତଥା ଅନେକ କିମ୍ବଦନ୍ତୀକୁ ବହନ କରେ ଏ ବଣାଇଁ ମାଟି। ମାଁ ବାସୁଳୀଙ୍କ ଯାତ୍ରାକୁ ନେଇ ଓଡ଼ିଶା ପ୍ରସିଦ୍ଧ ବଣାଇଁର ଚୈତ୍ର ପର୍ବ। ବଣାଇଁ ମାଟଳା ଠାକୁର ଯାହା ଜଣାଯାଏ ବଣାଇଁର ୪୮ ତମ ରାଜା ଚିକାରୀ ଚନ୍ଦ୍ର ଦେଓ ଦେବ ପ୍ରାୟତଃ ୩୦୦ ବର୍ଷ ପୂର୍ବେ ୧୭୦୭ରେ ଗମଲେଇ ଗାଁର ନାଥ ମାନଙ୍କ ଠାରୁ ମାଁ ବାସୁଳୀଙ୍କୁ ମୂଳପୀଠରୁ ଆଣିଥିଲେ। ମାଁଙ୍କୁ ବଣାଇଁରେ ସ୍ଥାପନା କରି ଚୈତ୍ର ପର୍ବର ଆରମ୍ଭ କରିଥିଲେ। ମାଁଙ୍କ ପ୍ରସ୍ତର ବିଗ୍ରହ ଥିବାରୁ ଯାତ୍ରା କରିବା ସମ୍ଭବପର ହୋଇ ନଥିଲା। ତେଣୁ ଏକ ପଇଟିଚ୍ଚ ନିର୍ମାଣ କରି ମାଁଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ପରେ ମାଁଙ୍କ ନବ ଦିନାତ୍ମକ ଯାତ୍ରା ଆରମ୍ଭ ହୋଇଥିଲା।

ମାଁଙ୍କ ମୁଖ୍ୟ ପୂଜକଙ୍କୁ ଚୌଧୁରୀ ବୋଲି କୁହାଯାଏ। ବାହାରିଗଡ଼ରେ ରହିଛି ମାଁ କୁମାରୀ ମନ୍ଦିର। ନିକଟରେ ଥିବା ବ୍ରାହ୍ମଣ ନଦୀ କୂଳରେ ଙ୍ଗସାରୀ ସମ୍ପ୍ରଦାୟର ଭାଇ ମାନେ ପ୍ରଥମେ ମାଁଙ୍କୁ କାନ୍ଧରେ ନେଇ ନଦୀରେ ପୂଜା କରୁଥିଲେ। ପୁଣି ମାଁ କୁମାରୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ହେଉଥିଲା। ଏହାପରେ ବାହାରିଗଡ଼ ଦେଇ ବିଭିନ୍ନ ସ୍ଥାନରେ ମାଁଙ୍କୁ ପୂଜା କରାଯାଉଥିଲା। ଶେଷରେ ରାଜନଅର ନିକଟରେ ଏକ ମଣ୍ଡପ ନିର୍ମାଣ କରି ସେଠାରେ ବିଭିନ୍ନ ଆଦିବାସୀ ଲୋକନୃତ୍ୟ ପ୍ରଦର୍ଶିତ ହେଉଥିଲା। ଏହିପରି ନଅ ଦିନ ବ୍ୟାପି ମାଁଙ୍କ ପୂଜାର୍ଚ୍ଚନା ହେଉଥିଲା। ନବ ଦିନାତ୍ମକ ଯାତ୍ରାର ପଞ୍ଚମ ଦିନ ମାଁଙ୍କ କାଳିକା ଘଟ, ଷଷ୍ଠ ଦିନ ନିଶା ଘଟ, ସପ୍ତମ ଦିନ ଶୂନ ଘଟ, ଅଷ୍ଟମ ଦିନ ତଥା ଚୈତ୍ର ପର୍ବର ମୁଖ୍ୟ ଆକର୍ଷଣ ଗରିଆଭାର ପୂଜାନୀତି ହେଉଥିଲା। ନବମ ଦିନ ଦିନ ଯାତ୍ରା ଅନୁଷ୍ଠିତ ହେଉଥିଲା। ନବମ ଦିନ ଯାତ୍ରାରେ ଲୋକ ମାନଙ୍କ ପାଇଁ ସମସ୍ତ ଜିନିଷ ଆୟୋଜନ କରିଥିଲେ। ଶୁଣାଯାଏ ଯେ ଏହି ମେଳାରେ ଲୋକମାନେ ତାଙ୍କର ବର୍ଷକର ସାମଗ୍ରୀ କ୍ରୟ କରି ରଖୁଥାନ୍ତି। ପରେ ପରେ ଚୈତ୍ର ପର୍ବକୁ ଆହୁରି ଚିତାକର୍ଷକ କରିବା ପାଇଁ ବଣାଇଁ ରାଜାଙ୍କ ସ୍ଥାୟୀ ସଭାପତିତ୍ୱରେ ଏକ କମିଟି ଗଠିତ ହୋଇଥିଲା। ବର୍ତ୍ତମାନ ନବଦିନାତ୍ମକ ଯାତ୍ରା ସମୟରେ ପ୍ରତ୍ୟେକ ଦିନ ବଣାଇଁ ଅଞ୍ଚଳର ଦେଓଗାଁ, ପଟା ଦୁଆର, ବଡ ଦୁଆରକୁ ନେଇ ପାଇକାଳି ଛଉ ନୃତ୍ୟ ପ୍ରଦର୍ଶିତ ହେଉଛି। ବିଭିନ୍ନ ରାଜ୍ୟ ତଥା ଝାଡ଼ଖଣ୍ଡ ଓ ରାଇରଙ୍ଗପୁରରୁ ମଧ୍ୟ କଳାକାର ଆସି ଛଉ ନୃତ୍ୟ ପରିବେଷଣ କରିଥାନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଅପେରା ଆୟୋଜନ ହେଉଛି। ତେବେ ଶ୍ରୁତି ଅଛି ଯେ ଓଡ଼ିଶାରେ ରଥଯାତ୍ରା ପରେ ଦ୍ୱିତୀୟରେ ବଣାଇଁ ଚୈତ୍ର ପର୍ବ ସର୍ବ ପୁରାତନ ଯାତ୍ରା ଭାବେ ଅନୁଷ୍ଠିତ ହେଉଛି। ଆଗ କାଳରେ ବହୁତ ଦୂର ଦୂରାନ୍ତରରୁ ଚୈତ୍ର ପର୍ବ ଦେଖିବା ପାଇଁ ଲୋକ ଭିଡ଼ ଜମାଉଥିଲେ। ଏବେ ମଧ୍ୟ ବଣାଇଁର ୫୯ ତମ ରାଜା ବାର କେଶରୀ ଇନ୍ଦ୍ର ଦେଓ ଦେବଙ୍କ ନେତୃତ୍ୱରେ ଏହି ପର୍ବ ପାଳନ କରାଯାଉଛି। ଚୈତ୍ର ପର୍ବ ବଣାଇଁର ଇତିହାସର ଯଶ କୀର୍ତ୍ତି ବହନ କରୁଛି।

ନବ ଦିନାତ୍ମକ ଯାତ୍ରାରେ ବାହାରନ୍ତି ମାଁ ବାସୁଳୀ ଦେବୀ





## ଗଛ ପଡ଼ି ଆଜବେଷ୍ଟସ୍ ଭାଙ୍ଗିଲା

**ରାଉରକେଲା, ୧୮।୩(ସମିସ):** ଛେଣ୍ଡ ଅଞ୍ଚଳରେ ଏକ ଘରର ଆଜବେଷ୍ଟସ ଉପରେ ନଡିଆ ଗଛ ପଡ଼ି ଯାଇଛି। ଫଳରେ ଆଜବେଷ୍ଟସ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଅଞ୍ଚଳରେ ଥିବା ଧାମରା ମନ୍ଦିର ପଛ ପଟେ ଏଭଳି ଘଟଣା ଘଟିଛି। ମଙ୍ଗଳବାର ରାତିରେ ଅଦିନିଆ ଝଡବର୍ଷା ଯୋଗୁଁ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ବୁଧବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ଗଛକୁ ହଟାଇ ଥିଲେ। ଏଥିରେ କାହାରି କିଛିକ୍ଷତି ହୋଇ ନଥିବା ସୂଚନା ମିଳିଛି।

## କାର ଦୁର୍ଘଟଣା

**ରାଉରକେଲା, ୧୮।୩(ସମିସ):** ରିଂରୋଡ ଠାରେ ଏକ କାର ଦୁର୍ଘଟଣା ହୋଇଛି। ସେକ୍ଟର ୮/୧୫ ଛକ ଦେଇ କାର ଯାଉଥିବା ବେଳେ ହଠାତ୍ ଡିଭାଇଡରରେ ଯାଇ ଧକ୍କା ଦେଇଥିଲା। ଫଳରେ ଚାଳକ ଆହତ ହୋଇଥିବା ବେଳେ ଗାଡିର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଚାଳକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ପଠାଯାଇ ଥିଲା। ଭାରସାମ୍ୟ ହରାଇବା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ସୁନାଫୁଲର ପ୍ରତିଷ୍ଠା ଉତ୍ସବ



**ରାଉରକେଲା, ୧୮।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୁନାଫୁଲ ସାହିତ୍ୟ ସଂସଦର ସପ୍ତଦଶ ତମ ପ୍ରତିଷ୍ଠା ଉତ୍ସବ ରାଜଗାଙ୍ଗପୁର ମାଲିଡିହି ଗାଁରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ସୁନୀଲ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାରସ୍ୱତ ମହୋତ୍ସବରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶୀଲ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। 'ପରିବେଶ ସ୍ୱଚ୍ଛତା, ନିଶା ନିବାରଣ, ଓ ଅଂଶୁଘାତ ପାଇଁ ସତର୍କତା' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ସମାଜସେବୀ ବିନିତା କୁଲୁ ନିଶା ସେବନର କୁପରିଣତି ବିଷୟରେ କହିବା ସହ ନିଶା ସେବନକୁ ଦୂରେଇ ରହିବାକୁ କହିଥିଲେ। ସମ୍ପାଦକ ସୁନୀଲ ମହାନ୍ତି ମନର ସ୍ୱଚ୍ଛତା, ଦେହର ସ୍ୱଚ୍ଛତା ଓ ପରିବେଶର ସ୍ୱଚ୍ଛତା ଯତ୍ନବାନ ହେବାକୁ କହିଥିଲେ। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ନୃତ୍ୟ, ଗୀତ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆଦି ହୋଇଥିଲା। ସଫଳ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରାଯିବା ସହ ସ୍ୱଚ୍ଛତା ରକ୍ଷା ପାଇଁ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୀମସେନ ବୁଢ଼ା, ବ୍ରହ୍ମା ନନ୍ଦ ପାଢ଼ୀ, ବିଭୁତି ଦାଶ ପ୍ରମୁଖ ସହଯୋଗ କରିଥିବା ବେଳେ ବୁଦ୍ଧଲାଲ ଭୂମିଜ ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ର ପୁଲିସ୍ କ୍ୟାଡେଟ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ବଣାଇଁ, ୧୮।୩(ସମିସ):** ବଣାଇଁଗଡ଼ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ପୁଲିସ୍ କ୍ୟାଡେଟ୍ (ଏସପିସି) ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଣାଇଁ ଥାନାର ଏଏସଆଇ ପର୍ଶୁରାମ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏଏସଆଇ ନିରଞ୍ଜନ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆହ୍ଲାଦ ବଢ଼େଇ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ମାହାନ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମଞ୍ଚ ପରିଚାଳନା ଅମିୟ ଲୋଚନ ପଣ୍ଡା କରିଥିଲେ। ମୁଖ୍ୟ ଅତିଥି ଏସପିସି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ। ସେ କହିଥିଲେ ଯେ ଏସପିସି ମାଧ୍ୟମରେ ଛାତ୍ରଛାତ୍ରୀ ପରେଡ୍, ଡ୍ରିଲ୍, ଟ୍ରାଫିକ୍ ନିୟମ ଓ ସାଇବର ସୁରକ୍ଷା ବିଷୟରେ ଜ୍ଞାନ ଲାଭ କରିପାରିବେ। ଶେଷରେ ବିଦ୍ୟାଳୟର ଏସପିସି ଦାୟିତ୍ୱରେ ଥିବା କ୍ରୀଡା ଶିକ୍ଷକ ଗିରୀଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

St. XAVIER'S HIGH SCHOOL
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001
PUBLIC NOTICE
St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
**IMPORTANT ADVISORY TO PARENTS:** All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.
ACCOUNT DETAILS
Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
**A/C No. : 926020008300220**
Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
**A/C No. : 182101000002533**
-By order of Managment

# ରାଉରକେଲା ପ୍ରଶାସନର ଉତ୍କଳ ଦିବସ ପ୍ରସ୍ତୁତି

**ରାଉରକେଲା, ୧୮।୩ (ସମିସ):** ଉତ୍କଳ ଦିବସ ତଥା ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବୁଧବାର ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଜାତୀୟ ଦିବସ ପାଳନ କମିଟି ଅଧ୍ୟକ୍ଷ ଏବଂ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍କଳ ଦିବସ ଓଡ଼ିଆଙ୍କ ପାଇଁ ଗର୍ବ, ଗୌରବ ତଥା ସମ୍ମାନର ଦିବସ ହୋଇଥିବାରୁ ମହାନଗର କମିଶନର ଦସ୍ତଗୀର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜାତୀୟ ଦିବସ ପାଳକ କମିଟିର ଆବାହକ ସୀମା ଫାତିମା ଏକ୍କା ବିଗତ ବର୍ଷର କାର୍ଯ୍ୟକ୍ରମର ବିବରଣୀ ସଭାଗୃହରେ ଉପସ୍ଥାପନ କରିଥିଲେ। ସଭ୍ୟ ଓ ସଭ୍ୟମାନେ ଉତ୍କଳ ଦିବସ ପାଳନ ନେଇ ସବିଶେଷ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁସାରେ ଉତ୍କଳ ଦିବସ ଦିନ ସକାଳ ସମୟରେ ସମଗ୍ର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଜରିଆରେ ଉତ୍କଳ ଜନନୀଙ୍କ ବନ୍ଦନା ପରିବେଷଣ କରାଯିବ। ପ୍ରାତଃ ୭ଟାରେ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜୁନିୟର୍ ରେଡକ୍ରସ୍, ସ୍କାଉଟ୍ ଓ ଗାଇଡ୍, ବେସାମରିକ ପ୍ରତିରକ୍ଷା ବାହିନୀ, ପାନପୋଷ କ୍ରୀଡା ଛାତ୍ରାବାସ ଓ ବେଦବ୍ୟାସ ଗୁରୁକୁଳ ଆଶ୍ରମର ଅନ୍ତେବାସୀ କଥା ସହରରେ ଥିବା ବିଭିନ୍ନ ଅନୁଷ୍ଠାନର ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ଏକ ଶୋଭାଯାତ୍ରା ହେବ। ଆମ୍ବେଦକର ଛକ ନିକଟରୁ ବାହାରି ଶୋଭାଯାତ୍ରା ରାଉରକେଲା ମୁଖ୍ୟରାସ୍ତା ଦେଇ ମଧୁସୂଦନ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସକାଳ ୮.୩୦ ସୁଦ୍ଧା ପହଞ୍ଚିବ। ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡିକ ଶୋଭାଯାତ୍ରାରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଯିବା ଆସିବା ପାଇଁ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ, ନିଜ ନିଜ ଅନୁଷ୍ଠାନର ବସ୍ ବା ଗାଡି ବ୍ୟବହାର କରିବେ। ଶୋଭାଯାତ୍ରାରେ କେବଳ ଉଚ୍ଚବିଦ୍ୟାଳୟ ସ୍ତରୀୟ ଏବଂ ତଦୂର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଉଦିତନଗର ଠାରୁ ଡେଲିମାର୍କେଟ୍ ଏବଂ ବିର୍ସା ଛକ ମଧ୍ୟରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସମ୍ପୃକ୍ତ ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଶୋଭାଯାତ୍ରାରେ ସାମିଲ ହେବେ। ରାସ୍ତାରେ ଥିବା ଅନ୍ୟାନ୍ୟ ଅନୁଷ୍ଠାନଗୁଡିକୁ ମଧ୍ୟ ଶୋଭାଯାତ୍ରାରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପଦାଧିକାରୀ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ଶୋଭାଯାତ୍ରାରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି। ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଛି। ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରୁ ଉତ୍ତମ ଶୃଙ୍ଖଳା ପ୍ରଦର୍ଶନ କରିଥିବା ଏବଂ ପ୍ଲାକାର୍ଡ ମାଧ୍ୟମରେ ସ୍ଲୋଗାନ ଲେଖିଥିବା ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକୁ ପୁରସ୍କୃତ କରାଯିବ। ଏଥିମଧ୍ୟରୁ ଶ୍ରେଷ୍ଠ ଅନୁଷ୍ଠାନକୁ ଚୟନ ପାଇଁ ବିଚାରକମଣ୍ଡଳୀ ଗଠନ କରାଯିବ। ସେମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ପ୍ରଜ୍ଞାପନ ମେଢ଼ଗୁଡିକ ମଧ୍ୟରୁ ସର୍ବୋତ୍କୃଷ୍ଟ ୩ଟି ମେଢ଼ ନିର୍ଣ୍ଣୟ କରିବେ। ବିଚାରକମଣ୍ଡଳୀ ସଦସ୍ୟ ଭାବେ ଆଇନଜୀବୀ ଗିରିଜା ଶଙ୍କର ଦ୍ୱିବେଦୀ, ସୁଶାନ୍ତ ତ୍ରିପାଠୀ, ଜ୍ଞାନରଞ୍ଜନ ମିଶ୍ର ଏବଂ ସୁନାକର ନାୟକଙ୍କୁ ସ୍ଥିର କରାଯାଇଛି।

# ଦୁଇ ଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା, ୧୮।୩ (ସମିସ):** ଜଗଦା ସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିକେଶିଏମ୍ ଓ ଆର୍‌ସି ସହଯୋଗରେ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଦୁଇଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ନରେନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଡ.କଲ୍ୟାଣୀ ମିଶ୍ର, ଆରଏସପି ମୁଖ୍ୟ ମହାପ୍ରବନ୍ଧକ ଏସ୍‌ଏସ୍ ରାଏଚୌଧୁରୀ, ମହାପ୍ରବନ୍ଧକ ଅବକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ଅବସରପ୍ରାପ୍ତ ଆକାଶବାଣୀ ଓ ଦୂରଦର୍ଶନ ନିର୍ଦ୍ଦେଶକ ଡ.ଶାନ୍ତନୁ ରଥ, ରାଉରକେଲା କଲେଜ ଅଧ୍ୟକ୍ଷ ଡ.ରବୀନ୍ଦ୍ର ଜେନା ଓ ଆର୍‌ଏସପି ମୁଖ୍ୟ ପ୍ରବନ୍ଧକ ପିକେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ସଂସ୍କୃତିର ଆଧାର ଓଡ଼ିଶୀ ସଙ୍ଗୀତର ପ୍ରସାର ପ୍ରଚାର ଓ ସୁରକ୍ଷା ପାଇଁ ଏହା ଏକ ସଫଳ ପ୍ରୟାସ ବୋଲି ମତପୋଷଣ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଝିଲିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଂସ୍କୃତିକ ସମ୍ପାଦକ ଡ.ସୁଶାନ୍ତ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଡା.ଉତ୍ତମ ଚରଣ ଜେନାଙ୍କୁ ଜୟଦେବ ସ୍ୱାସ୍ଥ୍ୟ ସେବା ସମ୍ମାନ, ବର୍ଷାରାଣୀ ପଣ୍ଡାଙ୍କୁ ଜୟଦେବ ନୃତ୍ୟକଳା ସମ୍ମାନ, ଦିବ୍ୟାଙ୍ଗ କ୍ରୀଡାବିତ୍ ବିଦ୍ୟାଧର ବେହେରାଙ୍କୁ ଜୟଦେବ କ୍ରୀଡା ସମ୍ମାନ, କ୍ଲିନ୍ ଆଣ୍ଡ ଗ୍ରୀନ ଓ ଏକତା ଗ୍ରୁପ୍ ଅନୁଷ୍ଠାନକୁ ଜୟଦେବ ସମାଜସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦ୍‌ଘାଟନୀ ଦିବସରେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ତଥା ତବଲା ବାଦନ ପରିବେଷିତ ହୋଇଥିଲା। ସେହିପରି ଉଦ୍‌ଯାପନୀ ଦିବସରେ ଓଡ଼ିଶୀ ସଙ୍ଗୀତର ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ଡ.ଶାନ୍ତନୁ ରଥ, ଡ.ନିମାକାନ୍ତ ରାଉତରାୟ, ଗୁରୁଶ୍ରୀ ସଚିଦାନନ୍ଦ ଦାସ, ପଣ୍ଡିତରଘୁନାଥ ପାତ୍ର, ବର୍ଷାରାଣୀ ପଣ୍ଡା, ଡ.ସୁଶାନ୍ତ ପାଣି, ପ୍ରଫୁଲ୍ଲ ମଙ୍ଗଳ ପ୍ରମୁଖ ଅନେକ ସଙ୍ଗୀତ ଗୁରୁ, ରାଉରକେଲାର ବିଜ୍ଞ ବ୍ୟକ୍ତିତ୍ୱ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆର୍‌ଏସପି ମହାପ୍ରବନ୍ଧକ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ଓଡ଼ିଆ ଲୋକକଳା, ଲୋକ ସାହିତ୍ୟ, ଲୋକ ସଂସ୍କୃତି, ଓଡ଼ିଶାର ଶାସ୍ତ୍ରୀୟ ସଙ୍ଗୀତ ଆଧାରିତ 'ରାଗର ସଂସ୍କୃତି' ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେଇଥିଲା। ଲକ୍ଷ୍ମୀପ୍ରିୟା ନାୟକ, ବିଜୟଲକ୍ଷ୍ମୀ ରାଉତରାୟ, ପ୍ରୀତିନନ୍ଦ ପରିଡ଼ା, ସୌମ୍ୟରଞ୍ଜନ ଗାହାଣ, ସୁମ୍ୟକନ୍ତ ମଲ୍ଲିକ ଓ ରାଉରକେଲାର ସୁନାମଧନ୍ୟ ଗୁରୁ ଓ ଛାତ୍ରଛାତ୍ରୀ ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୁ, ଗୀତଗୋବିନ୍ଦ ଆଦି ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସଭାପତି ହରିହର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ମଧୁସୂଦନ ମହାପାତ୍ର, ତ୍ରିଲୋଚନ ପରିଡ଼ା, ଭୋଳାନାଥ ମାଝୀ, ଭୀମସେନ ନାୟକ, ରଶ୍ମିରେଖା ମିଶ୍ର, ରୁକ୍ମନ୍ ବେହେରା, ପଦ୍ମିନୀ ସାହୁ, ସ୍ୱର୍ଣ୍ଣରେଖା ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ଗୁରୁତର ମହିଳାଙ୍କ ଆଇଜିଏଚ୍‌ରେ ସଫଳ ଚିକିତ୍ସା

**ରାଉରକେଲା, ୧୮।୩ (ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ବର୍ଣ୍ଣ ସେଣ୍ଟରର ଡାକ୍ତରମାନେ ଗୁରୁତର ଭାବେ ଜଳିଯାଇଥିବା ଜଣେ ୪୪ ବର୍ଷୀୟ ମହିଳାଙ୍କୁ ସଫଳତାର ସହ ଚିକିତ୍ସା କରି ଡିସଚାର୍ଜ କରିଛନ୍ତି। ମହିଳା ଜଣକ ରୋଷେଇ ସମୟରେ ଗୁରୁତର ଭାବେ ଜଳିପୋଡି ଆହତ ହୋଇଥିଲେ। ଆୟୁଷ୍ମାନ ଭାରତ ହିତାଧିକାରୀ ବର୍ଗରେ ଜାନୁଆରୀ ୭ରେ ଆଇଜିଏଚର ବର୍ଣ୍ଣ ସେଣ୍ଟରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ନିମନ୍ତେ ପ୍ରଥମେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଆଇଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। କେବଳ ମୁହଁ, ମୁଣ୍ଡ ଏବଂ ପିଠିର ଉପର ଭାଗର ଏକ ଛୋଟ ଅଂଶକୁ ଛାଡି ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ଅଂଶ ଗୁରୁତର ଗ୍ରେଡ-୩ ବର୍ଣ୍ଣ କ୍ଷତ ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା। ଏପରି ଗୁରୁତର ଜଳିବାପରେ ବଞ୍ଚିବାର ସମ୍ଭାବନା ସାଧାରଣତଃ ୧୦ ପ୍ରତିଶତରୁ କମ୍ ଥାଏ। ଆଇଜିଏଚରେ ରୋଗୀଙ୍କୁ ନିୟମିତ ଡ୍ରେସିଂ, ଉନ୍ନତ ଚିକିତ୍ସା, ବହୁବିଧ ରକ୍ତ ଏବଂ ପ୍ଲାଜମା ପ୍ରଦାନ, ଅକ୍ସିଜେନ ସହାୟତା, ଲକ୍ଷଣାତ୍ମକ ଔଷଧ ଏବଂ ଫିଜିଓଥେରାପି ପ୍ରଦାନ କରାଯାଇଥିଲା। ନିରନ୍ତର ଚିକିତ୍ସା ଏବଂ ଅନୁଧ୍ୟାନ ଫଳରେ ମହିଳାଙ୍କ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ପରେ ତାଙ୍କୁ ସଫଳତାର ସହିତ ଅକ୍ସିଜେନ ସପୋର୍ଟରୁ ବାହାର କରାଯାଇଥିଲା। ସମୟ ସହିତ, ପୋଡା କ୍ଷତଗୁଡିକ ଆଶାନୁରୂପ ଭାବେ ସୁସ୍ଥ ହୋଇଥିଲା। ଫଳରେ ସେ ସ୍ଥିର ଅବସ୍ଥାରେ ଡିସଚାର୍ଜ ହୋଇଥିଲେ। ମହିଳାଙ୍କ ସଫଳ ଆରୋଗ୍ୟ ପୁଣିଥରେ ଆଇଜିଏଚରେ ଉନ୍ନତ ପୋଡାଜଳା ଚିକିତ୍ସା ସୁବିଧା ଏବଂ ସମନ୍ୱିତ ଡାକ୍ତରୀ ଦଳଗତ କାର୍ଯ୍ୟର ଉଦାହରଣ ସୃଷ୍ଟି କରିଛି।



## ରାମକୃଷ୍ଣ ମିଶନରେ 'ସ୍ୱପ୍ନ ୨୦୫୦' କର୍ମଶାଳା

**ରାଉରକେଲା, ୧୮।୩(ସମିସ):** କଲିକତାର କେତେକ ପ୍ରଫେସରଙ୍କ ସହଯୋଗରେ ଆସନ୍ତା ୨୧ ତାରିଖ କିଶୋରମାନଙ୍କ ଚିନ୍ତା ଶକ୍ତିକୁ କ୍ରିୟାଶୀଳ କରିବା ଲକ୍ଷ୍ୟ ନେଇ 'ସ୍ୱପ୍ନ ୨୦୫୦' ନାମକ ଏକ ଅଭିନବ କର୍ମଶାଳା ଅନୁଷ୍ଠିତ ହେବ। ପଞ୍ଚମରୁ ଅଷ୍ଟମ ଏବଂ ନବମରୁ ଦ୍ୱାଦଶ ଏହିପରି ଦୁଇଟି ଗ୍ରୁପ୍‌ରେ ଯୋଗଦାନକାରୀ ଛାତ୍ରଛାତ୍ରୀ '୨୦୫୦ରେ ଭାରତକୁ କେଉଁ ସ୍ଥିତିରେ ଦେଖିବା ସେମାନଙ୍କ ସ୍ୱପ୍ନ' ବିଷୟରେ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପନ କିମ୍ବା ଚିତ୍ର ମାଧ୍ୟମରେ ସ୍ୱପ୍ନକୁ ଭାବ ଦେବେ। ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପା ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଫେସର ଅବିର ଚଟ୍ଟୋପାଧ୍ୟାୟ, ଡ.ଶୁଭଜିତ ଦାସ ଓ ସରିସା ରାମକୃଷ୍ଣ ମିଶନର ସହଯୋଗରେ ଏପରି ଏକ ଅନନ୍ୟ କର୍ମଶାଳା ଅନୁଷ୍ଠିତ ହେବ। ପିଲାମାନଙ୍କ ମନରେ ସୃଜନଶୀଳ ଚିନ୍ତନ ଜାଗ୍ରତ ପାଇଁ ରାଉରକେଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା କର୍ମଶାଳାରେ ଯୋଗ ଦେବା ପାଇଁ ମିଶନ ପକ୍ଷରୁ ଅନୁରୋଧ କରାଯାଇଛି।

କୁତ୍ରାରେ ବାଟବଣା ଆବାସ ଯୋଜନା

# ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଘର

**କୁତ୍ରା, ୧୮।୩(ସମିସ)**

ଜିଲ୍ଲାର କୁତ୍ରା ବ୍ଲକ ଅଞ୍ଚଳରେ ସରକାରଙ୍କ ଆବାସ ଯୋଜନା ବାଟବଣା ହୋଇଛି। ହିତାଧିକାରୀଙ୍କୁ ଏହି ଯୋଜନାରେ ଆବାସ ମିଳୁ ନଥିବା ଦେଖିବାକୁ ମିଳୁଛି। କୁତ୍ରା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ଏହାର ଜୀବନ୍ତ ପ୍ରମାଣ ଭାବେ କୁତ୍ରା ବ୍ଲକ ଅଧୀନ କନ୍ଦେଇମୁଣ୍ଡା ପଞ୍ଚାୟତର ମାଙ୍ଗାପଡ଼ା ଗାଁରେ ଥିବା ବିର୍ସା ମିଞ୍ଜଙ୍କ ଘର ରହିଛି। ଅଞ୍ଚଳରେ ଆବାସ ଯୋଜନାର ବାସ୍ତବ ସ୍ଥିତି ବିର୍ସାଙ୍କ ଘରକୁ ଦେଖିଲେ ଆପେ ବୁଝାପଡ଼େ। ଗରିବ ଆଦିବାସୀ ବିର୍ସାଙ୍କ ପରିବାରରେ ଦୁଇପୁଅ ଓ ଜଣେ ଝିଅ ଅଛନ୍ତି। ତାଙ୍କ ମାଟି ଘରଟି ମରାମତି ଅଭାବରୁ ଭଙ୍ଗା ଅବସ୍ଥାରେ ରହିଛି। ଗତ ବର୍ଷା ସମୟରେ ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା। ଏ ନେଇ ବ୍ଲକ ତଥା କୁତ୍ରା ତହସିଲ କାର୍ଯ୍ୟାଳୟରେ ବିର୍ସା ଜଣାଇଥିଲେ। କୁତ୍ରା ତହସିଲ ପକ୍ଷରୁ ତଦନ୍ତ କରି ତାଙ୍କୁ ପଲିଥିନ ଖଣ୍ଡେ ଯୋଗାଇ ଦେଇ ତହସିଲ କର୍ମଚାରୀ କାମ ସାରି ଦେଇଥିଲେ। ବିର୍ସାଙ୍କ ଘର ଏବେ ଆଦୌ ରହିବା ଯୋଗ୍ୟ ଅବସ୍ଥାରେ ନାହିଁ। ଫଳରେ ବିର୍ସାଙ୍କ ପୁଅ ଓ ଝିଅ ଗାଁର ଅନ୍ୟ ଜଣେ ଲୋକଙ୍କ ଘରେ ଆଶ୍ରୟ ନେଇଛନ୍ତି। ହେଲେ ବିର୍ସା ତାଙ୍କର ସେହି ଭଙ୍ଗା ଦଦରା ଘରେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଘରଟି ଅତି ଭଙ୍ଗୁର ଅବସ୍ଥାରେ ଥିବାରୁ ପ୍ରତି ମୁହୂର୍ତ୍ତରେ ବିର୍ସାଙ୍କ ଜୀବନ ପ୍ରତି ବିପଦ ରହିଛି। ଏ ନେଇ ବିର୍ସାଙ୍କ ପୁଅ ମଧ୍ୟ ପଞ୍ଚାୟତ, ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଯାଇ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ବାରମ୍ବାର ନିବେଦନ କରିଛନ୍ତି। ହେଲେ ତାଙ୍କ କଥା କେହି ଶୁଣୁ ନଥିବା ବିର୍ସାଙ୍କ ପୁଅ ପ୍ରକାଶ କରିଛନ୍ତି। ଏ ଘଟଣା ନେଇ ଆମ ପ୍ରତିନିଧି କନ୍ଦେଇମୁଣ୍ଡା ସରପଞ୍ଚଙ୍କୁ ପଚାରିବାରୁ ଆବାସ ହିତାଧିକାରୀ ଚୟନରେ ତାଙ୍କୁ ସାମିଲ କରାଯାଉ ନଥିବା ସେ ପ୍ରକାଶ କରିଥିଲେ। ଏଠି ପ୍ରଶ୍ନ ଉଠୁଛି ଯେ ସରକାର ସମସ୍ତ ଗରିବ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିବା ବେଳେ ବିର୍ସା ମିଞ୍ଜଙ୍କୁ ଏଥିରୁ କାହିଁକି ବାଦ୍ ଦିଆଯାଇଛି। ତେବେ ତୁରନ୍ତ ଘର ଖଣ୍ଡେ ଯୋଗାଇ ଦେବାକୁ ବିର୍ସା ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ଖୁଣ୍ଟଗାଁ'ରେ ବସଷ୍ଟାଣ୍ଡ ନିର୍ମାଣ ଦାବି

**ବଣାଇଁ, ୧୮।୩(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଅଧୀନ ଖୁଣ୍ଟଗାଁ ଛକ ନିକଟରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନ ଧରି ଦାବି କରୁଛନ୍ତି। ଅଞ୍ଚଳଟି ଅନେକ ଗାଁର ମଧ୍ୟବର୍ତ୍ତୀ ସ୍ଥାନ। ତଥାପି ଏଠାରେ କୌଣସି ବସଷ୍ଟାଣ୍ଡ କିମ୍ବା ଯାତ୍ରୀମାନଙ୍କ ପାଇଁ ଅପେକ୍ଷା କରିବାର ସୁବିଧା ନାହିଁ। ଫଳରେ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଖୁଣ୍ଟଗାଁ ଛକ ଦେଇ ବଣାଇଁ, ଲହୁଣୀପଡ଼ା, ଦେବଗଡ଼, କେଉଁଝର, ରାଉରକେଲା ଓ ପାଶ୍ୱବର୍ତ୍ତୀ ଅନେକ ଗାଁକୁ ରାସ୍ତା ରହିଛି। ପ୍ରତିଦିନ ଛାତ୍ରଛାତ୍ରୀ, ଶ୍ରମିକ, କୃଷକ ଓ ବ୍ୟବସାୟୀମାନେ ବସ ଓ ଅନ୍ୟାନ୍ୟ ଯାନବାହନରେ ଏହିରାସ୍ତା ଦ୍ୱାରା ଯାତାୟାତ କରିଥାନ୍ତି। କିନ୍ତୁ ଯାତ୍ରୀମାନେ ବସ ଅପେକ୍ଷା କରିବା ପାଇଁ କୌଣସି ଛାଉଣୀ କିମ୍ବା ବସିବାର ସ୍ଥାନ ନାହିଁ। ଯାତ୍ରୀଙ୍କୁ ଖରା, ବର୍ଷା, ଶୀତରେ ଖୋଲା ଆକାଶ ତଳେ ରହିବାକୁ ପଡୁଛି। ବିଶେଷ କରି ବୃଦ୍ଧ ଲୋକ ଓ ମହିଳାମାନେ ଏଥିରେ ଅଧିକ କଷ୍ଟ ଭୋଗୁଛନ୍ତି। ଏହି ସ୍ଥାନଟି ଅଞ୍ଚଳର ଏକ ମୁଖ୍ୟ ଛକ ବା ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ହେଲେ ଯାତ୍ରୀମାନଙ୍କ ପାଇଁ ଯାତାୟାତ ଅଧିକ ସୁବିଧା ହେବା ସହିତ ଅଞ୍ଚଳର ଉନ୍ନତି ମଧ୍ୟ ହେବ। ସ୍ଥାନୀୟ ଜନସାଧାରଣ ଓ ସାମାଜିକ କର୍ମୀମାନେ ଏନେଇ ପ୍ରଶାସନଙ୍କ ନଜରକୁ ଆଣିବା ସହିତ ଶୀଘ୍ର ଖୁଣ୍ଟଗାଁ ଛକ ନିକଟରେ ଏକ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।




### କାଳବୈଶାଖୀ, କୁଆପଥର ବର୍ଷାରେ ବ୍ୟାପକ କ୍ଷତି

# ଫାଟିଲା ଘର ଛାତ; ପନିପରିବା ଚାଷ ନଷ୍ଟ

**କୋକସରା, ୧୮ ।୩(ସମିସ)**

ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ଼ ଓ ପ୍ରବଳ ବର୍ଷା ଯୋଗୁଁ କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷୀଙ୍କ ବ୍ୟାପକ କ୍ଷତି ହୋଇଛି। ବିଶେଷ କରି ବ୍ଲକର ଆମପାଣି, ବରାଜକା, ଲଡ଼ୁଗାଁ ଓ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଭାବ ଦେଖିବାକୁ ମିଳିଛି। କୁଆପଥର ମାଡ଼ ଓ ପ୍ରବଳ ବର୍ଷା ଯୋଗୁଁ

ଡାଲି ଜାତୀୟ ଫସଲ ମୁଗ, ବିରି, ସୂର୍ଯ୍ୟମୁଖୀ ଚାଷ ନଷ୍ଟ ହେବା ସହ ପନିପରିବା ଏବଂ ଆମ୍ବ ନଷ୍ଟ ହୋଇଯାଇଛି। ଏମିତିକି ଅନେକ ଲୋକଙ୍କ ଆଜବେଷ୍ଟସ ଓ ଘରର ଖପର ଭାଙ୍ଗି ଯାଇଥିବା ମଧ୍ୟ ଖବର ରହିଛି। ବ୍ଲକର ଆମପାଣି ପଞ୍ଚାୟତ ପାତ୍ରବସା ବଡିଆପଡ଼ାର ପରିବା ଚାଷୀ ଯାଦବ ନାଏକଙ୍କ ବାଇଗଣ, ଟମାଟୋ, ପିଆଜ, ଆଳୁ ଓ ଆମ୍ବ ଆଦି ନଷ୍ଟ ହୋଇଯାଇଛି। ସେହିପରି ବରାଜଗାଁ ପଞ୍ଚାୟତ ସିଉନୀ ଗ୍ରାମର ଚାଷୀ କୃପାସିନ୍ଧୁ ରାଉତଙ୍କ ମୁଗା ଚାଷ ନଷ୍ଟ ହୋଇଯାଇଛି। ଗଜନନ ରାଉତ, ଦିନ ରାଉତ, ମାଧବୀ ଦଳପତି ସମେତ ଅନେକ ଚାଷୀଙ୍କ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଆମପାଣି ପଞ୍ଚାୟତ କଡାଗଡ଼ ଗ୍ରାମର ବୈଷ୍ଣବ ମାଝୀ, ଲକ୍ଷଣ ବାଗ, ଦେଡାରା ମାଝୀ, ରଘୁ ମାଝୀ, ବାସୁଦେବ ମାଝି, ଲକ୍ଷ୍ମୀକାନ୍ତ ମାଝୀ, କ୍ଷୀରସିନ୍ଧୁ ମାଝୀ, ଯୋଗେନ୍ଦ୍ର ମାଝୀ, ଛନ୍ଦା ଧଙ୍ଗଡ଼ାମାଝୀ, ରାଜ ଧଙ୍ଗଡ଼ାମାଝୀ, ଆଶାରାମ ମାଝୀ, ସୁଚର ମାଝୀ ଓ ଟେବିକ ମାଝୀ, ନିକୁଞ୍ଜ ମାଝୀ, ହାଡିରାମ ମାଝୀ, ମଣିରାମ ନାଏକ, ମାଧବ ନାଏକ, ସୁଭାଷ ଚନ୍ଦ୍ର ନାଏକ, ବାଳକୃଷ୍ଣ ମାଝୀ ସମେତ ଅନେକ ଲୋକଙ୍କ ଛପର ଘର ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବ୍ଲକର ବିଭିନ୍ନ ଗ୍ରାମର ଚାଷୀଙ୍କ ପନିପରିବା ଚାଷ ନଷ୍ଟ ହେବା ସହିତ ଘରର ଛାତ ଉଡ଼ିଥିବା ଜଣାପଡ଼ିଛି। ପନିପରିବା କ୍ଷୟକ୍ଷତି ସମ୍ପର୍କରେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ କୁମାର ମାଝୀଙ୍କ ପ୍ରତିକ୍ରିୟା ନେବାରୁ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିତ ବୈଠକ କରାଯାଇ ୭୨ ଘଣ୍ଟା ମଧ୍ୟରେ ଆକଳନ କରାଯିବ ବୋଲି କହିଛନ୍ତି। ସେହିପରି ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତି ଆକଳନ ପାଇଁ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ପ୍ରତିକ୍ରିୟା ନେବାରୁ ସମସ୍ତ ରାଜସ୍ୱ ନିରୀକ୍ଷକ ମାନଙ୍କୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାପାଇଁ କୁହାଯାଇଥିବା ପ୍ରକାଶ କରିଛନ୍ତି।

## ଉଡିଗଲା ଆଜବେଷ୍ଟସ୍, ଅସହାୟ ପରିବାର

**ଥୁଆମୂଳରାମପୁର, ୧୮ ।୩ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ କାଳବୈଶାଖୀ ଝଡ଼ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ବେଗରେ ପବନ ସହ ବିଜୁଳି ଓ ଘଡଘଡି ଯୋଗୁଁ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଥିବା ବେଳେ ଜୋରଦାର ପବନରେ ଘରବାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି କେରପାଇ ପଞ୍ଚାୟତ ଅଧୀନସ୍ଥ ସେରକେପାଇ ଗ୍ରାମରେ ବୁଦ୍ଧୁ ମାଝୀ ଓ ପବିତ୍ର ନାଏକଙ୍କ ଘରର ଆଜବେଷ୍ଟ ଛାତ ଉଡିଯାଇଛି। ଏଥିରେ ଘରଭିତରେ ଥିବା ଆସବାବପତ୍ର ଓ ଦୈନନ୍ଦିନ ବ୍ୟବହାରର ସାମଗ୍ରୀ ନଷ୍ଟ ହୋଇ ଗରିବ ପରିବାର ଅସହାୟ ଅବସ୍ଥାରେ ପଡ଼ିଛନ୍ତି। ସେହିପରି ଗୋପାଳପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମଧ୍ୟ ଘଡଘଡି, ବିଜୁଳି ଓ କୁଆପଥର ବର୍ଷା ଦେଖାଯାଇଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅପ୍ରତ୍ୟାଶିତ ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରଭାବିତ ପରିବାରମାନେ ସରକାରୀ ସହାୟତା ପାଇଁ ଆଶା ରଖିଛନ୍ତି। ସ୍ଥାନୀୟ ଲୋକମାନଙ୍କ ଦାବ ଅନୁସାରେ, ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ସଠିକ୍ ଆକଳନ କରି ପାଡ଼ିତମାନଙ୍କୁ ଆର୍ଥିକ ସହାୟତା ଓ ପୁନର୍ବାସ ବ୍ୟବସ୍ଥା କରିବା ଆବଶ୍ୟକ।



# ଟ୍ରେଲର ଧକ୍କାରେ ଯୁବକ ମୃତ

### କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ

**ଲୋଇସିଂହା, ୧୮ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ଚୁଙ୍ଗିଦାଦର ଗାଁ ନିକଟରେ ଏକ ଟ୍ରେଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଗଲପୁର ବ୍ଲକ ପାଣ୍ଡେସରା ଗ୍ରାମର ଧାରେନ ପଧାନ (୪୫)। ସୂଚନା ଅନୁସାରେ ଧାରେନ ବାଇକ୍‌ରେ ଲୋଇସିଂହାରୁ ଘରକୁ ଯାଉଥିଲେ। ଚୁଙ୍ଗିଦାଦର ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲରଟି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟିବାପରେ ଧାରେନ୍ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହା ଓ ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ପରିବାର ଓ ସମ୍ପର୍କୀୟମାନେ ଉରଗୁଜା ବସ୍‌ଷ୍ଟାଣ୍ଡ ଛକରେ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଖବର ପାଇ ଆଗଲପୁର ପୁଲିସ ଓ ତହସିଲଦାର ନବୀନ କିଶୋର ପାତ୍ରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ରେଡକ୍ରସ ପାଣ୍ଠି ରୁ ୧୦ ହଜାର ଟଙ୍କା ମୃତ ଧାରେନଙ୍କ ବାପା ସଦାନନ୍ଦଙ୍କୁ ପ୍ରଦାନ କରିଥିଲେ। ହରିଶ୍ଚନ୍ଦ୍ର ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ତହସିଲଦାର ଶ୍ରୀ ପାତ୍ରୀ କହିଥିଲେ। ମୃତ ଧାରେନଙ୍କ ସ୍ତ୍ରୀ ଓ ଦୁଇ ଝିଅପୁଅ ଅଛନ୍ତି। ଆଗଲପୁର ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରାଉଛି।

### ଭୋଜିରେ ଗଣ୍ଡଗୋଳ ଘଟଣା

# ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

**ସିନାପାଲି, ୧୮ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଜେରେଲପଦର ଗ୍ରାମରେ କୁଣାବରୀ ଭୋଜି ବେଳେ ଗଣ୍ଡଗୋଳ ହୋଇ ଜଣେ ବ୍ୟକ୍ତିଙ୍କ ଉପରେ ଗରମ ପାଣିରେ ପକାଇ ଦେଇଥିବା ଘଟଣାରେ ଗୁରୁତର ହୋଇଥିବା ଘଣ୍ଟିଗୁଡା ଗ୍ରାମର ଚଉବନ ନାଗ (୫୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲାସ୍ଥିତ ଆଇଜି ଏଚ୍‌ରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଚଉବନ ନିଜ ସମ୍ପର୍କୀୟ ଘର ଜେରେଲପଦର ଗ୍ରାମ କୁଣାବରୀ ଘର ଯାଇଥିଲେ।ସେଠାରେ ଭୋଜିଭାତ ସମୟରେ ଚଉବନକୁ ମାଂସ ବାଢ଼ିବାକୁ ସମ୍ପର୍କୀୟ ଲୋକେ କହିଥିଲେ। ହେଲେ ମାଂସ ବାଢ଼ିଲା ବେଳେ ଜେରେଲପଦର ଗ୍ରାମର କିଛିଲୋକ ମାଂସକୁ ନେଇ ଚଉବନ ସହ ଗଣ୍ଡଗୋଳ କରି ଭାତରାନ୍ଧା ଗରମ ପାଣିରେ ପକାଇ ଦେଇଥିଲେ। ଚଉବନଙ୍କ ଭାଇ ଚିନ୍ତା ନାଗ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାରପିଟ୍ କରିଥିଲେ। ଘଟଣା ପରେ ଗୁରୁତର ଚଉବନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଅଧିକ ଜଟିଳ ହେବାରୁ ଡାକ୍ତର ରାଉରକେଲାକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ସିନାପାଲି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ସିନାପାଲି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି।

# ଯୁବକର ଉନ୍ମତ କାଣ୍ଡ

**କେସିଙ୍ଗା, ୧୮ ।୩(ସମିସ):** କେସିଙ୍ଗା ଥାନା ଉକ୍ଳେଲା ୨୬ ନମ୍ବର ଜାତୀୟ ରାଜପଥରେ ଜଣେ ଯୁବକଙ୍କ ଉନ୍ମତକାଣ୍ଡ ଯୋଗୁଁ କିଛି ସମୟ ରାଜପଥରେ ଯାଆ ଆସ କରୁଥିବା ପଥଚାରୀ ଆତଙ୍କିତ ହୋଇ ଯାଇଥିଲେ। ଯୁବକ ଜଣକ ମାରଣାସ୍ତ୍ର ଧରି ଏକ କାର୍‌କୁ ଆକ୍ରମଣ କରିବାରୁ କାର୍ କାଚ ଭାଙ୍ଗିଯାଇଥିବା ଶୁଣିବାକୁ ମିଳୁଛି। ପରେ ସ୍ଥାନୀୟ ଯୁବକ ମାନେ ଅସ୍ତ୍ର ଧରିଥିବା ଯୁବକକୁ କାବୁ କରି କିଛି ଉତ୍ତମ ମଧ୍ୟମ ଦେଇଥିଲେ। ପୁଲିସ ଉକ୍ତ ଯୁବକକୁ ଆଣି ଫାଣ୍ଡିକୁ ଆଣି ଅଟକ ରଖିଥିବା ଉକ୍ଳେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥି ପ୍ରକାଶ କରିଛନ୍ତି।ଯୁବକ ଜଣଙ୍କ କୋକଡ଼ମାଲ ଗ୍ରାମର ସୀମାଞ୍ଚଳ କହଁର ବୋଲି ପରିଚୟ ମିଳିଛି। ଅନ୍ୟପଟେ ସୀମାଞ୍ଚଳଙ୍କୁ ମାଡ଼ ମରାଯାଇଥିବା ନେଇ ତାଙ୍କ ସମ୍ପର୍କୀୟ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ମହିଳା ଆୟୋଗ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୮ ।୩(ସମିସ):** ମହିଳାଙ୍କ ବିରୋଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ ନିର୍ଯାତନା, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଜନ ସୁନୱାଇ (ଜନ ଶୁଣାଣି) କାର୍ଯ୍ୟକ୍ରମ ଆଜି କଳାହାଣ୍ଡି ଜିଲ୍ଲା ସଦରମହକୁମା ଭବାନୀପାଟଣା ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୨୦ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ସେଥି ମଧ୍ୟରୁ ମୋଟ ୧୮ଟି ମାମଲାରେ ଜନଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି ହୋଇ ୫ଟି ମାମଲାର ଫଏସଲା ହୋଇଥିବାବେଳେ ୩ଟି ମାମଲାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଅନ୍ୟ ୩ଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଗୋଟିଏ ମାମଲାରେ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଥିବା ବେଳେ, ୬ଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ




ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲା ଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୩ଟି ନୂତନ ମାମଲାର ପଞ୍ଜୀକରଣ ମଧ୍ୟ ହୋଇଥିଲା। ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୋଗର ସଦସ୍ୟା ମୁକ୍ତା ସାହୁ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶୈଳେନ୍ଦ୍ର ମହାପାତ୍ର, ଭବାନୀପାଟଣା ୱାନ୍ ଷ୍ଟପ୍ କେନ୍ଦ୍ରର ଅଧ୍ୟକ୍ଷ, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି, ମହିଳା ଆୟୋଗର ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନସେଲର ବନ୍ଦନା ପଟ୍ଟନାୟକ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ରାଉତ ଏବଂ ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଣ୍ଟାବାଞ୍ଜି ଷ୍ଟେସନରୁ ୯ କେଜି ଗଞ୍ଜେଇ ଜବତ

**କଣ୍ଟାବାଞ୍ଜି, ୧୮ ।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଲୱେଷ୍ଟେସନ ଦିନକୁ ଦିନ ଗଞ୍ଜେଇ ଚାଲାଣ ହବ୍ ପାଲଟିଛି। ବୁଧବାର କଣ୍ଟାବାଞ୍ଜି ରେଲୱେ ଷ୍ଟେସନରୁ ଉତ୍ତର ପ୍ରଦେଶରକୁ ଟ୍ରେନରେ ଗଞ୍ଜେଇ ଚାଲାଣ କରିବାକୁ ମାଫିଆ ଷ୍ଟେସନ ପହଞ୍ଚିବାପରେ ପୂର୍ବରୁ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ କଣ୍ଟାବାଞ୍ଜି ଅବକାରୀ ଏ.ଏସ. ଆଇ ରଶ୍ମିତା ଲାକ୍ରାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ରେଲୱେ ଷ୍ଟେସନ ରେ ଚଢ଼ଉ କରି ସେଠାରୁ ୯ କେଜି ଗଞ୍ଜେଇ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ମଧ୍ୟପ୍ରଦେଶର କିଶୋର କୁମାର ବିଶ୍ୱକର୍ମା ଓ ଉତ୍ତର ପ୍ରଦେଶ ରାଜ୍ୟର ସଞ୍ଜୟ କୁମାରଙ୍କୁ କଣ୍ଟାବାଞ୍ଜି ଅବକାରୀ ପୁଲିସ ଗିରଫ କରିବା ସହ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଛି।

# ବିଷମଗିରୀ ଓ କାଠକୁରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳରାମପୁର, ୧୮ ।୩ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ବିଷମଗିରୀ ଓ କାଠକୁରା ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଷମଗିରୀ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ (ଏସ୍ଏସ୍ଡି) ଉଦୟସିଂ ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟ ନାରାୟଣ ମୁଣ୍ଡଛିନା (ଭାରପ୍ରାପ୍ତ ଅଧ୍ୟକ୍ଷ, ଏମ୍ଏମ୍ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଶୁଭଜିତ ସ୍ୱାଇଁ (ବ୍ଲକ ମଙ୍ଗଳ ଅଧିକାରୀ), ସୁନାରାମ ସୋରେନ୍ (ସାମାଜିକ ଅଧିକାରୀ), ବିଭୂରଞ୍ଜନ ସାହୁ (ଯୋଗାଣ ଅଧିକାରୀ), ହନୁ ମାଝୀ (ସଭାପତି, ବିଦ୍ୟାଳୟ ପରିଚାଳନା କମିଟି), ସୂର୍ଯ୍ୟ ନାରାୟଣ ପଣ୍ଡା (ପୂର୍ବତନ ପ୍ରଧାନ ଶିକ୍ଷକ) ଓ ଜୟସିଂ ମାଝୀ (ସିଆର୍‌ସିସି) ଉପସ୍ଥିତ ଥିଲେ।ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସୁବାଷ ଚନ୍ଦ୍ର ନାଏକ। ସେହିପରି କାଠକୁରା ଆଶ୍ରମ ବିଦ୍ୟାଳୟରେ ମଧ୍ୟ ବାର୍ଷିକ ପାଳିତ ହୋଇଥିଲା। ପ୍ରଧାନଶିକ୍ଷକ ଡମ୍ବରୁଧର ଗଡ଼ତିଆଙ୍କ




ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶୁଭଜିତ ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁଶାନ୍ତ କୁମାର ସାହୁ (ପ୍ରଧାନ ଶିକ୍ଷକ, ଡୁମେରପଦର ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ) ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥି ଭାବେ କୈଳାସ ନାଏକ ସଭାପତି, ବିଦ୍ୟାଳୟ ପରିଚାଳନା କମିଟି ଓ ପବିତ୍ର ନାଏକ ୱାର୍ଡ ମେମ୍ବର ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସହଶିକ୍ଷକ ଧନବଳ ମାଝୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ତାପସ ଗଡ଼ତିଆ।

# ମହାକୋଶଳ କୋଶଲି ନାଟବାଦୀ-ନାଟ୍ୟଯାତ୍ରା ଉଦ୍‌ଘାଟିତ

**ବଲାଙ୍ଗିର, ୧୮ ।୩ (ସମିସ):** ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ପଲ୍ଲିଶ୍ରୀ ବିହାର, ସାଇଟ୍ କଲେଜ ପରିସରରେ ଥିବା ରାଧାକୃଷ୍ଣ ମଣ୍ଡପରେ ସାଇଟ୍ ର ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସାମାଜିକ କର୍ମୀ ସୁଲୋଚନା ମିଶ୍ରଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କ ଦ୍ୱାରା ମହାକୋଶଳ କୋଶଲି ନାଟବାଦୀ-ନାଟ୍ୟଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ନାଟ୍ୟକାର ଅଶୋକ ବହିଦାରଙ୍କ ଲିଖିତ ତଥା ପ୍ରହ୍ଲାଦ ଦର୍ଜିଙ୍କ ନିର୍ଦ୍ଦେଶିତ ନାଟକ 'ବା' ବଲାଙ୍ଗିର ନଟରାଜ କଳାପରିଷଦର କଳାକାରମାନେ ପରିବେଷଣ କରିଥିଲେ। ଏହି ନାଟକ ଟିରେ ଗୋଟିଏ ଛୋଟ ପିଲା ତାର ବାପା କିଏ ? ବାପା କେମିତି ଦେଖାଯାଆନ୍ତି ? ତାର ବାପାର କିଛି ଖୋଜଖବର ପାଉନି, କିମ୍ବା ତାର ବାପା କିଏ ଜାଣି ପାରୁନି, ଯାହାକୁ ଦେଖିଲେ ବାପା ଡାକୁଛି। ସମାଜ ପାଇଁ ସେ କଳଙ୍କ ଭାବି ସେ ଭୟଙ୍କର ରାସ୍ତାଟିଏ ବାଛିଛି। ଏହି କଥା ବସ୍ତୁକୁ ନେଇ ନାଟକ 'ବା' ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଛି। 'ବା' ନାଟକ ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ହିମାଂଶୁ ପାଢ଼ୀ (ଜୟଗୁଡି) ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ପୁନଶ୍ଚ ନାଟ୍ୟକାର ତୁଷାରକାନ୍ତ ସାହୁ (ସୋହେଲା)ଙ୍କୁ 'କୋଶଲ ଗୌରବ ନାଟ୍ୟ ସମ୍ମାନ' ଓ ରାଜିବ ଲୋଚନ ଆଚାର୍ଯ୍ୟଙ୍କୁ 'ଭାଷା ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ଦିଲୀପ ଷଡ଼ଙ୍ଗୀଙ୍କୁ 'ନାଟକ ପ୍ରତିଭା ସମ୍ମାନ' ଦିଆଯାଇଥିଲା। ଅଭିନେତ୍ରୀ ଶ୍ରୀରାଧାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରିବା ସହ ନଗଦ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଆରମ୍ଭ ହୋଇଥିବା ନାଟବାଦୀ-ନାଟ୍ୟଯାତ୍ରାର ୪ ଦିନରେ ମୋଟ ୪ଟି କୋଶଲି ନାଟକ ଓ ୩ଟି ଗୀତିନାଟ୍ୟ ଶ୍ରୀରାମଲୀଳାରୁ ହେବ ବୋଲି ରାମଜୀ ଯୁବକ ସଂଘ ତଥା ସାଇଟ୍ କଲେଜର ସମ୍ପାଦକ



ଡା. ନାରାୟଣ ପ୍ରସାଦ ମିଶ୍ର ଙ୍କ ଠାରୁ ପ୍ରକାଶ। ଦ୍ୱିତୀୟ ନାଟକଟି ଦେଓଗାଁ ବ୍ଲକ ଶ୍ରୀଦୁର୍ଗା ଗଣନାଟ୍ୟ କୁନ୍ଦେଇମାଲର କଳାକାର ମାନେ ରାମଲୀଳାର 'ଶବରଭେଟ୍' ଗୀତିନାଟ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନ୍ୟମାନଙ୍କ ମଧ୍ୟରେ ରାମଜୀ ଯୁବକ ସଂଘ ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ ତଥା ଆୟୋଜକ କମିଟିର ସଦସ୍ୟା ନମିତା ପଟେଲ, ସ୍ନିଗ୍ଧା ମିନତି ଦାନୀ, ଲୋପାମୁଦ୍ରା ମିଶ୍ର, ସନ୍ତୋଷ ବ୍ରହ୍ମା, ବୃନ୍ଦାବନ ମହାକୁର, ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ଅଶୋକ ପଧାନ, ଦେବାଶିଷ ପଟ୍ଟନାୟକ, ତଥା ଲୋକନାଥ ସିଂହ ପ୍ରମୁଖ ସହଯୋଗ କରିଥିଲେ। ଡା. ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଲୋଚନାଚକ୍ର ଓ କବିତା ଆସର

**ବଲାଙ୍ଗିର, ୧୮ ।୩ (ସମିସ):** ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ପୁନଃପ୍ରାକୃତିକରଣ ଉପଲକ୍ଷେ ପର୍ଯ୍ୟାବରଣ ସୁରକ୍ଷା ମାନେ ଜୀବନ ସୁରକ୍ଷା' ଉପରେ ଏକ ଆଲୋଚନା ଚକ୍ର ଓ କବିତା ଆସର ଆୟୋଜିତ ହୋଇଛି। ଏହି ଆଲୋଚନା ଚକ୍ର ଟି ଅଖିଳ ଭାରତୀୟ ପରିଷଦ, ବଲାଙ୍ଗିର ଶାଖା ଓ ସରକାରୀ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୌତୁକ୍ ପନ୍ଦର ଯୋଗ ଦେଉଥିବାବେଳେ ସମ୍ମାନିତ ଅତିଥିଭାବେ ଅଖିଳ ଭାରତୀୟ ପରିଷଦ ସଭାପତି ଡ. ଭବାନୀଶଙ୍କର ପଟେଲ, ସଚିବ ରାମଚନ୍ଦ୍ର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗିରିଜାଶଙ୍କର ରଥ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତା ଭାବରେ ରାଜନୀତି ବିଭାଗର ମୁଖ୍ୟ ଡ. ଅଶୋକ କୁମାର ମହାରଣା ଓ ଅର୍ଥନୀତି ବିଭାଗର ମୁଖ୍ୟ ହୃଷୀକେଶ ଦାସ ପ୍ରମୁଖ ଆଲୋଚନା କରିଥିଲେ। ଅଧ୍ୟାପକ ଆଶୀର୍ବାଦ ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୁମନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଚିବ ରାମଚନ୍ଦ୍ର ପଟେଲ ଅଖିଳ ଭାରତୀୟ ପରିଷଦର ଉଦ୍ଦେଶ୍ୟଜ୍ଞାପନ କରି କହିଥିଲେ ଯେ ଅଖିଳ ଭାରତୀୟ ପରିଷଦ 'ବିବିଧତା ଭିତରେ ଏକତା' ଭଳି ଏକ ମହନୀୟ ଉଦ୍ଦେଶ୍ୟରଖି ଏହି ପରିଷଦ ସାହିତ୍ୟ ସଂରଚନା, ସଂରକ୍ଷଣ ଓ ସମର୍ଥନ କରି ଆସିଛି ବୋଲି କହିଥିଲେ। ଅଖିଳ ଭାରତୀୟ ପରିଷଦର ସଭାପତି ଡ. ପଟେଲ ତାଙ୍କର ପୁସ୍ତକ ଗୁଡ଼ିକ ସମ୍ମାନିତ ଅତିଥିଙ୍କୁ ଅର୍ପଣ କରିଥିଲେ।



### ପର୍ଯ୍ୟଟନସ୍ଥଳ ଡୋକରୀ ଚଞ୍ଚରା ପରିଚାଳନା ପ୍ରସଙ୍ଗ

# ପରିଚାଳନା ଦାୟିତ୍ୱ ନେବାକୁ ଦାବି କଲା ଇଟିଜି

**କୋକସରା, ୧୮ ।୩(ସମିସ)**

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପରିଚାଳନା ପ୍ରସଙ୍ଗରେ ବୁଧବାର କୋକସରା ବ୍ଲକର ଖଲିଗଡ଼ ଠାରେ ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପରିଚାଳନା ନେଇ ଗତ ବର୍ଷେରୁ ଉର୍ଦ୍ଧ୍ୱ ହେବ ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ଉଚ୍ଚ ନ୍ୟାୟାଳୟରେ ପହଞ୍ଚି ବିଚାରଧୀନ ରହିଛି। ତେବେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧାନ ଲାଗି ଉଭୟ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ମଙ୍ଗଳବାର କୋକସରା ବ୍ଲକ ସଭାଗୃହରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଡିଏମ୍ ତନ୍ମୟ ଦରୱାନଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ବିଡିଓ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ଚୋଡଗଙ୍ଗ ପ୍ରଧାନ, ଆମପାଣି ଥାନା ଏସ୍ଆଇ ଈଶ୍ୱର ଚନ୍ଦ୍ର ଶିର୍କା, ବନ ବିଭାଗ ପକ୍ଷରୁ ଫରେଷ୍ଟ ରାଜେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଉଭୟ କମିଟିର ସଦସ୍ୟଙ୍କ ସହିତ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ନଥିଲା। ପରେ ରାମ ନବମୀ ପୂଜାର୍ଚ୍ଚନା ପ୍ରଶାସନ ପକ୍ଷରୁ କରିବେ ବୋଲି ଏଡିଏମ୍ ତନ୍ମୟ ଦୋରୱନା ଜଣାଇଥିଲେ। ଉଭୟ କମିଟି ପକ୍ଷରୁ ପରିଚାଳନା ଲାଗି ଲିଖିତ ପତ୍ର ଦେବାକୁ କହିଥିଲେ। ତେବେ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ପକ୍ଷରୁ ଲିଖିତ ପତ୍ରରେ ଇଟିଜି ଗ୍ରୁପ ରହିବ ନାହିଁ




ବୋଲି ପ୍ରଶାସନ ପକ୍ଷରୁ ମନା କରିବା ସହ ଗ୍ରୁପର ସମ୍ପାଦକ ମଣିରାମ ବାଣୁଆଙ୍କ ନାମରେ ଦେବାକୁ କହିଥିଲେ। ତେବେ ଏଥିରେ ଇଟିଜି କମିଟି ନାଖୁସ ହେବାସହ ସାମ୍ବାଦିକ ସମ୍ମିଳନୀ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି। ଏଥିସହିତ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ପାଦ ଦେଶରେ ଅବସ୍ଥିତ ରହିଥିବାରୁ ଆମର ହକ୍ ରହିଛି, ତେଣୁ ଡୋକରୀ ଚଞ୍ଚରା ପରିଚାଳନା ଆମକୁ ଦିଆଯାଉ ବୋଲି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ସଭାପତି ଡମ୍ବରୁ ମାଝି, ସମ୍ପାଦକ ମଣିରାମ ବାଣୁଆ, ଦିଗାମ୍ବର ନାଗ, ରଘୁନାଥ ଖମାରୀ, ଶିବପ୍ରସାଦ ବାଣୁଆ, ପଦ୍ମନ ଚଲାନ, ଖଗେଶ୍ୱର ପାଣିଗ୍ରାହୀ, ବନୁ ମାଝୀ, ନବେ ମାଝୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମଧ୍ୟରେ ଦାବି ରଖିଛନ୍ତି।ସାମ୍ବାଦିକ ସମ୍ମିଳନୀରେ କମିଟିର ସମସ୍ତ କର୍ମକର୍ତ୍ତା ସମେତ ଡୁଡୁକାଠେଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ଉପସ୍ଥିତ ଥିଲେ।

● ୧୪ ମାସରେ ୨୮ ଥର ଭତ୍ତା ଟଙ୍କା ମିଳିବା ଘଟଣା

## ହିତାଧିକାରୀଙ୍କୁ ନୋଟିସ ଜାରିକଲା ପ୍ରଶାସନ

ପଞ୍ଚୁପାଣ୍ଡବ,୧୮।୩(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ସାବିତ୍ରୀ ଦାଶ ୧୪ ମାସରେ ୨୮ଥର ଭତ୍ତା ଟଙ୍କା ପାଇବା ଘଟଣାର ତଦନ୍ତ ହୋଇଛି। ଏହି ଘଟଣାକୁ ନେଇ ଗତ ସୋମବାର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇ ବିଡିଓ ନମିତା ବାରିକ ତଦନ୍ତ କରିବା ସହ ହିତାଧିକାରୀଙ୍କୁ ବଳକା ଟଙ୍କା ଫେରାଇବା ପାଇଁ ପିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ସ୍ଥାନୀୟ ପଞ୍ଚାୟତର ପିଇଓ ମାନସ ମଲ୍ଲିକ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରିବା ସହ ଟଙ୍କା ଫେରାଇବା ପାଇଁ କହିଥିଲେ। ଏ ବିଷୟରେ ପିଇଓ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ହିତାଧିକାରୀଙ୍କୁ ନୋଟିସ୍ ଜାରି କରାଯାଇଛି। ସେ ଟଙ୍କା ମାର୍ଚ୍ଚ ୩୦ ସୁଦ୍ଧା ଫେରାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଥାଉକି ସାବିତ୍ରୀ ମାସେ କି ଦୁଇ ମାସ ନୁହେଁ, ପ୍ରାୟ ୧୪ ମାସରେ ପ୍ରାୟ ୨୮ ଥର ଭତ୍ତା ଟଙ୍କା ପାଇଥିବା ନଜରକୁ ଆସିଥିଲା। ପଞ୍ଚାୟତ ଅଫିସ ପକ୍ଷରୁ ପିଇଓମାନେ ଭତ୍ତା ଟଙ୍କା ଦେଉଥିବା ବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡେବିଟି ମାଧ୍ୟମରେ ମଧ୍ୟ ୧୪ ମାସ ଧରି ଭତ୍ତା ଟଙ୍କା ଆସୁଥିବା ଜଣା ପଡ଼ିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଡେରାବିଶ ବ୍ଲକ ପ୍ରଶାସନିକ ଅଧିକାରୀମାନେ ହିତାଧିକାରୀଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି।

## ଭତ୍ତା ପାଇଁ ୪ ବର୍ଷର ଦୌଡ଼ | ତଥାପି ବୃଦ୍ଧ ଦମ୍ପତିଙ୍କୁ ମିଳୁନି ଭତ୍ତା

କେନ୍ଦ୍ରାପଡା,୧୮।୩(ସମିସ)

ଭତ୍ତା ପାଇଁ ଦୀର୍ଘ ୪ବର୍ଷ ହେଲା ଦୌଡ଼ି ଦୌଡ଼ି ଗରଦପୁର ଗ୍ରାମର ବୃଦ୍ଧ ଦମ୍ପତି ହତାଶ ହୋଇଛନ୍ତି। ଏହି ଦମ୍ପତି ହେଲେ ସବିତା ସାହୁ (୬୪) ଓ ତାଙ୍କ ସ୍ୱାମୀ ଚକ୍ରଧର ସାହୁ। ସବିତା ପୂର୍ବରୁ ଛେଳି ପାଳନ କରି ଘର ଚଳାଉଥିଲେ। ବୟସ ବଢ଼ିବା ସହିତ ସେ ଏବେ କୌଣସି କାମ କରିପାରୁନାହାନ୍ତି। ତାଙ୍କ ସ୍ୱାମୀ ଚକ୍ରଧର ସାହୁ ମଧ୍ୟ ବୟସର ଅପରାହ୍ଣରେ ଶାରୀରିକ ଅସୁସ୍ଥତା ହେତୁ କୌଣସି କାମ କରିପାରୁନାହାନ୍ତି। ଘରେ ନିୟମିତ ଆୟର କୌଣସି ଉତ୍ସ ନଥିବାରୁ ଦୁହେଁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ପିଲା ଛୁଆ କେହି ନଥିବାରୁ ସେମାନଙ୍କର ଭରସା କେବଳ ସରକାରୀ ରାସନ ଚାଉଳ। ଚିକିତ୍ସା ପାଇଁ ଅର୍ଥାଭାବରୁ ଔଷଧ କିଣିବା ମଧ୍ୟ ସମ୍ଭବ ହେଉନାହିଁ। ଦୁହେଁ ରୋଗଗ୍ରସ୍ତ ହେଉଥିବା ସତ୍ତ୍ୱେ ଚିକିତ୍ସାରୁ ବଞ୍ଚିତ ରହୁଛନ୍ତି। ସବୁଠାରୁ ଦୁଃଖଦ ଘଟଣା ହେଲା, ପିଛଲା ୪ ବର୍ଷ ଧରି ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭତା ମିଳିନାହିଁ। ତଦନ୍ତରେ ଜଣାପଡ଼ିଛି ଯେ, ଭୋଟର କାର୍ଡରେ ସବିତାଙ୍କ ବୟସ ୬୪ ବର୍ଷ ଥିବାବେଳେ ସାମାଜିକ ସୁରକ୍ଷା



ବିଭାଗର ତଥ୍ୟରେ ସେମାନଙ୍କ ବୟସ ୫୯ବର୍ଷ ଦର୍ଶାଯାଇଛି। ଏହି ତଥ୍ୟ ଅମେଳରୁ ଭତ୍ତା ମଞ୍ଜୁର ହେଉନାହିଁ। ଏହା ସହିତ, ଭତ୍ତା କରାଇଦେବା ନାମରେ ଜଣେ ଦଲାଲ ସେମାନଙ୍କୁ ୩ ହଜାର ଟଙ୍କା ଠକିନେଇଥିବା ଅଭିଯୋଗ ମଧ୍ୟ ଆସିଛି। ଧାର କରି ସେହି ଟଙ୍କା ଦେଇଥିଲେ ମଧ୍ୟ ସେମାନଙ୍କ କାମ ହୋଇନାହିଁ, ଫଳରେ ଏବେ ଋଣର ଭାର ମଧ୍ୟ ବଢ଼ିଛି। ସରକାରଙ୍କ ପକ୍ଷରୁ ବୃଦ୍ଧ ଓ ଅସହାୟ ଲୋକଙ୍କ ପାଇଁ ଯୋଜନା ରହିଥିଲେ ମଧ୍ୟ ଏମିତି ଘଟଣା ସ୍ଥାନୀୟ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଆସାମୀଙ୍କୁ ୨୦ ବର୍ଷ ଜେଲ, ୮ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୮।୩(ସମିସ): ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛି। ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ପ୍ରଜ୍ଞା ପରମିତା ରାଉଳ ଆସାମୀ ପିତାମ୍ବର ମଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ଆସାମୀଙ୍କୁ ଜେଲ ଦଣ୍ଡ ସହିତ ୫୦ ହଜାର ଟଙ୍କା ଅର୍ଥଦଣ୍ଡ ମଧ୍ୟ ଦେଇଛନ୍ତି। ଏହି ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମସିହା ଜାନୁଆରୀ ୨୯ ତାରିଖରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଜଣେ ନାବାଳିକା ଘର ନିକଟରେ କାମ କରୁଥିବା ବେଳେ ଆସାମୀ ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ନେଇଥିଲା। ପରେ ଦୁଷ୍କର୍ମ କରିଥିଲା। ଘଟଣାକୁ କାହାକୁ କହିଲେ ଜୀବନ ନେବାକୁ ଧମକ ଦେଇଥିଲା। ଭୟଭୀତ ହୋଇ ନାବାଳିକା କିଛିଦିନ ପର୍ଯ୍ୟନ୍ତ ଘଟଣା ବିଷୟରେ କାହାକୁ କହିନଥିଲେ। କିନ୍ତୁ ପରେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖି ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଡାକ୍ତରଖାନାରେ ପରୀକ୍ଷା ପରେ ନାବାଳିକା ଗର୍ଭବତୀ ହେବା ଜଣାପଡିବା ସହ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇଁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୨୫ ଏପ୍ରିଲ ୩୦ ତାରିଖରେ ଅଭିଯୋଗପତ୍ର କୋର୍ଟରେ ଦାଖଲ ହେବା ପରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଆଧାର କରି କୋର୍ଟ ଆସାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ, ପୀଡିତାଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ନେହେରୁ ସାହୁ ମାମଲାର ପରିଚାଳନା କରୁଥିଲେ।

## ସାଇବର ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୮।୩(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ପଟ୍ଟାମୁଣ୍ଡାଇ ସବଡ଼ିଭିଜନ ହସ୍ପିଟାଲ ଠାରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶ୍ରୀକାନ୍ତ ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ନିରାକାର ପରିଡ଼ା, ସାମ୍ବାଦିକ ପ୍ରବୀର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଥାନା ଏସଆଇ କୌଶିକା ରାଉତରାୟ, ସବଡିଭିଜନ ହସ୍ପିଟାଲ ପକ୍ଷରୁ ବି ପି ଏମ ପ୍ରଶାନ୍ତ କୁମାର ଜେନା, ପି ଏଚ ଓ ସ୍ନେହଲତା ମହାନ୍ତି, ଚିତ୍ତ ରଞ୍ଜନ ଚାନ୍ଦ, ନୃସିଂହ ଦାସ, ସଞ୍ଜୟ କୁମାର ଦାସ ପରିଚାଳନା କରିଥିଲେ।

● ପୁଲିସକୁ ଦୁର୍ବୃତ୍ତଙ୍କ ଖୋଲା ଚ୍ୟାଲେଞ୍ଜ

## ଦିନରେ ଭାଙ୍ଗିଦେଲେ ଏସି ଆଉଟଡୋର ୟୁନିଟ୍

ପଟ୍ଟାମୁଣ୍ଡାଇ,୧୮।୩(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି ଦୁର୍ବୃତ୍ତ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ବଜାରରେ ଥିବା ଏକ କମନ ସର୍ଭିସ ସେଣ୍ଟରର ଏସି ଆଉଟଡୋର ୟୁନିଟଟି ସେଣ୍ଟର ସାମ୍ନା ପାଶ୍ୱର୍ରେ ଲାଗିଥିଲା। ଅଭିଯୋଗ ଅନୁଯାୟୀ ଗତକାଲି ସେଣ୍ଟର ଅପରେଟର ଅପରାହ୍ନ ୨ଟା ୩୦ରେ ସେଣ୍ଟର ବନ୍ଦ କରି ଘରକୁ ଖାଇବାକୁ ଯାଇଥିଲେ। ତାଙ୍କ ଯିବାପରେ ସେଣ୍ଟରର ପାଖ ଦୋକାନୀ ଅରକ୍ଷିତ ମଳିକ ଆଉଟ ଡୋର ୟୁନିଟ ଟିକୁ ଶାବଳ ବିଭିନ୍ନ ଜାଗାରେ ଭୁସି ତାଡି ଭାଙ୍ଗି ଦେଇଥିଲେ। ଖବରପାଇ ସେଣ୍ଟର ଅପରେଟର ଆସି



ଅରକ୍ଷିତଙ୍କୁ ପଚାରିବାରୁ ସିଏ ତାଙ୍କୁ ଅଶ୍ଳୀଳ ଭାଷାରେ ଗଲି ଗୁଲଜ କରିବା ସହିତ ମାରିବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ଗ୍ରାମାଞ୍ଚଳ ଥାନାରେ ସେଣ୍ଟର ମାଲିକ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଆସି ଘଟଣାସ୍ଥଳ ଦେଖି ଯାଇଥିଲେ ଏବଂ ଅରକ୍ଷିତଙ୍କୁ ଥାନାକୁ ଯିବାକୁ କହିଥିଲେ। ସନ୍ଧ୍ୟାରେ ସେଣ୍ଟର ଅପରେଟର ଥାନାକୁ ଆଇଆଇସିଙ୍କୁ ଦେଖା କରିବାକୁ ଯାଇଥିବା ବେଳେ ଅରକ୍ଷିତ ପୁଲିସକୁ ଚ୍ୟାଲେଞ୍ଜ କରି ପୁନର୍ବାର ସେଣ୍ଟର ଆଗରେ ଲାଗିଥିବା ଲାଇଟ୍‌କୁ ଭାଙ୍ଗିବା ସହିତ ବିଜୁଳି ତାରକୁ ଛିଣ୍ଡାଇ ଦେଇଥିଲେ। ପୁଲିସର ଡାକରା ସତ୍ତ୍ୱେ ବି ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଥାନାକୁ ନ ଯାଇ ପୁଲିସକୁ ଖୋଲା ଚ୍ୟାଲେଞ୍ଜ କରୁଥିବା ଜଣା ପଡ଼ିଛି।

## ୫୫ ଅଭିଯୋଗରୁ ୩୨ଟିର ସମାଧାନ



ମହାକାଳପଡ଼ା,୧୮।୩(ସମିସ): ମହାକାଳପଡ଼ା ବ୍ଲକ୍ ଖରିନାସୀ ପଞ୍ଚାୟତରେ ଆଜି 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମବାସୀମାନେ ଜମି ସମସ୍ୟା, ପାନୀୟ ଜଳ, ଭତ୍ତା, ରାସ୍ତା ଓ ବିଦ୍ୟୁତ ସମସ୍ୟା ଭଳି ମୋଟ୍ ୫୫ ଟି ଅଭିଯୋଗ ଦାଖଲ କରିଥିଲେ। ଉପସ୍ଥିତ ଅଧିକାରୀମାନେ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହିତ ଶୁଣି ସେଥିରୁ ୩୨ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଇଥିଲେ। ୧୨ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ମହାକାଳପଡ଼ାର ଭାରା ପ୍ରାପ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ା ଓପଞ୍ଚାୟତ କାଯ୍ୟନିବାହି ଅଧିକାରି ବିଜୟ କୁମାର ସେଠି, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା



ଡେରାବିଶ, ୧୮।୦୩(ସମିସ): ଡେରାବିଶ ବ୍ଲକ ହରିଅଙ୍କସ୍ଥିତ ଆଦ୍ୟାଶା ଫାଉଣ୍ଡେସନ୍ ତରଫରୁ ବସନ୍ତପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥିଙ୍କ ନେତୃତ୍ୱରେ ଫାଉଣ୍ଡେସନ୍‌ର ସଦସ୍ୟ ପ୍ରତୋଶ ରଞ୍ଜନ ବସନ୍ତିଆ, ଦିପକ କୁମାର ଜେନା, ସନ୍ତୋଷ ମଲିକ, ମଣ୍ଟୁ ମଲିକ, ପ୍ରଦୀପ ରଞ୍ଜନ ବସନ୍ତିଆ, ରାକେଶ ଜେନା, ସୌରଭ ରାଉତରାୟ, ଦିଲ୍ଲୀପ ଓଝା, ମନୋରଞ୍ଜନ ମନ୍ତ୍ରୀ, ପୁଷ୍ପଲତା ଓଝା, ରାଜେନ୍ଦ୍ର ପ୍ରଧାନ, ମନୋରଞ୍ଜନ ଜେନା ପ୍ରମୁଖ ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ ସହିତ ପିନ୍ଧିବା ବସ୍ତ୍ର, ପିଲାମାନଙ୍କର ପୋଷାକ ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଚଳିତମାସ ୧୨ ତାରିଖ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ବସନ୍ତପୁର ଗ୍ରାମର ୫ଟି ପରିବାରର ସର୍ବସ୍ୱ ପୋଡ଼ି ନଷ୍ଟ ହୋଇଯାଇଥିଲା।

## ଦୁର୍ଘଟଣାରେ କେନ୍ଦ୍ରାପଡ଼ା ବିଧାୟକଙ୍କ ଭାଇଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୧୮।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଘଟିଥିବା ଏକ ଦୁଃଖଦ ଦୁର୍ଘଟଣାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସାନ ଭାଇ ସର୍ବେଶ୍ୱର ବେହେରା (୪୬)ଙ୍କ ଦେହାନ୍ତ ଘଟିଛି। ଏହି ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗତ ସପ୍ତାହରେ ସର୍ବେଶ୍ୱର ବେହେରା ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ବାଇକ୍‌ରେ କେନ୍ଦ୍ରାପଡ଼ାକୁ ଫେରୁଥିବା ସମୟରେ ଏକ ଯାନ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ତେବେ ସମସ୍ତ ପ୍ରୟାସ ସତ୍ତ୍ୱେ ବୁଧବାର ସର୍ବେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଭୁବନେଶ୍ୱରରେ ପଞ୍ଚନାମା ପ୍ରକ୍ରିୟା ସମ୍ପନ୍ନ ହେବା ପରେ ତାଙ୍କ ମୃତଦେହକୁ ଏକ ବିରାଟ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ାକୁ ଅଣାଯାଇଥିଲା। ମୃତଦେହ ଗ୍ରାମରେ ପହଞ୍ଚିବା ସମୟରେ ବିଭିନ୍ନ ସ୍ଥାନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷ ଏହି ଦୁଃଖଦ ସମୟରେ ବିଧାୟକ ଗଣେଶ୍ୱର ବେହେରା ଓ ପରିବାର ସଦସ୍ୟମାନେ ମୃତ୍ୟୁଶଯ୍ୟା



ନିକଟରେ ଉପସ୍ଥିତ ଥିଲେ। ସର୍ବେଶ୍ୱର ବେହେରାଙ୍କ ବିୟୋଗ ଖବର ପ୍ରସାରିତ ହେବା ସହିତ ଅଞ୍ଚଳର ବିଭିନ୍ନ ରାଜନୈତିକ ନେତା ଓ ସମାଜସେବୀ ଗଭୀର ଶୋକ ପ୍ରକାଶ କରିଥିଲେ। ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭୋଳ, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ହିରନ୍ୟ ପଣ୍ଡା, ବିଜୟ ମଣ୍ଡଳ ସହିତ ଅନେକ ଜଣ ପ୍ରମୁଖ ବ୍ୟକ୍ତି ଶୋକବାର୍ତ୍ତା ଜଣାଇଥିଲେ। ଚଉଦକୁଲାଟ ଗ୍ରାମର ଶ୍ମଶାନଘାଟରେ ସର୍ବେଶ୍ୱର ବେହେରାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ଅବିନାଶ ବେହେରା ମୁଖ୍ୟାଗ୍ନି ଦେଇଥିଲେ।

## ମାଙ୍କଡ଼ କାମୁଡ଼ାରେ ୨ ଗୁରୁତର

ଡେରାବିଶ,୧୮।୩(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମରେ ଗତ ସୋମବାର ଠାରୁ ଏକ କାମୁଡ଼ା ମାଙ୍କଡ଼ ଦଳ ଗ୍ରାମରେ ଆତଙ୍କ ସୃଷ୍ଟି କରିଛନ୍ତି। ଏହି ଦଳ ମଧ୍ୟରେ ରହିଥିବା ଏକ ମାଙ୍କଡ଼ କାମୁଡ଼ାରେ ଗ୍ରାମର ଗୌରହରି ମିଶ୍ରଙ୍କ ପୁଅ ରଞ୍ଜିତ (୨୮) ଓ ଦିଗମ୍ବର ମଲିକଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ (୨୫) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼ କାମୁଡ଼ିବାରୁ ନିଜକୁ ରକ୍ଷା କରିବାକୁ ଗତ ତିନିଦିନ ହେବ ଗ୍ରାମର ଲୋକମାନେ ଭୟରେ ଘରୁ ବାହାରକୁ ବାହାରୁ ନାହାନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବନବିଭାଗ ନିକଟରେ ଅଭିଯୋଗ କରିବା ପରେ ଡେରାବିଶ ବନପାଳ ସୁକାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଗ୍ରାମରେ ପହଞ୍ଚି କାମୁଡ଼ା ମାଙ୍କଡ଼କୁ ଧରିବାକୁ ଉଦ୍ୟମ କରିଥିଲେ। ବିଭାଗର କର୍ମଚାରୀଙ୍କ ବହୁ ପ୍ରୟାସ ପରେ ଗୋଟିଏ ମାଙ୍କଡ଼କୁ ଧରିବାରେ ସକ୍ଷମ ହୋଇଥିଲେ। ମାତ୍ର ଏଯାଏ ଲୋକମାନଙ୍କ ଭିତରେ ଥିବା ଭୟ ଦୂର ହୋଇନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମ ନିକଟରେ ଥିବା ଏକ ବଣରେ ଏହି ମାଙ୍କଡ଼ ଦଳ ରହୁଥିବା ବେଳେ ଗ୍ରାମମଧ୍ୟକୁ ଆସି ଘର ଭିତରକୁ ପଶିଯାଉଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି।



## ବାଘମାରିରେ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ରାଜନଗର,୧୮।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ୯ଟି ବ୍ଲକ୍‌ରେ ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୧ ତାରିଖ



ଦିନ ରାଜନଗର ବ୍ଲକର ତାଳଚୁଆ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଆଜି ବାଘମାରୀ ପଞ୍ଚାୟତରେ ଅଭିଯୋଗ ଶୁଣିଛି ପ୍ରଶାସନ। ବିଡିଓ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଡେପୁଟି କଲେକ୍ଟର ନିତ୍ୟ ରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରମୁଖ ଯୋଗଦେଇ ୩୨ଟି ଅଭିଯୋଗର ଶୁଣାଣି କରିଥିଲେ। ରାସନ କାର୍ଡ, ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ନେଇ ଅଭିଯୋଗ ଆସିଥିଲା। ଏପରିକି ଗତ ୩/୪ ମାସ ଧରି ହିତାଧିକାରୀ ଭତ୍ତା ପାଉନଥିବା ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ବ୍ଲକ୍‌ର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇ ପଳାଉଥିବା ହାଇୱା ଜବତ

ରାଜକନିକା,୧୮।୩(ସମିସ): ଗତକାଲି ରାତିରେ ଏକ ପଥର ବୋଝେଇ ହାଇୱା (ଓଡି ୦୪ ଜେ ୧୭୩୫) ଟାୟାର ଫାଟିବା ପରେ ବି ଦ୍ରୁତ ଗତିରେ ବିପଜ୍ଜନକ ଅବସ୍ଥାରେ ଯାଉଥିବା ବେଳେ ରାଜକନିକା ପୁଲିସ



ଏହାକୁ ଜବତ କରିଛି। କଟକ ଚାନ୍ଦବାଲି ରାସ୍ତାରେ ଅତି ଦ୍ରୁତ ଗତିରେ ଚାନ୍ଦବାଲି ଆଡ଼କୁ ଯାଉଥିବା ଏହି ଟ୍ରକ ଆଳି ମାଳପାଟଣା ଅଞ୍ଚଳରେ ଦୁଇ ଗୋରୁକୁ ଆଗପଟୁ ଧକା ଦେଇ ମାରିବା ପରେ ଖସି ଯିବାକୁ ଚେଷ୍ଟା କରିଥିଲା। ଯାହାକୁ ପୁଲିସ ଜବତ କରିଛି। ରାଜକନିକା ଅଞ୍ଚଳର କଣ୍ଟପଡ଼ା ବଜାରରୁ ରାଜକନିକା ପୁଲିସ ଏହାକୁ ଜବତ କରିଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ପଥର, କୋଇଲା, ବାଲି, ମାଟି, ଗୋରୁ ଚାଲାଣରେ ହାଇୱା ନିୟୋଜିତ ହେବା ଏବଂ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳକମାନେ ବେପରୁଆ ଗାଡି ଚଳାଇବାକୁ ନେଇ ଆତଙ୍କ ଖେଳିଯାଇଛି।

## ଦୁର୍ଘଟଣାରେ ବ୍ୟବସାୟୀ ଗୁରୁତର

ରାଜନଗର,୧୮।୩(ସମିସ): ରାଜନଗର ତାଳଚୁଆ ରାସ୍ତାରେ ଆଜି ଭୋରୁ ଏକ ଅଟୋ ଧକ୍କାରେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଭୋର ପ୍ରାୟ ୫ ଘଟିକା ସମୟରେ ମହୁଲିଆ ପଞ୍ଚାୟତ କଣି ଗାଁର ସୁରେଶ ସ୍ୱାଇଁ ରାସ୍ତା ପାଖ ବିଲ ନିକଟକୁ ଗାଈ ପାଇଁ କୁଟା ନେବାକୁ ଆସିଥିଲେ। ରାସ୍ତା କଡ଼ରେ ଗାଡ଼ି ରଖୁଥିବା ସମୟରେ ତାଳଚୁଆ ପଟୁ



ଆସୁଥିବା ଓଡି ୨୯ ଜେ ୮୦୮୧ ନମ୍ବର ଡାଲା ଅଟୋ ମୋଟର ସାଇକଲକୁ ପଛପଟୁ ଧକ୍କା ଦେଇଥିଲା। ଅଟୋଟି ଏତେ ଦ୍ରୁତ ଗତିରେ ଆସୁଥିଲା ମୋଟର ସାଇକଲ ସହିତ ସୁରେଶ ୧୦୦ ଫୁଟ ଛିଟିକି ପଡ଼ିଥିଲେ। ସକାଳେ କେହି ନଥିବାର ସୁଯୋଗ ନେଇ ଡ୍ରାଇଭର କାଚ ଭାଙ୍ଗି ବାହାରି ପଳାଇଥିଲା। ସୁରେଶଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଓ ବାଇକ୍ ଜବତ କରିଛି।

## ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ

ମାର୍ଶାଘାଇ,୧୮।୩(ସମିସ): ମାର୍ଶାଘାଇ ବ୍ଲକ୍ କରିଲୋପାଟଣା ସ୍ନାତକ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି (୫୮)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନାନୁସାରେ, ଶ୍ରୀ ମହାନ୍ତି କରିଲୋପାଟଣାରୁ ଭୁବନେଶ୍ୱର ଅଭିମୁଖେ ବାଇକ୍ ଯୋଗେ ଯାଉଥିବାବେଳେ ପଛପଟୁ ଆସୁଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା।



ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ସ୍ଥାନୀୟ କୁଦାନଗରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପରେ ପୋଷ୍ଟମର୍ଟମ ପାଇଁ ମୃତଦେହକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଛାଇଯାଇଛି। ମୃତ ଅଧ୍ୟାପକ ଜଣେ ସମର୍ପିତ ଶିକ୍ଷକ ଓ ସାଧାରଣ ମଣିଷଙ୍କ ମଧ୍ୟରେ ଖୁବ୍ ପ୍ରିୟ ଥିବାରୁ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ, ଧକ୍କା ଦେଇଥିବା ଗାଡ଼ିର ସନ୍ଧାନ ପାଇଁ ଉଦ୍ୟମ କରୁଛି।

## ପାନୀୟଜଳ ବ୍ୟବସ୍ଥା ସୁନିଶ୍ଚିତ ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦ୍ରାପଡ଼ା,୧୮।୩(ସମିସ)

ଆସନ୍ତା ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମ୍ଭାବ୍ୟ ଜଳ ସଂକଟକୁ ସମୟୋପଯୁକ୍ତ ଭାବେ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ପାନୀୟ ଜଳ ବ୍ୟବସ୍ଥା ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇଥିଲା।

ବୈଠକରେ ବିଶେଷ କରି ମହାକାଳପଡ଼ା ବ୍ଲକର କିଛି ପଞ୍ଚାୟତରେ ଲୁଣିଆ ପାଣି ପ୍ରଭାବରୁ ସୁରକ୍ଷିତ ପିଇବା ପାଣିର ଅଭାବ ଥିବା ବିଷୟ ଉଠିଥିଲା। ଟ୍ୟୁବୱେଲ ଓ ପାଇପ୍ ଜଳଯୋଗାଣ ସ୍ରୋତଗୁଡ଼ିକ ଲୁଣିଆ ପାଣିରେ ପ୍ରଭାବିତ ହେବାରୁ ସ୍ଥାନୀୟ ଲୋକମାନେ ପିଇବା ଓ ରନ୍ଧନ ପାଇଁ ସୁରକ୍ଷିତ ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିର ସମାଧାନ ପାଇଁ ନଦୀଜଳକୁ ପରିଶୋଧନ କରିବାରେ ୨ଟି ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ବ୍ୟବହାର କରାଯାଉଛି। ପରିଶୋଧିତ ପାଣିକୁ ଗ୍ରାମଗୁଡ଼ିକରେ ପହଞ୍ଚାଇବା ପାଇଁ ୬ଟି ଟ୍ରାକ୍ଟର ଟ୍ୟାଙ୍କର୍ ନିଯୁକ୍ତ କରାଯାଇଥିବା ବେଳେ ଏହା ଦ୍ୱାରା ପ୍ରାୟ ୧୬,୯୪୪ ଜଣ ଲୋକ ସିଧାସଳଖ ଉପକୃତ ହେଉଛନ୍ତି। ଏହା ସହିତ ଜିଲ୍ଲାର ସମସ୍ତ ହାଣ୍ଡପମ୍ପ, ଟ୍ୟୁବୱେଲ୍ ଓ ପାଇପ୍ଡ୍ ଜଳଯୋଗାଣ ଯୋଜନାଗୁଡ଼ିକୁ ମୋବାଇଲ୍ ଟିମ୍ ମାଧ୍ୟମରେ ଯାଞ୍ଚ ଓ ମରାମତି କରାଯାଇଛି। ଜିଲ୍ଲାର ୧୭,୮୦୭ଟି ଟ୍ୟୁବୱେଲ୍‌ର ଆବଶ୍ୟକ ରକ୍ଷଣାବେକ୍ଷଣ କାମ ସମାପ୍ତ ହୋଇଛି। ସେହିପରି ୪୨୫ଟି ପିଡ୍ବ୍ଲ୍ୟୁଏସ, ୬୫ଟି ସୋଲାର ପିଡ୍ବ୍ଲ୍ୟୁଏସ ଓ ୧୮୭ଟି ସୋଲାର ଡୁଆଲ୍ ପମ୍ପ ୟୁନିଟ୍‌କୁ ଯାଞ୍ଚ କରି ମରାମତି କରାଯାଇଛି। ଜଳ ସଂକଟ ପ୍ରଭାବିତ ଅଞ୍ଚଳରେ ୧୭ଟି ନୂତନ ଟ୍ୟୁବୱେଲ୍ ସ୍ଥାପନ କରାଯାଇଥିବା ବେଳେ ଜିଲ୍ଲାରେ ମୋଟ ୩୦ଟି ଜଳ ସଂକଟ ପକେଟ୍ ଚିହ୍ନଟ କରାଯାଇଛି। ଜଳର ଗୁଣବତ୍ତା ବୃଦ୍ଧି ପାଇଁ କେତେକ ଟ୍ୟୁବୱେଲ୍‌କୁ ଅଧିକ ଗଭୀର କରାଯାଇଛି।

ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ଜଳ ଆବଶ୍ୟକତାକୁ ମନେରଖି ଜଳ ଟ୍ୟାଙ୍କର୍ ସେବାକୁ ମଧ୍ୟ ଶକ୍ତିଶାଳୀ କରାଯାଉଛି। ବର୍ତ୍ତମାନ ମହାକାଳପଡା ବ୍ଲକରେ ୭ଟି ଜଳ ଟ୍ୟାଙ୍କର୍ ସହ ୨ଟି ମୋବାଇଲ୍ ଟ୍ରିଟମେଣ୍ଟ ୟୁନିଟ୍ କାର୍ଯ୍ୟରତ ଥିବାବେଳେ ଜିଲ୍ଲାର ୯ଟି ବ୍ଲକରେ ୧୨ଟି ମୋବାଇଲ୍ ଟିମ୍ ନିଯୁକ୍ତ ହୋଇଛି। ଆବଶ୍ୟକତା ଅନୁଯାୟୀ ଆହୁରି ଟ୍ୟାଙ୍କର୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ସମୀକ୍ଷା ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ଜଳ ସଂକଟ ସମସ୍ୟାର ସମାଧାନ ପାଇଁ ସମୟୋପଯୁକ୍ତ ପଦକ୍ଷେପ, ସଠିକ ନିରୀକ୍ଷଣ ଓ ତତ୍ପର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗ୍ରୀଷ୍ମ ଋତୁରେ ପାଣି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସଦା ସଚେତନ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।


St. XAVIER'S HIGH SCHOOL ®
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)

**IMPORTANT ADVISORY TO PARENTS:** All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
**A/C No. : 926020008300220**

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
**A/C No. : 182101000002533**


-By order of Managment

# ଶ୍ରୀକ୍ଷେତ୍ର ସିଟି

୧୮/୩/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୯,୮୧୩/- | ସୁନା:୦୬.୩୦୦ ଗ୍ରାମ୍ | ରୁପା: ୨୦.୦୦୦ ଗ୍ରାମ୍







## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୮।୩(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୨୫ରେ ଦ୍ୱିପ୍ରହର ଧୂପ ସରିବା ପରେ ତଡ଼ପଲାଗି ହୋଇଥିଲା। ୫ଟା ୨୦ରେ ପହଡ଼ ଆଳତି ସରିବା ପରେ ସାଢ଼େ ୫ଟାରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦଇତାପତି ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦଇତାପତି ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

● ଆଧାର କାର୍ଡ ପ୍ରସ୍ତୁତିର ସମୀକ୍ଷା

## ପ୍ରସ୍ତୁତି ସରିଛି ୧୪.୭୧ ଲକ୍ଷ ଆଧାର କାର୍ଡ

ପୁରୀ,୧୮।୩(ସମିସ): ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ବୁଧବାର ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଆଧାର କାର୍ଡ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ରେ ସମୁଦାୟ ୧୪ ଲକ୍ଷ ୭୧ ହଜାର ୯୧୬ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତି ସରିଛି। ସେଥିମଧ୍ୟରୁ ୦ରୁ ୫ ବର୍ଷ ବୟସର ଶିଶୁ ୯୧,୦୦୭ ଜଣଙ୍କ ମଧ୍ୟରୁ ୪୦,୯୨୪ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତି ହୋଇଛି। ୫ରୁ ୧୮ ବର୍ଷ ମଧ୍ୟରେ ୨ ଲକ୍ଷ ୬୫ ହଜାର ୬୦୩ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତ ସରିଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ୧୧ ଲକ୍ଷ ୬୫ ହଜାର ୩୮୯ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତି ହୋଇଛି। ଏହି ଅବସରରେ ଜିଲ୍ଲାରେ ପୂର୍ଣ୍ଣାଙ୍ଗ ଆଧାରକାର୍ଡ ପ୍ରସ୍ତୁତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତି ୧୦ ବର୍ଷରେ ଆଧାରକାର୍ଡ ଅପ୍‌ଡେଟ୍ କରିବା ସମସ୍ତ ବର୍ଗର ଲୋକଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ୟୁଆଇଡିଏଆଇ ଆଧାର ଭୁବନେଶ୍ୱରରୁ ଆସିଥିବା ଅଧିକାରୀ କହିଥିଲେ। ବୈଠକରେ ସାଧାରଣ ଓ ବିବିଧ ବିଭାଗର ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ଏସ୍‌ପି ଡିଆଇବି ଦେବୀ ଶଙ୍କର ପ୍ରତାପ, ମ୍ୟାନେଜର ଇଣ୍ଡିଆ ପୋଷ୍ଟ ଅନୁଜ ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ରିନା ସରିତା ଭୁର, ପୀୟୂଷ ଚକ୍ରବର୍ତ୍ତୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ପ୍ରକଳ୍ପ ସାଂସ୍କୃତିକ ଓ ବୈଷୟିକ ସବ୍ କମିଟିର ଯୁଗ୍ମ ବୈଠକ

# ରଘୁନନ୍ଦନ ଲାଇବ୍ରେରୀର ଡିପିଆର୍ ଚୂଡ଼ାନ୍ତ

ପୁରୀ,୧୮।୩(ସମିସ)



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୁଧବାର ପ୍ରକଳ୍ପ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭର୍ଚୁଆଲରେ ଯୋଗଦେଇଥିଲେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏଥିରେ ଶ୍ରୀମନ୍ଦିର ସହିତ ଜଡ଼ିତ ବିଭିନ୍ନ ପ୍ରକଳ୍ପ ରୂପରେଖ ବିଷୟରେ ଆଲୋଚନା କରାଯାଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଏମାର ମଠ ନିକଟରେ ବିଶ୍ୱସ୍ତରୀୟ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ ହେବ। ଏଥିପାଇଁ ପ୍ରସ୍ତୁତ ଡିପିଆର୍ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ପୂର୍ବରୁ ରଘୁନନ୍ଦନ ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକର

■ ଏମାର ମଠ ନିକଟରେ ହେବ ଲାଇବ୍ରେରୀ, ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର
■ ଖୁବ୍‌ଶୀଘ୍ର ଆଦର୍ଶ ଗୁରୁକୁଳ ଚିହ୍ନଟ ଜାଗାରୁ ଉଚ୍ଛେଦ ହେବ ଜବରଦଖଲ
■ ମେ' ମାସ ସୁଦ୍ଧା ଗୁଣ୍ଡିଚାମନ୍ଦିରର କାମ ସାରିବାକୁ ଓବିସିସିକୁ ନିର୍ଦ୍ଦେଶ

ଡିଜିଟାଇଜେସନ କରାଯିବ। ଜଗନ୍ନାଥ ସଂସ୍କୃତି ବିଷୟରେ ଏଠାରେ ଗବେଷଣା ହେବ। ସେହିପରି ଏମାର ମଠ ନିକଟରେ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ମଧ୍ୟ ନିର୍ମାଣ କରାଯିବ। ତେବେ ଦୀର୍ଘବର୍ଷ ହେବ ପ୍ରସ୍ତାବିତ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ କାମ ଏ ଯାଏ ଆରମ୍ଭ କରାଯାଇନାହିଁ। ଏହା ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। କାରଣ ସେବାୟତ ଘରର ପିଲାମାନେ ମହାପ୍ରଭୁଙ୍କ ସେବାପୂଜା ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ନିଜକୁ ପ୍ରତିଷ୍ଠିତ କରିପାରିବେ ସେଥିପାଇଁ ଅଣ୍ଟା ଭିଡ଼ିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ସେମାନଙ୍କ ଲାଗି ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳର ପରିକଳ୍ପନା କରାଯାଇଥିଲା। ସେବାୟତ ପିଲାମାନେ ଗୁରୁକୁଳମ୍‌ରେ ରହି ଫର୍ମାଲ ଶିକ୍ଷା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଅଧିକ ଜ୍ଞାନ ହାସଲ କରିପାରିବେ। ସେମାନେ ଯେପରି ନିଜକୁ ଜଣେ ଆଦର୍ଶ ଓ ନୀତିବାନ ମଣିଷ ଭାବେ ଗଢ଼ିପାରିବେ ତାହା ଆଦର୍ଶ ଗୁରୁକୁଳ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ରହିଛି। ହେଲେ ୧୨/୧୩ ବର୍ଷ ହେବ ଏ ନେଇ ଆଲୋଚନା କରାଯାଉଥିଲେ ହେଁ ଏ ପର୍ଯ୍ୟନ୍ତ ଇଟା ଖଣ୍ଡିଏ ପଡ଼ିପାରିଲା ନାହିଁ ବୋଲି ସେବାୟତ ପ୍ରତିନିଧି କହିଥିଲେ। ତେବେ ଗୁରୁକୁଳ ପାଇଁ ଚିହ୍ନଟ ସ୍ଥାନରେ କିଛି ଜମି ଜବରଦଖଲ ରହିଛି। ଏହାକୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବା ପରେ ପ୍ରକ୍ରିୟା ଆଗେଇବ ବୋଲି କୁହାଯାଇଥିଲା। ସେହିପରି ସେବାୟତ ବାସଗୃହ ନିର୍ମାଣ ନେଇ ସମସ୍ତ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

କୋଭିଡ୍ କଟକଣା ପରଠାରୁ ଗୁଣ୍ଡିଚା ମନ୍ଦିର ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିଛି। କେବଳ ରଥଯାତ୍ରା ସମୟକୁ ବାଦ୍ ଦେଲେ ଅନ୍ୟ ବେଳେ ଭକ୍ତଙ୍କୁ ଛଡ଼ାଯାଉ ନାହିଁ। ଏହାକୁ ଖୋଲିବା ଲାଗି ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିବାବେଳେ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓବିସିସି ଦ୍ୱାରା ଜାରି ରହିଛି। ଆସନ୍ତା ମେ' ମାସ ସୁଦ୍ଧା ସମସ୍ତ କାର୍ଯ୍ୟ ସାରି ଶ୍ରୀମନ୍ଦିର ପ୍ରଶାସନକୁ ଗୁଣ୍ଡିଚା ମନ୍ଦିର ହସ୍ତାନ୍ତର କରିବା ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୈଠକରେ ପୁରୀ ବଡ଼ଦାଣ୍ଡର ଉନ୍ନତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନର ନୀଳାଚଳ ଭକ୍ତ ନିବାସ ପ୍ରଶସ୍ତୀକରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ବାସେଳିସାହି ଧର୍ମଶାଳା ରଥଯାତ୍ରା ପୂର୍ବରୁ ସାରିବାକୁ ଯୋଜନା ରହିଛି। ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବାରୁ ଓବିସିସି ଦ୍ୱାରା ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟ କିଭଳି ରଥଯାତ୍ରା ପୂର୍ବରୁ ଶେଷ ହେବ ସେ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକ ଶେଷରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଥିଲେ, ବୈଠକରେ ଅନେକ ପ୍ରକଳ୍ପର ଡ୍ରଇଁ, ଡିଜାଇନ୍, କାର୍ଯ୍ୟ ସମାପ୍ତି କେବେ ହେବ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ପାଠାଗାର ନିର୍ମାଣ, ଗୁଣ୍ଡିଚା ମନ୍ଦିର, ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ, ନୀଳାଚଳ ଭକ୍ତ ନିବାସ ପ୍ରଶସ୍ତୀକରଣ, ବଡ଼ଦାଣ୍ଡ ଉନ୍ନତୀକରଣ ବିଷୟରେ ଆଲୋଚନା କରାଯାଇଛି। ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିରର ଜରୁରୀ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଓବିସିସି ଅଧିକାରୀ ଏବଂ ସବ୍ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାଁରେ ତଞ୍ଚକତା

ପୁରୀ,୧୮।୩(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାଁରେ ତଞ୍ଚକତା କରି ଅନ୍ୟ ଏକ ସଂଘ ବୈଠକ କରିବାକୁ ଯାଉଛି। ଏହି ବୈଠକକୁ ମୂଳ ସଂଘର ସଭ୍ୟମାନେ ନ ଯିବା ପାଇଁ ସଂଘ ବାରଣ କରିଛି। ବୁଧବାର ସ୍ଥାନୀୟ ଯୁଥ୍ ହଷ୍ଟେଲରେ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସଭ୍ୟମାନଙ୍କୁ ଅନୁରୋଧ କରିଛନ୍ତି କର୍ମକର୍ତ୍ତା। ଏହି ସମ୍ମିଳନୀରେ ଉପସ୍ଥିତ ସଂଘ କର୍ମକର୍ତ୍ତା କହିଛନ୍ତି, ୨୦୧୨ରୁ ଭବାନୀପାଟଣାଠାରେ ନିର୍ବାଚିତ ହୋଇଥିବା ପ୍ରାକ୍ତନ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତା କୋଭିଡ୍ ଏବଂ ଅନ୍ୟ କାରଣବଶତଃ ନିର୍ବାଚନ କରିପାରି ନ ଥିଲେ। ୨୦୨୪ରେ ପୁରୀ ରେଲ୍‌ୱେ କଲ୍ୟାଣ ମଣ୍ଡପ ନିର୍ବାଚନକୁ ଭଣ୍ଡୁର କରିବା ପରେ କିଛି ଲୋକ ନୂତନ ଭାବେ ସମିତିରେ ପ୍ରବେଶ କରି ନିଜକୁ ସଭାପତି ଓ ସମ୍ପାଦକ ବୋଲାଉଛନ୍ତି। ୨୦୨୪ ଅଗଷ୍ଟ ୧୮ରେ ସାମ୍ବିଧାନିକ ଭାବେ କଟକ ବକ୍ସିବଜାର ବଢ଼େଇ ସାହି ମୋହନ ମଣ୍ଡପଠାରେ ୧୪ ଜଣିଆ ପ୍ରାଦେଶିକ କାର୍ଯ୍ୟନିର୍ବାହୀ କମିଟି ପୂର୍ବତନ ସଭାପତି ବଟକୃଷ୍ଣ ଓଝା ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାରଣାଙ୍କଠାରୁ ଦାୟିତ୍ୱ ଅପସାରଣ କରି ନୂତନ ଭାବେ ସଭାପତି ନିର୍ବାଚିତ ହୋଇଥିବା ସୂର୍ଯ୍ୟନାରାୟଣ ମହାରଣା ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଅନଧିକୃତ ଭାବେ ନିଜକୁ ସଭାପତି ଏବଂ ସମ୍ପାଦକ କହୁଥିବା ବ୍ୟକ୍ତି କଟକ ଆଇଜିଆର୍ ଉପଜିଲ୍ଲାପାଳଙ୍କ ଦ୍ୱାରା ଯାଞ୍ଚ କରାଇ ତାହା ଏକ ଅନୈତିକ ଓ ଅନୌପଚାରିକ କମିଟି ଘୋଷଣା କରି ଏ ନେଇ ଆଡ୍‌ଭୋକେଟ ଜେନେରାଲଙ୍କୁ ସୂଚିତ କରିସାରିଛି। ଏହାପରେ ସେମାନେ ନାନା ଦୋଷାରୋପ କରି କଟକ ଜିଲ୍ଲା ନ୍ୟାୟାଳୟର ଆଶ୍ରୟ ନେଇ ଏକ ମୋକଦ୍ଦମା କରିଥିଲେ। ତାହା ଅସିଦ୍ଧ ହୋଇସାରିଛି ଏବଂ ଅନ୍ୟ ଏକ ମୋକଦ୍ଦମା ବିଚାରାଧୀନ ଅଛି। ଏହା ସତ୍ତ୍ୱେ ସେମାନେ ମୁଖ୍ୟାଳୟ ଠିକଣା ପରିବର୍ତ୍ତନ କରି ଆମ ସମସ୍ତ ସଭ୍ୟଙ୍କୁ ପତ୍ର ଜରିଆରେ ୬୮ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ହେବା ପାଇଁ ଅନୁରୋଧ କରିଛନ୍ତି। ଏଣୁ ସେହି ବୈଠକକୁ ତ୍ୱରିତ ବେଆଇନ ଘୋଷଣା କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେଠାକୁ କେହି ନ ଯାଆନ୍ତୁ ଏବଂ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଆମ୍ଭେ ଦାୟୀ ହେବୁନି ବୋଲି ରାଜ୍ୟ ସଭାପତି ସୂର୍ଯ୍ୟ ନାରାୟଣ ମହାରଣା ଓ ସମ୍ପାଦକ ମନୋରଞ୍ଜନ ମହାରଣା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା ସଭାପତି ଦେବରାଜ ମହାରଣା, ପୁରୀ ଟାଉନ୍ ସଭାପତି ହୃଷୀକେଶ ମହାରଣା, ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ।



## ଏଆଇ ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା

ପୁରୀ,୧୮।୩(ସମିସ): ସର୍କିଟ୍ ହାଉସ୍‌ରେ ଜିଲ୍ଲା ପ୍ରଶାସନ ତରଫରୁ କୃତ୍ରିମ ବୁଦ୍ଧିମତା (ଏଆଇ) ସମ୍ବନ୍ଧରେ ଦିନକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳା ଓକେସିଏଲ୍ ଦ୍ୱାରା ପରିଚାଳନା କରାଯାଇଥିଲା ଏବଂ ଓକାକ୍ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏହାକୁ ପ୍ରଯୋଜକ ହିସାବରେ ଆୟୋଜନ କରିଥିଲେ। ଡିଇଜିଏମ୍ ପୀୟୂଷ ଚକ୍ରବର୍ତ୍ତୀ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଟ୍ରେନିଂ କିଟ୍ ବଣ୍ଟନ ସହିତ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ କୃତ୍ରିମ ବୁଦ୍ଧିମତାର ମୂଳ ଧାରଣା, ପ୍ରଶାସନିକ କାର୍ଯ୍ୟରେ ଏହାର ପ୍ରାସଙ୍ଗିକତା ଓ ଶାସନ କାର୍ଯ୍ୟରେ ବ୍ୟବହାରର ବିଭିନ୍ନ ଉଦାହରଣ ପ୍ରଦର୍ଶନ କରାଯାଇଥିଲା। ଓକେସିଏଲ୍‌ରୁ ଆସିଥିବା ଟ୍ରେନର ଜୟଶ୍ରୀ ଦେହେରୀ ଏବଂ ଇପ୍ସିତା ମିଶ୍ର ବିସ୍ତୃତ ଭାବେ ବିବରଣୀ ଦେଇଥିଲେ। ସୁରକ୍ଷା ସମ୍ବନ୍ଧୀୟ ଏସ୍‌ଓପି, ଡାଟା ପରିଚାଳନା, ନୈତିକ ଏଆଇ ବ୍ୟବହାର ଓ ପ୍ରଶାସନିକ ବିଷୟରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଓକେସିଏଲ୍‌ର ଏଏଲ୍‌ସିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡିଇଜିଏମ୍ ଶ୍ରୀ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।




## 'ଜଗତ ଜାଣିବ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ମହିମା'



ପୁରୀ,୧୮।୩(ସମିସ): ମୂଳ ପୀଠ ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ରୀତିନୀତି, ପରମ୍ପରା ଓ ପର୍ବପର୍ବାଣିକୁ ନେଇ ପ୍ରସ୍ତୁତ ମାର୍ଗଦର୍ଶିକା ଓ କ୍ୟାଲେଣ୍ଡର ଭାରତ ଓ ଭାରତ ବାହାରେ ଥିବା ପ୍ରତ୍ୟେକ ଜଗନ୍ନାଥ ମନ୍ଦିରକୁ ପ୍ରଦାନ କରାଯିବ। ଏହାଦ୍ୱାରା ଆଉ ଅଦିନିଆ ରଥଯାତ୍ରା ହେବନାହିଁ କିମ୍ବା ଧାର୍ମିକ ପରମ୍ପରା ବ୍ୟାଘାତ ହେବ ନାହିଁ। ସେହିପରି ଶ୍ରୀମନ୍ଦିର ଭିତରେ ରହିଥିବା ସମସ୍ତ ଶିଳାଲେଖର ଆଉଥରେ ଐତିହାସିକଙ୍କ ତର୍ଜମା କରାଯାଇ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିବା ପ୍ରଚାରପ୍ରସାର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟ ଇଂରାଜୀରେ ଅନୁବାଦ ହୋଇଛି। ଏହାକୁ ବିଶ୍ୱ ପରିବ୍ୟାପ୍ତ କରାଯିବ। ଏଥିସହ ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟ ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ଆଦି ପୁସ୍ତକର ଡିଜିଟାଇଜେସନ ହେବ। ଅନୁବାଦରେ ୧ ହଜାର ଶ୍ଳୋକ ରହିବ। ଜଗତ ଜାଣିବ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ମହିମା। ସ୍କନ୍ଦପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟ ପୁସ୍ତକ ରଚିତ ହୋଇଥିବାବେଳେ ଏଥିରେ ଦୁଇ ଭାଗ ଓ ୬୦ଟି ଅଧ୍ୟାୟ ରହିଛି। ଯେଉଁଥିରେ ପ୍ରଥମ ଭାଗ ବା ଖଣ୍ଡରେ ୨୬ଟି ଅଧ୍ୟାୟ ରହିଥିବାବେଳେ ଦ୍ୱିତୀୟ ଖଣ୍ଡରେ ରହିଛି ୩୪ଟି ଅଧ୍ୟାୟ। ଆଉ ସମୁଦାୟ ରହିଛି ୩,୮୬୩ଟି ଶ୍ଳୋକ। ସେଥିମଧ୍ୟରୁ ବଛାବଛା ୧ ହଜାର ଶ୍ଳୋକ ଚୟନ କରାଯାଇ ଛାପିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ପ୍ରକାଶନ ଓ ପ୍ରସାର ଉପସମିତି ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ମାର୍ଗଦର୍ଶିକା, କ୍ୟାଲେଣ୍ଡର ବିଶ୍ୱବ୍ୟାପୀ ଜଗନ୍ନାଥ ମନ୍ଦିରକୁ ଦିଆଯିବ

## ଖବରକାଗଜ ବିତରକଙ୍କ ମାତୃ ବିୟୋଗ



ପୁରୀ,୧୮।୩(ସମିସ): ଖବରକାଗଜ ବିତରକ ବାଲିପଡ଼ା ଗ୍ରାମର ନାରାୟଣ ବେହେରାଙ୍କ ମା' ସୁବାସିନୀ ବେହେରାଙ୍କର ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସହୃଦୟ ଓ ପରୋପକାରୀ ସୁବାସିନୀ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ନାରାୟଣ, ସୁଦର୍ଶନ, ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କ ସମେତ ପୁତ୍ରବଧୂ, ନାତି-ନାତୁଣୀ ଓ ସୁବାସିନୀଙ୍କ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ସଦର ବ୍ଲକ୍ ଅନ୍ତର୍ଗତ ବାଲିପଡ଼ାସ୍ଥିତ ନିଜସ୍ୱ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ନାରାୟଣ ମୁଖାଗ୍ନି ଦେଇଥିଲେ।

## ସ୍ନୁକର ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପୁରୀ,୧୮।୩(ସମିସ): ୧୯୨୮ ମସିହାରେ ପ୍ରତିଷ୍ଠିତ ଐତିହ୍ୟ ସମ୍ପନ୍ନ ପୁରୀ କ୍ଲବ ଗୁରୁବାର ତା'ର ୯୮ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର କ୍ଲବ୍‌ର ନୂତନ ବିଲିୟାର୍ଡ୍ସ ରୁମ୍‌ରେ ଷଷ୍ଠ ରେଡ୍ ଇନ୍‌ଭିଟେସନାଲ ସ୍ନୁକର ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କ୍ଲବ୍ ପକ୍ଷରୁ ପ୍ରତିଯୋଗୀମାନଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ବୁଧବାର ପୂର୍ବାହ୍ଣରେ କ୍ଲବ୍‌ର ଉପାଧ୍ୟକ୍ଷ ରାଜକିଶୋର ପାତ୍ର, ଅବୈତନିକ ସମ୍ପାଦକ ହରିହର ଗୁରୁ ଏବଂ କୋଷାଧ୍ୟକ୍ଷ ଆଶୀଷ କୁମାର ଶତପଥୀ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କୋଚ୍ ସୁବ୍ରତ କୁମାର ଦାସ ଅନ୍ୟ ରେଫରୀମାନଙ୍କ ସହ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରୁଛନ୍ତି।

ପୁରୀ ପୌରସଂସ୍ଥା

# ସଫେଇ ନାଁରେ ଆଖିବୁଜା ଦୁର୍ନୀତି

ପୁରୀ,୧୮।୩(ସମିସ)

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର। ଏହି ପବିତ୍ର ଧାମକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଆଉ ଏହି ଗୁରୁଦାୟିତ୍ୱ ରହିଛି ଆଗକୁ ବିଧିବଦ୍ଧ ଭାବେ ମହାନଗର ନିଗମ ହେବାକୁ ଯାଉଥିବା ପୁରୀ ପୌରପାଳିକା କାନ୍ଧରେ। ହେଲେ ଦୀର୍ଘବର୍ଷ ହେବ ପୌରପାଳିକାର ସ୍ୱଚ୍ଛ ଭାରତ ମିଶନରେ ଆଖିବୁଜା ଦୁର୍ନୀତି ଚାଲିଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ଏ ନେଇ ପୁରୀର କିଛି ବୁଦ୍ଧିଜୀବୀ ଏହି ଦୁର୍ନୀତି ସଂକ୍ରାନ୍ତରେ ଗତ ୬ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁରୀ ଜିଲ୍ଲାପାଳ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ମଧ୍ୟ ପଠାଇଛନ୍ତି।

ଏଥିରେ ଅଭିଯୋଗ କରାଯାଇଛି ଯେ, ସ୍ୱଚ୍ଛ ଭାରତ ମିଶନରେ କାମ କରୁଥିବା ଦୁଇ କର୍ମଚାରୀ ଆଖିବୁଜା ଦୁର୍ନୀତି କରୁଛନ୍ତି। ପ୍ରତିଦିନ ପୁରୀ ସହରର ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ସଂସ୍ଥା ଟେଣ୍ଡର ବେଳେ ଏ-୧ ନ ଥିଲା। ଟେଣ୍ଡର ପେପରକୁ ତଞ୍ଚକତା କରି ପ୍ରତି ମାସରେ ୮୦ ହଜାର ଟଙ୍କା ଲାଞ୍ଚ ନେଇ ତାକୁ କାମ ଦିଆଯାଇଛି। ସେହିପରି ପୁରୀ ସହରରେ ଆବର୍ଜନା ସଂଗ୍ରହ ପାଇଁ ୟୁଜର ଫି' ଆଦାୟ କରାଯାଉନାହିଁ। କିନ୍ତୁ ହୋଟେଲ, ରେଷ୍ଟୋରାଁ ଆଦି ବଡ଼ ସଂସ୍ଥାମାନଙ୍କଠାରୁ ପ୍ରତି ମାସରେ ବିଭିନ୍ନ ସ୍ଲାବ୍ ଅନୁସାରେ ୬୦୦ ଟଙ୍କାରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ପୁରୀ ସହରରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି। ଯେଉଁମାନଙ୍କ ନାଁରେ ଅଭିଯୋଗ କରାଯାଇଛି ସେମାନେ ଘରୋଇ ଟ୍ରାକ୍ଟର ପଠାଇ ଏକ୍ସପ୍ରେସ୍ କ୍ଲିନିଂ ସର୍ଭିସ୍ ନାଁରେ ମାସକୁ ପ୍ରାୟ ୨୦ ଲକ୍ଷ ଟଙ୍କା ବିଭିନ୍ନ ପ୍ରତିଷ୍ଠାନରୁ ସଂଗ୍ରହ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହି ବ୍ୟାବସାୟିକ ପ୍ରତିଷ୍ଠାନକୁ ପୌରସଂସ୍ଥାର ରସିଦ୍ ନ ଦେଇ ଭିନ୍ନ ନାମରେ ରସିଦ୍ ଦେଇ ଟଙ୍କା ଚଳୁ କରୁଛନ୍ତି। ବଳିଆପଣ୍ଡାର ଏକ ହୋଟେଲ ୨୦୨୫ ଜାନୁଆରୀ ୯ ତାରିଖରେ ନିର୍ମଳ ପୁରୀ (ମ୍ୟୁନିସିପାଲିଟି)କୁ ଅଳିଆ ଉଠାଇବା ଭଡ଼ା ବାବଦକୁ ୨ ହଜାର ଟଙ୍କା ଦେଇଛି। କିନ୍ତୁ ପୁରୀ ପୌରସଂସ୍ଥାର ଏହି ରସିଦ୍ ନୁହେଁ କିମ୍ବା ନିର୍ମଳ ପୁରୀ ନାମରେ କୌଣସି ଯୋଜନା ପୌରସଂସ୍ଥାର ନାହିଁ। ସେହିପରି ଅନ୍ୟ ଏକ ହୋଟେଲ ଗୋଟିଏ ମାସରେ ଜଣେ ବ୍ୟକ୍ତିଙ୍କୁ ୩,୫୦୦ ଟଙ୍କା ଦେଇଛନ୍ତି, ଯାହା ହୋଟେଲ ବିଲ୍‌ରେ ଉପଲବ୍ଧ ଅଛି। ସମ୍ପୃକ୍ତ ବ୍ୟକ୍ତି ପୌରସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇ ବିଭିନ୍ନ ହୋଟେଲରୁ ଟଙ୍କା ଆଦାୟ କରିଥା'ନ୍ତି। ପୌରସଂସ୍ଥାର ଯେଉଁ କର୍ମଚାରୀଙ୍କ ନାଁରେ ଅଭିଯୋଗ ହୋଇଛି ସେହି ସଂସ୍ଥା ତାଙ୍କ ମାଧ୍ୟମରେ ଏହି ବାହାର ବ୍ୟକ୍ତି ଟଙ୍କା ଆଦାୟ କରୁଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ପୁରୀ ପୌରସଂସ୍ଥାର ରସିଦ୍ ବୋଲି ଯେଉଁ ନମ୍ବର ଦିଆଯାଇ ଟଙ୍କା ନିଆଯାଇଛି ପରବର୍ତ୍ତୀ ସମୟରେ ଅନୁସନ୍ଧାନ ପରେ ତାହା ପୌରପାଳିକାର ରସିଦ୍ ନୁହେଁ ବୋଲି ଅଭିଯୋଗକାରୀ ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ସେହି ଦୁର୍ନୀତିଗ୍ରସ୍ତ କର୍ମଚାରୀ ପୌରସଂସ୍ଥା ନାଁରେ ଜାଲ୍ ରସିଦ୍ ଛପାଇଥିବା ଭଳି ସାଂଘାତିକ ଅଭିଯୋଗ କରାଯାଇଛି।

### ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଅଭିଯୋଗ

କେବଳ ଏତିକି ନୁହେଁ, ପାଇଖାନା ଟାଙ୍କି ସଫା କରିବା ପାଇଁ ୧୪୪୨୦କୁ କଲ୍ କରିବା ପରେ ଅଧିକାଂଶ ସମୟ ପୌରସଂସ୍ଥା ଗାଡ଼ି ନ ପଠାଇ ଏମାନଙ୍କ ସଲାସୁତରା ଥିବା ଘରୋଇ ଗାଡ଼ି ପଠାଇଥା'ନ୍ତି। ସେଥିରୁ ଆୟ ହେଉଥିବା ଟଙ୍କା ସିଧାସଳଖ ନିଜ ପକେଟକୁ ନେଇଥା'ନ୍ତି। ପୁରୀ ପୌରସଂସ୍ଥା ଅଧୀନରେ ସହରରେ ୧୪ଟି ପବ୍ଲିକ୍ ପାଇଖାନା ରହିଛି। କୋଭିଡ୍ ସମୟରେ ସରକାର ଏହି ପାଇଖାନାକୁ ଦେୟମୁକ୍ତ ଘୋଷଣା କରିଥିଲେ। ସେହିଦିନଠାରୁ ପ୍ରତି ମାସରେ ପୌରସଂସ୍ଥା ପାଇଖାନା ପିଛା ୨୦ ହଜାରରୁ ଆରମ୍ଭ କରି ୩୨ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷ ଟଙ୍କା ପରିଚାଳନାରେ ଥିବା ସଂସ୍ଥାକୁ ଦେଉଛି। କିନ୍ତୁ ସଂସ୍ଥା ଲୋକଙ୍କଠାରୁ ୟୁଜର ଫି' ଆଦାୟ କରୁଛି। ଦାୟିତ୍ୱରେ ଥିବା ବାବୁମାନେ କେବେ ଫିଲ୍ଡକୁ ଯାଆନ୍ତି ନାହିଁ କିମ୍ବା ପୌର କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇ ନାହାନ୍ତି। ଏଥିପାଇଁ ସଂସ୍ଥାଠାରୁ ବାବୁମାନେ ହାତଗୁଞ୍ଜା ପାଇଥା'ନ୍ତି ବୋଲି ଅଭିଯୋଗ କରାଯାଇଛି। ସେହିପରି ମଶାଣିଚଣ୍ଡୀ ଏମ୍‌ସିସି (ପ୍ରୋସେସିଂ ୟୁନିଟ୍) ଅଚଳ ଥିଲେ ମଧ୍ୟ ଆପ୍‌ରେ ଚାଲୁଛି ବୋଲି ରିପୋର୍ଟ ହେଉଛି। ୬ଟି ଏମ୍‌ଆର୍‌ଏଫ୍‌କୁ ଦୈନିକ ୧ ଟନ୍‌ରୁ ଦେଢ଼ ଟନ୍ ଶୁଖିଲା ଅଳିଆ ପ୍ରବନ୍ଧନ ପାଇଁ ଆସିଥାଏ। କିନ୍ତୁ ଏଥିରେ ତଞ୍ଚକତା କରାଯାଇ ୯୬.୧୪ ଟନ୍ ଅଳିଆ ସଂଗ୍ରହର ଚିଠା ଦିଆଯାଉଛି। ବଳିଆପଣ୍ଡା ନିକଟରେ ଥିବା ମିଶ୍ରିତ ଅଳିଆକୁ ପ୍ରୋସେସିଂ କରିବା ପାଇଁ ଏକ ୟୁନିଟ୍ ଥିଲା। ଘରକୁ ଘର ବୁଲି ଅଳିଆ ସଂଗ୍ରହ ହେବାର ବର୍ଷକ ପରେ ଏହାକୁ ବନ୍ଦ କରିଦିଆଗଲା। ଏଥିରେ ଥିବା ବିଭିନ୍ନ ପ୍ରକାର ମେସିନକୁ ବିନା ଟେଣ୍ଡରରେ ମଧ୍ୟପ୍ରଦେଶର ମିଶ୍ର ଟ୍ରେଡର୍ସକୁ ଶାଗ ମାଛ ଦରରେ ଦେଇ ସମ୍ପୃକ୍ତ କର୍ମଚାରୀ ବ୍ୟକ୍ତିଗତ ଉପକୃତ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ କରାଯାଉଛି। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରେ ତାଙ୍କ ପାଖରେ ଏହି ଅଭିଯୋଗ ପହଞ୍ଚିଛି। ତେବେ ଯାହା ଅଭିଯୋଗ କରାଯାଇଛି ତଥ୍ୟ ପ୍ରମାଣ ସହ ଅଭିଯୋଗକାରୀ ଜଣାନ୍ତୁ। ତଥାପି ଏହାର ସତ୍ୟାସତ୍ୟ ଅନୁସନ୍ଧାନ ପରେ ଯଦି କେହି ଦୋଷୀ ଜଣାପଡ଼ନ୍ତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଅଭିଯୋଗର ତଦନ୍ତ କରାଯିବ ଯିଏ ଦୋଷୀ ସାବ୍ୟସ୍ତ ହୁଏ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


**St. XAVIER'S HIGH SCHOOL**
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

**PUBLIC NOTICE**

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
**IMPORTANT ADVISORY TO PARENTS:** All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

**ACCOUNT DETAILS**

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
**A/C No. : 926020008300220**

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
**A/C No. : 182101000002533**

-By order of Managment

## ଭଦ୍ରକରେ ଇଦ୍-ଉଲ୍-ଫିତର ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି

# ଇଦ୍‌ଗା ମୈଦାନରେ ହେବ ସମୂହ ନମାଜପାଠ



ଭଦ୍ରକ,୧୮ ।୩(ସମିସ)

ଭଦ୍ରକ ସହରରେ ଆସନ୍ତା ଇଦ୍-ଉଲ୍-ଫିତର ଉତ୍ସବ-୨୦୨୬କୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହ ଓସୱାନରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଜିଲ୍ଲା ଗୁଇନ୍ଦା ସଂସ୍ଥା) ଅଂଶୁମାନ ଦ୍ୱିବେଦୀ ସହ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଓ ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଡେପୁଟି କଲେକ୍ଟର (ବିଚାର) ସମସ୍ତ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ମୁସ୍‌ଲିମ ଜାମାତ କମିଟି, ହିନ୍ଦୁ ସୁରକ୍ଷା ସମିତି ଓ ଶାନ୍ତି କମିଟିର ସଦସ୍ୟମାନଙ୍କୁ ପର୍ବ ପାଳନ ସମ୍ବନ୍ଧୀୟ ସେମାନଙ୍କର ଯୋଜନା ଓ ପ୍ରସ୍ତାବ ରଖିବାକୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ମୁସ୍‌ଲିମ ଜାମାତର ସମ୍ପାଦକ ଅବ୍‌ଦୁଲ ମୋକିତ୍ ଖାନ୍ ପ୍ରଶାସନଙ୍କ ସହଯୋଗରେ ପୂର୍ବ ବର୍ଷମାନଙ୍କରେ ସମସ୍ତ ପର୍ବପର୍ବାଣି ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଥିବା ପାଇଁ କୃତଜ୍ଞତା ଜଣାଇଥିଲେ । ଚନ୍ଦ୍ର ଦର୍ଶନ ଅନୁସାରେ ଏହି ପର୍ବ ଆସନ୍ତା ୧୯ କିମ୍ବା ୨୦ ତାରିଖରେ ପଡ଼ିପାରେ । ସେହିଦିନ ଜିଲ୍ଲାର ପ୍ରାୟ ୧୪୬ଟି ମସ୍‌ଜିଦରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ସମୂହ ନମାଜପାଠ ହେବା ସହ ଭଦ୍ରକ ପୁରୁଣା ବଜାରସ୍ଥିତ ଇଦ୍‌ଗା ମୈଦାନରେ ସକାଳ ୯ଟା ୩୦ରେ ବିଶେଷ ସମୂହ ନମାଜପାଠ ଅନୁଷ୍ଠିତ ହେବ । ଏଥିରେ ପ୍ରାୟ ୧୫ରୁ ୨୦ ହଜାର ଭକ୍ତ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ । ସେ ଇଦ୍‌ଗା ମୈଦାନର ସଫେଇ, ଆଲୋକୀକରଣ ଓ ସୁରକ୍ଷା ବ୍ୟବସ୍ଥା ସହ ପର୍ବ ଦିନ ପାଣି ଟ୍ୟାଙ୍କର, ଭ୍ରାମ୍ୟମାଣ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଓ ଆବଶ୍ୟକ ସ୍ଥାନରେ ସିସିଟିଭି ସ୍ଥାପନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଉକ୍ତ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦପୂର୍ଣ୍ଣ ଭାବରେ ପାଳନ ପାଇଁ ଆୟୋଜିତ ଶାନ୍ତି କମିଟି ସଭାରେ ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିମାନେ ନିଜ ମତାମତ ପ୍ରକାଶ କରିଥିଲେ ।

## ଇଦ୍ ଅବସରରେ ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ

ଧାମନଗର,୧୮ ।୩(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳନ ନିମନ୍ତେ ପ୍ରଶାସନ ତରଫରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ଣ ୧୧ଟାରେ ଧାମନଗର ବ୍ଲକ୍ ସଭାଗୃହ ପରିସରରେ ଧାମନଗର ଶାନ୍ତି କମିଟି ଆବାହକ ତଥା ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଭଦ୍ରକ ଅତିରିକ୍ତ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,



ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ବୀରେନ୍ଦ୍ର ଜେନା, ଲମ୍ବୋଦର ଜେନା, କୃଷ୍ଣ ଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ ହବିବି, ପ୍ରତାପ ସାମଲ, ଗୋଲାମ ଜିଲାନି ହବିବି, ସେକ୍ ମୁସ୍ତାକ୍, ଜ୍ଞାନରଞ୍ଜନ ମହାକୁଡ଼, ସେକ୍ ତାଜୁଦ୍ଦିନ, ସେକ୍ ଆସଲମ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଅନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି ପବିତ୍ର ଇଦ୍-ଉଲ୍-ଫିତର ପର୍ବ କିପରି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେନେଇ ବ୍ୟାପକ ଆଲୋଚନା କରିଥିଲେ । ଜହ୍ନ ଦେଖି ଆସନ୍ତା ୧୯ କିମ୍ବା ୨୦ ତାରିଖ ସକାଳ ୮ଟା ୩୦ରେ ଇଦ୍‌ଗା ମୈଦାନଠାରେ ସମୂହ ନମାଜପାଠ ଆରମ୍ଭ ହେବା ସହିତ ସମସ୍ତ ମସ୍‌ଜିଦରେ ମଧ୍ୟ ନମାଜପାଠ ୯ଟା ମଧ୍ୟରେ ସାରିବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି । ଅଳ୍ପ ଦିନ ପୂର୍ବରୁ ରାସ୍ତା ଜାମ୍ ପାଇଁ ସରକାରୀ ଜମି ଉଚ୍ଛେଦ କରାଯାଇଥିଲା । ପୁଣି ସେଠାରେ ଉଠା ଦୋକାନୀଙ୍କ ଜବରଦଖଲ ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ତେଣୁ ତୁରନ୍ତ ଉଚ୍ଛେଦ କରିବା ପାଇଁ କିଛି ସଦସ୍ୟ ଦାବି କରିଥିଲେ । ଶେଷରେ ଧାମନଗର ଥାନାର ନୂତନ ଅଧିକାରୀ ସୁବ୍ରଜିତ ଦାଶ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

ମୁସଲିମ ଜମାତ କମିଟିର ଉପସଭାପତି ସେକ୍ ମହମ୍ମଦ ଜକାଉଲ୍ଲା ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଇଦ୍ ଅବସରରେ ମୁସଲମାନ ଭାଇଭଉଣୀଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇଥିଲେ । ଶାନ୍ତି କମିଟି ସଦସ୍ୟ ଅତିଶ ବେହେରା ଗଣମାଧ୍ୟମରେ ହେଉଥିବା ଅପପ୍ରଚାରକୁ ରୋକିବା ପାଇଁ ସମସ୍ତ ସମ୍ପ୍ରଦାୟର ସଚେତନତା ଆବଶ୍ୟକ ବୋଲି କହିଥିଲେ । ସଦସ୍ୟ ଗୌରାଙ୍ଗ ପଣ୍ଡା ଚରମ୍ପା ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା, ପରିମଳ ବ୍ୟବସ୍ଥା ଓ ରାସ୍ତା ମରାମତି ପାଇଁ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ ।

## ସର୍ବପୁରାତନ ସଙ୍କୀର୍ତ୍ତନ ଉତ୍ସବ

ବାରିକପୁର,୧୮ ।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋଠାରେ ସର୍ବପୁରାତନ ହରିନାମ ସଙ୍କୀର୍ତ୍ତନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ହନୁମାନ ପୋଖରୀରେ ଘଟ ଉତ୍ତୋଳନ ହୋଇଥିଲା । ପୂଜକ ମହେନ୍ଦ୍ର ଦାଶ ବୈଦିକ ରୀତିନୀତି ଅନୁଯାୟୀ ମନ୍ତ୍ରପାଠରେ ପଞ୍ଚସଖାଙ୍କୁ ଆହ୍ୱାନ କରିଥିଲେ । ତତ୍ପରେ ଅଷ୍ଟପ୍ରହରୀ ପାଇଁ ହରି ନାମ ସଙ୍କୀର୍ତ୍ତନ ଶୁଭାରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ସଙ୍କଳ୍ପ କର୍ତ୍ତା ଭାବେ ଯଯାତି ସାମଲ ଓ ସହଯୋଗୀ ଭାବେ ଜୟରାମ ଲେଙ୍କା, ମନୋରଞ୍ଜନ ସାମଲ, ଜଗନ୍ନାଥ ଶଙ୍ଖୁଆ, ବିଶ୍ୱନାଥ ସାମଲ, ନରେନ୍ଦ୍ର ସାମଲ ଦାୟିତ୍ୱ ନିର୍ବାହ କରିଥିଲେ । ନିକଟସ୍ଥ ସାରୋ, ସରପଦା, ବୟା, ରହଣିଆ, ସାନମାଳଦା ପ୍ରମୁଖ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ମଣ୍ଡପରେ ଉପସ୍ଥିତ ରହି ନାମ ପରିବେଷଣ କରିଥିଲେ । ନଗର ଭ୍ରମଣ ସହିତ ସଙ୍କୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଛି ।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ



ଭଦ୍ରକ,୧୮ ।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ବାଲିଗାଁ ଗଜଗିରି ସାହୁସାହିରେ ଯୁବନେତା ପ୍ରଫୁଲ୍ଲ ସାହୁ (ବିରେନ)ଙ୍କ ପତ୍ନୀ ସ୍ୱର୍ଗତ ଅନୁସୟା ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସାହୁ ପରିବାର ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମାଜସେବୀ ଜୀବନ ସେଠୀ, ଯଖ ନାୟକ ଓ କାଉନ୍‌ସିଲର ଅମର ସେଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲା ବ୍ଲଡ୍ ବ୍ୟାଙ୍କ ସମସ୍ତ କର୍ମକର୍ତ୍ତା ଓ ସ୍ୱର୍ଗତ ସନୁସୟା ସାହୁଙ୍କ ସ୍ମୃତି କମିଟିର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ । ଶିବିରରେ ମୋଟ୍ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ସମାଜସେବୀ ସୁଧୀର ମହାନ୍ତି, ବରିଷ୍ଠ ବିଜେଡି ନେତା ବ୍ରଜସୁନ୍ଦର ମହାନ୍ତି, ପ୍ରଧାନଶିକ୍ଷକ ଶ୍ରୀମନ୍ତ ଖୁଣ୍ଟିଆ, ଗଜେନ୍ଦ୍ର ରାଏ, ଆଇନଜୀବୀ ଦୀପକ ଦାସ, ନିର୍ମଳ ରାଉତ, ମାନସ ଦାସ, ଗଙ୍ଗାଧର ଦାସ, ପ୍ରଦୀପ ଦାସ, ଦୀପକ ମହାନ୍ତି, ବଣିକ ସଂଘ ସଭାପତି ଗୋପୀରାମ ଅଗ୍ରୱାଲ, ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବାବାମଣି ଡିଗ୍ରୀ କଲେଜରେ ସେବା ଶିବିରର ୨ୟ ଦିବସ



ଅସୁରାଳି,୧୮ ।୩(ସମିସ): ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧୀନ ବାବାମଣି ଡିଗ୍ରୀ ମହାବିଦ୍ୟାଳୟ, ପାଳସାହି, ବେତାଳିଗାଁ, ଭଦ୍ରକର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନବ୍ୟାପୀ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହେଉଛି । ବୁଧବାର ଶିବିରର ୨ୟ ଦିବସରେ ସକାଳର ଶାରୀରିକ ଶିକ୍ଷା ଓ ଯୋଗ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ପାଳସାହି ଓ ବେତାଳିଗାଁରେ ସଫେଇ କାର୍ଯ୍ୟକ୍ରମ ସହିତ ସ୍ୱଚ୍ଛତା ଆପଣେଇବାକୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇଥିଲେ । ଅପରାହ୍ଣରେ ଏକ ଶିକ୍ଷା କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ ମହାନ୍ତି ସାମାଜିକ ନେତୃତ୍ୱ ଓ ସ୍ୱଚ୍ଛତା ବିଷୟରେ ଓ ଡାକ୍ତର ଅନିଲ କୁମାର ଦାଶ, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ ଏବଂ ଯୁବ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ଚେତନା ଓ ନିଷ୍ଠାପର ସେବା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ସାହୁ, ଅଧ୍ୟାପକ ଡ. ନିକୁଞ୍ଜ କିଶୋର ଜେନା ସଭା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ସେବା ଶିବିର ପରିଚାଳିତ ହେଉଛି । ଏହି ଅବସରରେ ପାଳସାହି ଓ ବେତାଳିଗାଁ ବଜାରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ଶିଶୁ ଶିକ୍ଷା, ନିଶା ନିବାରଣ, ପରିବେଶ ସୁରକ୍ଷା ଆଦି ବିଷୟରେ ବିଭିନ୍ନ ସଚେତନତାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସାତ ଦିନ ମଧ୍ୟରେ ଛାତ୍ରଛାତ୍ରୀମାନେ ଏକାଠି ଏକ ନିୟମିତ ଓ ଶୃଙ୍ଖଳିତ ପରିବେଶ ମଧ୍ୟରେ ବହୁ ବିଷୟରେ ଶିକ୍ଷାଲାଭ କରିବାକୁ ସୁଯୋଗ ପାଇବେ । ଉକ୍ତ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଦୋବଲ,୧୮ ।୩(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରାଙ୍କ ୮୫ ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ବାସଭବନରେ ରହିଥିଲେ । ୧୯୯୨ରେ ବିଷ୍ଣୁ ଆନନ୍ଦପୁର ପଞ୍ଚାୟତର ସରପଞ୍ଚ ଭାବେ ବିଜୟୀ ହୋଇ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବା ସହ ବାଲିପାଟଣା ଗ୍ରାମଠାରେ ଆନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା କରି ବେଶ୍ ସୁନାମ ଅର୍ଜନ କରିଥିଲେ । ବୁଧବାର ଅପରାହ୍ଣରେ ତାଙ୍କ ମରଶରୀର ଭୁବନେଶ୍ୱରରୁ ନିଜ ପୈତୃକ ବାସସ୍ଥାନ ବାଲିପାଟଣା ଗ୍ରାମକୁ ଅଣାଯାଇଥିଲା । ମରଶରୀରକୁ ଶେଷ ଦର୍ଶନ ପାଇଁ ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ଚନ୍ଦ୍ର ମାଝୀ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ଯୁବନେତା କୁଳମଣି ଶତପଥୀ, ଧୀରେନ୍ଦ୍ର ଆଦିଆ, ପରମାନନ୍ଦ ମହାନ୍ତି, ଗ୍ରାମବାସୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗାଁରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଉତ୍ତରବାହିନୀ ଘାଟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ରାଜକିଶୋର ବେହେରା ମୁଖାଗ୍ନି ଦେଇଥିଲେ ।

## ଫସଲ ସଂକ୍ରାନ୍ତୀୟ ଆଲୋଚନାଚକ୍ର



ଦୋଳସାହି,୧୮ ।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଇଫ୍‌କୋ ସାର କମ୍ପାନୀ ପକ୍ଷରୁ ବୁଧବାର ଫସଲ ସଂକ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ, ଦୋଳସାହି ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଇଫ୍‌କୋ ସାର କମ୍ପାନୀ ପକ୍ଷରୁ ଫସଲ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ୍ କୃଷି ଅଧିକାରୀ ଅମର ଚନ୍ଦ୍ର ସାହୁ, ଇଫ୍‌କୋ ସାର କମ୍ପାନୀର ଜିଲ୍ଲା ମୁଖ୍ୟ ସୁଦର୍ଶନ ପଣ୍ଡା, କ୍ଷେତ୍ର ପ୍ରବନ୍ଧକ ଭାବଗ୍ରାହୀ ମଲ୍ଲିକ ଓ ରତିକାନ୍ତ ଘଡ଼େଇ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦୋଳସାହି ପଞ୍ଚାୟତ ଓ ପାଳିଆବିନ୍ଧା ପଞ୍ଚାୟତର ବହୁ ସଂଖ୍ୟକ ଫସଲ ଚାଷୀ ଉପସ୍ଥିତ ଥିଲେ । ରାସାୟନିକ ସାର ପରିବର୍ତ୍ତେ କମ୍ ଖର୍ଚ୍ଚରେ କିପରି ତରଳ ନାନୋ ୟୁରିଆ ଓ ତରଳ ଡିଏପି ବ୍ୟବହାର କରାଯିବ କାର୍ଯ୍ୟକ୍ରମରେ ଏହା ଆଲୋଚନା ହୋଇଥିଲା ।

## ଆଶା କର୍ମୀଙ୍କ ନିମନ୍ତେ ଚାଇଲ୍ଡ ହେଲ୍ପଲାଇନ୍‌ର ସଚେତନତା କାର୍ଯ୍ୟକ୍ରମ

## ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଯତ୍ନବାନ ହେବା ଆବଶ୍ୟକ



ଭଦ୍ରକ,୧୮ ।୩(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଶାକର୍ମୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଚାଇଲ୍ଡ ହେଲ୍ପ ଲାଇନ୍‌ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀଙ୍କ ମଞ୍ଚ ସଞ୍ଚାଳନରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ମୁଖ୍ୟ ଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ, ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ତୃଣମୂଳସ୍ତରରେ ଶିଶୁମାନଙ୍କର ଅସୁବିଧାକୁ ଲକ୍ଷ୍ୟ କଲେ ତୁରନ୍ତ (୧୦୯୮) ଚାଇଲ୍ଡ ହେଲ୍ପ ଲାଇନ ନିଃଶୁଳ୍କ ନମ୍ବରରେ ସୂଚନା ପ୍ରଦାନ କରିବା ପାଇଁ କହିଥିଲେ । ସେହିପରି ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ପିଲାମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସୁରକ୍ଷା ଅଧିକାରିଣୀ ଆଇନ୍ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ମତ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶ୍ରୀ ଦାସ ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରତ୍ୟେକ ଯତ୍ନବାନ ହେବା ଆବଶ୍ୟକ ବୋଲି ଦର୍ଶାଇଥିଲେ । ତତ୍‌ସହିତ କୌଣସି ପରିସ୍ଥିତିରେ ଶିଶୁ ବିପଦରେ ଥିଲେ ସମସ୍ତ ସାହାଯ୍ୟ, ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ସମସ୍ତ ୭ଟି ବ୍ଲକ୍‌ର ଆଶାକର୍ମୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱ ନାରାୟଣ ପଣ୍ଡା, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ୍, ଲକ୍ଷ୍ମୀପ୍ରିୟା ମଲ୍ଲିକ, କୁଳଦୀପ ଜେନାଙ୍କ ସମେତ ଚାଇଲ୍ଡ ଲାଇନର ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ପରାମର୍ଶଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍‌ବିଜୟ ମହାନ୍ତି, କାହ୍ନୁ ମଲ୍ଲିକ, ଅମିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଟିମ୍ ସଦସ୍ୟ ରମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାଗୁଳା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଭଦ୍ରକ,୧୮ ।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଧାମରା ନିକଟସ୍ଥ ଜାଗୁଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ନିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟାପକ ପ୍ରହ୍ଲାଦ ମାହୁନ୍ତ, ମୁଖ୍ୟବକ୍ତା ଚାନ୍ଦବାଲି ବ୍ଲକ୍ ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ, ସମ୍ମାନିତ ଅତିଥି ସିଆର୍‌ସିସି ରଞ୍ଜିତ ଜେନା, ପ୍ରକୃତି ବନ୍ଧୁ ଶରତ ଦଳେଇ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ମୂଲ୍ୟବୋଧଭିତ୍ତିକ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଉପରେ ସାରଗର୍ଭକ ବକ୍ତବ୍ୟ ସହ ଛାତ୍ରଛାତ୍ରୀମାନେ ମୋବାଇଲ୍‌ଠାରୁ ଦୂରେଇ ରହି ପୁସ୍ତକ ପଠନ ଉପରେ ଗୁରୁତ୍ୱ ଦେବାକୁ ମାର୍ଗଦର୍ଶନ କରିଥିଲେ । ଏଥିରେ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଭିଭାବକ ସଂଘର ସଭାପତି ସତ୍ୟଜିତ୍ ମୈଶାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନମୁଗ୍ଧକର ହୋଇଥିଲା ।

## ସମିତି କାର୍ଯ୍ୟକ୍ଷମ ପାଇଁ ଫିଟିଲା ବାଟ



ବାରିକପୁର,୧୮ ।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପ୍ରାଥମିକ କୃଷି ସମବାୟ ସମିତିଠାରେ ଅନେକ ଦିନ ହେବ ଅଚଳାବସ୍ଥା ଲାଗି ରହିଥିଲା । କିଛି ସମସ୍ୟା ଓ ବାଦବିବାଦ ମଧ୍ୟରେ ସମିତି ସ୍ଥାଣୁ ପାଲଟିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ପ୍ରକାଶ ପାଇଥିଲା । ତେଣୁ ବାଲେଶ୍ୱର, ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାଠାରେ ଏନେଇ ଏକ ଜରୁରୀ ବୈଠକ ଗତ ୧୭ ତାରିଖରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବୋର୍ଡ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ସମିତି ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ । ଏଥିରେ ସମିତି ଅଧୀନସ୍ଥ କିଛି ଚାଷୀ ଓ ସ୍ଥାନୀୟ ନେତୃବୃନ୍ଦମାନେ ଯୋଗଦେଇଥିଲେ । ଆଲୋଚନା ପରେ ନଗୁଆ ସମିତି ସମ୍ପାଦକ ସଞ୍ଜୟ ମଲ୍ଲିକଙ୍କୁ ସରସଦା ସମିତିରେ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ ଦିଆଯାଇଥିଲା । ତଦନୁଯାୟୀ ବୁଧବାର ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁଙ୍କ ଉପସ୍ଥିତିରେ ନୂତନ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି । ସମିତି ସଭାପତି ଅବିନାଶ ରାଉତ, କର୍ମଚାରୀ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ଯୁବ ଚାଷୀ ପ୍ରୀତିସ୍ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏବେ ସମିତି ସୁଚାରୁରୂପେ କାର୍ଯ୍ୟକ୍ଷମ ହେବ ବୋଲି ସ୍ଥାନୀୟ ବାସିନ୍ଦାମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି ।

## ପଦ୍ମାବତୀ ସଂଯୁକ୍ତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ




ଭଦ୍ରକ,୧୮ ।୩(ସମିସ): ଯେକୌଣସି ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା । ସେଠାରେ ଆଗାମୀ କାଲିର ଆଶା ଭରସାର ପ୍ରତୀକ ସୁନାଗରିକମାନେ ତିଆରି ହୁଅନ୍ତି । ପୁଣି ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନରେ ଉତମ ଶୈକ୍ଷିକ ବାତାବରଣ ସହ ଛାତ୍ର-ଶିକ୍ଷକ ସୌହାର୍ଦ୍ଦ୍ୟ ଓ ଆନ୍ତରିକତା ଅତୁଟ ଥାଏ । ପଦ୍ମାବତୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ଏରଡ଼ାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଧୀର ମୁଦୁଲି ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ପ୍ରଧାନଶିକ୍ଷକ ଭଗବାନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ, କବି ସୁଚିତ୍ରା ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ସାହୁ, ସମିତିସଭ୍ୟା ପୁଷ୍ପାରାଣୀ ବଳ, ପୁରାତନ ଛାତ୍ର ସଂସଦ ସଭାପତି ତ୍ରିଦିବ ନାୟକ, ପରିଚାଳନା କମିଟି ସଭାପତି ଶମ୍ଭୁନାଥ ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃତ୍ତିବାସ ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ବିଦାୟୀ କର୍ମଚାରୀ ମୂରଲୀଧର ସାମଲଙ୍କୁ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମର ପ୍ରମୁଖ ଦିବଂଗତ ବ୍ୟକ୍ତିଙ୍କ ସ୍ମୃତିରେ ଅର୍ଥ ପୁରସ୍କାର ସହ ସ୍ମାରକୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା । ଉକ୍ତ ଉତ୍ସବରେ ସ୍ନିଗ୍ଧାରାଣୀ ଜେନା ବାର୍ଷିକ ବିବରଣୀ ପାଠ କରିଥିବାବେଳେ, ଜୟନ୍ତଲାଲ୍ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନିର୍ମଳ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ତର୍ଯ୍ୟାମୀ ନାୟକ, ଅଜୟ ସେଠୀ, ମଧୁସ୍ମିତା ନାୟକ, ପ୍ରମିଳା ବିଶ୍ୱାଳ, ଅଲିଭା ଦାସ, ମମତା ପାଢ଼ୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ ।

# ପନିପରିବାର ଅଭାବୀ ବିକ୍ରି; କ୍ଷତି ସହୁଛନ୍ତି ଚାଷୀ

ଅସୁରାଳି,୧୮ ।୩(ସମିସ)



ବୈତରଣୀ ନଦୀର ବାମ ପାର୍ଶ୍ୱ ଗ୍ରାମ ଓ କୋଚିଲା ନଦୀର ଉଭୟ ପାର୍ଶ୍ୱର ଗ୍ରାମରେ ବ୍ୟାପକ ପରିମାଣର ପରିବା ଚାଷ ହେଉଛି । ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ଶୈଳ, ମମାଦୁଲା, ନଦିଗାଁ ପଞ୍ଚାୟତରେ ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଣ୍ଡାସାହି, ନୂଆସାହି, ମଠ ସାହି, ପାଳସାହି ପଞ୍ଚାୟତର ଗଡ଼ଗଡ଼ି, କୂଳ ସାହି, ଗାନ୍ଧୀ ଘାଟ ଶାସନ ଆଦି ଗ୍ରାମ କୃଷିଭିତ୍ତିକ ଅଞ୍ଚଳ । ଏହି ଗ୍ରାମରେ ଖରିଫ୍ ସମୟରେ ଧାନ, ତା' ସହିତ ରବି ଋତୁରେ ପନିପରିବା ଚାଷ କରି ଲୋକେ ଜୀବିକା ନିର୍ବାହ କରୁଛନ୍ତି । ଏସବୁ ଗ୍ରାମର ଲୋକସଂଖ୍ୟା ୧୦ ହଜାରରୁ ଅଧିକ । ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ । ଅନେକ ଡାଙ୍ଗା ପନିପରିବା ଚାଷ କରି ଭଲ ରୋଜଗାର କରୁଥିଲେ ମଧ୍ୟ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । କଷ୍ଟ ଉପାର୍ଜିତ ପନିପରିବାକୁ ଉଚିତ୍ ମୂଲ୍ୟ ମିଳୁ ନ ଥିବାବେଳେ ବେପାରୀ ସେଥିରୁ ଭଲ ଲାଭ କରୁଛନ୍ତି । ବୈତରଣୀ ଓ କୋଚିଲା ନଦୀ ଜଳକୁ ବ୍ୟବହାର କରି ଚାଷୀ ବର୍ଷକ ବାର ମାସ ପନିପରିବା, ବିରି, ମୁଗ, ଧାନ ଆଦି ଚାଷ କରୁଛନ୍ତି । ପ୍ରାୟ ଦୁଇ ହଜାର ଏକରରୁ ଅଧିକ ଚାଷଜମି ରହିଥିବାବେଳେ ଉଠାସେଚ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି । ବାଲିପାଟଣା, ତିନିଘରିଆ, ପଙ୍ଗଟା, ପଣ୍ଡାସାହି, ଗଡ଼ଗଡ଼ି, କୂଳ ସାହି, ଗାନ୍ଧୀ ଘାଟ ଆଦି ଗ୍ରାମରେ ଅଧିକାଂଶ କ୍ଷେତରେ ପନିପରିବା ଚାଷ ହେଉଛି । ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ ଦେଉଛନ୍ତି ଓ ଚାଷୀ ଗାଡ଼ି ଭଡ଼ା କରି ଯାଜପୁର, ଭଦ୍ରକ ଆଦି ଅନ୍ୟାନ୍ୟ ଗଦିରେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମ୍‌ରେ ବିକ୍ରି କରୁଛନ୍ତି । ଏ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ଆଦି ଛୋଟ କୃଷି ଉଦ୍ୟୋଗ ଗଢ଼ିଉଠିବ । ଏହା ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବ ବୋଲି ଚାଷୀ କହିଛନ୍ତି । ଉଦ୍ୟାନ ଅଧିକାରୀ କହିଛନ୍ତି, ବୈତରଣୀ, କୋଚିଲା ପାର୍ଶ୍ୱର ଗ୍ରାମ ପନିପରିବା ଚାଷର ପେଣ୍ଠସ୍ଥଳ । ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳ ଭଣ୍ଡାର ପାଇଁ ସହାୟତା ଦେଉଛନ୍ତି । କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟାନ ଓ ସମନ୍ୱିତ କୃଷି ବିକାଶ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି । ଚାଷୀଙ୍କୁ ବିଭିନ୍ନ ସଭା ସମିତିରେ ସଚେତନ କରାଯାଇଛି, କିନ୍ତୁ ନିଜସ୍ୱ ଅର୍ଥରେ ଶୀତଳ ଭଣ୍ଡାର କରିବାକୁ ସେମାନଙ୍କର ଆଗ୍ରହ ନ ଥିବା ପରିଲକ୍ଷିତ ହେଉଛି । ଯଦି କୌଣସି ଚାଷୀ ଆଗ୍ରହ ପ୍ରକାଶ କରିବେ, ସରକାରୀ ସହଯୋଗ ଦିଆଯିବ ବୋଲି ସେ କହିଛନ୍ତି ।

### ଶୀତଳଭଣ୍ଡାର ନିର୍ମାଣ କରିବାକୁ ଦାବି

## ବଡପଡ଼ିଆରେ ନୂଆ ପରିବା ମାର୍କେଟ

# ନୂତନ ଗୃହର ଶିଳାନ୍ୟାସ କଲେ ମନ୍ତ୍ରୀ

ପାରାଦୀପ,୧୮।୩(ସମିସ):



ପାରାଦୀପ ବଡ଼ପଡିଆ ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟି ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଏନେଇ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ ଓ ଅନ୍ୟ ସଙ୍ଗଠନ ପକ୍ଷରୁ ଅର୍ଥ ଓ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଜରିପାଲ ଓ ଆଜି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯାଇଛି। ପରେ ପାରାଦୀପ ବନ୍ଦର ପକ୍ଷରୁ ସଚିବ କିଷ୍ଟା ବାପି ରାଜୁ, ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର ପରିବା ମାର୍କେଟରେ ପହଞ୍ଚି ବ୍ୟବସାୟୀଙ୍କର ଏଭଳି କ୍ଷତିର ସମୀକ୍ଷା କରିବା ସହିତ ସେମାନଙ୍କୁ ବନ୍ଦର ପକ୍ଷରୁ ନୂତନ ପିଣ୍ଡି ନିର୍ମାଣ କରିବାରେ ସହାୟତା ଦେବା ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏନେଇ ବନ୍ଦର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିବା ନେଇ ମଧ୍ୟ କହିଥିଲେ। ତେବେ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମିତି ମିଳିବା ପରେ ପରିବା ମାର୍କେଟ ମଧ୍ୟରେ ପିଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଆଜି ଏହି ଭେଣ୍ଡିଂ ଜୋନର ଶିଳାନ୍ୟାସ କରାଯାଇଥିଲା। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ଭେଣ୍ଡିଂ ଯୋନର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର, ପାରାଦୀପ ବନ୍ଦର ଡେପୁଟି ସେକ୍ରେଟାରୀ ପି.ଟୁଡୁଙ୍କ ସମେତ ପାରିଷଦ ସୌଦାମିନୀ ସାହୁ, ସୁବ୍ରତ ପ୍ରଧାନ, ଅଜିତ କୁମାର ଷଡ଼ଙ୍ଗୀ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ।

## ପରିବା ବ୍ୟବସାୟୀଙ୍କୁ ଇଫ୍‌କୋର ସହାୟତା

ପାରାଦୀପ : ଇଫକୋ ପକ୍ଷରୁ ପାରାଦୀପ ବଡ଼ପଡିଆ ମାର୍କେଟରେ ଥିବା ପରିବା ମାର୍କେଟର କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୁଧବାର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପସ୍ଥିତିରେ ଇଫକୋର ୟୁନିଟ୍ ହେଡ୍ ପିକେ ମହାପାତ୍ର ବ୍ୟବସାୟୀମାନଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବୁଧବାର ଦିନ ଇଫକୋ ୟୁନିଟ୍ ହେଡ୍ ପି.କେ. ମହାପାତ୍ରଙ୍କ ସହିତ ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଉପସ୍ଥିତ ଥିଲେ।

## ମାଛଧରା ବୋଟ୍‌ରେ ରୋଷେଇଆଙ୍କ ହୃଦ୍‌ଘାତରେ ମୃତ୍ୟୁ

ପାରାଦୀପ,୧୮।୩(ସମିସ): ପାରାଦୀପ ମେରାଇନ ଥାନା ଅଧୀନ ନେହୁରବଙ୍ଗଳା ମାଛଧରା ବନ୍ଦର ମଧ୍ୟରେ ଜଣେ ବୋଟ୍‌ର ରୋଷେଇଆଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମୃତକଙ୍କ ଘର ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଳାସାହି ହୋଇଥିବା ବେଳେ ତାର ନାମ ଜଟାଧାରୀ ସ୍ୱାଇଁ (୪୫)। ସେ ଶାମୁକା ନାମକ ବୋଟ୍‌ରେ ରୋଷେଇଆ ଭାବେ କାମ କରୁଥିଲା। ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତିରେ ମୃତକ ଜଣଙ୍କ ବୋଟ୍‌ର କର୍ମଚାରୀମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ପରେ ନେହୁର ବଙ୍ଗଳା ମାର୍କେଟକୁ ଯାଉଥିବା ବେଳେ ରାସ୍ତାରେ ପଡି ଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଅଠରବାଙ୍କୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ତେବେ ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ମାର୍ଚ୍ଚ ୨୮ ରୁ ଜିଡିଜେ ପାରାଦୀପ କ୍ରିକେଟ ଲିଗ୍‌ର ୪ର୍ଥ ସଂସ୍କରଣ

ପାରାଦୀପ,୧୮।୩(ସମିସ): ଆସନ୍ତା ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ଜିଡିଜେ ପାରାଦୀପ କ୍ରିକେଟ ଲିଗ୍‌ର ୪ର୍ଥ ସଂସ୍କରଣ। ଏ ନେଇ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ, ରବିବାର ସରିଛି ଖେଳାଳି ନିଲାମ ପ୍ରକ୍ରିୟା। ପାରାଦୀପ ନୂଆବଜାର ସ୍ଥିତ ପୋର୍ଟ କ୍ଲବ ଠାରେ ଅନୁଷ୍ଠିତ ଏହି ନିଲାମ ପ୍ରକ୍ରିୟାରେ ୮ଟି ଫ୍ରାଞ୍ଚାଇଜ, ଜେସିସି ୱାରିୟର୍ସ, ପାରାଦୀପ ସୁପରକିଙ୍ଗସ୍, ବାବାସାଇ ଡାଇମଣ୍ଡସ୍, ଡିକେଟି ଷ୍ଟାରସ, ଜିଡିସି ବ୍ଲାଷ୍ଟରସ୍, ଶ୍ରୀରାମ ସ୍ପୋର୍ଟିଂ, ମହାକାଳ ୱାରିୟର୍ସ, ଜୀପିସିଆଇ ହୀରୋସ୍ ଭାଗ ନେଇ ଖେଳାଳି କିଣିଥିଲେ। ତେବେ ପଞ୍ଜୀକରଣ କରିଥିବା ୧୮୬ ଖେଳାଳିଙ୍କ ମଧ୍ୟରୁ ୧୨୦ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ମାନେ ନିଜ ନିଜ ଟିମ୍ ପାଇଁ ଚୟନ କରିଥିଲେ। ତେବେ ପିସିଏଲର ଚଳିତ ସଂସ୍କରଣରେ ସବୁଠୁ ମହାଙ୍ଗା ଖେଳାଳି ଭାବେ ଅମିତ୍ କୁମାର ସାହୁଙ୍କୁ ୨୯ ହଜାର ଟଙ୍କାରେ କିଣିଛି ସାଇରାମ ସ୍ପୋର୍ଟିଂ। ଆସନ୍ତା ମାର୍ଚ୍ଚ ୨୮ ରୁ ପାରାଦୀପ କ୍ରିକେଟ ଲିଗ୍‌ର ୪ର୍ଥ ସଂସ୍କରଣ ଆରମ୍ଭ ହୋଇ ଏପ୍ରିଲ ୧୨ରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ସୂଚନା ମିଳିଛି। ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳର ଲୁକ୍କାୟିତ କ୍ରିକେଟ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପାରାଦୀପ କ୍ରିକେଟ ଲିଗ୍ ମାଧ୍ୟମରେ ଏହି ପ୍ରୟାସ କରାଯାଉଛି ଓ ପ୍ରତି ଟିମ୍‌ର ୧୫ ଖେଳାଳିଙ୍କ ମଧ୍ୟରେ ଜଗତସିଂହପୁରର ୪ଜଣ, ପାରାଦୀପ ନିର୍ବାଚନ ମଣ୍ଡଳୀରୁ ୧୦ ଜଣ ଓ କେନ୍ଦ୍ରାପଡ଼ାରୁ ୧ଜଣ ଖେଳାଳି ରହିବେ ବୋଲି କହିଛନ୍ତି ପିସିଏଲ୍ ସମ୍ପାଦକ ଅଧିର କୁମାର ସାହୁ। ତେବେ ପିସିଏଲ୍‌ର ଚଳିତ ସଂସ୍କରଣର ମ୍ୟାଚ ଗୁଡିକ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଓ ଏନ୍‌ଏସି ଖେଳ ପଡିଆରେ ଖେଳାଯିବ ବୋଲି ସୂଚନା ମିଳିଛି।

## ସାମ୍ବାଦିକ ପରିଚୟ ଦେଇ ଠିକାଦାରଙ୍କୁ ଧମକ ଅଭିଯୋଗ

ବିରିଡ଼ି,୧୮।୩(ସମିସ): ବିରିଡ଼ି ଥାନା ୨୨ମୌଜା ଉକୁନ୍ଦରା ଗ୍ରାମର ମନୋରଞ୍ଜନ ମହାପାତ୍ର ନାମକ ଜଣେ ବ୍ୟକ୍ତି ନିଜକୁ ଜଣେ ସାମ୍ବାଦିକର ପରିଚୟ ଦେଇ ଠିକାଦାର ରାକେଶ କୁମାର ଜେନାଙ୍କୁ ୫୦ ହଜାର ଟଙ୍କା ବଟି ମାଗିବା ଘଟଣା ଅଭିଯୋଗ ହୋଇଛି। ଏହି ଘଟଣାରେ ଠିକାଦାର ରାକେଶ କୁମାର ଜେନା ବିରିଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସରକାରୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ଠିକାଦାରଙ୍କୁ ମୋଟା ଅଙ୍କରେ ଚାନ୍ଦା ମାଗୁଥିବାରୁ ଦୃଢ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସୂଚନା ଅନୁଯାଇ ଉକୁନ୍ଦରା ପଞ୍ଚାୟତରେ ଚାଲିଥିବା ସରକାରୀ କୋଠା (ମିଶନଶକ୍ତି ଗୃହ) ନିର୍ମାଣ କାର୍ଯ୍ୟ ଏହି ଥାନା ହକାଦିଆପଡ଼ା ଗ୍ରାମର ଠିକାଦାର ରାକେଶ କୁମାର ଜେନାଙ୍କୁ ଟେଣ୍ଡର ମାଧ୍ୟମରେ ମିଳିଥିଲା। ଯାହା ବର୍ତ୍ତମାନ ଚାଲୁରହିଛି। ଆଜି ଏହି କାର୍ଯ୍ୟ ଚାଲୁଥିବା ବେଳେ ଏବଂ ସେଠାରେ ଠିକାଦାର ରାକେଶ ଉପସ୍ଥିତ ଥିବା ସମୟରେ ସମ୍ପୃକ୍ତ ବ୍ୟକ୍ତି ଠିକାଦାରଙ୍କୁ ଫୋନ୍ ଯୋଗେ ଧମକ ଚମକ ଦେବା, ଗାଳିଗୁଲଜ କରିବା ଏବଂ ବଟି ପାଇଁ ଜୁଲୁମ କରିବାକୁ ପଛାଇନଥିଲେ। ଅଭିଯୋଗ ପରେ ପୁଲିସ୍ ଘଟଣାର ତଦନ୍ତ କରୁଛି।

## ଷଣ୍ଢକୁଦରେ ଜାଲରେ ଲାଖିଥିବା ତମ୍ପ ଉଦ୍ଧାର



ପାରାଦୀପ,୧୮।୩(ସମିସ): ଆଜି ପାରାଦୀପ ଷଣ୍ଢକୁଦ ବସ୍ତିରେ ବଙ୍ଗାଳୀ ପଡ଼ାର ଗିରି ଭାଇଙ୍କ ବାଡ଼ିରେ ଜାଲ ଭିତରେ ଲାଗିଥିବା ଗୋଟିଏ ତମ୍ପସାପ ଉଦ୍ଧାର କରାଯାଇଛି। ସାପ ଗର୍ଜନ ଦେଖି ସ୍ଥାନୀୟ ଲୋକ କୁଜଙ୍ଗର ସାପ ଧରାଳି ପ୍ରଭାତ ବେହେରା ଓରଫ ବାବୁନି ବାବାଙ୍କୁ ଖବର ଦିଆଯାଇଥିଲା। ଖବର ପାଇବା ମାତ୍ରେ ସହଯୋଗୀ ପଙ୍କଜ ତରାଇ, ମଣିଶଙ୍କର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ଶଶୀଭୂଷଣ ସାହୁ, ପ୍ରଭୁ ପ୍ରସାଦ ସୁତାର, ମଦନ ସାହୁଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

### ● ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

## ଘରୋଇ ମେଡ଼ିକାଲରେ ଭଙ୍ଗାରୁଜା



ଜଗତସିଂହପୁର,୧୮।୩(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଖେରସ ଠାରେ ଥିବା ଏକ ଘରୋଇ ମେଡିକାଲରେ ପ୍ରସୂତିଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଉତ୍ତ୍ୟକ୍ତ ଲୋକମାନେ ଭଙ୍ଗାରୁଜା କରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସୂଚନା ଅନୁସାରେ ସଦର ଥାନା ଦୋମ୍ବ ଗ୍ରାମର ଶକ୍ତି ପ୍ରସାଦ ଭୋଳଙ୍କ ପତ୍ନୀ ସୁଶ୍ରୀ ସଂଗୀତା ସାହୁ ପ୍ରସବ ଯନ୍ତ୍ରଣା ହେବାରୁ ଆଜି ସକାଳେ ଖେରସସ୍ଥିତ ଉକ୍ତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ଅଳ୍ପ କିଛି ସମୟ ପରେ ଦାୟିତ୍ୱରେ ଥିବା ଡାକ୍ତର ଅସ୍ତ୍ରୋପଚାର ଗୃହରୁ ବାହାରକୁ ଆସି ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲକୁ ରେଫର କରିଥିଲେ। ତେବେ ସେଠାରେ ଡାକ୍ତର ପ୍ରସୂତୀଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ପ୍ରସୂତିଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ଲୋକମାନେ ଖେରସ ସ୍ଥିତ ଉକ୍ତ ଡାକ୍ତରଖାନାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଚିକିତ୍ସା ଅବହେଳାରୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଶକ୍ତି ପ୍ରସାଦ ଭୋଳ ଜଗତସିଂହପୁର ଥାନାରେ ଏତଲା ଦେବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଡାକ୍ତରଖାନା ପରିସରରେ ପୁଲିସ ମୁତୟନ କରାଯାଇଛି।

## ଜିଲ୍ଲାନାସୀ ପଞ୍ଚାୟତରେ ବାରୁଣୀ ମହୋତ୍ସବ

କୁଜଙ୍ଗ,୧୮।୩(ସମିସ): କୁଜଙ୍ଗ ବ୍ଲକର ପ୍ରମୁଖ ଅଞ୍ଚଳ ଜିଲ୍ଲାନାସୀ ତାର କଳା ସଂସ୍କୃତି, କୃଷି ଓ ଭାଇଚାରା ପାଇଁ ନିଜର ଗୌରବ ଅର୍ଜନ କରିଥିବା ବେଳେ ଏହି ଅଞ୍ଚଳର ପ୍ରମୁଖ ଉତ୍ସବ ବାରୁଣୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଚାରି ଦିବସୀୟ କାର୍ଯ୍ୟକ୍ରମରେ ମୁକ୍ତ ମଞ୍ଚ ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଉଦ୍‌ଯାପନ ସନ୍ଧ୍ୟାରେ ଦୀର୍ଘ ବର୍ଷ ଧରି ଏହି ଯାତ୍ରା ଆୟୋଜନ ସଫଳତାର ସହ କରି ଆସୁଥିବା କମିଟି ସଦସ୍ୟ ଓ ମୁରବୀମାନଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଗ୍ରାମର ଏହି ନୂତନ କମିଟି ସଦସ୍ୟ ଓ କର୍ମକର୍ତ୍ତାଙ୍କ ଗହଣରେ ବରିଷ୍ଠ ସଦସ୍ୟ ଅର୍ଜୁନୀ ବେହେରା, ପ୍ରମୋଦ ସ୍ୱାଇଁ, ସୁଭାଷ ସାମନ୍ତରାୟ, ଉଛବ ପ୍ରଧାନ, ସୁକାନ୍ତ ବେହେରା, ପ୍ରଭାକର ଓଝା ପ୍ରମୁଖ ସାମିଲି ହୋଇ ଥିଲେ।

## ପ୍ରାଣୀ ସମ୍ପଦ ବିକାଶ ସଚେତନତା ଶିବିର



ଜଗତସିଂହପୁର,୧୮।୩(ସମିସ): କୁକ୍କୁଟ ଅନୁସନ୍ଧାନ ନିର୍ଦ୍ଦେଶାଳୟର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ଉଦ୍ୟମରେ ଏରସମା ବ୍ଲକ ଅନ୍ତର୍ଗତ ଅରୁତ୍ୟଦାସପୁର ଗ୍ରାମରେ ପ୍ରାଣୀ ସମ୍ପଦର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପରିଚାଳନା ନେଟୱର୍କ ପ୍ରକଳ୍ପ ଅଧୀନରେ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୫୦ଜଣ ପ୍ରାଣୀ ପାଳକ ଭାଗ ନେଇଥିଲେ। କୁକ୍କୁଟ ଅନୁସନ୍ଧାନ ନିର୍ଦ୍ଦେଶାଳୟର ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ ଡ. ସୁବ୍ରତ କୁମାର ଭଞ୍ଜ କାର୍ଯ୍ୟକ୍ରମର ସଭାପତିତ୍ୱ କରି ପ୍ରାଣୀ ପାଳନରେ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପରିଚାଳନାର ମହତ୍ତ୍ୱ ବୁଝାଇଥିଲେ। ଓଡ଼ିଶାରେ ପ୍ରାଣୀ ସମ୍ପଦର ସ୍ଥିତି, ଉନ୍ନତି ଏବଂ ସଂରକ୍ଷଣ ବିଷୟରେ ଚାଷୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ଆଞ୍ଚଳିକ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ବିଜୟ କୁମାର ସ୍ୱାଇଁ ପ୍ରାଣୀ ପାଳନ ଓ କୁକୁଡ଼ା ବତକ ପାଳନରେ ଖାଦ୍ୟ ପରିଚାଳନାର ବିଭିନ୍ନ ମାଧ୍ୟମ ବିଷୟରେ ଆଲୋକପାତ କରିଥିଲେ। ଡ. ଧୀରେନ୍ଦ୍ର କୁମାର, ପ୍ରଧାନ ବୈଜ୍ଞାନିକ, ଆଞ୍ଚଳିକ କେନ୍ଦ୍ର ପ୍ରାଣୀ ପାଳନରେ ସ୍ୱାସ୍ଥ୍ୟ ପରିଚାଳନାର ଗୁରୁତ୍ୱ ଏବଂ ଉପାୟ ମାନ ଯଥା ଟିକାକରଣ ବିଷୟରେ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡ. ତପନ କୁମାର ପଲାଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୁକୁଡ଼ା ବତକ ପାଳନ ଆୟର ଏକ ପନ୍ଥା ବିଷୟରେ ଭାଗ ନେଇ ଥିବା ଚାଷୀ ମାନଙ୍କୁ ସଚେତନ କରାଇଥିଲେ। ସର୍ବଶେଷରେ ନିର୍ଦ୍ଦେଶାଳୟ ତରଫରୁ ଭାଗ ନେଇଥିବା ଚାଷୀମାନଙ୍କୁ ଏକ କିଟ୍ ପ୍ରଦାନ କରାଯାଇଥିଲା। କିଟ୍ ମାଧ୍ୟମରେ ପ୍ରତ୍ୟେକ ଚାଷୀକୁ ପ୍ରାଣୀ ମାନଙ୍କ ପାଇଁ କୃମି ନାଶକ ଔଷଧ, ଲିଭର ଟନିକ୍, ମଲ୍ଟି ଭିଟାମିନ ଏବଂ ମିନେରାଲ ମିକ୍ସଚର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ, ପ୍ରମୁଖ ବୈଜ୍ଞାନିକ ମାନେ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ବଡିଲୋ ଗ୍ରାମରେ କ୍ଷେତ୍ର ପରିଦର୍ଶନ କରି ଚାଷୀ ମାନଙ୍କୁ କୁକୁଡ଼ା ଓ ବତକ ପାଳନ ନିମନ୍ତେ ଉତ୍ସାହିତ କରିଥିଲେ।

## ଅଧ୍ୟକ୍ଷ ପ୍ରତାପ କୁମାର ମହାପାତ୍ର ସମ୍ବର୍ଦ୍ଧିତ



କୁଜଙ୍ଗ,୧୮।୩(ସମିସ): କୁଜଙ୍ଗ ସମାଗୋଳ ସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସାରସ୍ୱତ ସାଧକ ଡ଼. ପ୍ରତାପ କୁମାର ମହାପାତ୍ରଙ୍କୁ ତାଙ୍କ ସାହିତ୍ୟ କୃତି, ପ୍ରଶାସନିକ ଦକ୍ଷତା ତଥା ଗ୍ରାମାଞ୍ଚଳରେ ଶିକ୍ଷା ଓ ସଚେତନତା ପାଇଁ 'ବାଲିଘର' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତିର୍ତ୍ତୋଲ ବ୍ଲକ୍ ତେନ୍ତୁଳିପଦା ସ୍ଥିତ ସାରଳା ଦାସଙ୍କ ସାଧନାପୀଠ ମୁନିଗୋସେଇଁ ମଠରେ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ, ବାଲିଘର ଫାଉଣ୍ଡେସନ, ବାଲିଘର ଶିଶୁ କିଶୋର ସାହିତ୍ୟ ପତ୍ରିକା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠିତ ୩୬ତମ ବାର୍ଷିକୋତ୍ସବ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ସଭାପତି ଅଜୟ କୁମାର ବେହେରା, ମୁଖ୍ୟ ଅତିଥି ପ୍ରଫେସର ଡ. ଆଦିକନ୍ଦ ସାହୁ, ପ୍ରଫେସର ଡ. ନିତ୍ୟାନନ୍ଦ ସାହୁ, ଅନ୍ୟତମ ଅତିଥି ପ୍ରଫେସର ଡ. ଅଦ୍ୱୈତ ଚରଣ ପାତ୍ର, ମେଜର ଡ. ସୁମିତ୍ରା ମିଶ୍ର, ଅଧ୍ୟାପିକା ଡ. ସରୋଜିନୀ ପାଣି, କବି ବିଜୟ କୁମାର ଖଟେଇ ଓ ସଂପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କୁ ଏହି ସମ୍ମାନ ପାଇଁ କବି ନବୀନ ପ୍ରଧାନ, ଝରେନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଡ. ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ମଲ୍ଲିକାପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ





ବାଲିକୁଦା,୧୮।୩(ସମିସ): ବାଲିକୁଦା ବ୍ଲକ ମଲ୍ଲିକାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରବୀନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସିଆର୍‌ସିସି ଜ୍ଞାନରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ନିତ୍ୟାନନ୍ଦ କାନୁନଗୋ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ, ମୋ ସ୍କୁଲ କମିଟି ସଭାପତି ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଶିକ୍ଷାର ବିକାଶ ହେଲେ ଛାତ୍ରଛାତ୍ରୀଙ୍କ ବିକାଶ ହେବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶୀପ୍ରଭା ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମିନତୀ ପରିଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୁଇଜଣଙ୍କୁ ୪ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ





ନାଉଗାଁ,୧୮।୩(ସମିସ): ଷ୍ଟେଟ୍‌ବ୍ୟାଙ୍କ ନାଉଗାଁ ଶାଖାରେ ଦୁଇଜଣ ବ୍ୟାଙ୍କ ଖାତାଧାରୀଙ୍କ ନୋମିନିଙ୍କୁ ୨ଲକ୍ଷ ଲେଖାଏଁ ମୋଟ ୪ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ଉକ୍ତ ଦୁଇଜଣ ପିଏମ୍‌ଜେଜେୱାଇ ଓ ପିଏମଏସବିୱାଇ ଯୋଜନାରେ ଏହି ଅର୍ଥ ରାଶି ପାଇଛନ୍ତି। ନାଉଗାଁ ବ୍ଲକ ଅଧୀନ ତିରୁଣା ପଞ୍ଚାୟତ ଅରିଓଦା ଗ୍ରାମର ପବିତ୍ର ନାୟକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ନାଉଗାଁ ପଞ୍ଚାୟତ ତିହୁଡା ଗ୍ରାମର ଶୁକମଣି ସ୍ୱାଇଁ ରୋଗରେ ମୃତ୍ୟୁବରଣ କରିଥିଲେ। ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଉପରେ ପବିତ୍ର ନାୟକ ୨୦ ଟଙ୍କାର ବୀମା କରିଥିଲେ। ଯାହା ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ପରେ ବ୍ୟାଙ୍କ ତାଙ୍କ ସ୍ତ୍ରୀଙ୍କୁ ୨ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିଥିଲା। ସେହିପରି ଶୁକମଣୀ ସ୍ୱାଇଁ ୪୩୬ ଟଙ୍କାର ବୀମା କରିଥିଲେ। ତାଙ୍କର ମୃତ୍ୟୁ ପରେ ନୋମିନି ତାଙ୍କ ପୁଅ ଜ୍ଞାନେଶ୍ୱର ଲେଙ୍କାଙ୍କୁ ମଧ୍ୟ ବ୍ୟାଙ୍କ ୨ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲା। ଏହି ଚେକ୍ ପ୍ରଦାନ କାର୍ଯ୍ୟକ୍ରମ ବ୍ୟାଙ୍କର ମ୍ୟାନେଜର ଶଶାଙ୍କ ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ରମାକାନ୍ତ ସ୍ୱାଇଁ, ପ୍ରଭାତ ସେଠୀ, ଅନନ୍ତ ବିଶ୍ୱାଳ, ସିଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲୁ ଫାଟକରେ ଖୋଲିଲା ପୁଲିସ ସହାୟତା ପୋଷ୍ଟ



ପାରାଦୀପ,୧୮।୩(ସମିସ): ଶିଳ୍ପ ସହରରେ ପୁଲିସିଂ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଅଭୟଚନ୍ଦ୍ରପୁର ପୁଲିସ ଷ୍ଟେସନ୍ ଅଧୀନରେ ଏକ ପୁଲିସ ସହାୟତା ପୋଷ୍ଟ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହି ସହାୟତା ପୋଷ୍ଟ ଅଞ୍ଚଳରେ ପୁଲିସ ଉପସ୍ଥିତିକୁ ବୃଦ୍ଧି କରିବ, ପ୍ରଭାବଶାଳୀ ଅପରାଧ ରୋକିବାରେ ସାହାଯ୍ୟ କରିବ, ପ୍ରତିକ୍ରିୟା ସମୟକୁ ଉନ୍ନତ କରିବ ଏବଂ ସ୍ଥାନୀୟ ନାଗରିକଙ୍କ ପାଇଁ ପୁଲିସ ସେବାକୁ ସହଜରେ ପହଞ୍ଚ ପ୍ରଦାନ କରିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକଙ୍କ ସହିତ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ଆଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ପାଣିପାଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୮।୩(ସମିସ):

ସର୍ବଭାରତୀୟ କୃଷି ପାଣିପାଗ ଗବେଷଣା ପ୍ରକଳ୍ପ, ପାଣିପାଗ ଭିତ୍ତିକ କୃଷି ପରାମର୍ଶ ସେବା ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଦ୍ୱାରା ମିଳିତ ଭାବେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମର ୮୫ ଜଣ ଚାଷୀ ଭାଇ ଓ ମହିଳା ଚାଷୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ ସେନ୍ ଚାଷୀମାନଙ୍କୁ ଫସଲ ସୁରକ୍ଷା, ବିପଦ ପରିଚାଳନା ଓ ଉନ୍ନତ କୃଷି ପ୍ରଣାଳୀ ବିଷୟରେ ସଚେତନ କରିଥିଲେ। ଏହା ସହିତ ଗ୍ରାମୀଣ କୃଷିର ବିଭିନ୍ନ ଦିଗ ଯଥା ମାଟିରେ ସ୍ୱାସ୍ଥ୍ୟରକ୍ଷା, ସଠିକ୍ ଉର୍ବରକ ବ୍ୟବହାର ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଡ଼ ପ୍ରଦୀପ୍ତ ମାଝୀ (ମୃତ୍ତିକା ବିଜ୍ଞାନୀ), ଦେବାଶିଷ ପଣ୍ଡା (ଉଦ୍ଭିଦ ସୁରକ୍ଷା ବିଜ୍ଞାନୀ) ଓ ସସ୍ମିତା ପୁରୋହିତ (ଗୃହ ବିଜ୍ଞାନୀ) ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପ୍ରସ୍ତାବିତ ପଦକ୍ଷେପ ଯଥା ଦକ୍ଷ ଭାବେରେ ଜଳ ବ୍ୟବହାର, ମରୁଡ଼ି ପ୍ରତିଶୋଧ ମୂଳକ ପଦକ୍ଷେପ, ବନୀକରଣ ଉପରେ ପ୍ରାଧାନ୍ୟ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ କୃଷି ପାଣିପାଗବିତ୍ ଚିନ୍ମୟ କୁମାର ସାହୁ ଜଳବାୟୁ ପରିବର୍ତ୍ତନର ସଫଳ ମୁକାବିଲା ପାଇଁ ବିଜ୍ଞାନ ସମ୍ମତ ଜଳବାୟୁ ଉପଯୋଗୀ ପଦକ୍ଷେପ ଗ୍ରହଣ କରି ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ପ୍ରଦାନ କରିଥିଲେ ଏବଂ ଓ୍ୟୁଏଟି ଦ୍ୱାରା ଜାରି କରାଯାଉଥିବା ସାପ୍ତାହିକ ପାଣିପାଗ ଭିତ୍ତିକ କୃଷି ପରାମର୍ଶକ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଜଳବାୟୁ ପ୍ରକଳ୍ପ ନିରୀକ୍ଷକ ଗୌରୀଶଙ୍କର ପାଣିଗ୍ରାହୀ ବିଜୁଳିରୁ ସୁରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ତଥା ଖୋଲା ଜାଗାରେ ରୁହନ୍ତୁ ନାହିଁ, ଗଛ ତଳେ ରୁହନ୍ତୁ ନାହିଁ, ଧାତୁ ବସ୍ତୁରୁ ଦୂରେଇ ରୁହନ୍ତୁ, ପାଣି ଓ ଜଳାଶ୍ରୟ ଠାରୁ ଦୂରରେ ରୁହନ୍ତୁ, ଠିକ୍ ଭାବରେ ବସିବା ପଦ୍ଧତି, ମୋବାଇଲ ଓ ବିଦ୍ୟୁତ ଯନ୍ତ୍ର ସାବଧାନରେ ବ୍ୟବହାର କରନ୍ତୁ ଏସବୁ ବିଷୟରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଉପସ୍ଥିତ ଚାଷୀ ମାନଙ୍କୁ ମୋହିତ ନଗର ଗୁଆ ଗଛ, କୃଷି ଯନ୍ତ୍ରପାତି ତଥା ଖୁର୍ପି ଏବଂ ପାଣିପାଗ ସମ୍ବନ୍ଧୀୟ ପତ୍ରିକା ବଣ୍ଟନ କରାଯାଇଥିଲା। ଚାଷୀମାନେ ଏହି କାର୍ଯ୍ୟକ୍ରମରୁ ଅନେକ ଉପକୃତ ହୋଇଥିବା ବେଳେ, ଭବିଷ୍ୟତରେ ଏପରି ଅଧିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆଶା ପ୍ରକାଶ କରିଥିଲେ। ଏହି ପଦକ୍ଷେପ ଚାଷୀମାନଙ୍କୁ ସଚେତନ କରିବା ସହ କୃଷି ଉତ୍ପାଦନ ବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଆୟୋଜକ ମାନେ ମତ ପ୍ରକାଶ କରିଥିଲେ।

# ୧୩ ମାସ ହେବ ରାସ୍ତା କାମ ବନ୍ଦ

**ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ଅନୁଗୋଳ, ୧୮ ।୩(ସମିସ)



ଠାକୁରଗଡ଼ ଥାନା ରାମଗଡ଼ଠାରୁ ବାତ୍ରାଖୋଲ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ନିର୍ମାଣ ହେଉଥିବା ପକ୍କା ସଡ଼କ କାର୍ଯ୍ୟ ସରୁନାହିଁ। ମନ୍ଥର ଗତିରେ ରାସ୍ତା କାମ ଚାଲୁଥିବା ବେଳେ ଦୀର୍ଘ ୧୩ ମାସ ହେବ କାମ ବନ୍ଦ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବାରମ୍ବାର ସ୍ଥାନୀୟ ଅଞ୍ଚଳବାସୀ ବଲଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବୁଧବାର ରାଇନାଳି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ୧୧ କୋଟି ଟଙ୍କା ବ୍ୟୟରେ ରାମଗଡ଼ରୁ ବାତ୍ରାଖୋଲ ୮ କିମି ରାସ୍ତାକୁ ନୂତନ ପିଚୁ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା କାର୍ଯ୍ୟ ୨୦୨୩ରେ ଆରମ୍ଭ ହୋଇଥିବା ବେଳେ ବିନା ଫଳକରେ କାର୍ଯ୍ୟ କରାଯାଉଛି। କାମ ଅତି ନିମ୍ନମାନର ହେଉଥିବା ବେଳେ ବିଳମ୍ବ ଯୋଗୁଁ ଗ୍ରାମବାସୀ ଯାତାୟାତରେ ହଇରାଣ ହେଉଛନ୍ତି। ମାତ୍ର ୧ କିମି ପିଚୁ କରାଯାଇଥିବା ବେଳେ ତାହା କିଛି ସ୍ଥାନରେ ଫାଟିଗଲାଣି। ୨୦୨୫ ମାର୍ଚ୍ଚରୁ ଆଉ କରାଯାଉନାହିଁ। ଠିକା ସଂସ୍ଥାର କୌଣସି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ କାମ ୪୦ ପ୍ରତିଶତ କରି ଠିକା ସଂସ୍ଥା ଚୁପ୍ ବସିଛି। ଅବଶିଷ୍ଟ କାମ କରିବା ପାଇଁ ଅଞ୍ଚଳବାସୀ ବହୁବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ପରିକି ଆଗାମୀ କାମକୁ ବିଭାଗୀୟ ଉଦାସୀନ ଦରାରଖ କରୁ ନ ଥିବା ବେଳେ କିପରି ରାସ୍ତା କାମ ଶୀଘ୍ର ସରିବ ସେ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୋନୁ ନାୟକ କହିଛନ୍ତି।

## ଥାନା ସାମ୍ନାରେ ଶବ ରଖି ଧାରଣା

କଣିହାଁ, ୧୮ ।୩(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ନାକଟିଦେଉଳ ଗ୍ରାମର ଗଣେଶର ଦେହୁରୀଙ୍କର ମଙ୍ଗଳବାର କଣିହାଁ ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ବୁଧବାର ପରିବାର ଲୋକେ ଥାନା ସମ୍ମୁଖରେ ଶବ ରଖି କ୍ଷତିପୂରଣ ଦାବି କରିଛନ୍ତି। ଗଣେଶର କାମ କରିବାକୁ ବରପଦା ଗ୍ରାମରେ ଥିବା ଏକ ଚୋରା ମଦଭାଟିକୁ ନିଜ ସାଙ୍ଗମାନଙ୍କ ସହ ଯାଇଥିଲେ। କିନ୍ତୁ ସେଠାରେ କୌଣସି କାରଣରୁ ଅସୁସ୍ଥ ପରେ ତାଙ୍କୁ କଣିହାଁ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ ଘରୁ ଗଲାବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ତାଙ୍କୁ ମୁଣ୍ଡରେ କେହି ଆଘାତ କରି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୁଲିସ ତଦନ୍ତ କରୁ ନ ଥିବା ଅଭିଯୋଗ କରି ବ୍ୟବଚ୍ଛେଦ ପରେ ମୃତଦେହ ଥାନା ସାମ୍ନାରେ ରଖି ପରିବାର ଲୋକେ ଧାରଣାରେ ବସିଥିଲେ। କଣିହାଁ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ରେଡକ୍ରସ ପାଣ୍ଠିରୁ ୧୦୦୦୦ ଟଙ୍କା ପ୍ରଦାନ କରିବା ସହିତ କାମ କରିବାକୁ ଯାଇଥିବା ବ୍ୟକ୍ତିଙ୍କ ତରଫରୁ ୫୦ ହଜାର ଓ ପରେ ଆଉ ୪୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

## ୨୪୧ ସ୍କୁଲରେ ମଧ୍ୟାହ୍ନଭୋଜନ ଅଚଳାବସ୍ଥା

- ପାଚିକା ଆନ୍ଦୋଳନରେ
- ୨୭ ସ୍କୁଲରେ ଚାଉଳ ନାହିଁ
- ଶିକ୍ଷୟିତ୍ରୀ ରୋଷେଇ କଲେ

ପାଲଲହଡ଼ା, ୧୮ ।୩(ସମିସ): ପାଲଲହଡ଼ା ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ୫୭୮ ଜଣ ପାଚିକା ରାଜ୍ୟ ଆନ୍ଦୋଳନରେ ଯୋଗଦେଇଥିବାରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ସମେତ ୨୪୧ ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇରେ ଅଚଳାବସ୍ଥା ସୃଷ୍ଟି ହେଇଛି। ୨୭ ସ୍କୁଲରେ ଚାଉଳ ନାହିଁ। ଧାର ଉର୍ଦ୍ଧାରରେ ଚାଲିଛି ମଧ୍ୟାହ୍ନ ଭୋଜନ। ପାଚିକା ଆନ୍ଦୋଳନ ଏବଂ ଚାଉଳ ଅଭାବ ନେଇ ସାରା ଉପଖଣ୍ଡରେ ୧୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବାରେ ଅସୁବିଧା ସୃଷ୍ଟି ହୋଇଛି। ଗତ ଡିସେମ୍ବର ୨୫ ତାରିଖରେ ଚାଉଳ ଦିଆଯାଇଥିଲା। ପ୍ରାୟ ତିନିମାସ ହେବ ସ୍କୁଲଗୁଡ଼ିକୁ ଚାଉଳ ଆସୁ ନ ଥିବାରୁ ଆଉ ମାତ୍ର ଦିନେ ଦୁଇଦିନ ଭିତରେ ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ହେଇଜିବାର ଆଶଙ୍କା ପ୍ରକାଶ ପାଇଛି। ବୁଧବାର ମୁକ୍ତାପୁର ପ୍ରାଥମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷୟିତ୍ରୀ ନିଜେ ରୋଷେଇ କରି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେଇଥିଲେ। ପାଲଲହଡ଼ା ବିଇଓ ସତ୍ୟବାଦୀ ସାମଲ କହୁଛନ୍ତି ଟେଣ୍ଡର ହେଇ ନ ଥିବାରୁ ଚାଉଳ ଜିଲ୍ଲାରୁ ଆସିପାରିନାହିଁ। ଦିନକୁ ଦିନ ସ୍କୁଲଗୁଡ଼ିକରେ ଚାଉଳ ଅଭାବ ପରିଲକ୍ଷିତ ହେଉଛି। ଧାର କରି ମଧ୍ୟାହ୍ନ ଭୋଜନ ଚଲେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦଯାପିତ

ଅନୁଗୋଳ, ୧୮ ।୩(ସମିସ): ସ୍ଥାନୀୟ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଚାଲିଥିବା ଜନଗଣନା ୨୦୨୭ ସମ୍ବନ୍ଧୀୟ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ ୪୪ଜଣ ପ୍ରଶିକ୍ଷାର୍ଥୀଙ୍କୁ ଜନଗଣନା ତାଲିମ ପରିସମାପ୍ତି ପ୍ରମାଣପତ୍ର ପ୍ରଦାନ କରିବା ସହିତ ଜନଗଣନା କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠା ଓ ଯତ୍ନର ସହ ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଛେଣ୍ଡିପଦା ତହସିଲଦାର ମାନସ ରାୟ ଓ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସନ୍ଦୀପ ରାଉତ ଜନଗଣନା ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଦୀପକ କୁମାର ବୈଷୟିକ ତାଲିମ ପ୍ରଦାନରେ ସହାୟତା କରିଥିଲେ। ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି କଲେକ୍ଟର ତଥା ଅତିରିକ୍ତ ଜିଲ୍ଲା ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

ଅନୁଗୋଳ, ୧୮ ।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମର୍ଜେନ୍ସି ଟ୍ରେଣ୍ଡ ଇନ କମର୍ସ ଏଜୁକେସନ ଏବଂ ରିସର୍ଚ୍ଚ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଶ୍ରୀମତୀ ସଞ୍ଜୁକ୍ତାନୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଡ. କିଷାନ ଦିଗଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ବାଣିଜ୍ୟ କ୍ଷେତ୍ରରେ ଗବେଷଣାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ମଳୟ ମହାନ୍ତି ଯୋଗଦେଇ ବାଣିଜ୍ୟ ବିଭାଗର ପାଠ୍ୟକ୍ରମ ଓ ଉଦ୍ୟମିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପୂର୍ବତନ ପ୍ରଫେସର ପିକେ ପ୍ରଧାନ ନୂତନ ଓ ନବୀନ ବ୍ୟବସାୟ ଧାରଣ ସମ୍ବନ୍ଧରେ ମତାମତ ରଖି ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଭାବେ ଚିନ୍ତାକରି ସମୟକୁ ବ୍ୟବସାୟ ଅବସରରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଡ. ପ୍ରଭାତୀ ଭୋଇ ଆଲୋଚନାର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ଲୁନାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## କୋଶଳା ଗ୍ରାମ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ବିଧାୟକ



ଅନୁଗୋଳ, ୧୮ ।୩(ସମିସ): ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ କୋଶଳା ଗ୍ରାମରେ ଉପୁଜିଥିବା ବିଭିନ୍ନ ସମସ୍ୟା ଗ୍ରାମବାସୀ ଫେବୃଆରୀ ୬ରୁ ଧାରଣାରେ ବସିଥିବା ଖବର ପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କିଛିଦିନ ପୂର୍ବେ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ବିଧାୟକ ପ୍ରଧାନ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ଓ ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଧାରଣାରେ ବସିଥିବା ଗ୍ରାମବାସୀଙ୍କୁ ଭେଟିବା ସହ ବୁଧବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଲୋକଙ୍କ ହିତ ପାଇଁ ଯଥାଶୀଘ୍ର ସରକାରଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବରପଦା ପଞ୍ଚାୟତ ନାଣ୍ଡିଛୋଡ଼ ଗ୍ରାମର ମହିଳା ଓ ପୁରୁଷମାନେ ନାଲକୋରେ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରିଥିଲେ। ପୁଲିସ ପ୍ରଶାସନ ସେଠାରେ ପହଞ୍ଚି ସମସ୍ୟା ସମାଧାନ ନ କରି ସେମାନଙ୍କୁ ଗିରଫ କରିଥିବା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ତୁରନ୍ତ ସେମାନଙ୍କୁ ଛାଡ଼ିବା ସହ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା, ୧୮ ।୩(ସମିସ): ସ୍ଥାନୀୟ କିଶୋରଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟର ୩ ଛାତ୍ର ଚଳିତ ବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ବୁଧବାର ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ସଫଳତା ହାସଲ କରିଥିବା କୌଶିକ ଦେହୁରୀ, ଶାସ୍ତିକ କୁମାର ସାହୁ, ଯଶୋବନ୍ତ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଗବାନ ଘିୱାଲା, ସାନ୍ତୁନ କୁମାର ପ୍ରଧାନ, ସାଗରିକା ପ୍ରଧାନ, ସୁଜାତା ପାତ୍ର, ଅଞ୍ଜଳି ପ୍ରଧାନଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ। ସେହିପରି ବଇଣ୍ଡା ଶିଶୁମନ୍ଦିର ଛାତ୍ରୀ ସୌମ୍ୟାଶ୍ରୀ ପ୍ରଧାନ, ଗୁଞ୍ଜନ ସାହୁ, ଶ୍ରୀୟାଂଶ କର୍ମୀ, ହେମେଶ ପ୍ରଧାନ ଲେକେଶ ସ୍ୱାଇଁ, ଓଁ ସାଇ ପ୍ରକାଶ ବେହେରା, ହରପ୍ରୀତ ନାୟକ ସଫଳତା ହାସଲ କରିଛନ୍ତି। ତାଙ୍କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବିନିତା ପ୍ରଧାନ, ଗୋଲାପ ସ୍ୱାଇଁ, ନିରୁପମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



କିଶୋରନଗର, ୧୮ ।୩(ସମିସ): କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟକୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ହେଉଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ଏବଂ ସ୍ୱାଧୀନଚେତା ତଥା ଶାରୀରିକ ଓ ମାନସିକ ସ୍ତରରେ ସାହସୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ବୀଣାପାଣି ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ପ୍ରିୟଦର୍ଶିନୀ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଛାତ୍ରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ କହିଥିଲେ। ଛାତ୍ରୀ ତୃପ୍ତିମୟୀ ପ୍ରଧାନ ଓ ଶୁଭସ୍ମିତା ମହାନ୍ତି କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଅଧ୍ୟାପିକା ରୁଚିସ୍ମିତା ପରିଡ଼ା, ଶୁଭଶ୍ରୀ ବିଶ୍ୱାଳ ଯୋଗଦେଇଥିଲେ। ଅଧ୍ୟାପିକା ରୋଜାଲିନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଷୋଳପଦା ଶୌଣ୍ଡିକ ସମାଜ ବାର୍ଷିକ ସମ୍ମିଳନୀ

କିଶୋରନଗର, ୧୮ ।୩(ସମିସ): ଆଠମଲ୍ଲିକ ଉପଖଣ୍ଡ ଷୋଳପଦା ଶୁଣ୍ଡି ସମାଜ ପକ୍ଷରୁ ଅଲେଖପୁର ଆମ୍ବତୋଟାରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଭାପତି ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ସମାଜର ରୀତିନୀତି ଅନୁସାରେ କାମ କରିବା, ସମାଜକୁ ଆଗକୁ ନେବା, ନିଜ ଭିତରେ ସୁସମ୍ପର୍କ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ପକଣ୍ଡା, ଠାକୁରଗଡ଼, ବଡ଼ ଗୋବିନ୍ଦପୁର, ଗାଁବଇଣ୍ଡା, ସାପଘରା, ଆଠମଲ୍ଲିକ, କରଡ଼ାସିଂ, ବିନିକେୟୀ ଗାଁର ସଭ୍ୟମାନେ ଯୋଗ ଦେଇଥିଲେ। ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜୟ କୁମାର ସାହୁ, ଗୁରୁ ଚରଣ ସାହୁ, ଦୟାନିଧି ସାହୁ, ଦେବାଶିଷ ସାହୁ, ମାନସ କୁମାର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନକଲି ମଦ, କାର୍ ଜବତ; ଜଣେ ଗିରଫ



ତାଳଚେର, ୧୮ ।୩(ସମିସ): ତାଳଚେର ପୁଲିସ ଓ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ମଙ୍ଗଳବାର ଚାଲିଆକୁଞ୍ଚାରେ ଚଢ଼ଉ କରି ଏକ କାର୍‌ରୁ ୩୭୮ ବୋତଲ (୧୮୦ ଏମଏଲ) ମଦ ଜବତ କରିଛି। ଏଥିସହ କାର ମଧ୍ୟ ଜବତ କରିଛି। ଚାଳକ ସାମନ୍ତ ବାରିକ (୩୬)ଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଚଢ଼ଉରେ ସତ୍ୟବ୍ରତ ରାଉତ, ବିମଳା ଗୋଚ୍ଛାୟତ, ରଞ୍ଜିତ କୁଅଁର, ରୋହିତ ରଞ୍ଜନ ବିଶ୍ୱାଳ, ମଳୟ ଦାସଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀ ସାମିଲ ଥିଲେ।

## ଗଞ୍ଜେଇ, ପିକଅପ୍ ଭ୍ୟାନ, କାର ଜବତ; ୩ ଗିରଫ

କିଶୋରନଗର, ୧୮ ।୩(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଡାଳ ଗ୍ରାମ ନିକଟରେ ବୁଧବାର ଅପରାହ୍ନରେ ଚୋରା ଚାଲାଣ ହେଉଥିବା ୩ କୁଇଣ୍ଟାଲ ଗଞ୍ଜେଇକୁ ପୁଲିସ ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣ ହେଉଥିବା ଏକ ପିକଅପ ଭ୍ୟାନ ଓ ତାକୁ ପାଇଲଟ କରୁଥିବା ଏକ କାର ଜବତ କରାଯାଇଛି। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହଣ୍ଡପା ଥାନା ରାଣୀଭୂଇଁ ଗ୍ରାମର ରାକେଶ ବେହେରା, ଛେଣ୍ଡିପଦା ବ୍ଲକ ପୋଡ଼ାପଡ଼ା ଗ୍ରାମର ଜିତେନ୍ଦ୍ର କୁମାର ବେହେରା ଓ ବାଗେଡ଼ିଆ ଥାନା ପୁରୁଣାଗଡ଼ ଗ୍ରାମର ଜିତେନ କୁମାର ସାହୁ। ଫୁଲବାଣୀ ଅଞ୍ଚଳରୁ ପିକଅପ ଭ୍ୟାନ ଯୋଗେ କୋଲକାତାକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଥାନା ଆଇଆଇସି ରାଜେଶ କୁମାର ଶତପଥୀ, ଏସ୍ଆଇ ପ୍ରଭାକର ମଲ୍ଲିକ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏଙ୍କ ସମେତ ଏକ ପୁଲିସ ଟିମ୍ କଣ୍ଡାଳ ନିକଟରେ ଗାଡ଼ି ଅଟକାଇ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।


## ଚୋରା କୋଇଲା ବୋଝେଇ ଟ୍ରକ ଜବତ; ଚାଳକ ଗିରଫ

ତାଳଚେର, ୧୮ ।୩(ସମିସ): ତାଳବେଡ଼ା ଗ୍ରାମ ଛକ ନିକଟରେ ଚଢ଼ାଉ କରି ମଙ୍ଗଳବାର ପୁଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିଛି। ଚାଳକ ମନୋଜ ସେନାପତିଙ୍କୁ ଗିରଫ କରି ତଦନ୍ତ କରୁଛି। ଜବତ କୋଇଲାର ଓଜନ ପ୍ରାୟ ୩୦ଟନ ହେବ। ଚାଳକଙ୍କୁ କୋଇଲାର କାଗଜପତ୍ର ମାଗିବାରୁ ସେ ଦେଖାଇ ପାରି ନ ଥିଲେ। ଯୋଡ଼ା କୋଇଲା ଖଣିରୁ ଚୋରା କୋଇଲା ନେଇ ବାଲେଶ୍ୱର ଆଡ଼କୁ ଯାଉଛି ବୋଲି କହିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚୋରା କୋଇଲା ଚାଲାଣରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କ ବିଷୟରେ ପୁଲିସ ତଦନ୍ତ କରୁଛି। ଚାଳକ ମନୋଜ ସେନାପତିଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଇଟା ଫ୍ୟାକ୍ଟ୍ରିରୁ ନାଗସାପ ଉଦ୍ଧାର



କିଶୋରନଗର, ୧୮ ।୩(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଗ୍ରାମ ନିକଟ ଏକ ଇଟା ଫ୍ୟାକ୍ଟ୍ରିରୁ ନାଗସାପ ଉଦ୍ଧାର କରାଯାଇଛି। ବଇଣ୍ଡା ଗ୍ରାମର ସୁବାସ ସାହୁଙ୍କ ଇଟା ଫ୍ୟାକ୍ଟ୍ରିରେ ରାତି ପ୍ରାୟ ୪ଟାରେ ଏକ ନାଗ ସାପ ଦେଖିବାକୁ ମିଳିଥିଲା। ଏ ନେଇ ସେ ମାଧପୁର ଅଞ୍ଚଳର ସାପ ଉଦ୍ଧାରକାରୀ ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ସାପକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।




## କାଳବୈଶାଖୀର ତାଣ୍ଡବ: କୁଆପଥର ମାଡ଼

ଅନୁଗୋଳ, ୧୮ ।୩(ସମିସ): ବୁଧବାର ଅପରାହ୍ନରେ ଅନୁଗୋଳ ଜିଲ୍ଲା ମହୀଧରପୁର ଓ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ମାତ୍ର ଏକ ଘଣ୍ଟାର ପ୍ରବଳ ପବନ ଓ କୁଆପଥର ବର୍ଷାରେ ରାସ୍ତାଘାଟ, ବିଲ ଏବଂ ଘର ଛାତ ସବୁ ବରଫର ଧଳା ଚାଦରରେ ଘୋଡ଼େଇ ହୋଇଯାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସମଗ୍ର ଅଞ୍ଚଳ ଏକ ପ୍ରକାରର ସ୍ତବ୍ଧ ହୋଇଯାଇଛି। ଅନ୍ୟପଟେ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ପନିପରିବା ଓ ଆମ୍ବ ଚାଷ ସର୍ବାଧିକ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ଆଜବେଷ୍ଟସ୍ ଘର ଭାଙ୍ଗିଯାଇଛି। ପ୍ରବଳ ପବନ ଯୋଗୁଁ ଗଛ ଡାଳ ପଡ଼ି ବିଦ୍ୟୁତ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଜାରି ରହିଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।



## ପ୍ରଦୂଷଣ ତଦାରଖ ପାଇଁ ଭୁବନେଶ୍ୱରରୁ ଆସିଥିବା ଅଧିକାରୀଙ୍କୁ ଫେରାଇଦେଲେ ଗ୍ରାମବାସୀ

ଅନୁଗୋଳ, ୧୮ ।୩(ସମିସ)



ଛେଣ୍ଡିପଦା ବ୍ଲକ ପରଙ୍ଗସ୍ଥିତ ଗଣେଶ ସ୍ପଞ୍ଜ ଆଇରନ କାରଖାନା ବନ୍ଦ କରିବାକୁ ନିକଟରେ ଥିବା ବେଣାଗାଡ଼ିଆ ଏବଂ ପରଙ୍ଗ ପଞ୍ଚାୟତ ବାସିନ୍ଦା ବାରମ୍ବାର ଦାବି କରିଆସୁଛନ୍ତି। ଗତ ଡିସେମ୍ବରରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ତରଫରୁ ତଦନ୍ତ କରାଯାଇ ସର୍ବାଧିକ ପ୍ରଦୂଷଣ କରୁଥିବା ସଂସ୍ଥା ଭାବେ ଚିହ୍ନଟ କରାଯାଇ କାରଖାନା ବନ୍ଦ କରିବାକୁ ନୋଟିସ ଜାରି କରିଥିଲେ। କିନ୍ତୁ କର୍ତ୍ତୃପକ୍ଷ ପ୍ରଦୂଷଣ ବିଭାଗ ନୋଟିସକୁ ଖାତିରି ନ କରି କାରଖାନା ଚାଲୁ ରଖିଛନ୍ତି। ଫଳରେ ଉଭୟ ପଞ୍ଚାୟତ ବାସିନ୍ଦା ବାରମ୍ବାର ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ କାରଖାନା ବନ୍ଦ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି। ନଚେତ ଆଗାମୀ ଦିନରେ କାରଖାନାରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ମଙ୍ଗଳବାର ଭୁବନେଶ୍ୱରରୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏକ ଟିମ କାରଖାନା ପରିଦର୍ଶନ କରିବାକୁ ଆସିଥିଲେ। କିନ୍ତୁ ଉଭୟ ପଞ୍ଚାୟତର ଶତାଧିକ ଲୋକ ରାସ୍ତାରେ ରହି ଉକ୍ତ ଟିମ୍‌କୁ ଫେରାଇ ଦେଇଥିଲେ। ଲୋକେ ଅଭିଯୋଗ କରିଥିଲେ ଯେ ଦୁଇଦିନ ପୂର୍ବେ ବର୍ଷା ହୋଇଥିବାରୁ ପ୍ରଦୂଷଣ ମାତ୍ରା ସଠିକ ଆକଳନ କରାଯାଇ ପାରିବ ନାହିଁ। ତେଣୁ ଆଉ କିଛିଦିନ ପରେ ଆସିବାକୁ ଅଧିକାରୀମାନଙ୍କୁ ନିବେଦନ କରି ଫେରାଇ ଦେଇଥିଲେ। ଫଳରେ ଅଧିକାରୀମାନେ କାରଖାନା ପରିଦର୍ଶନ ନ କରି ଫେରି ଯାଇଥିଲେ। ଗଣେଶ ସ୍ପଞ୍ଜ ଆଇରନ କାରଖାନା ଯୋଗୁଁ ଅଞ୍ଚଳବାସୀ ପ୍ରଦୂଷଣ ବଳୟରେ ରହିଛନ୍ତି। ଚାରିଆଡ଼େ ଖାଲି କଳା ଗୁଣ୍ଡ। ତେଣୁ ଆଗାମୀ ଦିନରେ ପ୍ରଦୂଷଣ ବିଭାଗ କୌଣସି ପଦକ୍ଷେପ ନ ନେଲେ ବାଧହୋଇ ଲୋକେ ନିଜେ ତାଲା ପକାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜସ୍ୱଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।